# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୮/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, October 8/2024 Page 18 ₹ 7.00 | SAMBALPUR

୫୦ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 315 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୮/୨୦୨୪ | Bhubaneswar, Tuesday, October 8/2024 | ପୃଷ୍ଠା-୧


# ଯବାନ, ହେଲିକପ୍ଟର ଦାବି କଲେ ମୁଖ୍ୟମନ୍ତ୍ରୀ

## ମାଓବାଦୀ ମୁକାବିଲା

ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ବଡ଼ଧରଣର ମାଓବାଦୀ ଦମନ କାର୍ଯ୍ୟକଳାପ ଚାଲିଛି। ନିକଟରେ ୩୬ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ତେଣୁ ସେଠାରୁ ଓଡ଼ିଶାକୁ ମାଓବାଦୀଙ୍କ ଅନୁପ୍ରବେଶ ବଢ଼ିବା ଆଶଙ୍କା ରହିଛି। ଏହାସହ ରାଜ୍ୟରେ ୩ ଜିଲା କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡିରେ ମାଓବାଦୀଙ୍କ ପ୍ରଭାବ ରହିଛି। ଏସବୁର ମୁକାବିଲା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ(ଓଏସ୍ଏସ୍ଏଫ୍)ର ଅତିରିକ୍ତ ୩ ବାଟାଲିୟନ ସୃଷ୍ଟି କରିଛନ୍ତି। ସେମାନଙ୍କୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯାଇଛି। ଏଭଳି ସ୍ଥିତିରେ ଓଡ଼ିଶାରୁ କେନ୍ଦ୍ରୀୟ ସୁରକ୍ଷା ବାହିନୀକୁ ପ୍ରତ୍ୟାହାର କରା ନ ଯାଇ ଅଧିକ ୧୨ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ (ସିଏପିଏଫ୍) ଏବଂ ହେଲିକପ୍ଟର ଯୋଗାଇ ଦିଆଯାଉ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ସୋମବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ମାଓବାଦୀ ମୁକାବିଲା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଦାବି କରିଛନ୍ତି।



ନୂଆଦିଲ୍ଲୀଠାରେ ସ୍ୱତନ୍ତ୍ର ସାକ୍ଷାତ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ଭୁବନେଶ୍ୱର,୭।୧୦(ଅନିଲ ଦାସ)**

ରାଜ୍ୟର ୯ ଜିଲାର କାଁ ଭାଁ କିଛି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁ ଅଞ୍ଚଳକୁ ସୁରକ୍ଷା କର୍ମୀମାନେ ସିପିଆଇ ମାଓବାଦୀ ପ୍ରଭାବରୁ ମୁକ୍ତ କରିପାରିଛନ୍ତି। ମାଓବାଦୀଙ୍କ ପ୍ରତି ସମର୍ଥନକୁ ରୋକାଯିବା ସହ ମାଓବାଦୀ ସଂଗଠନ ପାଇଁ ସ୍ଥାନୀୟ ନିଯୁକ୍ତିକୁ ମଧ୍ୟ ପ୍ରତିହତ କରାଯାଇଛି। ଆମ ସରକାର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଉପରେ ଜୋର ଦେଇ ଅଧିକ ଅଞ୍ଚଳକୁ ସାମାଜିକ-ଅର୍ଥନୈତିକ-ରାଜନୈତିକ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଜୋର୍ ଦେଉଛନ୍ତି। ଏବେ ବିଶେଷ ଭାବେ କନ୍ଧମାଳ, କଳାହାଣ୍ଡି ଏବଂ ବୌଦ୍ଧ ଉପରେ ☞ପୃଷ୍ଠା-୨

### ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀ ମୂଳପୋଛ ହେବେ: ଶାହା

**ନୂଆଦିଲ୍ଲୀ,୭।୧୦**

ମାଓବାଦୀମାନେ ବିକାଶର ବଡ଼ ପ୍ରତିବନ୍ଧକ ଏବଂ ମାନବାଧିକାର ସବୁଠୁ ବଡ଼ ଉଲ୍ଲଂଘନକାରୀ। ସେମାନଙ୍କୁ ନିପାତ କରିବା ପାଇଁ ସୁରକ୍ଷା ବଳ ପ୍ରତିରକ୍ଷାତ୍ମକ ନୁହେଁ ଆକ୍ରମଣାତ୍ମକ ଅଭିଯାନ ଚଳାଇ ବଡ଼ ସଫଳତା ହାସଲ କରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତରୁ ମାଓବାଦୀ ସମ୍ପୂର୍ଣ୍ଣ ମୂଳପୋଛ ହେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଭାରତରେ ନିଶା**




# ୯ରେ ୩୫ ଲକ୍ଷଙ୍କୁ ସୁଭଦ୍ରା କିସ୍ତି

**ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)**

ଓଡ଼ିଶାର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୋମବାର ସୁଦ୍ଧା ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ଼ ଉପଲବ୍ଧି ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏ କଥା ବର୍ତ୍ତମାନ ପ୍ରମାଣିତ ହୋଇସାରିଛି। ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ। ଏହା ସହ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ଲାଗି ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ☞ପୃଷ୍ଠା-୨


A TATA PRODUCT






TANISHQ
Nav-raani



UPTO 20% OFF* On making charges of gold jewellery and on diamond jewellery value

GET 100%* Exchange value on your old gold bought from any jeweller

To locate your nearest store and know more on +91 81473 49242 Buy online at tanishq.co.in or Download our App *Conditions Apply.

Scan the QR code to find the nearest Tanishq store

TANISHQ ROURKELA
Kesar Bhawan, Main Road, Rourkela-769001
Mob No.: 9337911734, 8144918390

TANISHQ SAMBALPUR
Main Road, Budharaja, Sambalpur-768004
Mob No.: 9337936320, 9337908774

TANISHQ JHARSUGUDA
Marwari Para , Sarbahal Road , Jharsuguda,768201
Mob No.: 9861398048, 7008991701

**Now at Patrapada**, Near Bazar Kolkata, Bhubaneswar, Mob : 9237100515, 9124572551

DSPL-141



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ସରକାର



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ଓଡ଼ିଶାର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ**
କରକମଳରେ
ନୂତନ ଭାବେ ମନୋନୀତ ହୋଇଥିବା ୨୪ ଜଣ ପ୍ରାର୍ଥୀଙ୍କୁ
**ନିଯୁକ୍ତିପତ୍ର ପ୍ରଦାନ**

ସ୍ଥାନ - କନଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ତାରିଖ - ୦୮ ଅକ୍ଟୋବର ୨୦୨୪

ଶକ୍ତି ବିଭାଗ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ଓଡ଼ିଶା ଖଣି ନିଗମ
ଓଡ଼ିଶା ସରକାର

OIPR-04001/13/0001/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୫ତମ ସ୍ୱର୍ଗାରୋହଣ ଦିବସ, ସ୍ଥାନ: ରେଳ ଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ନୃତ୍ୟଶିଖା ଫାଉଣ୍ଡେଶନ ପକ୍ଷରୁ 'ସମର୍ପଣ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦୁର୍ଗା ମହୋତ୍ସବ,-୨୦୨୪, ସ୍ଥାନ: ରୟାଲ ରିସୋର୍ଟ, ସାମନ୍ତରାପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୪୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଲୋଚନା ସଭା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚର ୩ୟ ପ୍ରତିଷ୍ଠା ଦିବସ, ସ୍ଥାନ: ୟୁନିଭର୍ସିଟି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାଜୁଏଟ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟ୍ସ ୱେଲଫେୟାର ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚମବେଦର ବାର୍ଷିକ ଉତ୍ସବ ଓ ସମ୍ମାନ ପ୍ରଦାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ସିଏମ୍ କିଷାନ ଓ ପିଏମ୍ କିଷାନ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି... ନିଜିଗଡ଼, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ନିମାପଡ଼ା ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ନିମାପଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ସତ୍ୟବାଦୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ-୨୦୨୪, ସ୍ଥାନ: ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ତମାଖୁ ବର୍ଜନ କର୍ମଶାଳା,ସ୍ଥାନ: ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଶିକ୍ଷାନୀତି-୨୦୨୦ ଆଲୋଚନାଚକ୍ର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣା ବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଦୁର୍ଗାପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା ବ୍ଲକ,ସମୟ: ସନ୍ଧ୍ୟା ୭ଟା।
- ନବରାତ୍ର ପୂଜା, ସ୍ଥାନ: ବିମଳା ମନ୍ଦିର, ଚିତ୍ରଡ଼ା ଧର୍ମକ୍ଷେତ୍ର, ମୋରଡ଼ା ବ୍ଲକ, ସମୟ: ରାତି ୮ଟା।

## ବ୍ରହ୍ମପୁର

- ରୋଟାରୀ କ୍ଲବ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: ଧର୍ମ ନଗର ୫ମ ଗଳି, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଆସିକା ଏନଏସିସ୍ତରୀୟ ସୁରଭି, ସ୍ଥାନ: ହାଟପଦା ଏକ୍ସ ବୋର୍ଡ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ସୁରଭି, ସ୍ଥାନ: ଭଞ୍ଜନଗର ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ପାତ୍ରପୁର କରୁଣାକର ବିଦ୍ୟାପୀଠ,ସମୟ: ପୂର୍ବାହ୍ନ ୧୦ଟା।
- ସାନଖେମୁଣ୍ଡି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ସ୍ଥାନ: ଦାରିଙ୍ଗବାଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନବରାତ୍ର ଉପଲକ୍ଷେ ମା'କାତ୍ୟାୟନୀଙ୍କ ପୂଜା, ସ୍ଥାନ: ମା 'ପାଟଖଣ୍ଡା ମନ୍ଦିର ପରିସର ଦୁର୍ଗାପୂଜା ମଣ୍ଡପ, ସମୟ: ସନ୍ଧ୍ୟା୬ଟା।

## ଜଗତ୍‌ସିଂହପୁର

- ଭାରତୀୟ ତଟରକ୍ଷୀ ବାହିନୀ କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ସନ୍ଧାନ ଓ ଉଦ୍ଧାର ଅଭ୍ୟାସ (ସାରେକ୍ସ)କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ସମୁଦ୍ର, ପାରାଦୀପ, ସମୟ: ସକାଳ ୬ ଟାରୁ ଅପରାହ୍ନ ୪ଟା।
- ପାର୍ବଣ ଉପଲକ୍ଷେ ମା'ଉତ୍ତରେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ମା'ଙ୍କ ପୀଠ, ସମୟ: ଅପରାହ୍ନ ୩ଟା।
- ବିଶିଷ୍ଟ ବ୍ୟବସାୟୀ ଗଙ୍ଗାଧର ଜେନାଙ୍କ ବିୟୋଗରେ ଠିକାଦାର ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ହାଉସିଂବୋର୍ଡ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବାହାଡ଼ାଶୁଣୀଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବାହାଡ଼ା ଛକ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପାଣ୍ଡୁସାହୁପାଟଣା, ସମୟ: ସକାଳ ୭ଟା।
- ଶ୍ରୀନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା' ବିମଳାଙ୍କ ନବଦିନାତ୍ମକ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଷୋଡ଼ଶ ଦିବସୀୟ ପୂଜାର ୧୫ତମ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ମହିଶାଷୁଣୀ ପୀଠରେ ନବଦିନାତ୍ମକ ପୂଜାର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରଦସାଦର ଦରଦା, ସମୟ: ସକାଳ ୭ଟା।
- ରଣପୁର ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି, ସ୍ଥାନ: ରଣପୁର ବି.ସି. ହାଇସ୍କୁଲ, ସମୟ: ପୂର୍ବାହ୍ନ ୯ଟା।
- ନୟାଗଡ଼ ବ୍ଲକ ସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି , ସ୍ଥାନ: ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଗଣିଆ ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ମହୋତ୍ସବ ସୁରଭି, ସ୍ଥାନ: ଗଣିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା

- ବନ୍ୟପ୍ରାଣୀ ସପ୍ତାହ-୨୦୨୪ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଫରେଷ୍ଟ ପାର୍କ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ କନଫରେନ୍ସ ହଲ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- କୋରାପୁଟ ଲୋକ ସଭା ସଦସ୍ୟ ଏବଂ ରାୟଗଡା ବିଧାୟକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପ, ଜେକେପୁର, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ଷଷ୍ଠୀ ପୂଜା, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ସକାଳ ୫ଟା।
- ଶାରଦୀୟ ଦଶହରା ପୂଜା ଉପଲକ୍ଷେ ଷଷ୍ଠୀପୂଜା, ସ୍ଥାନ : ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୫ଟା।
- କାଳିବାଡି ଦୁର୍ଗାପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା, ସ୍ଥାନ : କାଳିବାଡି ପରିସର, ସମୟ : ସକାଳ ୮ଟା।
- ଯୁଯୋମୁରା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ : ଯୁଯୋମୁରା ହାଇସ୍କୁଲ ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ସିଆରପିଏଫ ଗ୍ରୁପ୍ ସେଣ୍ଟରର ନବ ନିର୍ମିତ ଆବାସିକ ଘର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଟିପିଲିମା ସ୍ଥିତ ସିଆର୍‌ପିଏଫ ଗ୍ରୁପ ସେଣ୍ଟର କ୍ୟାମ୍ପସ , ସମୟ : ପୂର୍ବାହ୍ନ ୧୧ଟା।
- ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ଦୀପ ଘର ସମ୍ମୁଖ, ସମୟ : ମଧ୍ୟାହ୍ନ ୧୨ଟା।
- ଉକିଆ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଲୁପ୍ତ ଲୋକ ଏବଂ ଜନଜାତି କଳା ଉତ୍‌ଥାନ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ସାର୍ବଜନୀନ ଦୁର୍ଗାପୂଜାରେ ଦେବୀଙ୍କ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡା, ଟିକ୍ରାପଡା ଗାନ୍ଧୀ ପାଠାଗାର, ପିପି ଏକାଡେମୀ, ତାଲପାଲିପଡା, ଶାନ୍ତିପଡା, ଗାନ୍ଧୀନଗରପଡା, ପେଲେସଲାଇନ୍, ବଲାଙ୍ଗୀର ,ସମୟ: ସକାଳ ୮ଟା

## ସୁବର୍ଣ୍ଣପୁର

- ନବରାତ୍ରିରେ ଷଷ୍ଠ ଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ଷଷ୍ଠ ଦିବସ, ସ୍ଥାନ: କୋଟସମଲେଇ ,ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।

## ସୁନ୍ଦରଗଡ଼

- ବାଜରା ଉତ୍ପାଦନ କ୍ଷେତ୍ର ଦିବସ ଓ ବାଜରା ଉତ୍ପାଦନ ଯନ୍ତ୍ରର ପ୍ରଦର୍ଶନୀ,ସ୍ଥାନ:ଟାଙ୍ଗରପାଲି ବ୍ଲକ ଗମ୍ଭାରିଡିହି ଗାଁ,ସମୟ: ସକାଳ୧୦ଟା।

## ରାଉରକେଲା

- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ସିପିସି ନାଇଟ୍, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଅଲ୍ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ସାଢ଼େ ୭ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ରାଉରକେଲା ମହାନଗର ପକ୍ଷରୁ ବିଜୟା ଦଶମୀ ଉତ୍ସବ, ସ୍ଥାନ: ଉଦିତନଗର ପରେଡ୍ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଡିସୋଜା ସ୍କୁଲରେ ନବରାତ୍ର ପୂଜା, ସ୍ଥାନ: ସେକ୍ଟର-୫ ସ୍କୁଲ ପରିସର, ସମୟ: ସକାଳ ୭ଟା।
- ଇସ୍କନ ପକ୍ଷରୁ ସାମୁହିକ ନଗର ସଂକୀର୍ତ୍ତନ, ସ୍ଥାନ: ପାୱାରହାଉସ୍ ରୋଡ୍, ସମୟ: ସକାଳ ୫ଟା ୩୦।

## ଦେବଗଡ଼

- ଉନ୍ନତମାନର ଫଳ ଉତ୍ପାଦନ ବୃଦ୍ଧି ନିମନ୍ତେ ୬ ଦିନିଆ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ରର ଷଷ୍ଠ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗାମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ଷଷ୍ଠ ଦିବସ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସୁରସଙ୍ଗୀତ (ଭଜନ ସନ୍ଧ୍ୟା), ସ୍ଥାନ: ପ୍ରଦେଶୀପଡ଼ା ଭବାନୀପାଟଣା, ସମୟ: ସନ୍ଧ୍ୟା ୭ଟା।
- ଦ୍ରୋଣାଚାର୍ଯ୍ୟ ସ୍କୁଲରେ ଅଭିଭାବକ ସମ୍ମିଳନୀ, ସ୍ଥାନ: କେସିଙ୍ଗା ବ୍ଲକ କେନ୍ଦୁପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗା ମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧା ୭ଟା।
- ବିଶ୍ରାମ ପୂଜା, ସ୍ଥାନ: ଦୁର୍ଗାମଣ୍ଡପ ତରବୋଡ଼, ସମୟ: ସକାଳ ୮ଟା।
- ମାନସ ଗାନ ମାନସ ପରିବାର ବହେରବୁଡ଼ା, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଷମୁଣ୍ଡି ଗାଁ ଭୈଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ ରାତ୍ର ୯ଟା।
- ମହାଆଳତି, ମାତା ସ୍କନ୍ଦମାତା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଦୁର୍ଗାମଣ୍ଡପ, ସମୟ: ସକାଳ ୬ଟା ୩୦।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

# ବଦଳିବ ସରକାରୀ କୋଠାର ରଙ୍ଗ

**ଭୁବନେଶ୍ୱର,୭।୧୦(ସୁନିତ୍ ମିଶ୍ର)**

ରାଜ୍ୟରେ ସବୁ ସରକାରୀ କୋଠାର ରଙ୍ଗ ଗୋଟିଏ ପ୍ରକାରର ହେବ। ନୂଆ କୋଠାଗଡ଼ିକର ନିର୍ମାଣ ସମୟରୁ ହିଁ ନୂଆ ରଙ୍ଗ ବ୍ୟବହାର କରାଯିବ। ସେହିପରି ପୁରୁଣା କୋଠାଗୁଡ଼ିକର ମରାମତି ବା ନବୀକରଣ ବେଳେ ଆଗରୁ ବ୍ୟବହୃତ ହେଉଥିବା ରଙ୍ଗ ବଦଳିବ। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଇଆଇସି (ସିଭିଲ-କମ୍-ରୋଡ୍ସ), ଇଆଇସି (ଡିପିକ୍ୟୁ), ଓବି ଆଣ୍ଡ ସିସି ଏମ୍‌ଡିଙ୍କୁ ଏନେଇ ଚିଠି କରାଯାଇଛି। ଏହା ସହିତ ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ମୁଖ୍ୟଯନ୍ତ୍ରୀଙ୍କୁ ମଧ୍ୟ ଏନେଇ ଚିଠିକରି ଜଣାଇ ଦିଆଯାଇଛି। ଏଣିକି ରାଜ୍ୟ ସରକାରଙ୍କ ସମସ୍ତ ନୂଆ କୋଠାର ବାହାର ପଟର ରଙ୍ଗ ଅରେଞ୍ଜ ଶେଡ୍ କରିବେ। ସେଥିରେ ରେଡ୍ ଶେଡ୍‌ର ବର୍ଡର ରହିବ। ସେହିପରି କାର୍ଯ୍ୟକ୍ଷମ କୋଠାଗୁଡ଼ିକର ମରାମତି ଓ ନବୀକରଣ କାର୍ଯ୍ୟ ବେଳେ ସେଗୁଡ଼ିକର ବାହାର ପଟକୁ ଅରେଞ୍ଜ ଶେଡ୍ ସହିତ ରେଡ୍ ଶେଡ୍ ବର୍ଡର ଦେଇ ରଙ୍ଗ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୋମବାର ଚିଠି କରି କୁହାଯାଇଛି। ଏନେଇ ଯେଉଁ ଦୁଇଟି ରଙ୍ଗ ଦିଆଯିବା କଥା କୁହାଯାଇଛି ତାହା ଉକ୍ତ ଚିଠିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ଆଗରୁ ବିଜେଡି ସରକାର ସମୟରେ ସମସ୍ତ ସରକାରୀ ବିଲ୍ଡିଂର ରଙ୍ଗ ନୀଳ ରଙ୍ଗ କରାଯାଉଥିଲା। ଓଡ଼ିଶାର ପ୍ରାୟ ସବୁସରକାରୀ କାର୍ଯ୍ୟାଳୟ ରଙ୍ଗ ମଧ୍ୟ ସେହିପରି ରହିଛି। ଏବେ ଉକ୍ତ କାର୍ଯ୍ୟାଳୟଗୁଡ଼ିକର ରଙ୍ଗ ବଦଳାଇବା ସକାଶେ ସରକାର ଏକପ୍ରକାର ସ୍ଥିର କରିଛନ୍ତି। କିଛିଦିନ ତଳେ ଗତ ସରକାର ସମୟରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ର ରଙ୍ଗ ବଦଳାଯିବାକୁ ନେଇ ରାଜନୀତି ଜୋର୍ ଧରିଥିଲା। ବିଜେଡି ଏନେଇ ରାଜ୍ୟ ସରକାରଙ୍କ ବିରୋଧରେ ଆପତ୍ତି ଉଠାଇଥିଲା। ନିକଟରେ ସବୁ ସ୍କୁଲ ପିଲାଙ୍କ ଡ୍ରେସ୍ କୋଡ୍ ମଧ୍ୟ ପରିବର୍ତ୍ତନ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ୨ ଆମେରିକୀୟଙ୍କୁ ମେଡିସିନ୍‌ରେ ନୋବେଲ୍

**ଷ୍ଟକ୍‌ହୋମ୍,୭।୧୦**



ଭିକ୍ଟର ଆମ୍ବ୍ରୋସ୍



ଗାରି ରୁଭ୍‌କୁନ୍

ମାଇକ୍ରୋ ଆର୍‌ଏନ୍‌ଏର ଉଦ୍ଭାବନ ପାଇଁ ୨ ଆମେରିକୀୟ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍‌ଙ୍କୁ ଚଳିତ ବର୍ଷ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇଁ ସୋମବାର ମନୋନୀତ କରାଯାଇଛି। ଜିନ୍ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରାଉଥିବା ମୌଳିକ ସିଦ୍ଧାନ୍ତ ହେଉଛି ମାଇକ୍ରୋ ଆର୍‌ଏନ୍‌ଏ। ଜୀବ କିପରି ବିକଶିତ ହୁଏ ଏବଂ କାର୍ଯ୍ୟ କରେ, ତାହା ଜାଣିବାରେ ୨ ବୈଜ୍ଞାନିକଙ୍କ ଉଦ୍‌ଭାବନ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଥିବା ନୋବେଲ୍ ଆସେମ୍ବ୍ଲି କହିଛି। ଆମ୍ବ୍ରୋସ୍ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଉକ୍ତ ଗବେଷଣାର ନେତୃତ୍ୱ ନେଇଥିଲେ। ସେ ଏବେ ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟ୍ସ ମେଡିକାଲ ସ୍କୁଲ୍‌ରେ ନାଚୁରାଲ ସାଇନ୍ସର ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଜେନେଟିକ୍ସ ପ୍ରଫେସର ରୁଭକୁନ୍ ମାସାଚ୍ୟୁସେଟ୍ସ ଜେନେରାଲ ହସ୍ପିଟାଲ ଏବଂ ହାର୍ଭାର୍ଡ ମେଡିକାଲ ସ୍କୁଲ୍‌ରେ ଗବେଷଣା ଚଳାଇଥିଲେ ବୋଲି ନୋବେଲ କମିଟି ମହାସଚିବ ଥୋମାସ୍ ପେର୍ଲମାନ୍ କହିଛନ୍ତି।

ଗତବର୍ଷ ମେଡିସିନ୍‌ରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ ହଙ୍ଗେରୀୟ-ଆମେରିକୀୟ କାଟାଲିନ୍ କାରିକୋ ଏବଂ ଆମେରିକୀୟ ବୈଜ୍ଞାନିକ ଡ୍ରିଉ ୱିସ୍‌ମାନଙ୍କୁ ମିଳିଥିଲା। ସେମାନଙ୍କର ଉଦ୍ଭାବନ କୋଭିଡ୍-୧୯ ରୋକିବାରେ ଏମ୍‌ଆର୍‌ଏନ୍‌ଏ ଟିକା ପ୍ରସ୍ତୁତିରେ ସହାୟକ ହୋଇଥିଲା। ସ୍ୱିଡେନ୍ ବୈଜ୍ଞାନିକ ଆଲ୍‌ଫ୍ରେଡ୍ ନୋବେଲଙ୍କ ଦ୍ୱାରା ସୃଷ୍ଟ ଏହି ପୁରସ୍କାର ପ୍ରତିବର୍ଷ ମେଡିସିନ୍, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଶାନ୍ତି ଏବଂ ଅର୍ଥନୀତିକୁ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଥାଏ। ପୁରସ୍କାର ବାବଦରେ ବିଜେତାଙ୍କୁ ୧୧ ନିୟୁତ ସୁଇଡିସ୍ କ୍ରୋନର (୧ ନିୟୁତ ଡଲାର) ମିଳିଥାଏ।

ପ୍ରଥମ ପୃଷ୍ଠାରୁ...

## ଯବାନ, ହେଲିକପ୍ଟର...

ଫୋକସ ଦିଆଯାଉଛି। ଏହି ଅଞ୍ଚଳରେ ମାଓବାଦୀଙ୍କର କିଛି ପ୍ରଭାବ ରହିଛି। ସେହି ସବୁ ଅଞ୍ଚଳରୁ ମାଓବାଦୀଙ୍କୁ ମୂଳପୋଛ କରିବାକୁ ରାଜ୍ୟ ସୁରକ୍ଷା ବାହିନୀ, କେନ୍ଦ୍ରୀୟ ସୁରକ୍ଷା ବଳ, ଗୋଇନ୍ଦା ବିଭାଗ ଏବଂ ସ୍ପେଶାଲ ଟାସ୍କଫୋର୍ସ ଦିନରାତି କାର୍ଯ୍ୟରେ ଲାଗିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ ବୈଠକରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସେହି ୩ ଜିଲାର ବିକାଶ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି। ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ ପାଇଁ ଗୋଷ୍ଠୀ ଭାଗୀଦାରି ଉପରେ ଗୁରୁତ୍ୱ ଦିଆଯାଉଛି। କନ୍ଧମାଳ ଜିଲାର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଡ୍ରୋନ ସାହାଯ୍ୟରେ ଔଷଧ ବିତରଣ କରାଯିବା ସହ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସୁପର ସ୍ପେଶାଲିଟି ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ମହିଳାମାନଙ୍କୁ ସଶକ୍ତ କରିବା ସହ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସହଯୋଗରେ ରାଜ୍ୟ ସରକାର ମାଓବାଦୀ ମୁକାବିଲାରେ ସଫଳ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାକୁ ମାଓବାଦୀଙ୍କ ଅନୁପ୍ରବେଶ ରୋକିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଆସନ୍ତା ୨ ବର୍ଷ ପାଇଁ ମାଓବାଦୀପ୍ରବଣ ଅଞ୍ଚଳରେ ମୁତୟନ ନିମନ୍ତେ ୧୨ କମ୍ପାନୀ ସିଏପିଏଫ୍ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଏହାଛଡ଼ା ମାଓବାଦୀ ପ୍ରବଣ ଅଞ୍ଚଳକୁ ସୁରକ୍ଷାକର୍ମୀଙ୍କୁ ସୁରକ୍ଷିତ ଭାବେ ନେବା ଆଣିବା ପାଇଁ ହେଲିକପ୍ଟର ଯୋଗାଇ ଦେବାକୁ ମଧ୍ୟ ଦାବି କରିଛନ୍ତି। ମାଓବାଦୀ ବିରୋଧୀ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ସରକାରଙ୍କ ଟେକ୍ନିକାଲ ଏଜେନ୍ସି ଦ୍ୱାରା ବୈଷୟିକ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ ଜୁଲାଇ ୬ରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ୧୨୭ଟି ରାସ୍ତା ନିର୍ମାଣ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। ସେହି ରାସ୍ତାଗୁଡ଼ିକ ସମ୍ପୃକ୍ତ ଅଞ୍ଚଳରେ ଯୋଗାଯୋଗ କ୍ଷେତ୍ରକୁ ବିକଶିତ କରିବା ସହ ମାଓବାଦୀ ଦମନ କ୍ଷେତ୍ରରେ ସୁରକ୍ଷା କର୍ମୀଙ୍କ ପାଇଁ ବିଶେଷ ସହାୟକ ହେବ। ପ୍ରସ୍ତାବିତ ରାସ୍ତାଗୁଡ଼ିକ ନିର୍ମାଣ ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି।

ରାଜ୍ୟ ସରକାର ବିକାଶ ଉପରେ ଧ୍ୟାନଦେବା ସହ ଲୋକ କୈନ୍ଦ୍ରିକ ନୀତି କାର୍ଯ୍ୟକାରୀ କରିବା ଦ୍ୱାରା ମାଓବାଦୀ ପ୍ରଭାବିତ ଅଞ୍ଚଳରେ ପରିବର୍ତ୍ତନ ଆସିଛି। ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସଭାଜନ ହେବା ପାଇଁ ମାଓବାଦୀ ପ୍ରଭାବିତ ଗ୍ରାମଗୁଡ଼ିକରେ ଜନକଲ୍ୟାଣ କାର୍ଯ୍ୟକ୍ରମ କରାଯାଉଛି। ଲୋକଙ୍କ ଜୀବନଶୈଳୀରେ ରୂପାନ୍ତର ପାଇଁ ବହୁ କଲ୍ୟାଣମୂଳକ କାର୍ଯ୍ୟ କରାଯାଉଛି। ସେହି ସବୁ ଅଞ୍ଚଳରେ 'ଧରିତ୍ରୀ ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ' କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯିବ। ଏଥିସହିତ ୪୦ଟି ସ୍କିମ୍‌କୁ ନେଇ ଗ୍ରାମୋଦୟ ନାମରେ ନୂଆ ଯୋଜନା କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଲୋକମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମାଓବାଦୀ ମୁକାବିଲା ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଏ ଦିଗରେ ଓଡ଼ିଶା ଦୃଢ଼ତାର ସହ କାର୍ଯ୍ୟ କରୁଛି। ପଡ଼ୋଶୀ ରାଜ୍ୟ ଏବଂ ଓଡ଼ିଶାରୁ ମାଓବାଦୀଙ୍କୁ ହଟାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ସହ ଘନିଷ୍ଠ ସହଯୋଗରେ କାର୍ଯ୍ୟକରି ଆସନ୍ତା ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପରିଚାଳନାରେ ଭାରତକୁ ମାଓବାଦୀ ବିପଦରୁ ସମ୍ପୂର୍ଣ୍ଣ ମୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨୦୨୬ ମାର୍ଚ୍ଚ ସୁଦ୍ଧା...

ଅମିତ୍ ଶାହା ସୋମବାର କହିଛନ୍ତି। ମାଓବାଦୀ ପ୍ରଭାବିତ ୮ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜି)ମାନଙ୍କ ସହ ସୁରକ୍ଷା ଏବଂ ବିକାଶ ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶାହା କହିଛନ୍ତି, ବାମପନ୍ଥୀ ଉଗ୍ରବାଦୀ (ଏଲ୍‌ଡବ୍ଲୁଇ)ମାନଙ୍କ ବିରୋଧରେ ଲଢ଼େଇ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀମାନଙ୍କୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ବିକାଶର ସୁବିଧା ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକର ଶେଷ ବ୍ୟକ୍ତି ପାଖରେ ପହଞ୍ଚାଇବାକୁ ହେଲେ ଉକ୍ତ ଉଗ୍ରପନ୍ଥୀ ପରିଚାଳିତ ହିଂସାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ।

ମାଓବାଦୀମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଆମକୁ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ସମସ୍ତ ମାଓବାଦୀ ଉପଦ୍ରୁତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ପ୍ରତି ମାସରେ ଅନ୍ୟୂନ ଥରେ ବିକାଶ ଏବଂ ମାଓବାଦୀ ନିରୋଧୀ ଅଭିଯାନର ଅଗ୍ରଗତି ସମୀକ୍ଷା କରିବା ପାଇଁ ଶାହା ନିବେଦନ କରିଛନ୍ତି। ସେହିପରି ପୋଲିସ ଡିଜିମାନେ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରିବା ପାଇଁ ଶାହା ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ତେଲଙ୍ଗନା ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିବାବେଳେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀମାନେ ପ୍ରତିନିଧିତ୍ୱ କରିଥିଲେ।

ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଆଇନର ଶାସନ ପ୍ରତିଷ୍ଠା କରିବାକୁ ହେଲେ ଏଲ୍‌ଡବ୍ଲୁଇ ବିରୋଧରେ ଲଢ଼େଇ ଜରୁରୀ। ଗତ ୩୦ ବର୍ଷ ମଧ୍ୟରେ ମାଓବାଦୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁସଂଖ୍ୟା ପ୍ରଥମ ଥର ପାଇଁ ୧୦୦ରୁ କମ୍ ହୋଇଥିବା ଶାହା କହିଛନ୍ତି। ବାମପନ୍ଥୀ ଉଗ୍ରବାଦୀ କ୍ୟାଡର ସାମର୍ଥ୍ୟର ୮୫ ପ୍ରତିଶତ କେବଳ ଛତିଶଗଡ଼ ମଧ୍ୟରେ ସୀମିତ ରହିଛନ୍ତି। ସେଠାରେ ଚଳିତ ବର୍ଷ ଜାନୁଆରୀରୁ ଇତିମଧ୍ୟରେ ୧୯୪ ମାଓବାଦୀ ନିହତ ହେଲେଣି। ୮୦୧ ମାଓବାଦୀ ଅସ୍ତ୍ର ତ୍ୟାଗ କରିଥିବାବେଳେ ୭୪୨ ଜଣ ଆତ୍ମସମର୍ପଣ କରିଛନ୍ତି। ଏଥିପାଇଁ ଶାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ପୋଲିସ ଡିଜିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମାଓବାଦୀମାନେ ଅସ୍ତ୍ର ତ୍ୟାଗକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁସେ ଆହ୍ୱାନ ଦେଇଛନ୍ତି। ସରକାରୀ ସାମର୍ଥ୍ୟ ବୃଦ୍ଧିନିମନ୍ତେ ଏକ ମିଳିତ ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେବ। ମାଓବାଦୀ ପ୍ରଭାବିତ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ସମ୍ପର୍କିତ ବ୍ୟୟକୁ ୩ ଗୁଣା ବୃଦ୍ଧି କରାଯାଇଛି।

## ୯ରେ ୩୫ ଲକ୍ଷଙ୍କୁ ସୁଭଦ୍ରା...

ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଯିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏପର୍ଯ୍ୟନ୍ତ ଆରମ୍ଭ କରାଯାଇନାହିଁ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଇଛି। ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ଖବର ପାଇଁ ଏଥିଲାଗି ପ୍ରସ୍ତୁତ ଅଫିସିଆଲ ୱେବ୍‌ସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ ଅବା ଟୋଲ୍ ଫ୍ରି ନମ୍ବର(୧୪୬୭୮)କୁ କଲ୍ କରନ୍ତୁ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆତ୍ମୀୟଙ୍କ ସହ ଆଜିର ଯାତ୍ରା, କର୍ମାରମ୍ଭ ସାଙ୍ଗକୁ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମ୍ପର୍କୀୟଙ୍କ ସହଯୋଗରେ ହାତ ପାହାନ୍ତାକୁ ସୁବିଧା ସୁଯୋଗ ଆସି ଜୁଟିଯିବ। ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ ଓ ଯାହା ଖୋଜୁଛନ୍ତି ତାହା ପାଇବା ସହ ସ୍ଥଗିତ କାମ ତ୍ୱରାନ୍ୱିତ ହେବ। ଭୁଲ୍ ବୁଝାମଣାରୁ ପରିବାରରେ ମତାନ୍ତର ସୃଷ୍ଟି ଆଶଙ୍କା ରହିଛି।

**ବୃଷ**: ସହକର୍ମୀଙ୍କ ସହାନୁଭୂତି ସହ ଆନୁଷଙ୍ଗିକ ସାହାଯ୍ୟ ପାଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ, କିନ୍ତୁ କୌଣସି କାମ ଅଟକିରହିବ ନାହିଁ।

**ମିଥୁନ**: ସାଂସ୍କୃତିକ କାର୍ଯ୍ୟକ୍ରମରେ ବନ୍ଧୁମିଳନରୁ ଖୁସି ରହିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କାନକୁହା କଥା ଶୁଣି ଉପର ଅଧିକାରୀମାନେ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ମନ ଭିତରର ଗୋପନ କଥାକୁ ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମାଲୋଚିତ ହୋଇପାରନ୍ତି।

**କର୍କଟ**: ପରିସ୍ଥିତିର ବିଷମତା ସତ୍ତ୍ୱେ କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ଭାରସାମ୍ୟ ରକ୍ଷା କରିବାରେ ସମର୍ଥ ହେବେ। ପ୍ରଚେଷ୍ଟା ଅବ୍ୟାହତ ରଖିଥିବାରୁ ବିଭିନ୍ନ ଦିଗରୁ ଅର୍ଥଲାଭ ସମ୍ଭାବନା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ପ୍ରଶଂସିତ ହେବେ।

**ସିଂହ**: ସମସ୍ତ କାମ ପଛକୁ ପକାଇ ବନ୍ଧୁଙ୍କୁ ଅନୁସରଣକରି କାମ କରିବାକୁ ମନ ବଳାଇପାରନ୍ତି। ପିଲାଙ୍କ ସମସ୍ୟା ଭିତରେ ନିଜେ ବାନ୍ଧିହୋଇ କାମଗୁଡ଼ିକ ଅବହେଳିତ ରହିଯିବ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ଆବଶ୍ୟକତା ପୂରଣ ସକାଶେ ବହୁତ ଧନ୍ଦିହେବାକୁ ପଡ଼ିପାରେ।

**କନ୍ୟା**: କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅର୍ଥବ୍ୟୟକୁ ପ୍ରାଧାନ୍ୟ ଦେଇ ନ ପାରନ୍ତି। ଦୈନନ୍ଦିନର ଜୀବନଯାତ୍ରା ପଛରେ ବହୁବିଧ ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭରୁ ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ, ବ୍ୟବସାୟିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ତୁଳା**: ବିଜାତୀୟ ବ୍ୟକ୍ତିଙ୍କ ସହ ବନ୍ଧୁତାର ନିବିଡ଼ତା ବୃଦ୍ଧିପାଇବାରୁ ଖୁସି ହେବେ। ସମ ଅନୁପାତରେ ନିଜ ଲୋକଙ୍କ ନିକଟରୁ ସେତିକି ସମ୍ପର୍କ ହ୍ରାସ ପାଇବ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିପାରେ। ଆନୁଷ୍ଠାନିକ କାର୍ଯ୍ୟ, ବାଣିଜ୍ୟାରମ୍ଭ ଓ ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ।

**ବିଛା**: ମାନସିକ ଅସ୍ଥିରତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ରାଜନୀତି, ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇପାରିବ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବା ଆଶା ରହିଛି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ଆର୍ଥିକ ସ୍ଥିତି ମଜଭୁତ ରହିବ।

**ଧନୁ**: ଆଜି ସାମାନ୍ୟ କାରଣକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବା ସହ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**: ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସବୁ କିଛି ଜାଣିଥିଲେ ମଧ୍ୟ ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ଈର୍ଷାପରାୟଣତା କାରଣରୁ ପଡ଼ୋଶୀଙ୍କ ସହ ସମ୍ପର୍କ ତିକ୍ତ ହେବ। କଚେରି ମାମଲା, ପ୍ରତିଯୋଗିତା, ବ୍ୟବସାୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ରହିବ।

**କୁମ୍ଭ**: ଟେନ୍‌ସନ ବଢ଼ିବା କାରଣରୁ ମାନସିକ ଓ ଶାରୀରିକ ଅସୁସ୍ଥତା ଦେଖାଦେବ। ବାଣିଜ୍ୟ, ବ୍ୟବସାୟ, ବିବାଦ, ତର୍କ, ଆଲୋଚନା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରନ୍ତି। ଅଫିସିଆଲି କାମ ସକାଶେ ଆଗନ୍ତୁକଟି ଆପଣଙ୍କ ଗୁଣ କୀର୍ତ୍ତନ କରିପାରେ। ପରିବାରରେ ମତାନ୍ତରୁ ମନାନ୍ତର ସୃଷ୍ଟିହେବା ଆଶଙ୍କା ରହିଛି।

**ମୀନ**: କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସକରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଜମିଜମା କିମ୍ବା ନିର୍ମାଣ କ୍ଷେତ୍ରରେ ବିବାଦର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଉପଦେଶରେ ମନକୁ ବୁଝାଇ ଭବିଷ୍ୟତର ପରିକଳ୍ପନା କରିବେ।

ଆଜି ଅକ୍ଟୋବର ୮ ତାରିଖ, ଭାରତୀୟ ବାୟୁସେନା ଦିବସ, ଆଶ୍ୱିନ ୫ମୀ ଯୁକ୍ତ ୬ଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ୬ଷ୍ଠୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭।୧୧ ଗତେ, ଘ.୦୮।୩୯ ମଧ୍ୟେ ଅମୃତବେଳା। ଦିବା ଘ.୦୫।୪୨ ଗତେ, ଘ. ୦୬।୨୯ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୯ ଗତେ, ଘ.୦୩।୫୭ ମଧ୍ୟେ ରାହୁକାଳ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଲିପୁନ୍



@ ଓମ୍ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

ନୂଆପଡ଼ା,୭।୧୦ (ମକାରୁ ବେମାଲ)

ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ନୂଆପଡ଼ା ଅତିରିକ୍ତ ଜିଲା ଜଜ୍ ମୀନାକ୍ଷୀ ଦାସ ସୋମବାର ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ସ୍ୱାମୀ ହେଲେ ନୂଆପଡ଼ା ଜିଲା ବେଲଟୁକୁରୀ ଥାନା ଭାନପୁର ଗାଁର ରାଜୁ ସାହୁ(୩୭)। ମାମଲାର ବିବରଣୀରୁ ପ୍ରକାଶ ଯେ, ଭାନପୁର ଗାଁରେ ରାଜୁ ସ୍ତ୍ରୀ ଯଶୋଡା ସାହୁ(୩୦) ଓ ପୁଅ ଲୀଳାଧରଙ୍କ ସହ ରହୁଥିଲେ। ଗାଁରେ ଚାଷବାସ ସହ ମୂଲମଜୁରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ୨୦୧୯ ଜୁନ ୨୮ ରାତିରେ କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ରାଜୁ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଯଶୋଡାଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହ ଶିଳପୁଆରେ ତାଙ୍କ ମୁଣ୍ଡକୁ ଛେଚିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତା ଯଶୋଡାଙ୍କ ଭାଇ ଲକ୍ଷ୍ମୀ ନାରାୟଣ ସାହୁ ବେଲଟୁକୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତ ରାଜୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନୂଆପଡ଼ା ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଏସ୍‌ଟି କେସ୍ ନଂ.୧୪/୨୪ରେ ମାମଲା ହୋଇ ବିଚାରାଧୀନ ଥିଲା। ସୋମବାର ଅତିରିକ୍ତ ଜିଲା ଜଜ୍ ଦାସ ୧୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ସମସ୍ତ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମୃତକଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଜାକେଶ୍ୱର ମଲ୍ଲିକ ମାମଲା ପରିଚାଳନା କରୁଥିଲେ।

# ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ

**ଥୁଆମୂଳ ରାମପୁର,୭।୧୦(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ମହୁଲପାଟଣା ଫାଣ୍ଡି ପଡାପଦର ଗ୍ରାମ ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଗୋବେନ ମାଝି (୫୫)। ସୂଚନାକ୍ରମେ ରବିବାର ଗୋବେନ ପୋଖରୀକୁ ଗାଧୋଇବା ପାଇଁ ଯାଇ ଆଉ ଫେରି ନ ଥିଲେ। ହେଲେ ସୋମବାର ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

# ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୁଳିମାଡ଼

## ୨ କୋର୍ଟ ଚାଲାଣ

ଭବାନୀପାଟଣା/ସିନାପାଲି,୭।୧୦

(ଉତ୍ତମ କୁମାର ଦାଶ/ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ କାପସି ଛକଠାରେ ରବିବାର ରାତିରେ ନିଳାମ୍ବର ମେହେର ନାମକ ଜଣେ ଫାଷ୍ଟଫୁଡ଼ ଦୋକାନୀଙ୍କୁ ଗୁଳିମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଛତିଶଗଡ଼ ରାଜ୍ୟ ରାୟପୁରକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସୋମବାର ସିନାପାଲି ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ କାପସି ଗ୍ରାମର ନାସିର ଖାନ(୩୪) ଓ ଆଲୋକ ଦାସ (୨୭)। ଅନ୍ୟପକ୍ଷରେ, ୨ ଆକ୍ରମଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୀଡିତଙ୍କ ସ୍ତ୍ରୀ ସୋମବତୀ ମେହେର ଓ ସିନାପାଲି ମେହେର ଯୁବାମଞ୍ଚ ପକ୍ଷରୁ ଥାନାରେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଗୁଳିମାଡ଼ ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। ପରେ ପୋଲିସ ଏହି ଘଟଣାରେ ୭ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି।

# ନାବାଳିକା ବଳାତ୍କାର: ଯୁବକ ଗିରଫ

**କୋମନା,୭।୧୦(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ପଲସିପାଣି ଗାଁର ଜୟରାମ ସୁନାନୀ। ସୂଚନାକ୍ରମେ ବର୍ଷେ ତଳେ ନାବାଳିକାଙ୍କୁ ଜୟରାମ ପ୍ରେମ ଜାଲରେ ଫସାଇବା ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା। କିଛିଦିନ ଗଲା ପରେ ସେ ନାବାଳିକାଙ୍କୁ ଧରି ତିରୁପତି ଅଞ୍ଚଳକୁ ଫେରାର ହୋଇଯାଇଥିଲେ। ସେଠାରେ ଦୁହେଁ ସ୍ୱାମୀସ୍ତ୍ରୀ ଭଳି ପାଖାପାଖି ବର୍ଷେ ରହିବା ପରେ ସପ୍ତାହ ତଳେ ଦୁହେଁ ଫେରିଥିଲେ। ଜୟରାମ ତରବୋଡ଼ ବସ୍‌ଷ୍ଟାଣ୍ଡରେ ନାବାଳିକାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା।

# ପାରିବାରିକ କଳହ, ଭାଇଙ୍କୁ ହାଣିଲେ ଭାଇ

ଦେଓଗାଁ,୭।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲିରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ନିଜ ଭାଇକୁ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଦେଓଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତ ପବିତ୍ର ପଧାନ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସାଲେପାଲି ଗାଁର ପବିତ୍ର ପଧାନ ଓ ତାଙ୍କ ଭାଇ ଟିକୁ ପଧାନଙ୍କ ମଧ୍ୟରେ ବହୁ ଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। କିନ୍ତୁ ରବିବାର ସନ୍ଧ୍ୟାରେ ଦୁହିଁଙ୍କ ମଧ୍ୟରେ ଥିବା ବିବାଦ ଉଗ୍ରରୂପ ନେଇଥିଲା। ଫଳରେ ଟିକୁଙ୍କୁ ପବିତ୍ର ଏକ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଟିକୁଙ୍କ କାନ୍ଧ ଓ ପେଟରେ ଚୋଟ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆହତ ଟିକୁଙ୍କୁ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିବା ଜଣାପଡିଛି। ଏ ନେଇ ଥାନାରେ ନଂ ୨୨୯/୨୪ରେ ଏକ ମାମଲା ରୁଜୁ ହୋଇଛି।






"ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି- ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ। –ଶ୍ରୀମା



# ଭାରତରେ ନିଶା

ଚଳିତ ମାସର ପ୍ରଥମ ସପ୍ତାହରେ ଭାରତର ବିଭିନ୍ନ ସ୍ଥାନରୁ ୭,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଡ୍ରଗ୍ସ ବା ମାଦକଦ୍ରବ୍ୟ ଜବତ ହୋଇସାରିଲାଣି। ଏହା ଦେଶ ଭିତରେ ଏକ ବଡ଼ ଏବଂ ସକ୍ରିୟ ବେଆଇନ ନିଶା କାରବାର ଦିଗକୁ ସୂଚିତ କରୁଛି। ଅକ୍ଟୋବର ୨ରେ ଦିଲ୍ଲୀ ପୋଲିସ ୫,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୫୬୦ କେ.ଜି. କୋକେନ ଓ ୪୦ କେ.ଜି.ହାଇଡ୍ରୋପୋନିକ ଗଞ୍ଜେଇ ଜବତ କରି ଭାରତର ଏକ ବଡ଼ ଡ୍ରଗ୍ସ ର୍ୟାକେଟକୁ ସାମ୍ନାକୁ ଆଣିଥିଲା। ଏହାର ୪ ଦିନ ପରେ ଅର୍ଥାତ୍ ୬ ଅକ୍ଟୋବରରେ ଗୁଜରାଟ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ (ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମିଳିତ ଭାବେ ଚଢାଉ କରି ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ସ୍ଥିତ ବଗ୍‌ରୋଦା ଶିଳ୍ପାଞ୍ଚଳର ଏକ ଫ୍ୟାକ୍ଟ୍ରିରୁ ୧,୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଡ୍ରଗ୍ସ ଜବତ କରିଥିଲେ। ଏହାସହ ଏହି ଦିନ ମଧ୍ୟ ଦିଲ୍ଲୀ ପୋଲିସର ସ୍ପେଶିଆଲ ସେଲ୍ ପଞ୍ଜାବ ଅମୃତସରରୁ ୧୦ କୋଟି ଟଙ୍କାର କୋକେନ ଜବତ କରିଥିଲା। ମୋଟ ଜବତ ହେଉଥିବା ପରିମାଣ ଯେତେ ଅଧିକ ଦେଖାଗଲେ ବି ସମୁଦାୟ ମାଦକଦ୍ରବ୍ୟ କାରବାରର ଏହା ଏକ ନଗଣ୍ୟ ପ୍ରତିଶତ। ତେବେ ଭୋପାଳ ଘଟଣାରେ ଜବତ ଡ୍ରଗ୍ସର ମୁଖ୍ୟ ସୂତ୍ରଧର କୁହାଯାଉଥିବା ସାନ୍ୟାଲ ପ୍ରକାଶ ବାନେ ପୂର୍ବରୁ ଡ୍ରଗ୍ସ କାରବାରରେ ୫ ବର୍ଷ ଜେଲରେ ରହି ଜାମିନରେ ଆସିବା ପରେ ପୁନର୍ବାର ଡ୍ରଗ୍ସ କାରବାରରେ ଧରାପଡ଼ିଲେ। ବାନେଙ୍କୁ ମିଳିଥିବା ଜାମିନ ପ୍ରମାଣ କରୁଛି ଯେ, ଭାରତରେ ମାଦକ ଦ୍ରବ୍ୟ ସମ୍ପୃକ୍ତ ଆଇନକୁ ଅତି ସହଜରେ ମୋଡ଼ିଦେଇ ହେଉଛି। ଏଥିରୁ ବୁଝାପଡୁଛି, ବେଆଇନ ନିଶାଦ୍ରବ୍ୟ କାରବାରରେ ଜଡ଼ିତ ବ୍ୟକ୍ତିମାନଙ୍କ ପ୍ରତି କଠୋର ଦଣ୍ଡ ବ୍ୟବସ୍ଥା ନ ରହିବାରୁ ସେମାନେ ପୁନର୍ବାର ଏହି କାର୍ଯ୍ୟ କରିବାକୁ ସାହସ କରୁଛନ୍ତି। ଏହାସହ ଯେତେବେଳେ ଡ୍ରଗ୍ସ ଜବତ ହେଉଛି ସେତେବେଳେ ବ୍ୟବହାରକାରୀ କିମ୍ବା ତୃତୀୟପକ୍ଷକୁ ଧରି ଏନ୍‌ସିବି କିମ୍ବା ପୋଲିସ ବାହାବା ନେଉଛନ୍ତି। ସମୁଦ୍ର ପଥରେ କେତୋଟି ବୋଟକୁ ଧରିନେଇ ସଫଳତା ପାଇଲେ ବୋଲି ଦର୍ଶାଉଛନ୍ତି। ଦେଖିବାକୁ ଗଲେ ଭାରତକୁ ସ୍ଥଳ କିମ୍ବା ଜଳ ପଥରେ ଆସୁଥିବା ବିପୁଳ ପରିମାଣର ଡ୍ରଗ୍ସକୁ ରୋକିବାରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଫଳ ହେଉଛନ୍ତି। ଏହା ବ୍ୟତୀତ ଦେଶ ଭିତରେ କାରବାରରେ ଜଡ଼ିତ ବିରାଟକାୟ ର୍ୟାକେଟ ପାଖରେ ଦକ୍ଷତା ଅଭାବରୁ ପହଞ୍ଚିପାରୁନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ପହଞ୍ଚିବାକୁ ଚାହୁଁନାହାନ୍ତି।

> **ଆଜି ମାଓବାଦୀଙ୍କୁ ସ୍ପଷ୍ଟ ତାରିଖ ସୁଦ୍ଧା ବିନାଶ କରିଦେବେ ବୋଲି ଘୋଷଣା କରୁଥିବା ସରକାର ଡ୍ରଗ୍ସ କାରବାର ସମ୍ପର୍କରେ ପଦଟିଏ ମଧ୍ୟ ଉଚ୍ଚାରଣ କରୁନାହାନ୍ତି। ଏଭଳି ମାରାତ୍ମକ ରାଜନୈତିକ ପ୍ରଚ୍ଛଦପଟରେ ସାମାଜିକ ସଚେତନତା କେବଳ ମାତ୍ର ଆଶା ଭାବେ ଦେଖାଯାଉଛି।**

ଉଲ୍ଲେଖନୀୟ ଯେ, ଭାରତରେ ଡ୍ରଗ୍ସ ପ୍ରବେଶର ସବୁଠୁ ବଡ଼ ମାଧ୍ୟମ ହୋଇଯାଇଛି ସମୁଦ୍ରପଥ। ବିଶେଷକରି ଗୁଜରାଟ ଉପକୂଳବର୍ତ୍ତୀ ଅଞ୍ଚଳ ଓ ସେଠାକାର ବନ୍ଦରରୁ ଜବତ ହେଉଥିବା ମାଦକଦ୍ରବ୍ୟ ରେକର୍ଡ ଭାଙ୍ଗିଛି। ଉଦାହରଣ ସ୍ୱରୂପ, ସେପ୍ଟେମ୍ବର ୨୦୨୧ରେ ଗୁଜରାଟର ଆଦାନୀଙ୍କ ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ ଜବତ ହୋଇଥିଲା। ଏହି ଘଟଣା ପରେ ବିଗତ ୩ ବର୍ଷ ମଧ୍ୟରେ ନିଶାଦ୍ରବ୍ୟ କାରବାରର ବଡ଼ ସୂଚନା ମିଳି ଚାଲିଛି ଏବଂ ସମାନ୍ତରାଳରେ ବିଶେଷକରି ଗୁଜରାଟ ଉପକୂଳରୁ ବିପୁଳ ପରିମାଣର କୋକେନ, ହେରୋଇନ ଓ ଇ-ସିଗାରେଟ ବରମ୍ବାର ଜବତ ହୋଇଛି। ଚଳିତ ବର୍ଷ ଫେବୃଆରୀରେ ଗୁଜରାଟ ଉପକୂଳରୁ ସବୁଠୁ ଅଧିକ ପରିମାଣର ୩,୩୦୦ କେ.ଜି.ଡ୍ରଗ୍ସ ଜବତ ହେବା ଭାରତରେ ନିଶାକାରବାର କ୍ରମାଗତ ଭାବେ ବୃଦ୍ଧି ହେଉଥିବାର ସଙ୍କେତ ଦିଏ। ଚିନ୍ତାର ବିଷୟ ହେଉଛି, ଭାରତରେ ନିଶା କାରବାର ବଢିବା ଦ୍ୱାରା କେବଳ ଯୁବପିଢ଼ି ନୁହେଁ, ଏହାକୁ ବୟସ୍କ ବ୍ୟକ୍ତି ମଧ୍ୟ ବ୍ୟବହାର କରିବା ଫଳରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବୃଦ୍ଧି ପାଉଛି। ଏହିଭଳି ମାଦକଦ୍ରବ୍ୟ ବ୍ୟବହାର କରୁଥିବା ଲୋକମାନଙ୍କୁ ଅନେକ ପ୍ରକାର ରୋଗ ହୋଇଥାଏ, ଯାହାର ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଉପରେ ପ୍ରବଳ ଚାପ ପଡ଼ିଥାଏ। ଇତିହାସକୁ ଦେଖିଲେ ଚାଇନାର ଓପିଅମ ଯୁଦ୍ଧ ମନେପଡ଼େ। ସେଥିରେ ସେହି ଦେଶର ପିଢ଼ି ପରେ ପିଢ଼ି ନାଗରିକଙ୍କୁ ଅଫିମ କବଳରେ ନେଇଯିବା ପରେ ବ୍ରିଟିଶ ଶାସନ କରିବାକୁ ଚେଷ୍ଟା କରିଥିଲେ। ଆଜି ଭାରତରେ ସେହିଭଳି ଏକ ଅଦୃଶ୍ୟ ଆକ୍ରମଣ କରାଯାଉଛି। ଧନୀ ଲୋକଙ୍କୁ ଦାମିକା କୋକେନର ନିଶା ଗ୍ରାସ କରୁଥିବାବେଳେ ଗରିବଙ୍କୁ ହେରୋଇନ ଏବଂ ବ୍ରାଉନସୁଗାର ନିଶା ମାଡ଼ି ବସିଲାଣି। ଯେଉଁମାନେଏହି ସମସ୍ୟାକୁ ଦେଖିବାକୁ ଚାହୁଁନାହାନ୍ତି, ସେମାନଙ୍କ ପାଇଁ ଏହା ସମସ୍ୟା ନୁହେଁ। ଆଜି ମାଓବାଦୀଙ୍କୁ ସ୍ପଷ୍ଟ ତାରିଖ ସୁଦ୍ଧା ବିନାଶ କରିଦେବେ ବୋଲି ଘୋଷଣା କରୁଥିବା ସରକାର ଡ୍ରଗ୍ସ କାରବାର ସମ୍ପର୍କରେ ପଦଟିଏ ମଧ୍ୟ ଉଚ୍ଚାରଣ କରୁନାହାନ୍ତି। ଏଭଳି ମାରାତ୍ମକ ରାଜନୈତିକ ପ୍ରଚ୍ଛଦପଟରେ ସାମାଜିକ ସଚେତନତା କେବଳ ମାତ୍ର ଆଶା ଭାବେ ଦେଖାଯାଉଛି।

# ଭଗବାନଙ୍କ ନାଁରେ ମିଛ



ସହଦେବ ସାହୁ

ବଞ୍ଚିବା ଲାଗି ଖାଦ୍ୟ ଦରକାର ଏବଂ ଖାଦ୍ୟ ଦୃଷ୍ଟିରୁ ଦୁନିଆରେ ପ୍ରତ୍ୟେକ ଜୀବନ୍ତ ଜିନିଷ ଦୁଇ ଭାଗରେ ବିଭକ୍ତ – ଗୋଟିଏ ଆତ୍ମଜୀବୀ ବା ଅଟୋଟ୍ରଫିକ୍, ଅନ୍ୟଟି ପରଜୀବୀ ବା ହେଟେରୋଟ୍ରଫିକ୍। ଅଟୋଟ୍ରଫିକ୍ ଜୀବଟି ନିଜେ ଅଖାଦ୍ୟ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରି କରେ। ମଣିଷ ହେଟେରୋଟ୍ରଫିକ୍ ଅର୍ଥାତ୍ ଅନ୍ୟ ଜୀବନ୍ତ ଜିନିଷମାନେ ଯେଉଁ ଖାଦ୍ୟ ତିଆରି କରିଥାନ୍ତି ତାକୁ ଖାଆନ୍ତି, ନିଜେ କୌଣସି ନିର୍ଜୀବ ବସ୍ତୁକୁ ଖାଇପାରନ୍ତି ନାହିଁ କି ତାକୁ ଖାଇବା ଉପଯୋଗୀ କରିପାରନ୍ତି ନାହିଁ। ଅଟୋଟ୍ରଫିକ୍ ଜୀବ ବାହାରର ତେଜ (ଶକ୍ତି ବା ଉର୍ଜା)କୁ ବ୍ୟବହାର କରି ଅଙ୍ଗାରକାମ୍ଳ ଓ ଜଳ ଭଳି ନିର୍ଜୀବ ସାମଗ୍ରୀ (କମ୍ପାଉଣ୍ଡ)ରୁ ଖାଦ୍ୟ ତିଆରି କରିଥାଏ, ତାକୁ ଖାଏ ବା ଅନ୍ୟକୁ ସିଧାସଳଖ ଯୋଗାଏ। ସକଳ ଶକ୍ତିର ଆଧାର ତ ସୂର୍ଯ୍ୟ। ସୂର୍ଯ୍ୟରୁ ମିଳୁଥିବା ଉର୍ଜାକୁ ଜାଳେଣି ଭାବେ ବ୍ୟବହାର କରି ପାଣି, ଖଣିଜ ଦ୍ରବ୍ୟ ଓ ଅଙ୍ଗାରକାମ୍ଳ ଭଳି ଅଜୈବ ସାମଗ୍ରୀକୁ ମିଶାଇ ଉଦ୍ଭିଦ ଏକ ମଣ୍ଡ (ଷ୍ଟାର୍ଚ୍ଚ) ତିଆରି କରେ। ଲିପିଡ୍ ଓ ପ୍ରୋଟିନ୍ ଭଳି ବଡ଼ ଜଟିଳ ଜୈବ ଅଣୁକୁ ଗଛଲତା ଖାଦ୍ୟରେ ପରିଣତ କରନ୍ତି। ପ୍ରାଣୀମାନେ ହେଟେରୋଟ୍ରଫିକ୍ – ଗଛଲତା ତିଆରି କରିଥିବା ଖାଦ୍ୟକୁ ଖାଆନ୍ତି କିମ୍ବା ଗଛଲତାକୁ ଖାଇ ବଞ୍ଚିଥିବା ପ୍ରାଣୀକୁ ଖାଆନ୍ତି। ଯଦି ଭଗବାନ ମଣିଷକୁ ତାଙ୍କ ପ୍ରତିଛବି ଭାବେ ଗଢ଼ିଛନ୍ତି ତେବେ କାହିଁକି ମଣିଷ ଗଛଲତା ନ ଥିବା ସ୍ଥାନରେ, ପାଣି ପବନ ନ ଥିବା ଜାଗାରେ ଚଳିପାରୁ ନାହିଁ, ମଣିଷର ଦେହଟା କାହିଁକି ଖାଦ୍ୟ ତିଆରି କରୁନାହିଁ? ଭଗବାନ କ'ଣ ମଣିଷକୁ ଖାଦ୍ୟଚୋର ହିସାବରେ ଗଢ଼ିଛନ୍ତି? ଅଟୋଟ୍ରଫିକ୍‌ମାନେ ତ ଯେ କୌଣସି ପରିବେଶରେ ବଢ଼ିପାରନ୍ତି, ଯଥା ଆମ ପାଉଁରୁଟିରେ ଥିବା ୟିଷ୍ଟ, ଆମ ଚମ ଉପରେ ଯାଦୁ କରୁଥିବା ଜୀବାଣୁ/ଭୂତାଣୁ, ଫୁସ୍‌ଫୁସ୍‌ରେ ଥିବା ବାୟୁଥଳି ଭିତରେ ବସବାସ କରିବାକୁ ଚାହୁଁଥିବା କୋଭିଡ୍-୧୯ ଭୂତାଣୁ। ପାଉଁରୁଟି ବା ଦହିଜୁଆରେ ଯେଉଁ ଅଦୃଶ୍ୟ ୟିଷ୍ଟ ଅଛି ତା'ର ଦେହରେ ସବୁ ପ୍ରକାର ଏନ୍‌ଜାଇମ୍ ବା ପାଚକ ଅଛି, (ଶର୍କରା ଓ ବାୟୋଟିନ୍ ନାମକ କେବଳ ଦୁଇଟି ପାଚକକୁ ଛାଡି)। ଜୀବ ଯେତେ ଜଟିଳତର ହୋଇଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଇଛି: ମଣିଷ ସବୁଠାରୁ ବେଶି ଏନ୍‌ଜାଇମ୍ ହରାଇଛି। ଏହା ବିବର୍ତ୍ତନର ଫଳ; ମୂଳରୁ (ବା ଭଗବାନଙ୍କ) ସୃଷ୍ଟି ନୁହେଁ; କାରିଗର ଯେପରି ମୂର୍ତ୍ତି ତିଆରି କରେ ଭଗବାନ ସେମିତି ଗୋଟି ଗୋଟି କରି ମଣିଷ (ଅନ୍ୟ ଜୀବକୁ ବି) ତିଆରି କରିନାହାନ୍ତି ବା କରୁନାହାନ୍ତି।

ମଣିଷର ବିଭିନ୍ନ ପ୍ରକାରର ଆବଶ୍ୟକତା ମଧ୍ୟରେ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରଧାନ, ସେଗୁଡ଼ିକ ମଣିଷକୁ ରେଡିମେଡ୍(ଅନ୍ୟଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର। ଗଛଲତା ହିଁ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରସ୍ତୁତ କରିଥାନ୍ତି। ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର; ଖାଦ୍ୟ ଦୃଷ୍ଟିରୁ ସେତେ



ପରମୁଖାପେକ୍ଷୀ। ଜଟିଳତର ପ୍ରାଣୀ ହେବାମାନେ ପରିବେଶ ଉପରେ ନିର୍ଭର କରିବା – ପରିବେଶ ସନ୍ତୁଳିତ ନ ରହିଲେ ପ୍ରାଣୀମାନଙ୍କର ଅଧୋପତନ ଆରମ୍ଭ ହୋଇଯିବ। ପରିବେଶ ଉପଯୁକ୍ତ ନ ହେଲେ ଅର୍ଥାତ୍ ରେଡିମେଡ୍ ଖାଦ୍ୟ ନ ମିଳିଲେ ଉଚ୍ଚତର ପ୍ରାଣୀ ଅସୁବିଧାରେ ପଡ଼ିବ, ନଷ୍ଟ ହୋଇଯିବ (ମରିବ)। ଅନ୍ୟ ଉପରେ ନିର୍ଭର କରିବା ଧର୍ମ ଦୃଷ୍ଟିରୁ ଅଧଃପତନର କାରଣ, କିନ୍ତୁ ବୈଜ୍ଞାନିକ ଦୃଷ୍ଟିରୁ ବୁଦ୍ଧିମାନର କାମ। ଯଦି ଶରୀର ଗଠନ ଲାଗି ପରିବେଶରୁ ସବୁ ଜିନିଷ ମିଳିପାରୁଛି ତେବେ ପ୍ରାଣୀର ଶରୀର କାହିଁକି ଖଟିବ, କାହିଁକି ସେସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି ବା ଏନ୍‌ଜାଇମ୍ ବୋହିବ? ବରଂ କୋଷଗୁଡ଼ିକ ନିଜର ବୋଝ ହାଲୁକା କରି ବିଭିନ୍ନ ପ୍ରକାରର ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ ଶକ୍ତି ଓ ସ୍ଥାନ ଯୋଗାଇ ପାରିବେ। ସେହି କାରଣରୁ ଉଚ୍ଚତର ପ୍ରାଣୀର ମସ୍ତିଷ୍କ ବଢ଼େ, ସେ ସାମାଜିକ ହୁଏ, ତା'ର ବିଶ୍ରାମକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାର ବିକାଶରେ ଲଗାଇ ପାରେ। ଏହି କାରଣରୁ ମଣିଷ ଭଳି ଉଚ୍ଚତର ପ୍ରାଣୀ କାରିଗରି ବିଦ୍ୟାର ବିକାଶ କରୁଛି, ଦର୍ଶନ ବା ବିଜ୍ଞାନରେ ମଜ୍ଜି ଯିବାକୁ ସମୟ ପାଉଛି। ପରିବେଶକୁ ପୂରାପୂରି ବ୍ୟବହାର କରିପାରିଲେ, ଅର୍ଥାତ୍ ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିପାରିଲେ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ, ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାଆନ୍ତା। ଏ ସବୁ ବିବର୍ତ୍ତନର ଫଳ, କୌଣସି ଦେବତାଙ୍କ କାମ ନୁହେଁ। ଅବଶ୍ୟ ବିବର୍ତ୍ତନର ନିୟମ ତିଆରି କରିଥିବା ଶକ୍ତିକୁ ଆମେ ଭଗବାନ କହନ୍ତେ, ନିୟମସବୁ ମାନିବାକୁ ଭକ୍ତି କହନ୍ତେ। ତେଣୁ ଭଲ ହେବା ଲାଗି ପରିବେଶ ସୃଷ୍ଟି କରିବା ଓ ଭଲ ରହିବା ନିଜର କ୍ରିୟାଧୀନ, ଭଗବାନଙ୍କୁ ପ୍ରାର୍ଥନା କରିବାର ଫଳ ନୁହେଁ।

ପ୍ରାଣୀ କାହିଁକି ମାଂସାଶୀ ହୁଏ? କାରଣ ଭୋଜ୍ୟ ଜୀବ ଦେହରେ ଥିବା ଜୈବିକ ଉପାଦାନଗୁଡ଼ିକ ଉଚ୍ଚତର ପ୍ରାଣୀର ରେଡିମେଡ୍ ଖାଦ୍ୟ, ପ୍ରକୃତିର ଫାଷ୍ଟ ଫୁଡ୍: ଭୋଜୀର ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ମାଂସ ଓ ରକ୍ତ ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ପ୍ରାଣୀର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣକୁ ଆମେ ହଜମ କ୍ରିୟା (ଡାଇଜେସନ୍) କହୁଛୁ। ଖାଦ୍ୟ ଲାଗି ପ୍ରତ୍ୟେକ ଉଚ୍ଚତର ଜୀବ ନୀଚ ଜୀବର ସମ୍ପଦକୁ ଡକାୟତି କରୁଛି ବା ତାକୁ ହତ୍ୟା କରୁଛି। ଯଦି ସବୁ ପ୍ରାଣୀ ମାଂସାଶୀ ହୋଇଥାନ୍ତେ ତେବେ ପୃଥିବୀରୁ କେଉଁ ଦିନୁ ପ୍ରାଣୀମାନେ ଲୋପ ପାଇ ସାରନ୍ତେଣି: ଶୁଦ୍ଧ ବିଜ୍ଞାନର ଏ ନିୟମକୁ ମନ ଭିତରେ ରଖି ଲୋକଙ୍କୁ ନିରାମିଷାଶୀ ହେବା ଲାଗି ଆମେ ଧର୍ମର ଦ୍ୱାହି ଦେଉ। ଯେଉଁଧର୍ମରେ ଏ ଯାବତ୍ ନିରାମିଷାଶୀ ହେବା ଉପରେ ଜୋର୍ ଦିଆଯାଇନାହିଁ, ସେ ଧର୍ମରେ ଦିନେ ଧର୍ମସଂସ୍ଥାପନାର୍ଥୟ ଏକ ମହାପୁରୁଷ ସମ୍ଭବ (ଆବିର୍ଭାବ) ହେବେ।

ଆଉ ଗୋଟିଏ ଦିଗରୁ ଦେଖନ୍ତୁ। ଆମେ ଯାହା ଖାଉ ସବୁଯାକ ଆମ ଦେହରେ ଲାଗେ ନାହିଁ। ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ, ବାକି ୯୦% ମଳମୂତ୍ର ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ; ଏହି କାରଣରୁ ସମସ୍ତେ ମାଂସାଶୀ ହୋଇନାହାନ୍ତି, ବେଶି ସଂଖ୍ୟକ ତୃଣଭୋଜୀ। ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ। ତୃଣଭୋଜୀମାନେ ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ଦୁଇ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତି ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ସୁଖର କଥା ଯେ ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଗଛଲତାଶୂନ୍ୟ ହୋଇଗଲେ ପୃଥିବୀରେ ଜୀବସତ୍ତା ରହିବ ନାହିଁ।

ଯଦି ଭଗବାନ ମଣିଷକୁ ତାଙ୍କ ରୂପରେ ଗଢ଼ିଛନ୍ତି, ତେବେ ତାହା ଦେହର ଗଠନ କାହିଁକି ସ୍ୱୟଂସମ୍ପନ୍ନ ନୁହେଁ? କାହିଁକି ମଣିଷ ବଞ୍ଚିବା ଲାଗି ଅନ୍ୟ ଉପରେ ନିର୍ଭର କରୁଛି? ୨୦୦୩ରୁ ସରିଥିବା ମଣିଷର ଡିଏନ୍‌ଏ ଅନୁଧ୍ୟାନ ପ୍ରକଳ୍ପ – ଜିନୋମ୍ – ଜଣାଏ ଯେ ମଣିଷ ଏକ ଇତର ପ୍ରାଣୀଙ୍କଠାରୁ ଜଟିଳ ନୁହେଁ। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ରୁ ୨୫ ହଜାର ଭିତରେ: ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ଆମ ଦେହ ଭିତରେ ଥିବା ୧୦ ଲକ୍ଷକୋଟି ଅଣୁଜୀବ (ପ୍ରତ୍ୟେକେ ଗୋଟିଏ କୋଷ) ମାନଙ୍କ ଭିତରେ, ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେଶନ୍। ଆମଦେହର ଏହି ବନ୍ଧୁ ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ନ ଥିବେ ତ ବାହାରର (ପ୍ରବାସୀ) ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶ କରି ଦେହକୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ! ରୋଗ ତ ମୃତ୍ୟୁର କାରଣ! ତେଣୁ ଭଗବାନଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମ ସବୁ ମାନିବା। ଏଇଥିପାଇଁ ଏ ଲେଖକର ଏକ ପୁସ୍ତକର ନାମ 'ଭଗବାନଙ୍କ ନାଁରେ ମିଛ'!

sahadevas@yahoo.com

# ଗରିବର ଇଜ୍ଜତ



ଡ. ସୁବାସ ଚନ୍ଦ୍ର ପାତ୍ର

ଗରିବ ଲୋକର ହାତର ଅଙ୍ଗୁଳି ଓ ହୃଦୟ ବୋଧହୁଏ ଗୋଟିଏ ଶରୀରରେ ଅବସ୍ଥିତ ନୁହେଁ ଅବା ରାଜନେତାମାନେ ଏ ବିଷୟରେ ଅବଗତ ନାହାନ୍ତି, ନ ହେଲେ ଶରୀରଠୁ ଶାଖା-ପ୍ରଶାଖା ଭଳି ବାହାରିଥିବା ହାତର ଯେଉଁ ଅଙ୍ଗୁଳିଗୁଡ଼ିକ ବ୍ୟବହାର କରି ସେମାନଙ୍କଠୁ ଭୋଟ ସଂଗ୍ରହ କରାଯାଏ, ସେହି ମଣିଷଙ୍କ ହୃଦୟକୁ କାହିଁକି ପାଦରେ ଦଳି ଦିଆଯାଆନ୍ତା। ଆଗରୁ ବ୍ରିଟିଶ ସରକାର ଥିଲେ। ଯାବତୀୟ ଦୁର୍ଦ୍ଦଶା ପାଇଁ ସେମାନଙ୍କ ମୁଣ୍ଡରେ ଅଠା ବୋଳିବା ଅଭ୍ୟାସ ଏକ ରାଜନୈତିକ ଆଲେଖ୍ୟ ଭାବେ ବେଶ୍ କିଛି ବର୍ଷ ଚାଲିଲା। ସ୍ୱାଧୀନତାର ୭୭ ବର୍ଷ ପରେ ବି କ'ଣ ସେହି ଦୃଶ୍ୟ ଦେଖିବାକୁ ମିଳିବ? ୫/୧୦ କି.ମି. ନିତାନ୍ତ ପାଦ-ପ୍ରତିକୂଳ ରାସ୍ତାରେ ଚାଲିଚାଲି ମଣିଷ ଯିବ ଗୋଟିଏ ଟୁଆ ପାଖକୁ ପାଣି ଆଣିବାକୁ, ଯେତେବେଳେ କି ସମାନ୍ତରାଳ ଭାବେ ଆମେ ବିଶ୍ୱର 'ଏତେ ନମ୍ବର ଅର୍ଥନୀତି' ବୋଲି ଜୋର୍ ପାଟିରେ କହୁଥିବୁ। ବିଧାନସଭା ଓ ସଂସଦରେ ଆପେକ୍ଷିକ ପରିସଂଖ୍ୟାନମାନ ଦିଆଯାଉଥିବ କିପରି ଏତେ ମସିହାରେ ଏତେ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ଥିବାବେଳେ ଏବେ ଏତେ ପ୍ରତିଶତ ଲୋକ ଅଛନ୍ତି। ଏହି ଆପେକ୍ଷିକ ତତ୍ତ୍ୱର ମୂଲ୍ୟ କ'ଣ ଅତି ନିର୍ମମ ପରିବେଶରେ ରହୁଥିବା ମଣିଷଙ୍କ ପାଇଁ। ଦାରିଦ୍ର୍ୟ ସହ ଜାତିଗତ ଓ ଭୌଗୋଳିକ ପଛୁଆପଣ ଯେଉଁଠି ମିଶିଯାଏ, ସେଠି ଭିନ୍ନ ଏକ ଓଡ଼ିଶା, ଭିନ୍ନ ଏକ ଭାରତର ଚିତ୍ର ଦେଖିବାକୁ ମିଳେ। ତେବେ ସେହି ଭିନ୍ନ ଓ ଅପେକ୍ଷାକୃତ କମ୍ ଦୃଶ୍ୟମାନଙ୍କୁ ବେଶ୍ ବହୁଳଭାବରେ ଦେଖିବାକୁ ମିଳେ, ସାମାନ୍ୟ ଭିନ୍ନ ରୂପରେ ଆମ ଦୈନନ୍ଦିନ ଜୀବନରେ। ଉଦାହରଣ ପାଇଁ ଦୁଇଟି କ୍ଷେତ୍ର ନିଆଯାଉ-ସ୍ୱାସ୍ଥ୍ୟ ଓ ରେଳସେବା।

ଗରିବର ଇଜ୍ଜତ କେତେ ତାହା ଜାଣିବା ପାଇଁ ଥରେ ସରକାରୀ ହସ୍ପିଟାଲ ବୁଲିଯିବା ଉଚିତ ହେବ। ସ୍ୱାସ୍ଥ୍ୟକାର୍ଡ ପଛରେ କାର୍ଡ ଚାଲିଛି ଏବଂ ସମାନ୍ତରାଳ ଭାବରେ ସରକାରୀ ହସ୍ପିଟାଲରେ ଶୀତ, ବର୍ଷାରେ ଆତ୍ମ-ସଂଗୃହୀତ ମସିଣା ବା ବିଛଣା ଚାଦରରେ ରୋଗୀ ପଡ଼ିଛି। ସ୍ୱାସ୍ଥ୍ୟକାର୍ଡ ଜଟିଳ ରୋଗର ଚିକିତ୍ସା ସୁଗମ କରିପାରେ, ଆବଶ୍ୟକ ଚିକିତ୍ସାକୁ କମ୍ ସମୟ ଭିତରେ ଉପଲବ୍ଧ କରିପାରେ, ମାତ୍ର ରୋଗୀର ପକ୍କା ଚଟାଣ ଉପରେ ଶୋଇବାଟା ପକ୍କା! ଆମେ କ'ଣ ସରକାରୀ ହସ୍ପିଟାଲର ରୋଗୀମାନଙ୍କୁ ଖଟ ଖଣ୍ଡେ ଦେଇ ପାରିବାନି? ଖଟ ଉପରେ ଥୁଆ ବିଛଣା ଖାଲି ଫଳପ୍ରଦ ଚିକିତ୍ସା ପାଇଁ ନୁହେଁ, ଏହା ମାନସିକ ଭାବରେ ଗରିବ ରୋଗୀଟିକୁ ଆଶ୍ୱସ୍ତ କରେ। ସେ ଭାବେ ଏବେ ମୁଁ ଉତ୍ତୋଳିତ, ପ୍ରତ୍ୟାଖ୍ୟାତ ନୁହେଁ!! ଭାରତ ଏକ ଜନବହୁଳ ରାଷ୍ଟ୍ର ହେଲା ବୋଲି ଏଠି କ'ଣ ରୋଗୀମାନେ ଚଟାଣରେ ଶୋଇବେ? ଯଦି ଏହା ହିଁ ବାସ୍ତବତା, ତାହା ଜାତୀୟ ସ୍ୱାସ୍ଥ୍ୟ ସୂଚକାଙ୍କରେ ସନ୍ନିବେଶିତ କରାଯାଉ, ଯଦ୍ୱାରା ଲୋକଙ୍କ ଭିତରେ ଭେଦଭାବ ରହିବ ନାହିଁ, ଲୋକେ କଥାଟିକୁ ମାନିନେବେ। ଦୁଃଖ ଲାଗେ ଯେତେବେଳେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିବା ଲୋକଟି ସେଠିକାର ଚିକିତ୍ସା ବ୍ୟବସ୍ଥା ବିଷୟରେ ଦୁର୍ବଳ ଶ୍ରେଣୀର ଲୋକ ଆଗରେ ଗୋଲାପି ଚିତ୍ର ଆଙ୍କି ବସେ। ଗରିବ ତ ଦୂରର କଥା, ନିମ୍ନ



ମଧ୍ୟବିତ୍ତମାନେ ଭାବିବାକୁ ଲାଗନ୍ତି, "ଆମର ପୁଣି କି ଇଜ୍ଜତ! ନିଜ ଘରର ଛିଣ୍ଡା ମଶିଣା ଆଉ ସରକାରୀ ହସ୍ପିଟାଲର ଚଟାଣ ପର୍ଯ୍ୟନ୍ତ ଆମର ଦୌଡ଼!"

ସମୟର ବିରଳତା ସମ୍ମାନ ଆଣେ। ମଣିଷର ଗୁରୁତ୍ୱ ବଢ଼ାଏ, ପଛେ ତାହା ଫମ୍ପା ହୋଇଥାଉ। ତେଣୁ ସାଧାରଣ ଲୋକଙ୍କ ଆଗମନର ସମୟ ୯.୩୦ ହୋଇଥିଲାବେଳେ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କ ଆଗମନର ସମୟ ୯.୨୯ ବା ୯.୩୧! ପାସେଞ୍ଜର ଟ୍ରେନ୍। ସାଧାରଣ ଲୋକଙ୍କ ଜନପରିବହନ ବ୍ୟବସ୍ଥା। ସାଧାରଣ ଲୋକ, ଗରିବ ଲୋକ, ସେମାନଙ୍କର ପୁଣି ସମୟ କ'ଣ? ସମୟକୁ ନେଇ ସେମାନଙ୍କର ଇଜ୍ଜତ ବା କ'ଣ? ବାଲେଶ୍ୱରରୁ ଜଳେଶ୍ୱର ୫୦ କି.ମି.। ରେଳ ସମୟ ସାରଣୀରେ ହୁଏତ ଗୋଟିଏ କିଛି ପହଞ୍ଚିବା ସମୟ ଦିଆଯାଇଛି। କିନ୍ତୁ ପ୍ରାୟତଃ ଲାଗେ ୨ରୁ ୩ ଘଣ୍ଟା। ସେ ପୁଣି ବିନା ଶୌଚାଳୟରେ। ସାରା ଭାରତବର୍ଷର ଏହି ହେଉଛି ରେଳ ବ୍ୟବସ୍ଥା। କିଏ କାହାଠୁ ଗୁରୁତ୍ୱପୂର୍ଣ୍ଣ ଏହା ଦେଖାଇବାକୁ ପ୍ରତିଯୋଗିତା। ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଟ୍ରେନ୍ ଆସିଲେ ବାକି ଟ୍ରେନ୍‌କୁ ରାସ୍ତା ଛାଡ଼ିଦିଅ, ବାଟ ଦିଅ। କାରଣ ବେଗଗାମୀ ଟ୍ରେନ୍‌ରେ ଦ୍ରୁତ ଅର୍ଥ କାରବାର କରୁଥିବା ଲୋକ ଯାଆନ୍ତି। ସେମାନେ ଦ୍ରୁତ ବେଗରେ ନ ଗଲେ, ଦ୍ରୁତ ବେଗର ଅର୍ଥ ଆହରଣ ସମ୍ଭବ ନୁହେଁ! ବୋଧହୁଏ ଏହା ହିଁ ଆମର ସାମାଜିକ, ରାଜନୈତିକ ବ୍ୟବସ୍ଥା। ଅଳ୍ପ କିଛି ଲୋକଙ୍କ ଆର୍ଥିକ, ରାଜନୈତିକ ବେଗ ବୃଦ୍ଧି ଓ ସମୃଦ୍ଧି ପାଇଁ ଅଧିକାଂଶ ଲୋକଙ୍କୁ ବାଟ ଛାଡ଼ିବାକୁ ପଡ଼ିବ, ବେକ ନୁଆଁଇବାକୁ ପଡ଼ିବ।

ଗରିବର ଇଜ୍ଜତ, କେତେବେଳେ? ଜୀବନକାଳ ଭିତରେ ନା ମୃତ୍ୟୁ ବେଳେ? ଏ ପ୍ରସଙ୍ଗ ଉଠେଇଥିଲେ ମଦର ଟେରେସା ଯେତେବେଳେ ରାସ୍ତାକଡର ଏକ ଅସୁସ୍ଥ ମହିଳାଙ୍କୁ ମୂଷାମାନେ ଚିଙ୍କିଚିଙ୍କି କରି ଖାଉଥିବା ବିପର୍ଯ୍ୟୟରୁ ସାଉଁଟି ସେ ପହଞ୍ଚିଥିଲେ ହସ୍ପିଟାଲରେ। ତାଙ୍କର ଦାବି ଥିଲା ୟାଙ୍କର ଯଥୋଚିତ ଚିକିତ୍ସା କରାଯାଉ ବା ତାଙ୍କର ମୃତ୍ୟୁ ଯଦି ଆବଶ୍ୟମ୍ଭାବୀ, ତାଙ୍କୁ ମର୍ଯ୍ୟାଦାର ସହ ମୃତ୍ୟୁବରଣ କରିବାକୁ ସୁଯୋଗ ଦିଆଯାଉ। ମୃତ୍ୟୁର ମର୍ଯ୍ୟାଦା? କେଡ଼େବଡ଼ ହିମାଳୟ ସମ କଥା ଏ ଭାରତବର୍ଷରେ, ଯେଉଁଠି ପୁଅମାନେ ନିଜ ମା'କୁ ମାରି ଘରେ ବିଲେଇ ମରିଛି ବୋଲି କହନ୍ତି।

ବହୁ ବର୍ଷ ଧରି ପ୍ରଚଳିତ ବ୍ୟବସ୍ଥା, ସମାଜର ଅବହେଳିତ ମଣିଷ ଓ ସାଧାରଣ ଭାବରେ ସମ୍ବେଦନଶୀଳ ମଣିଷର ସୂକ୍ଷ୍ମ ମାନସିକ ସ୍ତରରେ କି ପ୍ରଭାବ ପକାଉଥିବ, ତାହା ବୁଝିବାକୁ କାହାରି ସମୟ ନାହିଁ। ଜଣେମାତ୍ର ମଣିଷ ପାଇଁ ଯେତେବେଳେ ୧୦୦ଟି ଭିନ୍ନ ଭିନ୍ନ ରକମର ଗାଡ଼ି ଛୁଟି ଯାଉଥିବ, ରାସ୍ତାକଡ଼ରେ ଦୁଇଓଳି ଠିକ୍ ଭାବରେ ଖାଇବାକୁ ପାଉ ନ ଥିବା ମଣିଷଟି, ଯାହା ପାଖରେ ଛୁଟି ଯାଉଥିବା ଗାଡ଼ିରୁ ଉଡ଼ିଯାଉଥିବା ଧୂଳି ପୋଛିବାକୁ କନା ଖଣ୍ଡେ ନ ଥିବ, ଏହି ଅତିରଞ୍ଜିତ କାର୍-ଶୋଭାଯାତ୍ରା ଦେଖି ଭାବୁଥିବ, ମୋ ଜୀବନର ଓଜନ କେତେ?

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ମଣିଷ-ମଣିଷ ଭିତରେ ଥିବା ଭେଦଭାବ ଦୂରୀକରଣ କ୍ରମରେ ସମାଜର ଗରିବ, ଅବହେଳିତ ଲୋକଙ୍କୁ ସମ୍ମାନ ଦିଏ। ପ୍ରକୃତରେ ଅତି ଗରିବମାନଙ୍କୁ ନ୍ୟାୟୋଚିତ ବର୍ଗୀକରଣ କରି ସେମାନଙ୍କ ସାମଗ୍ରିକ ସମୃଦ୍ଧିକୁ ସଂଖ୍ୟାନ୍ୟୂନତା ଯୋଗୁ ଭୋଟବ୍ୟାଙ୍କ ରାଜନୀତିରୁ ଦୂରେଇ ରଖି, ସେମାନଙ୍କ ପ୍ରତି ପ୍ରଦର୍ଶିତ ବ୍ୟବହାର ଯଦି ସମ୍ମାନବୋଧରେ ରୂପାନ୍ତରିତ କରା ନ ଯାଏ, ଭାରତବର୍ଷ ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର, ଏକଥା କହିହେବ ନାହିଁ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,**
**ମୋ : ୯୪୩୭୩୭୬୨୧୯**

## ଏଇ ଭାରତରେ

କର୍ଣ୍ଣାଟକର ସୁରେଶ ଏସ୍ ଆର ଓ ତାଙ୍କ ସ୍ତ୍ରୀ ମୈଥିଲି ଗୁଆ ଗଛର ପତ୍ର ଓ ଖୋଳପାରୁ କୃତ୍ରିମ ଚମଡ଼ା ଭଳି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହାକୁ କୁହାଯାଉଛି ଭେଗାନ ଲେଦର। ଏହା ଏକ ପରିବେଶ ଉପଯୋଗୀ କାର୍ଯ୍ୟ। କାରଣ ପଶୁ ଚମଡ଼ାରେ ବ୍ୟାଗ କିମ୍ବା ହଳେ ଚପଲ ତିଆରି କରିବା ଲାଗି ଅନେକ କେ.ଜି. କାର୍ବନ ଡାଇଅକ୍ସାଇଡ ନିର୍ଗମନ ହେଉଥିବାବେଳେ ସୁରେଶଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାକୃତିକ ଚମଡ଼ାରେ ବହୁତ କମ୍ କାର୍ବନ ନିର୍ଗମନ ହେଉଛି। ଏହି ଭେଗାନ ଲେଦର ଲାଗି ପାଣି କମ ଲାଗୁଛି ଏବଂ ଏହା ସମ୍ପୂର୍ଣ୍ଣ ରାସାୟନମୁକ୍ତ। ଶିବମୋଗା ନିବାସୀ ସୁରେଶ ଏଗ୍ରି ଭେଞ୍ଚର ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସେମାନେ ୧ ଏକରରୁ ୪,୦୦୦ରୁ ୪,୫୦୦ ଗୁଆ ପତ୍ରର ଖୋଳପା ପାଉଛନ୍ତି। ଭେଗାନ ଲେଦରରୁ ଚପଲ, ବ୍ୟାଗ ଓ ଅନ୍ୟାନ୍ୟ ସୌଖୀନ ଜିନିଷ ତିଆରି ହେଉଛି। ଏଗୁଡ଼ିକୁ ମହାରାଷ୍ଟ୍ର ଓ କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟରେ ବିକ୍ରି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୭୫

- ତାଳଚେରଠାରେ ୧ କୋଟି ଟଙ୍କା ବ୍ୟୟରେ ଏକ ଆଲମ ଏବଂ ସଲ୍‌ଫରିକ ଏସିଡ ତିଆରି କାରଖାନା ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି।
- ୧୨ ଦଫା ସମ୍ବଳିତ ନିଶାନିବାରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାର ପ୍ରଥମ ପଦକ୍ଷେପ ସ୍ୱରୂପ କର୍ଣ୍ଣାଟକ ସରକାର ମଦ ତିଆରି କରିବା ନିମନ୍ତେ ଆଉ ନୂଆ ଲାଇସେନ୍ସ ନ ଦେବା ପାଇଁ ନିଷ୍ପତ୍ତି କରିଛନ୍ତି।
- ମାନ୍ଦ୍ରାଜ-ଦିଲ୍ଲୀ ଗ୍ରାଣ୍ଡଟ୍ରଙ୍କ ଶୀତତାପ ନିୟନ୍ତ୍ରିତ ଏକ୍ସପ୍ରେସ ଗାଡ଼ିରେ ଟେଲିଭିଜନ ବ୍ୟବସ୍ଥା ପ୍ରଦର୍ଶନ କରାଯାଇଛି।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | | | | 9 | | | | |
| 3 | 8 | 7 | | | 4 | | | |
| | | 9 | | | 3 | | 5 | |
| | | 4 | | 3 | | | 7 | |
| | | | | | 9 | | | |
| 8 | | 6 | 7 | | | | | |
| 7 | | | | | 2 | | 1 | |
| 6 | | | | 1 | | | 3 | 9 |
| 1 | | | 3 | 4 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 2 | 1 | 6 | 8 | 9 | 3 |
| 2 | 8 | 1 | 3 | 9 | 5 | 7 | 6 | 4 |
| 3 | 9 | 6 | 7 | 4 | 8 | 5 | 2 | 1 |
| 1 | 2 | 5 | 9 | 6 | 3 | 4 | 8 | 7 |
| 7 | 6 | 8 | 5 | 2 | 4 | 1 | 3 | 9 |
| 9 | 4 | 3 | 8 | 7 | 1 | 6 | 5 | 2 |
| 6 | 3 | 7 | 4 | 5 | 2 | 9 | 1 | 8 |
| 8 | 1 | 9 | 6 | 3 | 7 | 2 | 4 | 5 |
| 4 | 5 | 2 | 1 | 8 | 9 | 3 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ

ମହାଶୟ,

ଖବରକାଗଜ ପୃଷ୍ଠା ଲେଉଟାଇଲେ ବଳାତ୍କାର ଓ ହତ୍ୟାର କାହାଣୀ ହୃଦୟକୁ ଆନ୍ଦୋଳିତ କରେ। ଅପରାଧୀମାନଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାନ୍ତି। ପରେ କୋର୍ଟ ବିଚାର କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ସମୟ ଲାଗେ। କୋର୍ଟରେ ବିଚାର ଚାଲିଥିବା ବେଳେ ଆଇନର ଗଳାବାଟରେ କିଛି ଅପରାଧୀ ଖସି ଯିବାକୁ ସକ୍ଷମ ହୁଅନ୍ତି। ଏହାର କାରଣ କୋର୍ଟ କେସ୍ ବିଚାର କରିବାକୁ ତାରିଖ ପରେ ତାରିଖ ଦିଅନ୍ତି। ଫଳରେ ଅପରାଧୀକୁ ସମୟ ମିଳେ ଓକିଲ ମାଧ୍ୟମରେ ନିଜ ସପକ୍ଷରେ ବିଚାରକୁ ନେବା ପାଇଁ। ତଥାପି ଶେଷରେ ବହୁ ଅପରାଧୀ ଆଜୀବନ ଜେଲ କିମ୍ବା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୁଅନ୍ତି ସତ ମାତ୍ର ବହୁତ ବିଳମ୍ବରେ। ସେଥିପାଇଁ କୁହାଯାଇଛି ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ। ତେଣୁ ବଳାତ୍କାର ଓ ହତ୍ୟାଜନିତ ଅପରାଧକୁ ଖୁବ୍ ଶୀଘ୍ର ବିଚାର କରାଯାଇ ଅପରାଧୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯାଉ ଏବଂ ପୀଡ଼ିତାଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ମିଳୁ।

**–ଭଗବାନ ଦାସ, ନାରାୟଣପୁର, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ!
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅକୁହା ଅଜଣା,
ଚମକିଲା ଛାତି କେତେ ଯେ ବରଷା
ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ।
–(ଜୟପୁର ଘାଟି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କନିଷ୍ଠ ଶିକ୍ଷକଙ୍କ ପ୍ରବେଶକୁ ବିରୋଧ

## ଜିଲାଭିତ୍ତିକ ନିଯୁକ୍ତି ଦାବି

ନବରଙ୍ଗପୁର,୭।୧୦
(ସଦାଶିବ ପ୍ରହରାଜ)



ନୂତନ କନିଷ୍ଠ ଶିକ୍ଷକମାନଙ୍କୁ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଝରିଗାଁ ବିଇଓ ଅଫିସକୁ ପ୍ରବେଶ କରାଇବାକୁ ଦେଉନାହାନ୍ତି।

ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ନବରଙ୍ଗପୁରରେ ତେଜୁଛି ଅସନ୍ତୋଷ। ଅବିଭକ୍ତ କୋରାପୁଟ ଜିଲାର ପ୍ରାର୍ଥୀ ବ୍ୟତୀତ ଅନ୍ୟ ଜିଲାର ନିଯୁକ୍ତ ପ୍ରାର୍ଥୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବାରଣ କରୁଛନ୍ତି ଗ୍ରାମବାସୀ ଓ କ୍ରିୟାନୁଷ୍ଠାନ କମିଟି ସଦସ୍ୟ। ଖବର ଲେଖାଯିବା ସୁଦ୍ଧା ୧୧୭ ଜଣ ଜଏନ କରିଥିବାବେଳେ ୧୯୫ ଜଣ ଶିକ୍ଷକ କାର୍ଯ୍ୟରେ ଯୋଗଦେଇ ପାରି ନାହାନ୍ତି। ଜିଲାର ବିଭିନ୍ନ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେବାକୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗ୍ରାମବାସୀ ବିରୋଧ କରିଛନ୍ତି। ସ୍କୁଲ ଫାଟକରେ ତାଲା ପକାଇଦେବାରୁ ନୂତନ ଶିକ୍ଷକମାନେ କାର୍ଯ୍ୟରେ ଯୋଗଦେଇ ପାରି ନ ଥିଲେ। ପ୍ରାୟ ବିଦ୍ୟାଳୟରେ ଏ ନେଇ ଉତ୍ତେଜନା ଦେଖାଦେଇଛି। ନୂତନ କନିଷ୍ଠ ଶିକ୍ଷକମାନେ ନିରାଶ ହୋଇ ଫେରିଛନ୍ତି। ଆସନ୍ତା ୨୧ ତାରିଖ ମଧ୍ୟରେ କାର୍ଯ୍ୟରେ ଯୋଗଦେବାର ଧାର୍ଯ୍ୟ ସମୟ ରହିଛି। ନୂତନ ଶିକ୍ଷକମାନେ ଗ୍ରାମବାସୀଙ୍କ ବିରୋଧକୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି। ତେବେ ଯଦି ବିଦ୍ୟାଳୟରେ ଜଏନ କରିବାକୁ ବିରୋଧ କରାଯାଏ ତାହାଲେ ବିଇଓ କାର୍ଯ୍ୟାଳୟରେ ମଧ୍ୟ ଜଏନିଂ କରିପାରିବେ ବୋଲି ନିୟମ ରହିଛି। ଏ ନେଇ ଝରିଗାଁରେ କାର୍ଯ୍ୟରେ ଯୋଗଦେଇ ପାରି ନ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଦିନ ୧୧ଟାରେ ବିଇଓ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। କ୍ରିୟାନୁଷ୍ଠାନ ସଦସ୍ୟମାନେ ସେମାନଙ୍କୁ ବିଇଓ ଅଫିସ ମଧ୍ୟକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ତେଣୁ ସେଠାରେ ନୂତନ କନିଷ୍ଠ ଶିକ୍ଷକମାନେ ସନ୍ଧ୍ୟା ୬ଟା୩୦ ମିନିଟ୍ ପର୍ଯ୍ୟନ୍ତ ବିଇଓ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ନ୍ୟାୟ ପ୍ରଦାନ କରିବାକୁ ସେମାନେ ନାରା ଦେଇଥିଲେ।

ଅପରପକ୍ଷରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି। ସେମାନେ ଜିଲାରେ କନିଷ୍ଠ ଶିକ୍ଷକ, ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ଜିଲାଭିତ୍ତିକ ନିଯୁକ୍ତି ଦାବି କରିଛନ୍ତି। ଯେତେଦିନ ଯାଏ ଜିଲାଭିତ୍ତିକ ନିଯୁକ୍ତି ନିଷ୍ପତ୍ତି ହୋଇନାହିଁ ସେତେଦିନ ଯାଏ ଧାରଣା ଚାଲିବ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଦକ୍ଷିଣ ଓଡ଼ିଶା ଭତରା ବିକାଶ ପରିଷଦ ଅଧ୍ୟକ୍ଷ ଅର୍ଜୁନ ଭତ୍ରା କହିଛନ୍ତି। ପୂର୍ବରୁ ଜିଲା ପରିଷଦ ବୈଠକରେ ମଧ୍ୟ ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ରିଜୋଲ୍ୟୁଶନ ପାସ୍ ହୋଇଥିଲା। କିନ୍ତୁ ତାହାକୁ ସରକାର ଅଣଦେଖାକରି କନିଷ୍ଠ ଶିକ୍ଷକଙ୍କୁ ରାଜ୍ୟଭିତ୍ତିକ ନିଯୁକ୍ତି ଦିଆଯାଇଛି। ତେଣୁ ଏହାର ପ୍ରତିବାଦ କାରାଯାଉଥିବା ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ କହିଛନ୍ତି। ରବିବାରଠାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ଧାରଣା ଦେଉଛି। ଅଖିଳ ଭାରତୀୟ ଏସ୍‌ଟି ଓ ଏସ୍‌ସି ପରିସଂଘ ସଭାପତି ଭଗବାନ ବୈରାଗୀ, ଜିଲା ଏକତା ମଞ୍ଚ ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ନାୟକ, ଜିଲା ଏସ୍‌ସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, ଜିଲା ସରପଞ୍ଚ ମହାସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ଭତ୍ରା, ନବରଙ୍ଗପୁର ଜିଲା ବିକାଶ ପରିଷଦ ସଭାପତି ସିରାଜୁଦ୍ଦିନ ଅହମ୍ମଦ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲା ପରିଷଦ ସଭ୍ୟା ଡାକ୍ତର ଲିପିକା ମାଝୀ, ଦୟାନିଧି ସୁନା ଜିଲା ଏକତା ମଞ୍ଚ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ନାୟକ, ସାମାଜିକ କର୍ମୀ କମଲୁ ହରିଜନ ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଗତ ୪ ତାରିଖରେ ଅବିଭକ୍ତ କୋରାପୁଟ ଜିଲା ୧୨ ଘଣ୍ଟା ବନ୍ଦ କରାଯାଇଥିଲା।

# ଆମାଜନରେ ମିଳିବ ଏନ୍‌ସିଇଆର୍‌ଟି ପୁସ୍ତକ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

## ଏନ୍‌ସିଇଆର୍‌ଟି ଏବଂ ଆମାଜନ ମଧ୍ୟରେ ଭାଗୀଦାରିତା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସୋମବାର ଭାରତ ସରକାରଙ୍କ ଅଧୀନରେ ଥିବା ଏନ୍‌ସିଇଆର୍‌ଟି ଏବଂ ଅନ୍ୟତମ ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ଆମାଜନ ସେଲର୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଲେଟର୍ ଅଫ୍ ଏନ୍‌ଗେଜମେଣ୍ଟ(ଏଲ୍‌ଓଇ) ସ୍ୱାକ୍ଷରିତ ହୋଇଛି। ଏହା ହେଉଛି ପ୍ରଥମ ଚୁକ୍ତି, ଯାହା ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମରେ ମୁଦ୍ରିତ ମୂଲ୍ୟରେ ମୂଳ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକର ଉପଲବ୍ଧତା ସୁନିଶ୍ଚିତ କରିବ। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଜିର ପଦକ୍ଷେପ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଭିଜନକୁ ସୁଦୃଢ଼ କରିବ। ସମଗ୍ର ଦେଶରେ ଡିଜିଟାଲ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଦେଖାଯାଇଥିବା ବେଳେ ଏହି ପଦକ୍ଷେପ ସରକାରଙ୍କ 'ଇଜ୍ ଅଫ୍ ଲିଭିଂ' ଲକ୍ଷ୍ୟକୁ ମଧ୍ୟ ସମର୍ଥନ କରିବ। ଏନ୍‌ସିଇଆର୍‌ଟି ୧୯୬୩ରୁ ପ୍ରାୟ ୨୨୦ କୋଟି ପୁସ୍ତକ ଓ ଜର୍ନାଲ ସହିତ ପାଠ୍ୟପୁସ୍ତକ ପ୍ରକାଶ କରି ଭାରତର ଶିକ୍ଷା ଦୃଶ୍ୟପଟକୁ ନୂଆ ଆକାର ଦେଇଛି। ଏନସିଇଆରଟି ଦେଶ ପାଇଁ ଏକ ପ୍ରମୁଖ ଥିଙ୍କଟ୍ୟାଙ୍କ୍ ବୋଲି ଗୁରୁତ୍ୱାରୋପ କରିବା ସହ ଦେଶବ୍ୟାପୀ ପ୍ରାୟ ୨୦ ହଜାର ପିନ୍ କୋଡ୍ ଠିକଣାରେ ଏହି ପୁସ୍ତକ ଉପଲବ୍ଧ ହେବ ବୋଲି ଧର୍ମେନ୍ଦ୍ର ଘୋଷଣା କରିଛନ୍ତି। ଏହି ପୁସ୍ତକଗୁଡ଼ିକ ଏମ୍‌ଆର୍‌ପିରେ ଉପଲବ୍ଧ ହେବା ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଆମାଜନ ସହ ଏନସିଇଆର୍‌ଟିର ଭାଗୀଦାରିତାକୁ ପ୍ରଶଂସା କରି ଧର୍ମେନ୍ଦ୍ର କହିଛନ୍ତି, ଏହା ଇଜ୍ ଅଫ୍ ଲିଭିଂ ଏବଂ ଶିକ୍ଷାର ଉପଲବ୍ଧତା ବୃଦ୍ଧି ଦିଗରେ ଏକ ସୁନ୍ଦର ପଦକ୍ଷେପ। ଏନସିଇଆରଟି ଚଳିତ ବର୍ଷ ୩ ଗୁଣା ଅଧିକ ପୁସ୍ତକ ପ୍ରକାଶନ ତଥା ୧୫ କୋଟି ପୁସ୍ତକ ପ୍ରକାଶ କରିବ ବୋଲି ସେ କହିଛନ୍ତି। ସେହିପରି ଅମୃତ କାଳର ୩୦୦ ନିୟୁତ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣକୁ ଆନନ୍ଦଦାୟକ କରିବା ଉପରେ ସେ ପରାମର୍ଶ ଦେଇଛନ୍ତି। ଇଣ୍ଟରଆକ୍ଟିଭ୍ ଏବଂ ଏଆଇ ଦ୍ୱାରା ପରିଚାଳିତ ଇ-ପୁସ୍ତକର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ମାମଲା ନ ଥିଲେ ଅଧିକାରୀ ହୋଇପାରିବେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଓଏସ୍‌ଡି

ଭୁବନେଶ୍ୱର,୭।୧୦(ଅନିଲ ଦାସ)

## ଜାରି ହେଲା ଗାଇଡ୍‌ଲାଇନ

ଯେଉଁ ଅଧିକାରୀମାନଙ୍କୁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ କିମ୍ବା ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯିବ, ସେମାନଙ୍କ ନାଁରେ କୌଣସି ପ୍ରକାର ଶୃଙ୍ଖଳାଗତ ମାମଲା, ଭିଜିଲାନ୍ସ କିମ୍ବା ଫୌଜଦାରୀ ମାମଲା ନ ଥିବା ଆବଶ୍ୟକ। ସେମାନଙ୍କ ସିସିଆର/ପିଏଆରରେ କୌଣସି ପ୍ରକାର ନକାରାତ୍ମକ ମନ୍ତବ୍ୟ ନ ଥିବା ଜରୁରୀ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି।

ଏହି ଗାଇଡ୍‌ଲାଇନ ଅନୁଯାୟୀ, ଅତିରିକ୍ତ ସଚିବ କିମ୍ବା ଯୁଗ୍ମ ସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ବ୍ୟକ୍ତିଗତ ସଚିବ ହୋଇପାରିବେ। ଯୁଗ୍ମ ସଚିବ କିମ୍ବା ଅନୁସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ଓଏସ୍‌ଡି ନିଯୁକ୍ତ ହୋଇପାରିବେ। ବ୍ୟକ୍ତିଗତ ସଚିବଙ୍କଠାରୁ ଓଏସ୍‌ଡି ଗୋଟିଏ ପାହ୍ୟା ଜୁନିୟର ହୋଇଥିବା ଆବଶ୍ୟକ। ଯଦି ଜଣେ ପୂର୍ବରୁ ପ୍ରାଇଭେଟ ସେକ୍ରେଟାରୀ କିମ୍ବା ଓଏସ୍‌ଡି ଥିବେ, ତାଙ୍କୁ ନୂଆ କରି ସେହି ପଦବୀଗୁଡ଼ିକରେ ନିଯୁକ୍ତି ଦେବାକୁ ହେଲେ ଅତିକମ୍‌ରେ ୫ ବର୍ଷ ବ୍ୟବଧାନ ରଖାଯିବା ଦରକାର। ଏହି ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଛି।

# ଓଏସ୍‌ଏସ୍‌ଏସ୍‌ସି ଅନିୟମିତତା, ତେଜିଲା ଆନ୍ଦୋଳନ

ଭୁବନେଶ୍ୱର,୭।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

## ଆର୍‌ଆଇ, ଅମିନ ପରୀକ୍ଷା ଆଉଥରେ ହେଉ

- ଲୋୟର ପିଏମ୍‌ଜିରେ ପରୀକ୍ଷାର୍ଥୀଙ୍କ ଧାରଣା, ଶୋଭାଯାତ୍ରା
- ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ନାରାବାଜି ଦେଲେ

ସରକାରୀ ଚାକିରିଟିଏ ପାଇବାକୁ ଦିନରାତି ପରିଶ୍ରମ କରିବାକୁ ପଡୁଛି। ଆଖିରେ ବଡ଼ ସ୍ୱପ୍ନ ନେଇ ପରୀକ୍ଷା ଦେଉଛୁ। ହେଲେ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଭଳି ସରକାରୀ ସଂସ୍ଥା ମେଧାବୀଙ୍କ ସ୍ୱପ୍ନକୁ ଚୂର୍‌ମାର କରିଦେଉଛି। ପରୀକ୍ଷାରେ ଅନିୟମିତତା ଆମ ମନୋବଳକୁ ଭାଙ୍ଗିଦେଉଛି। ପ୍ରଶ୍ନପତ୍ର ଲିକ୍, ବ୍ଲାକ୍ ଲିଷ୍ଟେଡ କମ୍ପାନୀକୁ ପରୀକ୍ଷା ଦାୟିତ୍ୱ, ଟଙ୍କା ନେଇ ଚାକିରି ବିକ୍ରି ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଚାକିରି ଆଶାୟୀ। ନିକଟରେ ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିସି ପରୀକ୍ଷାରେ ଏପରି ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ପରୀକ୍ଷାର୍ଥୀମାନେ ଆନ୍ଦୋଳନ ଚଳାଇ ଆସୁଛନ୍ତି। ସୋମବାର ସାରା ରାଜ୍ୟର ହଜାର ହଜାର ପରୀକ୍ଷାର୍ଥୀଙ୍କ ସହ ଚାକିରି ଆଶାୟୀ ଓ ଛାତ୍ରୀଛାତ୍ର ରାଜଧାନୀ ଭୁବନେଶ୍ୱରରେ ବଡ଼ଧରଣର ଆନ୍ଦୋଳନ କରିଥିଲେ। ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ ଆହ୍ୱାନରେ ସେମାନେ ଲୋୟର ପିଏମ୍‌ଜିରେ ଧାରଣା ଓ ଶୋଭାଯାତ୍ରା କରି ଓଏସ୍‌ଏସ୍‌ଏସ୍‌ସି ବିରୋଧରେ ସ୍ୱର ଉଠାଇଥିଲେ। ସରକାର କାହିଁକି ତୁରନ୍ତ ପଦକ୍ଷେପ ନେଉ ନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଆର୍‌ଆଇ ପରୀକ୍ଷା ବାତିଲ ହେଉ, ପୁନଃ ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏଥିସହ ଏକାଧିକ ପରୀକ୍ଷାରେ ଗୁରୁତର ତ୍ରୁଟି ଅଭିଯୋଗ କରିବା ସହିତ ଟଙ୍କା ନେଇ ଚାକିରି କାରବାର ଓ ଏପରିକି ବିଭ୍ରାଟରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପରୀକ୍ଷାର୍ଥୀ। ସେହିପରି ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଓଏସ୍‌ଏସ୍‌ଏସ୍‌ସି ବିରୋଧରେ ନାନା ନାରାବାଜି ଦେବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି ରଖିଥିଲେ। ତେବେ ସନ୍ଧ୍ୟା ୬ଟାରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ସୁରେନ୍ଦ୍ର କୁମାରଙ୍କ ସହ ୭ଜଣିଆ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ସମସ୍ତ ଅଭିଯୋଗ ସମ୍ପର୍କରେ ସରକାର ଅବଗତ ଅଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସହ ଅପରାହ୍ନ ୨ଟାରେ ଏକ ବୈଠକ ଅଛି। ତୁରନ୍ତ ଏ ନେଇ ସମାଧାନର ରାସ୍ତା ବାହାରିବ ବୋଲି ପ୍ରମୁଖ ସଚିବ ପରୀକ୍ଷାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି, ଆଲୋଚନା ସକାରାତ୍ମକ ଥିଲା। ଆମେ ଆଶା କରୁଛୁ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବେ। ଯଦି ପୁଣି ଥରେ ଆମକୁ ଠକିବାକୁ ଚେଷ୍ଟା କରାଯାଏ, ତେବେ ଆଗାମୀ ଆନ୍ଦୋଳନରେ ହିଂସା ଦେଖାଦେବ। ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନର ଆବାହକ ବିଭୂତି ଭୂଷଣ ମହାପାତ୍ର, ସଦସ୍ୟ ସୁନୀଲ କୁମାର ମିଶ୍ର, ତୋଫାନ ପରିଡ଼ା, ପରମେଶ୍ୱର ବଳ ଓ ରାହୁଲ କୁମାର ପ୍ରମୁଖଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲାରୁ ପରୀକ୍ଷାର୍ଥୀମାନେ ଏହି ଆନ୍ଦୋଳନରେ ଯୋଗଦେଇଥିଲେ।

# ବଳଦ ମୁହଁରେ ଫୁଟିଲା ବୋମା

କେନ୍ଦୁଝର,୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ବାର୍‌ହା ଶିକାର ପାଇଁ ରଖାଯାଇଥିଲା

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ କୁଲାଡେରା ଗାଁ କେନ୍ଦୁଆଦରି ସାହିରେ ବାର୍‌ହା ଶିକାର ପାଇଁ ରଖାଯାଇଥିବା ବୋମା ଫୁଟି ଏକ ବଳଦ ଗୁରୁତର ହୋଇଛି। ବଳଦଟି ଚରୁଥିବା ବେଳେ ବୋମାଟିକୁ ଚୋବାଇ ଦେବାରୁ ତାହା ପାଟିରେ ଫୁଟି ଯାଇଥିଲା। ବଳଦର ଜିଭ ଛିଡିଯିବା ସହ ଦାନ୍ତ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗୋରୁ ଚରାଳି ରମେଶ ମହାକୁଡ଼ ଓ ତାଙ୍କ ସ୍ତ୍ରୀ ରେବତୀ ବଳଦକୁ ସବୁଦିନ ଭଳି ଚରାଇବାକୁ ନେଇଥିଲେ। କୁଲାଡେରା ଗାଁର କେନ୍ଦୁଆଦରି ସାହି ନିକଟ ଏକ ପଡ଼ିଆରେ ବଳଦଟି ଚରୁଥିବା ବେଳେ ପାଟିରେ ବୋମାଟି ଫୁଟିଥିଲା। ଫଳରେ ବଳଦଟି ଗୁରୁତର ହୋଇପଡ଼ିଛି। ବାର୍‌ହା ଶିକାର ପାଇଁ ପଡ଼ିଆରେ ଯାଇଥିବା ରାସ୍ତା ଉପରେ ବୋମା ରଖାଯାଇଥିଲା। ରାସ୍ତା ଉପରେ ବୋମା ରଖାଯାଉଥିବାରୁ ବଡ଼ ଅଘଟଣକୁ ଏଡାଇ ଦିଆଯାଇପାରିବ ନାହିଁ। ତେଣୁ ଏଭଳି ଶିକାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରେବତୀ ଦାବି କରିଛନ୍ତି। ଏ ନେଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ଗ୍ରାମ ନିକଟରେ ଏଭଳି ଅଘଟଣ ଘଟିଛି। ଏଣୁ ବାର୍‌ହା ଶିକାର ପାଇଁ ହୋଇ ନ ଥିବ। ତେବେ ଘଟଣାର ତଦନ୍ତ ପରେ ଜଣାପଡ଼ିବ ବୋଲି କହିଛନ୍ତି।

# ହୀରାକୁଦ ଡ୍ୟାମ୍ କେନାଲ ନବୀକରଣ ଖର୍ଚ୍ଚ ହେବ ୮୫୫ କୋଟି

ଭୁବନେଶ୍ୱର, ୭।୧୦(ଅନିଲ ଦାସ)

ହୀରାକୁଦ ଡ୍ୟାମ କେନାଲ ସିଷ୍ଟମର ନବୀକରଣ ହେବ। ଏଥିପାଇଁ ୮୫୫ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଏ ନେଇ ସଂକଳ୍ପ ପତ୍ର ଜାରି ହୋଇଛି। ଏହି ନବୀକରଣ ଲାଗି ନିକଟରେ ରାଜ୍ୟ କ୍ୟାବିନେଟ ୮୫୫ କୋଟି ଟଙ୍କା ବ୍ୟୟ ଅଟକଳକୁ ଅନୁମୋଦନ କରିଛି।

୨୦୨୪-୨୫ରୁ ୨୦୨୭-୨୮ ମଧ୍ୟରେ ଉପଯୁକ୍ତ ଜଳ ବଣ୍ଟନ ଓ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଜଳଭଣ୍ଡାରର ସିମେଣ୍ଟ ଲାଇନିଂ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ନବୀକରଣ ଯୋଜନାରେ ଜଳପଥଗୁଡ଼ିକୁ ମାଇନର, ସବ୍‌ମାଇନର ଭାବରେ ପୁନଃନାମିତ କରାଯିବ। ଏଥିସହ ମାଟିରେ ନିର୍ମିତ ହୋଇଥିବା ଜଳପଥଗୁଡ଼ିକରେ ସିମେଣ୍ଟ କଂକ୍ରିଟ ଲାଇନିଂ କରି ଜଳ ପରିଚାଳନା ସ୍ଥିରତା ସୁନିଶ୍ଚିତ କରାଯିବ। କେନାଲର ଜଳସେଚନ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହ ବଣ୍ଟନ ବ୍ୟବସ୍ଥାରେ ଜଳ କ୍ଷତିକୁ ହ୍ରାସ କରି ଡଳମୁଣ୍ଡରେ ପାଣି ଉପଲବ୍ଧତା ବୃଦ୍ଧି କରାଯିବ। କେନାଲର ସିପେଜ୍ ଯୋଗୁ ଜଳମଗ୍ନ କୃଷିଜମିରୁ ପୁନରୁଦ୍ଧାର କରାଯିବ। ବରଗଡ଼ ମୁଖ୍ୟ କେନାଲ, ଶାସନ ମୁଖ୍ୟ କେନାଲ ଓ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରୀରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଫଲ୍, ଆଉଟଲେଟ୍‌ର ନବୀକରଣ କରାଯିବ। ଦକ୍ଷିଣ ବା ସ୍ପିଲୱେ ଫାଉଣ୍ଡେସନ୍ ଗ୍ୟାଲେରିର ମରାମତି ଓ ନବୀକରଣ ସହିତ ଏହାର ସଂଲଗ୍ନ ହୀରାକୁଦ ଡ୍ୟାମ୍‌ର ଛୋଟ କୁଦର ପୁନଃସଂଯୋଜନ କରାଯିବ। ଆସନ୍ତା ୪ ବର୍ଷ ମଧ୍ୟରେ ଏହି ନବୀକରଣ କାମ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

# ଭାଲୁ ଆକ୍ରମଣରେ ଜଣେ ମୃତ

କେନ୍ଦୁଝର,୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ବ୍ରାହ୍ମଣୀପାଳ ରେଞ୍ଜ ହରିଚନ୍ଦନପୁର ବ୍ଲକ୍ ବରେଇଗୋଡା ପଞ୍ଚାୟତ ତୁର୍କିପଦା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ପବନା ଜୁଆଙ୍ଗ(୫୦)। ପବନା ଘର ନିକଟ ଚନ୍ଦାଡିହ ଜଙ୍ଗଲ ମଧ୍ୟରେ ଥିବା ଜମିରେ ଧାନ ଚାଷ କରିଛନ୍ତି। ରବିବାର ରାତିରେ ଜମି ନିକଟରେ ଥିବା ମଞ୍ଚାରେ ବସି ଫସଲ ଜଗିଥିଲେ। ସୋମବାର ସକାଳେ ଶୌଚ ହେବା ପାଇଁ ତଳକୁ ଓହ୍ଲାଇଥିବା ବେଳେ ଭାଲୁ ହାବୁଡରେ ପଡ଼ିଯାଇଥିଲା। ୨ଟି ଭାଲୁ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡିଏଫଓ ଅଭୟ କୁମାର ଦଳେଇ କହିଛନ୍ତି, ମୃତକଙ୍କ ପରିବାର ସଦସ୍ୟାଙ୍କୁ ପ୍ରାରମ୍ଭିକ ଭାବେ ୬୦ ହଜାର ଟଙ୍କା ଅନୁକମ୍ପା ସହାୟତା ଦିଆଯାଇଛି।

# ପାରାଦୀପ ବନ୍ଦରରେ ୭୫.୧୭ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର

ପାରାଦୀପ,୭।୧୦(ଶରତ ରାଉତ)

## ୧୨ ଦିନ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ

ଓଡ଼ିଶାର ଏକମାତ୍ର ବୃହତ୍ ବନ୍ଦର ପାରାଦୀପ ଚଳିତ ଆର୍ଥିକ ବର୍ଷରେ ଆଉ ଏକ ସଫଳତା ହାସଲ କରିଛି। ଅକ୍ଟୋବର ୬ ସୁଦ୍ଧା ୭୫.୧୭ ମିଲିୟନ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ପଣ୍ୟ କାରବାର କରିଛି। ଏତିକି ପଣ୍ୟ କାରବାର କରିବାକୁ ଗତ ବର୍ଷ ଅଧିକ ୧୨ ଦିନ ଲାଗିଥିଲା। ଏହାଦ୍ୱାରା ପାରାଦୀପ ତା'ର କାରବାରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ଏପରି ସଫଳତା ପାଇଁ ରପ୍ତାନି ଓ ଆମଦାନୀ ସଂସ୍ଥା ଅଧିକ ଆଶାବାଦୀ ହୋଇଛନ୍ତି। ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ପାଇଁ ପାରାଦୀପ ବନ୍ଦର ନୂତନ ବୈଷୟିକ ବ୍ୟବସ୍ଥା ଓ ଯୋଗାଯୋଗ ସୁଗମ କରିଛି। ଏହା ନୌବାଣିଜ୍ୟ କ୍ଷେତ୍ରରେ ଦେଶର ୧ ନମ୍ବର ସ୍ଥାନ ହାସଲ କରିଛି। ଏଥିପାଇଁ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ବ୍ୟବହାରକାରୀ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି।

# ବକ୍ସିଂ ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥର ସଫଳତା

ଭୁବନେଶ୍ୱର,୭।୧୦(ଅନୁରାଧା ମହାରଣା)

ନିକଟରେ ଶେଷ ହୋଇଥିବା ସର୍ବଭାରତୀୟ ରେଲ୍‌ୱେ ବକ୍ସିଂ ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥ ୪ଟି ସମ୍ମାନଜନକ ପଦକ ହାସଲ କରି ତାରକା ପ୍ରଦର୍ଶନ କରିଛି। ପୁରୁଷ ଦଳ ୨ଟି ରୌପ୍ୟ ପଦକ ଜିତିଥିବାବେଳେ ମହିଳା ଦଳ ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ପୂର୍ବତଟ ରେଳପଥ ବକ୍ସିଂ ଖେଳାଳିଙ୍କ ସଫଳତାକୁ ସ୍ୱୀକୃତି ପ୍ରଦାନସ୍ୱରୂପ ୬ଜଣ ବିଶିଷ୍ଟ ଖେଳାଳି (ପୁରୁଷ ଓ ମହିଳା ଦଳର ୩ଜଣ ଲେଖାଏ) ଜାତୀୟ ବକ୍ସିଂ ଦଳକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି।

# ସଫାରିର ମଜା ନେବେ ପର୍ଯ୍ୟଟକ

## ୧୦ରୁ ଖୋଲିବ ଶିମିଳିପାଳ

ବାରିପଦା, ୭।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ପର୍ଯ୍ୟଟକଙ୍କ ବୁଲିବା ପାଇଁ ପ୍ରସ୍ତୁତ ସଫାରି ବ୍ୟବସ୍ଥା।

ପ୍ରାକୃତିକ ସୌନ୍ଦର୍ଯ୍ୟ, ସବୁଜ ବନାନୀରେ ଭରପୂର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଚଳିତ ମାସ ୧୦ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଅଭୟାରଣ୍ୟର କୋର୍ ଅଞ୍ଚଳରେ ଚଳିତ ବର୍ଷ ସଫାରି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୋମବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ପ୍ରତିବର୍ଷ ବର୍ଷାଋତୁ ଯୋଗୁ ଜୁନ୍ ୧୫ରେ ଶିମିଳିପାଳ ବନ୍ଦ ହୋଇଥାଏ ଏବଂ ନଭେମ୍ବର ପହିଲାରେ ଖୋଲିଥାଏ। ତେବେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଗତବର୍ଷ ଅକ୍ଟୋବର ୧୪ରୁ ଖୋଲିଥିଲା। ଚଳିତ ବର୍ଷ ୧୦ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲୁଛି। ମହାବଳ ବାଘ, କଳା ବାଘ, ଏସୀୟ ହାତୀ ଓ ଗୟଳ ପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଅତି ନିକଟରେ ଦେଖିବାର ସୁଯୋଗ ପାଇବେ ପର୍ଯ୍ୟଟକ। ଦୈନିକ ୪ ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଗାଡ଼ି ଓ ପିଠାବଟା (ବାରିପଦା) ତନଖି ଫାଟକଦେଇ ୨୫ ଗାଡ଼ିଅଭୟାରଣ୍ୟ ଭିତରକୁ ପ୍ରବେଶ କରିବ।

ସେହିପରି ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡିଆଠାରୁ ସକାଳ ୫ଟା ୩୦ ଓ ଅପରାହ୍ନ ୩ଟାରେ ନୂତନ ୩୫ଟି ଖୋଲା ଜିପ୍ ବା ସଫାରୀ ଗାଡ଼ିରେ ୫ ଘଣ୍ଟା ଲେଖାଏ ବୁଲିବାର ମଜା ପର୍ଯ୍ୟଟକମାନେ ନେଇପାରିବେ। ୨ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକ ନିଜ ସାଥିରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି। ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ, ୪ଟା ପୂର୍ବରୁ ଚହଲା ଏବଂ ୫ଟା ବେଳକୁ ପ୍ରସ୍ଥାନ ଗେଟ୍ ଦେଇ ବାହାରକୁ ଆସିବାକୁ ନିର୍ଦ୍ଦେଶ ରହିଛି। ଶିମିଳିପାଳରେ ଥିବା ଯାତ୍ରୀ ନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.ecotourism.com) ୱେବ୍‌ସାଇଟରେ ଅଗ୍ରିମ ବୁକିଂ କରିପାରିବେ ବୋଲି ସୂଚନା ରହିଛି। ଏହି ଜୈବମଣ୍ଡଳରେ ହଜାରେ ପ୍ରଜାତିର ସପୁଷ୍ପକ ଉଦ୍ଭିଦ ସହିତ ୧୦୪ ପ୍ରଜାତିର ଅର୍କିଡ ଓ ବରେହିପାଣି, ଯୋରନ୍ଦା, ଉସକି,ଦେବକୁଣ୍ଡ, ସୀତାକୁଣ୍ଡ ଆଦି ଜଳପ୍ରପାତ ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଚଳିତ ବର୍ଷ ଦୁଃସାହସିକ କ୍ରୀଡ଼ା, ଜଙ୍ଗଲ ସଫାରି ଓ ମାଉଣ୍ଟେନ ସାଇକେଲିଂ ଭଳି କିଛି ନୂଆ ଧରଣର କ୍ରୀଡ଼ାକୁ ସାମିଲ କରିଛନ୍ତି। କୌଣସି କାରଣବଶତଃ ଗାଡ଼ି ଖରାପ ହେଲେ ପର୍ଯ୍ୟଟକଙ୍କୁ ବାରିପଦା ଓ ଯଶୀପୁର ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରାଇବା ନିମନ୍ତେ ଅଗ୍ରିମ ୪ ହଜାର ଟଙ୍କା ଜମା ଦେବାକୁ ନିୟମ ରହିଛି। ରାତ୍ରରହଣି ପାଇଁ କୋର୍ ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁବରେହିପାଣି ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ କୁଆଁରୀ ଗାଁ ନିକଟରେ ବାଉଁଶ କୁଟିର ବ୍ୟବସ୍ଥା ମଧ୍ୟ କରାଯାଇଛି। ରାତ୍ର ରହଣି ପାଇଁ ପର୍ଯ୍ୟଟକମାନେ ୱେବ୍‌ସାଇଟରେ ଅଗ୍ରିମ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଶିମିଳିପାଳ ବୁଲିବାକୁ ପର୍ଯ୍ୟଟକଙ୍କ ପାଇଁ ମିନିବସ ବ୍ୟବସ୍ଥା ମଧ୍ୟ ବିଭାଗ ପକ୍ଷରୁ କରାଯାଇଛି। ଏହା ସହିତ ଅଭୟାରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ଖାଦ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଲୋଇସିଂହା,୭।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲରେ ଯୋଗୀସର୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅଧୀନ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ମହୋତ୍ସବ ପାଇଁ ମନୋନୀତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଆୟୋଜକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାନ୍ତିଲାଲ ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ହେମସାଗର ନନ୍ଦ ଏବଂ ଅଗସ୍ତି ନନ୍ଦ,ସ୍କୁଲ ପରିଚାଳନା କମିଟି ସଭାପତି ବାହାଦୁର ନନ୍ଦ,ସିଆରସିସି ସୁରେଶ ଭୋଇ ସମ୍ମାନିତ ଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶର ଉତ୍କୃଷ୍ଟ ମାଧ୍ୟମ ହେଉଛି ଶିଶୁମହୋତ୍ସବ ସୁରଭି । ଏଣୁ ଅଭିଭାବକ ଓ ଶିକ୍ଷକମାନେ ବିଭିନ୍ନ କ୍ଷେତ୍ରରେ ରୁଚିରଖୁଥିବା ଛାତ୍ରୀଛାତ୍ରଙ୍କୁ ଆଗକୁ ଆଣିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ହିମାଂଶୁ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ବିକାଶ ପରିଷଦର ଗୁରୁ, ଛାତ୍ର ବନ୍ଦନ

**ଟିଟିଲାଗଡ଼, ୭।୧୦ (ଶରତ ମିଶ୍ର)**

ଟିଟିଲାଗଡସ୍ଥିତ ଭାରତ ବିକାଶ ପରିଷଦ ସ୍ଥାନୀୟ ଶାଖା ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଗୁରୁ ବନ୍ଦନ, ଛାତ୍ର ବନ୍ଦନ କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଭାବତୀ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଜୟପ୍ରକାଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ, ଆମ ଦେଶର ସଂସ୍କୃତିରେ ଗୁରୁ ଏବଂ ଛାତ୍ର ପରମ୍ପରା ମହାନ । ଏହାକୁ ବଜାୟ ରଖି ଭାଇଚାରା ଓ ଶାନ୍ତି ମୈତ୍ରୀ ସହ ଦେଶର ବିକାଶ ଆମର ମୂଳ ଲକ୍ଷ୍ୟ ହେଉ ବୋଲି କହିଥିଲେ । ପ୍ରାନ୍ତୀୟ ଉପସଭାପତି ଡ଼. ଛାୟାକାନ୍ତ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ସମ୍ପାଦକ ପ୍ରମୋଦ ପାଲ , ଛାତ୍ରୀ ଛାତ୍ର ରାଜଶ୍ରୀ ରଣା, ଘନଶ୍ୟାମ ସାହୁ, ରିଦ୍ଧି ଜୈନ, ଆଶୁତୋଷ ଅଗ୍ରୱାଲ, ହୁସେନ ସାହୁ, ସୁମିତ୍ରା ସାହୁ, ନିକିତା ମହାନନ୍ଦ, ସହିଦ ଜାଲ, ସୌରଭ ସୁମନ ରଥ, ହର୍ଷବର୍ଦ୍ଧନ ଜୈନ, ଶିକ୍ଷକ ସରୋଜ ମିଶ୍ର, ସନ୍ତୋଷ ମିଶ୍ର, ଶ୍ରୀମନ୍ତ ନାୟକ, ଇଂ ପ୍ରଦୀପ ପତି, ଆଇନଜୀବୀ ଅଖିଳ ପଣ୍ଡା, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ଶ୍ୟାମ ପ୍ରସାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ଖପ୍ରାଖୋଲ,୭।୧୦(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ମହାରାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣିଶିବିରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଏପିଓ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ସୁମତି ପଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ ଯୋଗ ଦେଇଥିଲେ। ଏଥିସହିତ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସ୍ୱପ୍ନେଶ୍ୱର ନାଏକ, ବନପାଳ ରଞ୍ଜିତ କୁମ୍ଭାରଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ୧୧୧ଟି ଆବାସ ଘର, ୪ଟି ରାଶନ କାର୍ଡ, ୮ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ୭ଟି ଭତ୍ତା ସମ୍ପର୍କିତ ଅଭିଯୋଗ ହୋଇଥିବା ଜଣାଯାଇଛି।

# ଆଖୁ କିଆରିରେ ରୋଗପୋକ, ସଙ୍କଟରେ ଚାଷୀ



ଛେଲବାହାଲ -କୁମୁଣ୍ଡେ ରାସ୍ତାରେ ଥିବା ଏକ ଆଖୁ କିଆରି।

**ଲୋଇସିଂହା,୭।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଛେଲବାହାଲ, ଗୋପାଳପୁର ଆଦି ଅଞ୍ଚଳରେ ଆଖୁ ଚାଷ ହୋଇଛି । ହେଲେ ଗତ ଅଗଷ୍ଟ ମାସରୁ ଆଖୁ କିଆରିରେ ରୋଗପୋକ ପ୍ରାଦୁର୍ଭାବ ଦେଖାଦେଇଛି। ଚାଷୀମାନେ ନିଜସ୍ୱ ଉଦ୍ୟମରେ କୀଟନାଶକକୁ ପ୍ରୟୋଗ କରୁଛନ୍ତି। କିନ୍ତୁ ତାହା କାଟୁ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କୀଟନାଶକ ପ୍ରଭାବରେ ଆଖୁଗଛ ଶୁଖିଯାଉଛି। କିଆରୀଗୁଡିକରେ ଆଖୁ ଗଛ ମରି ଯାଉଥିବାରୁ ସେହି ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। କିଆରୀକୁ ଯାଇ ହେଉନାହିଁ। ଚାଷୀମାନେ ଏ ନେଇ ବ୍ଲକ କୃଷି ବିଭାଗର ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂପୃକ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣି କ୍ଷେତ୍ର ପରିଦର୍ଶନ କରିବାକୁ ଚାଷୀଙ୍କୁ କଥା ଦେଇଥିଲେ। ହେଲେ ଇତିମଧ୍ୟରେ ଦୁଇ ସପ୍ତାହରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା କୌଣସି ଅଧିକାରୀଙ୍କ ଦେଖା ମିଳୁନାହିଁ। ଫଳରେ ସମ୍ପୂର୍ଣ୍ଣ ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଚାଷୀ ଚିନ୍ତିତ ହୋଇ ପଡିଛନ୍ତି। ଏଭଳି ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୁକତେଲ ନଦୀ ତଟରେ ଛେଲବାହାଲ ଓ ଗୋପାଳପୁର ଗାଁ ରହିଛି। ଆଖୁଚାଷ ପାଇଁ ଉପଯୁକ୍ତ ମାଟି ରହିଛି। ଆଖୁ ଅର୍ଥକାରୀ ଫସଲ ହୋଇଥିବାରୁ ଉପରୋକ୍ତ ଅଞ୍ଚଳରେ ବହୁ ପରିମାଣରେ ଆଖୁ ଚାଷ ପୂର୍ବରୁ କରାଯାଉଥିଲା। ଚାଷୀ ଆଖୁ ପେଡି ଗୁଡ଼ ପ୍ରସ୍ତୁତ କରିବା ସହ ବଳକା ଆଖୁକୁ ଦେଓଗାଁ ଚିନିକଳକୁ ବିକ୍ରି କରୁଥିଲେ। ଏବେ ଚିନିକଳ ବନ୍ଦ ହୋଇଯାଇଛି। ଆଖୁ ବିକ୍ରି ସୁବିଧା ନାହିଁ। ହାତ ଗଣତି ଚାଷୀ ଆଖୁ ଚାଷ କରୁଛନ୍ତି। ଯୋଗୀସର୍ଡା ପଞ୍ଚାୟତ ଅଧୀନ ଛେଲବାହାଲ ଗ୍ରାମର ପ୍ରତ୍ୟେକ ଘର ଆଖୁ ଚାଷ କରୁଥିଲେ। ହେଲେ ବିଭିନ୍ନ କାରଣ ଯୋଗୁ ତାହା କମି ଚାଲିଛି। ଚଳିତବର୍ଷ ଉକ୍ତ ଗ୍ରାମର ଚାଷୀ ଶ୍ରଦ୍ଧା କର୍ମୀ,ଡୋଲାକର ବାରିକ, ଧନୀ ବାରିକ, ନକୁଳ କୁଅଁର, ଝେଙ୍କୁ ପଧାନ, ବାସୁଦେବା ପଧାନ ପ୍ରମୁଖ ଅଧ ଏକର ଲେଖାଏ ଜମିରେ ଆଖୁଚାଷ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଗତ ଫେବୃୟାରୀ -ମାର୍ଚ୍ଚରେ ଚାରା ଲଗାଇ ଖରାଦିନରେ ବହୁ ପରିଶ୍ରମ କରି କିଆରିରେ ପାଣି ମଡାଇ ଆଖୁ ବଞ୍ଚାଇ ପାରିଲେ ଅମଳ ସୁନିଶ୍ଚିତ ହୋଇଥାଏ। କିନ୍ତୁ ବିଗତ କିଛି ବର୍ଷ ହେଲା ଆଖୁରେ ରୋଗପୋକ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବାରୁ ଚିନ୍ତା ବଢିଛି। ଏହି ଅର୍ଥକାରୀ ଫସଲକୁ ହାତଗଣତି ଚାଷୀ ବଞ୍ଚାଇ ରଖିଥିଲେ ସୁଦ୍ଧା ଏଭଳି ସମୟରେ କୃଷି ବିଭାଗର ସହଯୋଗ ନାହିଁ। ଆଗାମୀ ଦିନରେ ଏହି ଅଞ୍ଚଳରେ ଆଖୁ ଚାଷ ଲୋପ ପାଇଯିବା ଆଶଙ୍କା ରହିଛି ବୋଲି ଛେଲବାହାଲ ଓ ଗୋପାଳପୁର ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି।

# ଟ୍ରକ୍ ଧକ୍କାରେ ଦୁଇ ଯୁବକ ମୃତ



ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ପାଟଣାଗଡ ଡାକ୍ତରଖାନା ନେଉଛି ।

## ପାଟଣାଗଡ଼-ବେଲପଡ଼ା ରାସ୍ତାରେ ସଡ଼କ ଦୁର୍ଘଟଣା

**ବେଲପଡା,୭।୧୦(ମନୋଜକୁମାର ମିଶ୍ର)**

ବଲାଙ୍ଗୀର ଜିଲା ପାଟଣାଗଡ- ବେଲପଡା ମୁଖ୍ୟ ରାସ୍ତାର ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଭରୁଆମୁଣ୍ଡା ଗାଁର ଦୁଃଖନାଶନ ନାଏକ (୩୫) ଓ କେଶବ ମାଝୀ (୩୭)। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ ତହାଇ ରାସ୍ତା ଅବରୋଧ କରିଛନ୍ତି।

ପ୍ରକାଶ ଯେ, ବେଲପଡା ଥାନା ଭରୁଆମୁଣ୍ଡା ଗାଁର ଦୁଃଖନାଶନ ଓ କେଶବ କୌଣସି କାମ ପାଇଁ ଯାଇ ବାଇକ୍‌ରେ ପାଟଣାଗଡ ପଟୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଃଖନାଶନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ କେଶବଙ୍କ ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। କିନ୍ତୁ ବେଲପଡା ପୋଲିସ ଦୁର୍ଘଟଣା ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ପାଟଣାଗଡ଼ ଡାକ୍ତରଖାନା ନେଇଯିବାକୁ କେନ୍ଦ୍ର କରି ଲୋକେ ଉତ୍ତ୍ୟକ୍ତ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗାଁ ଲୋକେ ଦୁର୍ଘଟଣାସ୍ଥଳରେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବେଲପଡା ପୋଲିସ ଅଚାନକ ମୃତଦେହ ନେଇ ଯାଇଥିବା ନେଇ ଲୋକେ ହୋ ହଲ୍ଲା କରିଥିଲେ। ଏହାପରେ କଣ୍ଟାବାଞ୍ଜି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଲୋକେ ବୁଝି ନ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ବେଳେ ରାସ୍ତା ଅବରୋଧ ଜାରି ରହିଛି। ରାସ୍ତା ଅବରୋଧ ଯୋଗୁ ଶତାଧିକ ଗାଡିମୋଟର ଅଟକି ରହିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ପାଟଣାଗଡ଼ ଥାନାରେ ଗାଡ଼ିକୁ ନେଇ ଆତ୍ମ ସମର୍ପଣ କରିଥିବା ଜଣାଯାଇଛି।

# ବଲାଙ୍ଗୀରରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ



ବଲାଙ୍ଗୀର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ବିଜେତାଙ୍କ ଗହଣରେ ଅତିଥିମାନେ।

## ୧୩ ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ଓ ୧୦ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ବଲାଙ୍ଗୀର, ୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ସେଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡିଏଫଓ ସୁଦର୍ଶନ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତା ସିଂ, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଓଝା, ଅଧ୍ୟକ୍ଷ ରମେଶ କୁମାର ପ୍ରଧାନୀ, ମୁଖ୍ୟବକ୍ତା ଭାବେ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମଞ୍ଚାସୀନ ଥିଲେ। ଏହି ଅବସରରେ ୧୩ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ଏବଂ ୧୦ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଆଗଲପୁର ବ୍ଲକର ନଅଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ବ୍ଲକର ଭାନପୁର ଗୋପବନ୍ଧୁ ଯୁବକ ସଂଘ, ବଙ୍ଗୋମୁଣ୍ଡା ବ୍ଲକର ପଗବାହାଲ ବନସୁରକ୍ଷା ସମିତି, ଦେଓଗାଁ ବ୍ଲକର ସିଆଲଯୋର ବନସୁରକ୍ଷା ସମିତି, ଗୁଡଭେଲା ବ୍ଲକର ନରସିଂହପୁର ବନସୁରକ୍ଷା ସମିତି, ଖପ୍ରାଖୋଲର ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଲୋଇସିଂହା ବ୍ଲକର ଦୁମଦୁମି ବନସୁରକ୍ଷା ସମିତି, ମୁରିବାହାଏର ବାରବନ୍ଧ ବନସୁରକ୍ଷା ସମିତି, ପାଟଣାଗଡର ପୁଟିଶବାହାଲ ବନସୁରକ୍ଷା ସମିତି, ପୁଇଁତଲାର ଛତାପିପଲ ଉଚ୍ଚ ବିଦ୍ୟାଳୟ, ସଇଁତଲାର କେନ୍ଦୁଉଡାର ବନସୁରକ୍ଷା ସମିତି, ଟିଟିଲାଗଡର କାନିଜୁରି ନେହେରୁ ଯୁବକେନ୍ଦ୍ର ଓ ତୁରେକେଲା ବ୍ଲକର ପାଣ୍ଡେନ୍ ବନସୁରକ୍ଷା ସମିତିକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଚି। ସେହିପରି ଆଗଲପୁର ଛେଲିଆପାଟର ଆନନ୍ଦ କୁମାର ସାହୁ, ବଲାଙ୍ଗୀର ବ୍ରାହ୍ମଣପଡାର ପ୍ରଶାନ୍ତ ମହାକୁର, ମାଲପଡାର ଅରୁଣ କୁମାର ମିଶ୍ର, ଖପ୍ରାଖୋଲ ବୁଢ଼ିବାହାଲର ଅଭୟ ଚନ୍ଦ୍ର ତ୍ରିପାଠୀ, ଲୋଇସିଂହା ବାଦିବାହାଲର ବେଣୁଧର ଭୁଏ, ମୁରିବାହାଲ ଇଚ୍ଛାପଡାର ଗଣନାଥ ନିଆଲ, ପାଟଣାଗଡ ଘସିଏନ୍‌ର ଭକ୍ତବନ୍ଧୁ ବିଶ୍ୱାଲ, ସଇଁତଲା ବାଗଜୋରର ସିଙ୍ଗା ମାଝି, ଟିଟିଲାଗଡ ବେଲପଡାର ରୀନା ନାୟକ, ତୁରେକେଲା ଜାମକିର ଶାନ୍ତିଲତା ଦାସଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସବ୍‌ଡିଭିଜନ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ବଲାଙ୍ଗୀରର ଅଭିଳାଷ ବାଗ, ପାଟଣାଗଡର ଗୁଣନିଧି ଠାକୁର ଓ ଟିଟିଲାଗଡର ପାର୍ଥରାମ ଭୋଇଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପାଇଥିବା ଶୈଳେନ୍ଦ୍ର ନାରାୟଣ ଶତପଥୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବନ ସୁରକ୍ଷା ସମିତି, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ପରିବେଶ ପ୍ରେମୀ ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବନବିଭାଗର ବହୁ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## ରାମଜୀ ଗଣେଶ ପୂଜା କମିଟି ନୂଆଁଖାଇ ଭେଟ

**ଟିଟିଲାଗଡ଼ ୭।୧୦ (ଶରତ ମିଶ୍ର)**

ଟିଟିଲାଗଡ ବ୍ଲକ ଶଗଡ଼ଘାଟ ରାମଜୀ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଗୋପୀନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟା ବବିତା ସାହୁ ଯୋଗଦେଇଥିଲେ । ଶିକ୍ଷାବିତ ଯଦୁମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଇନ୍ଦ୍ରମଣି ସାହୁ, ପୂର୍ବତନ ନାଏବ ସରପଞ୍ଚ ତହସିଲ ସାହୁ, ଅଭିମନ୍ୟୁ ସାହୁ, ଅବସରପ୍ରାପ୍ତ ବିଏସଏଫ ସୈନିକ ଦେବରାଜ ମାଝୀ, ସଙ୍କୀର୍ତ୍ତନ ଗୁରୁ କେଶବ ଜେନା, ଗୋପୀନାଥ ପାଥର, ଜଗବନ୍ଧୁ ମାଝୀ, ମନ୍ଦିର କମିଟି ସଭାପତି ଧନମତ ମାଝୀ, ବଚ୍ଚୁ ପୋଡ଼, ୱାର୍ଡ ସଭ୍ୟା ଜାନକୀ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅନୁଷ୍ଠିତ ଡ୍ୟାନ୍ସ ଡ୍ୟାନ୍ସ ପ୍ରତିଯୋଗିତାରେ ପ୍ରଥମ ମଣ୍ଟୁ ସାହୁ ଓ ଗ୍ରୁପ, ଦ୍ୱିତୀୟ ଲିଜାରାଣୀ ମେହେର ଓ ତୃତୀୟ ହେମାଙ୍ଗିନୀ ଖର୍ସେଲ ତଥା ସାନ୍ତ୍ୱନା ମୂଳକ ପୁରସ୍କାର ନିକିତା ହରପାଲଙ୍କୁ ପ୍ରଦାନ କରାଯାଇଥିଲା । ୨୦୧୯ ମସିହାରେ ରାଜ୍ୟସ୍ତରୀୟ ସର୍ବପଲ୍ଲୀ ଗୁରୁସମ୍ମାନ ଲାଭ କରିଥିବା ଶିକ୍ଷକ ଯଦୁମଣି ସାହୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାମଜୀ କମିଟିର ପୂର୍ବତନ ସଭାପତି ପ୍ରବୀର ମାଝୀ, ଘନଶ୍ୟାମ ସାହୁ,ଗୋଲାପ ପୋଡ଼, ମଦନ ସାହୁ, ଅରୁଣ ପୋଡ଼, କୈଳାଶ ମାଝୀ, ଭକ୍ତ ମାଝୀ, କ୍ଷୀରସିନ୍ଧୁ ମାଝୀ, ଦ୍ରୋଣ ସାହୁ, ନୃତ୍ୟ ସାହୁ, ବିରେନ ମାଝୀ, ନିତେଇ ସାହୁ ଓ ଦୀପକ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅକ୍ଷୟ ପୋଡ଼ ଧନ୍ୟବାଦ ଦେଇଥିଲେ ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଦେଓଗାଁ,୭।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ଘୁଚିପାଲି ଛକରେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଦେଓଗାଁ ନିକଟ ସାଗରପାଲି କଲୋନୀପଡାର ଆକାଶ ଭୋଇ(୧୯)। ସୂଚନା ଅନୁଯାୟୀ, ଆକାଶ ବଲାଙ୍ଗୀରରେ ଡ୍ରାଇଭର ଭାବେ କାମ କରୁଥିଲେ। ସେ ଘରକୁ ଆସିଥିଲେ। ଘଟଣାଦିନ ରାତିରେ କୌଣସି କାରଣବଶତଃ ଘୁଚିପାଲି ଛକ ଦେଇ ଯାଉଥିବା ବେଳେ ଏକ ଗାଡି ତାଙ୍କ ଉପରେ ମାଡିଯାଇ ଫେରାର ହୋଇ ଯାଇଥିଲା। ତେବେ ଦୁର୍ଘଟଣା ଯୋଗୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳୁ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା (ନଂ ୨୨୮/୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଲୁଟ୍ ଘଟଣାରେ ୪ କୋର୍ଟ ଚାଲାଣ

**କଣ୍ଟାବାଞ୍ଜି,୭।୧୦ (ଗୁରୁ ଦୟାଳ ହଂସ)**



ଜଣେ କପା ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣାରେ କଣ୍ଟାବାଞ୍ଜି ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରିଛି। ଲୁଟେରାମାନେ ହେଲେ ଚଟୁଅନକା ଗାଁର ଅରିଫ ଖାନ, ଅର୍ବାରଜ ଖାନ, ମୁରିବାହାଲ ଥାନା ଲାରିପଡାର ନକୁଳ ଯାନୀ ଓ ରାତ୍ର ଭୋଇ।

ସୂଚନା ଅନୁସାରେ, ଗତ ୨ ତାରିଖ ଦିନ କଣ୍ଟାବାଞ୍ଜି ଥାନା ଚଟୁଅନକା କପା ବ୍ୟବସାୟୀ ଲିଲୁରାମ ଅଗ୍ରୱାଲଙ୍କ ଘରୁ ଡକାୟତି ହୋଇଥିଲା। ଏହି ଘଟଣା ନେଇ ବ୍ୟବସାୟୀ ଜଣକ କଣ୍ଟାବାଞ୍ଜି ଥାନାରେ ଏକ ମାମଲା ରୁଜୁ କରିଥିଲେ। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା ଓ ଏହି ଘଟଣାରେ ୪ଜଣଙ୍କୁ ଗିରଫ କରିଥିଲା। ୪ଜଣ ଲୁଟେରାଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀ କରି କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ସୂଚନା ଦେଇଛନ୍ତି । ଲୁଟେରାମାନଙ୍କ ଠାରୁ ନକଲି ବନ୍ଧୁକ, ଛୁରୀ, ଖଣ୍ଡା, ଲୁହାରଡ଼,ଏକ ଗାଡି ଓ ନଗଦ ୪୨୬୫ ଟଙ୍କା ଜବତ କରାଯାଇଛି। ଏହାଛଡା ଖଡ଼ିଆଳ ଅଞ୍ଚଳର ଜଣେ ନାବାଳକ ମଧ୍ୟ ଏଥିରେ ସାମିଲ ରହିଛନ୍ତି। ତାଙ୍କୁ ଗିରଫ କରାଯାଇ ଭବାନୀପାଟଣା ଜୁଭେନାଇଲ କୋର୍ଟକୁ ପଠା ଯାଇଥିବା ସାହୁ ସୂଚନା ଦେଇଛନ୍ତି। ଚଢାଉରେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ମଧ୍ୟ ସାମିଲ ଥିଲେ।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ଲାଠୋର,୭।୧୦ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋର କାଦୋପଡ଼ାରେ ଏବଂ ବନ୍ଧପଡ଼ାରେ ଥିବା ଦୁଇ ଗୋଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡ଼ି ବିପଦ ସୃଷ୍ଟି କରୁଛି। ଏଥିପ୍ରତି କାହା ନଜର ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ଦୀର୍ଘ ବର୍ଷରୁ ଗ୍ରାମରେ ରହିଥିବା ରଜାକଟା(ପୋଖରୀ)କୁ କାଦୋପଡ଼ା ଏବଂ ବନ୍ଧପଡ଼ା ଦେଇ ଦୁଇ ଗୋଟି ରାସ୍ତା ରହିଛି। ସେହି ରାସ୍ତା ଦେଇ ଗ୍ରାମବାସୀ ପ୍ରତିଦିନ ଶୌଚ,ସ୍ନାନ ଆଦି ପାଇଁ ଯିବା ଆସିବା କରୁଛନ୍ତି। ଦୁଇ ଗୋଟି ରାସ୍ତା କଡ଼ରେ ୧୧ କେଭିର ହାଇ ଭୋଲଟେଜ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଇଛି। ହେଲେ ଉକ୍ତ ଦୁଇ ଗୋଟି ଟ୍ରାନ୍ସଫର୍ମରରେ ସୁରକ୍ଷା ଦୃଷ୍ଟିରୁ ପାଚେରି ବ୍ୟବସ୍ଥା କରା ନ ଯାଇ ମୁକୁଳା ଛାଡ଼ି ଦିଆଯାଇଛି। ସେଠାରେ ପାଚେରି ନିର୍ମାଣ ପାଇଁ ଲୋକେ ଦାବି କରି ଆସୁଥିଲେ ମଧ୍ୟ ଜମି ବିବାଦ ପାଇଁ ବିଦ୍ୟୁତ୍ ଯୋଗାଣ ସଂସ୍ଥା ପାଚେରି ନିର୍ମାଣ କରିବାରେ ସକ୍ଷମ ହୋଇ ପାରୁନାହିଁ। ଫଳରେ ଲୋକ ସେହି ରାସ୍ତା ଦେଇ ପୋଖରୀକୁ ଯିବା ଆସିବା ବେଳେ ବିପଦ ଆଶଙ୍କା ରହିଛି। ବିଶେଷ କରି ବୃଦ୍ଧା,ବୃଦ୍ଧ, ଶିଶୁ ତଥା ବୁଲା ଗାଇଗୋରୁଙ୍କ ଜୀବନ ପ୍ରତି ବିପଦ ରହିଛି। ଏନେଇ ବିଦ୍ୟୁତ୍ ଯୋଗାଣ ସଂସ୍ଥା ସେକ୍ସନାଲ ଅଫିସର ସମ୍ବିତ ପରିଡ଼ାଙ୍କୁ ପଚାରିବାରେ ଜମି ମାଲିକଙ୍କ ବିରୋଧ ଯୋଗୁ ପାଚେରି ନିର୍ମାଣ ହୋଇ ପାରୁନାହିଁ। ତେବେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ ଟ୍ରାନ୍ସଫର୍ମର ଠାରେ ପାଚେରୀ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



ବନ୍ଧପଡ଼ାରେ ମୁକୁଳା ପଡ଼ିଥିବା ହାଇ ଭୋଲଟେଜ୍ ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# ୪୨ ବର୍ଷରେ ତାଲପାଲିପଡ଼ା ଦୁର୍ଗାପୂଜା

**ବଲାଙ୍ଗୀର,୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ତାଲପାଲିପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୪୨ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ତାଲପାଲିପଡା ମଣ୍ଡପରେ ନବଦିନାତ୍ମକ ଦୁର୍ଗା ପୂଜା ଚାଲିଛି। ୩ ତାରିଖଠାରୁ ମଣ୍ଡପରେ ପୂଜାରମ୍ଭ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ରଞ୍ଜିତ ପୋଡ଼ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ପୋଡ଼ ଦାୟିତ୍ୱ ତୁଲାଉଛନ୍ତି। ଏହାସହିତ ପ୍ରତିଦିନ ପୂଜାରେ ସହଯୋଗୀ କର୍ତ୍ତା ଭାବେ ଅନ୍ୟ ଦମ୍ପତିମାନେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପୂଜକ ଭାବେ କଅଗାଁର ସୁକାନ୍ତ ମିଶ୍ର ପୂଜା ପରିଚାଳନା କରୁଛନ୍ତି। ସହଯୋଗୀ ପୂଜକ ଭାବେ ଉମାକାନ୍ତ ଖୁଆସ ସହଯୋଗ କରୁଛନ୍ତି। ଦୁର୍ଗାପୂଜା କମିଟି ସଭାପତି ସୂର୍ଯ୍ୟମଣି



ବଲାଙ୍ଗୀର ତାଲପାଲିପଡା ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଉଛି।

ବାଗ, ଉପସଭାପତି ଜଗା ଭୋଇ, ସମ୍ପାଦକ ସାଗର ବର୍ଗର୍ତ୍ତି, ସହସମ୍ପାଦକ ଅମୀୟ ପଟେଲ, କୋଷାଧ୍ୟକ୍ଷ ସଚ୍ଚି ବୁଡେକ, ସହ କୋଷାଧ୍ୟକ୍ଷ ରାକେଶ ପୋଡ଼ ଓ କମିଟି ସଦସ୍ୟମାନେ ସହଯୋଗ କରୁଛନ୍ତି। ସୋମବାର ପୀଠରେ ଦେବୀଙ୍କ ସ୍କନ୍ଦମାତା ପୂଜା କରାଯାଇଛି। ଏହି ପୂଜା ମଣ୍ଡପରେ ସହରର ବିଭିନ୍ନ ପଡାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ପୂଜା କମିଟି ପକ୍ଷରୁ ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ସଂକୀର୍ତ୍ତନ ବୈଠକ, ଭଜନ ସମାରୋହ, ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଉଛି। ପୁଇଁତଲାର ଢ଼ୋଲମୁହୁରୀ କଳା ପରିଷଦ ଏବଂ ଗଇଁତଲାର ଦୁଲଦୁଲି ବଜାଶାଲ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ଦଶହରା ଦିନ ରାବଣ ପୋଡି ହେବ। ଏଥିସକାଶେ ପୂଜା କମିଟି ସଦସ୍ୟମାନେ ବଡଧରଣର ପ୍ରସ୍ତୁତି କରିଛନ୍ତି। ଗତ ୩ ବର୍ଷ ହେଲା ଏହି ପୂଜା କମିଟି ରାବଣ ପୋଡି ଆୟୋଜନ କରୁଥିବାରୁ ଏଠାରେ ଦର୍ଶକଙ୍କ ଭିଡ ଲାଗି ରହୁଛି।

## ଏଞ୍ଜେଲସ୍ ଗାର୍ଡେନରେ ଗୋଲ୍‌ଡେନ ବର୍ଣ୍ଣସ ଦିବସ

ବରପାଲି,୭।୧୦(ଚିତ୍ତରଞ୍ଜନ ସାହୁ)

ସ୍ଥାନୀୟ ଏଞ୍ଜେଲସ୍ ଗାର୍ଡେନରେ ଆଈଅଜା, ନାତୁଣୀନାତିଙ୍କୁ ନେଇ ଗୋଲ୍‌ଡେନ ବର୍ଣ୍ଣସ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସେବକରାମ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନୀତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଯୋଗଦେଇଥିଲେ। ପ୍ରାଇମେରି ବିଭାଗର ୫୦ରୁ ଊର୍ଦ୍ଧ୍ୱ ନାତୁଣୀ ନାତି,ଆଈ ଅଜା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଆଈ ଅଜାଙ୍କ ନାତୁଣୀ ନାତି ପ୍ରତି ଥିବା ନିଜ କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ କରିଥିଲେ। ନାତୁଣୀ ନାତି ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବା ଏବଂ ସଂସ୍କାରି ହେବାକୁ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା କହିଥିଲେ। ନାଚ, ଗୀତ ପରିବେଷଣ କରାଯାଇଥିଲା। ଆଈଅଜାଙ୍କୁ ନେଇ ବିଭିନ୍ନ ପ୍ରକାର କୌତୁକିଆ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୟିନୀ ବିଜୟୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଗୋଚର ଜମିକୁ ନେଇ ବିବାଦ ଥମୁନି



ତରଭା ଥାନାରେ ଆହୂତ ଶାନ୍ତି କମିଟି ବୈଠକରେ ଆଲୋଚନା ଚାଲିଛି।

### ଗଣ୍ଡଗୋଳ ଭିଡିଓ ଭାଇରାଲ, ଶାନ୍ତି କମିଟି ବୈଠକ

ତରଭା, ୭।୧୦(ମାନଭଞ୍ଜନ ମିଶ୍ର )

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ତରେଇକେଲା ଓ ଘଣ୍ଟରାପାଲି ମଧ୍ୟରେ ଦୀର୍ଘବର୍ଷ ହେବ ଗୋଚର ଜମିକୁ ନେଇ ବିବାଦ ଲାଗିରହିଛି। ରବିବାର ରାତିରେ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ କେତେଜଣ ବ୍ୟକ୍ତି ଠେଙ୍ଗାବାଡ଼ି ଧରି ହୋହାଲ୍ଲା କରୁଥିବା ଦେଖାଯାଇଥିଲା। ଭିଡିଓ ଭାଇରାଲ ହେବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଘଟଣାସ୍ଥଳରେ ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶର ଧୁରୁଆ, ତରଭା ଥାନା ଅଧିକାରୀ ଅନିତା କିଡୋ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ସୋମବାର ସନ୍ଧ୍ୟାରେ ଶାନ୍ତି କମିଟି ଗଠନ ପାଇଁ ରାଜି କରାଇ ତରଭା ଥାନାକୁ ଡକାଇଥିଲେ। ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ କିଭଳି ଶାନ୍ତି ସ୍ଥାପନ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ତେବେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ମଙ୍ଗଳବାର ପୁଣି ଥରେ ଆଲୋଚନା କରାଯିବ। ଉତ୍ତେଜନାକୁ ଆଖି ଆଗରେ ରଖି ତରେଇକେଲା ଓ ଘଣ୍ଟରାପାଲି ମଧ୍ୟରେ ପୋଲିସ ମୁତୟନ କରାଯାଇଛି।

ପ୍ରକାଶଥାଉକି ସୋମବାର ସକାଳେ ଘଣ୍ଟରାପାଲିର ସୁବାସ ଚନ୍ଦ୍ର ନନ୍ଦ ନାମକ ଜଣେ ବ୍ୟକ୍ତିଙ୍କୁ ରକ୍ତାକ୍ତ ଅବସ୍ଥାରେ ତରଭା ଡ଼ାକ୍ତରଖାନା ଅଣା ଯାଇଥିଲା। ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ହେଲେ ଏନେଇ ଥାନାରେ ଏତଲା ହୋଇ ନ ଥିବା ପୋଲିସ କହିଛି। ପୋଲିସ କହିବା ଅନୁଯାୟୀ ବିବାଦର କାରଣ ୧୧୬ ଏକର ଗୋଚର ଜମି, ଯେଉଁଥିରୁ ଇଡକୋ ଦଖଲରେ ୫୦ ଏକର ଓ ବାକି ଜମି ଘଣ୍ଟରାପାଲି ବାସିନ୍ଦାଙ୍କ ଦଖଲରେ ରହିଛି। ତରେଇକେଲା ବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ଏନେଇ ପୂର୍ବରୁ ରାସ୍ତା ନିର୍ମାଣ ଏବଂ ବିଦ୍ୟୁତ୍ ସଂଯୋଗୀକରଣ ସମୟରେ ମଧ୍ୟ ବିବାଦ ଦେଖାଦେଇଥିଲା। ଏପରିକି ଏ ମାମଲା ନେଇ ଏକ ଗୋଷ୍ଠୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି।

# ସେବା ଆତ୍ମସନ୍ତୋଷ ଦେଇଥାଏ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

### କଳାପଥର କଲେଜରେ ରେଡକ୍ରସର ପ୍ରବେଶ ଉତ୍ସବ

ଅମରପାଲି, ୭।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରେଡକ୍ରସର ପ୍ରବେଶ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଜିଲା ରେଡକ୍ରସ କାର୍ଯ୍ୟକାରୀ କମିଟି ସଭ୍ୟ ତଥା କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ରେଡକ୍ରସର ମୂଳତତ୍ତ୍ୱ ମାନବିକତା, ସମାନତା, ସ୍ୱାଧିନତା, ସ୍ୱେଚ୍ଛାକୃତ ସେବା, ବିଶ୍ୱଭାତୃତ୍ୱ ଭାବ ଉପରେ ଆଲୋକପାତ କରିଥିଲେ। ରେଡକ୍ରସ କନଭେନର ସେକ୍ରେଟାରୀ ଭାବେ ସୋନପୁର ରାଜ କଲେଜ ଅଧାପକ ଉମାକାନ୍ତ ନାଗ ରେଡକ୍ରସର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଡିଷ୍ଟ୍ରିକ୍ଟ କୋଅର୍ଡିନେଟର ତଥା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧାପକ ବିଶ୍ୱନାଥ ମିଶ୍ର ମାନବିକତା ଓ ବିବେକବୋଧ ପ୍ରକୃତ ମଣିଷର ମାପକାଠି ବୋଲି କହିଥିଲେ। ସେବା କଲେ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଅଧାପକ ଉଦ୍ଧବ ପଧାନ ଫାଷ୍ଟ ଏଡ ଟ୍ରେନର ଫାଷ୍ଟଏଡର ଆବଶ୍ୟକତା ଓ କୌଶଳ ବିଷୟରେ ଅବଗତ କରାଇଥିଲେ। ପ୍ରୋଗ୍ରାମ କାଉନସେଲର ଅଧାପକ କିଶୋର କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଜୀବଜଗତ ସେବାରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ। ଅଧାପିକା ଦେବଯାନୀ ମେଶୁଆ ସ୍ୱାଗତ ଭାଷଣ, ଅଧାପିକା ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,୭।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ ଶିବିରରେ ଯୋଗଦାନ କରି ୩୧ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଥିଲା। ଅନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୌମ୍ୟରୂପା ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ଦାମୋଦର କୈବର୍ତ୍ତ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝି, ଜିଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ସୋନପୁର ତହସିଲଦାର ଯୋଗେଶ୍ୱର ଧରୁଆ, ଏବିଡିଓ ଶଶିଭୂଷଣ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସ ଓ ଡେପୁଟି କଲେକ୍ଟର ଶୁଭଶ୍ରୀ ରଥଙ୍କ ସମେତ ଜିଲାର ଅଧିକାରୀ ମାନେ ଯୋଗଦାନ କରିଥିଲେ।


ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

ବୌଦ୍ଧ,୭।୧୦ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ସୋମବାର ଦିନ ହରଭଙ୍ଗା ବ୍ଲକର ତିଳେଶ୍ୱର ଠାରୁ ଚାରିଛକ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବହୁ ସଂଖ୍ୟାରେ ଦଳୀୟ ନେତା, କର୍ମୀ,ସାଧାରଣ ଜନତା ସ୍ୱତଃପ୍ରବୃତ୍ତ ଭାବେ ପଦଯାତ୍ରାରେ ସାମିଲ ହୋଇ ତିଳେଶ୍ୱର, ପୁରୁଣାକଟକ ଦେଇ ଚାରିଛକ ଠାରେ ପହଞ୍ଚିଥିଲେ। ଏହି ଅବସରରେ ଚାରିଛକ ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଚାରିଛକ ଠାରେ ଥିବା ବ୍ଲକ କାର୍ଯ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଜୁ ଜନତା ଦଳ ସମନ୍ୱୟ କମିଟିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଡବଲ ଇଞ୍ଜିନ ସରକାର କିଭଳି ସାଧାରଣ ଲୋକଙ୍କୁ ପ୍ରତାରିତ କରୁଛି ଏନେଇ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ସରକାର ବିରୋଧରେ ଆନ୍ଦୋଳନ ବୌଦ୍ଧ ଠାରୁ ଆରମ୍ଭ ହେବ ବୋଲି କହିଥିଲେ। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର , ଜିଲା କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଜିଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ଅବକାଶ ସାହୁ, ଜିଲା ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ, ପ୍ରଦୀପ କୁମାର ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ଅଶୋକ ମେଣ୍ଡୁଲି, ବସନ୍ତ ସ୍ୱାଇଁ, ବିଦ୍ୟାଧର ସ୍ୱାଇଁ, ସରପଞ୍ଚ ଶ୍ରୀବନ୍ତ ମେହେର, ନିହାର ଘୋଷ, ରବିନାରାୟଣ ପ୍ରଧାନ, ରମାକାନ୍ତ ବର୍ଗର୍ତ୍ତି, ଝୁନୁରାଣୀ ବେହେରା, ଅଶୋକ ସେଠୀ, ଜ୍ୟୋତିରଞ୍ଜନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ଥିଲେ।

# ମା’ ଗେହ୍ଲା ଦେବୀଙ୍କ ପୀଠରେ ନବରାତ୍ର ଗୁପ୍ତ ପୂଜା

ବୌଦ୍ଧ,୭।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରାମଚନ୍ଦ୍ରପୁର ଗ୍ରାମରେ ରହିଛି ମା’ ଗେହ୍ଲାଦେବୀ ପୀଠ। ମା’ଙ୍କ ପୀଠରେ ଦୁଇ ଶହ ବର୍ଷରୁ ଅଧିକ ହେବ ନବରାତ୍ର ଗୁପ୍ତ ପୂଜା ହୋଇଆସୁଛି। ବର୍ତ୍ତମାନ ମା’ଙ୍କ ପୀଠରେ ନବରାତ୍ର ପୂଜା ଚାଲୁଛି। ପୂର୍ବରୁ କରଡି ଗ୍ରାମରେ ମା’ ଇଷ୍ଟଦେବୀ ହିସାବରେ ପୂଜା ପାଇ ଆସୁଥିଲେ। ମା’ଙ୍କୁ ପୂଜା କରି ବହୁ ଲୋକ ବିଭିନ୍ନ ରୋଗରୁ ସୁସ୍ଥ ହେବା ସହ ମନସ୍କାମନା ପୂର୍ଣ୍ଣ ହୋଇଛି। ମା’ଙ୍କ କରୁଣା ଦେଖି କନ୍ଧ ସଂପ୍ରଦାୟର ଲୋକମାନେ ପୂଜା କରି ସୁଫଳ ପାଇଥିଲେ। ଏନେଇ କନ୍ଧମାଳର କେତେଜଣ ଲୋକ ଆସି ମା’ଙ୍କୁ ଉଠାଇ ନେବା ପାଇଁ ମା’ଙ୍କ ପଥର ପ୍ରତିମାଙ୍କୁ ଖୋଳିବାରେ ମା’ଙ୍କ ପ୍ରତିମା ମାଟି ଭିତରକୁ ଭିତରକୁ ପଶିବାକୁ ଲାଗିଲା।

ଶେଷରେ ନିରାଶ ହୋଇ ମା’ଙ୍କ ପଥର ପ୍ରତିମା ଦେହରୁ ଖଣ୍ଡେ ଭାଙ୍ଗି ଦୋଳା ସାହାଯ୍ୟରେ ବୋହି ନେଉଥିଲେ। କିନ୍ତୁ କରଡି ଗ୍ରାମ ନିକଟସ୍ଥ ବିରାମଚନ୍ଦ୍ରପୁର ସୀମା ପାର ସମୟରେ ମା’ଙ୍କ ପଥର ଖଣ୍ଡ ପ୍ରତିମା ଧିରେ ଧିରେ ବଢିବା ସହ ଭାରି ହେବାରୁ ବିରାମଚନ୍ଦ୍ରପୁର ଗ୍ରାମର ଗଉଡୁଣୀ ନାଳ କୂଳ ଜଙ୍ଗଲ ମଧ୍ୟରେ ମା’ଙ୍କୁ ଛାଡି ପଳାଇଥିଲେ। ମା’ଙ୍କୁ ପୂଜା କରୁଥିବା ପୂଜକ ଓ ବିରାମଚନ୍ଦ୍ରପୁର ଗ୍ରାମର ଗୌରିଆଙ୍କୁ ମା’ଙ୍କ ସ୍ୱପାଦେଶ ହେବା ପରେ କଥା ପ୍ରଘଟ ହୋଇଥିଲା। ପରେ ମା’ଙ୍କୁ ଦର୍ଶନ କରିବାକୁ ଲୋକଙ୍କ ସୁଅ ଛୁଟିଥିଲା। ଗ୍ରାମବାସୀ ଏକ କୁଡିଆ ଘର କରି ମା’ଙ୍କୁ ପୂଜା କରି ଆସୁଥିଲେ। ଏବେ ଜଣେ ଭକ୍ତ ମା’ଙ୍କ ପାଇଁ ଭବ୍ୟ ମନ୍ଦିର ତିଆରି କରିଛନ୍ତି। ମା’ଙ୍କ ପୂଜା କରୁଥିବା ପୂଜକଙ୍କ ପାଇଁ ଗାଁର ଗୌନ୍ତିଆ କିଛି ଜମି ଦାନ ମଧ୍ୟ କରିଥିଲେ। ସେହିଦିନ ଠାରୁ ମା’ଙ୍କୁ ଗ୍ରାମର ଇଷ୍ଟ ଦେବୀ ଭାବେ ପୂଜା କରି ଆସୁଛନ୍ତି। ପ୍ରତିବର୍ଷ ପୀଠରେ ମା’ଙ୍କ ନବରାତ୍ର ପୂଜା ଧୁମଧାମରେ ପାଳିତ ହୋଇଆସୁଛି। ପ୍ରତି ମଙ୍ଗଳବାର ଦିନ ମଧ୍ୟ ସ୍ୱତନ୍ତ୍ର ପୂଜା ହୋଇଥାଏ। ନବରାତ୍ର ସମୟରେ ମା’ଙ୍କ ପୂଜା ଅର୍ଦ୍ଧରାତ୍ରରେ ହୋଇଥାଏ। ଏହି ସମୟରେ ଢୋଲ, ନିଶାନ ଓ ଘଣ୍ଟ ବାଦ୍ୟରେ ପୀଠ କମ୍ପି ଉଠିବା ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ।

# ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ବୌଦ୍ଧ,୭।୧୦( ଅଜିତ କୁମାର ବାରିକ)

ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ମନ୍ଦିର ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ସଂପାଦକ ଶଙ୍କର ପ୍ରସାଦ ପୁରୋହିତ ଆସନ୍ତା କାର୍ତ୍ତିକ ମାସରେ ହେବାକୁ ଥିବା ନବାହ୍ନ ପାରାୟଣ, ମନ୍ଦିରରେ ଅନ୍ନଭୋଗ ବିକ୍ରୟ ବ୍ୟବସ୍ଥା ସମ୍ପର୍କରେ କମିଟି ନିଷ୍ପତ୍ତି ନେବାକୁ ଅବଗତ କରାଇଥିଲେ। ବିଗତ ବର୍ଷର ନବାହ୍ନ ପାରାୟଣ ଆୟ ବ୍ୟୟ ସଂପର୍କିତ ଆଲୋଚନା ପରେ ଚଳିତବର୍ଷ ପାଣ୍ଠି ସଂଗ୍ରହ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସେହିପରି ନବାହ୍ନ ପାରାୟଣରେ କର୍ତ୍ତା ଭାବରେ କମିଟିର ସଦସ୍ୟ ଶମ୍ଭୁ ପ୍ରସାଦ ମିଶ୍ର ଦାୟିତ୍ୱ ତୁଲାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ନଭୋଗ ବିକ୍ରୟ ପାଇଁ କମିଟିର ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ଦ୍ୱାରା ଟେଣ୍ଡର ପ୍ରକ୍ରିୟା କରାଯିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ଶଶାଙ୍କ ଶେଖର ମିଶ୍ର, ଆଶୁତୋଷ ମହାପାତ୍ର, ରଘୁନାଥ ଷଡଙ୍ଗୀ, ଆଶୁତୋଷ ଦାଶ, ବିଭୁ ପ୍ରସାଦ ପଣ୍ଡା ଓ ସମ୍ପଦ କୁମାର ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ ବନ୍ୟପ୍ରାଣୀ ସପ୍ତାହ ପାଳନ

ବୌଦ୍ଧ, ୭।୧୦(ଅଜିତ କୁମାର ବାରିକ)


ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଅତିଥି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ନର୍ସରୀ ଠାରେ ବୌଦ୍ଧ ବନଖଣ୍ଡ ପକ୍ଷରୁ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି । ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ( କେନ୍ଦୁପତ୍ର) ସୁଦର୍ଶନ ବାଦୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଅଧାପକ ପ୍ରବୀର କୁମାର ଦାସ ଯୋଗଦେଇ ବନ୍ୟପ୍ରାଣୀ ସରଂକ୍ଷଣ ନେଇ ମତବ୍ୟକ୍ତ କରିଥିଲେ । ସୁଦର୍ଶନ ବଘାରଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର, ଅନନ୍ତ ଚରଣ କ୍ଷେତି, ଲବ କୁମାର ଶତପଥୀ, ପଦ୍ମଜା ପତିଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । କଣ୍ଡାମାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଦ୍ଧେଶ୍ୱର ବାବା ଉଚ୍ଚ ବିଦ୍ୟାଳୟ ଶଗଡା, ମଥୁରା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ପକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ବନ ସଂରକ୍ଷକ ଅର୍ଚ୍ଚନା ଗୋମାଙ୍ଗ ଓ ଆଶିଷ କୁମାର କହଁର ସଭା ପରିଚାଳନା କରିଥିଲେ । ସହକାରୀ ବନସଂରକ୍ଷକ ମିନାକ୍ଷୀ କୁମୁରା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ବନ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

ବୌଦ୍ଧ,୭।୧୦(ଅଜିତ କୁମାର ବାରିକ)


ଶିବିରରେ ଜଣେ ମହିଳାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପରିସରରେ ସୋମବାର ଦିନ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ସର୍ବମୋଟ ୨୧୮ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୨୦୯ଗୋଟି ବ୍ୟକ୍ତିଗତ ଥିବା ବେଳେ ୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ସେଠାରେ ୧୪୬ ଗୋଟି ଅଭିଯୋଗର ଫଇସଲା ହୋଇଥିବା ବେଳେ ଦୁଇଜଣଙ୍କୁ ଟ୍ରାଇସାଇକେଲ, ଦୁଇଜଣଙ୍କୁ ରେଡକ୍ରସ ଓ ଦୁଇଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲ । ଶିବିରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା, ବିଡିଓ ଶରତ ଚନ୍ଦ୍ର ସେଠୀ, ତହସିଲଦାର ବିଭୁପ୍ରସାଦ ସିଂ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ନୂଆଁଖାଇ ଭେଟ୍‌ଘାଟର ମହନୀୟତା ବୁଝିବାକୁ ହେବ

ଡୁଙ୍ଗୁରିପାଲି, ୭।୧୦(ଦୀନବନ୍ଧୁ ସୁନା )

### ସେବା ଫାଉଣ୍ଡେଶନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେଶନ ପକ୍ଷରୁ ରବିବାର ଆର୍‌ଏମସି ପରିସରରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସେବା ଫାଉଣ୍ଡେଶନ ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟାନନ୍ଦ ମିଶ୍ର, ଶଶାଙ୍କ ଶେଖର ସାହୁ, ବରଗଡ ଡିସିବି ବ୍ୟାଙ୍କ କ୍ଲଷ୍ଟର ମୁଖ୍ୟ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ସମାଜସେବୀ ଅଶୋକ ପୂଜାରୀ, ଗୋବିନ୍ଦ ବାରିକ, ଲକ୍ଷ୍ମଣ ମେହେର, ଉଇରନ ଜେକସନ, ଶିବାଜୀ ପଣ୍ଡା, ସେବା ଫାଉଣ୍ଡେଶନ ଉପଦେଷ୍ଟା ମୃତ୍ୟୁଞ୍ଜୟ ମିଶ୍ର, ପଦ୍ମଲୋଚନ ପଧାନ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ମେଘନାଦ ପଧାନ। ଫାଉଣ୍ଡେଶନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାନ ଗଣପର୍ବ ନୂଆଁଖାଇର ବିଶେଷତ୍ୱ, ପରମ୍ପରା, ମହନୀୟତା ବୁଝିବାକୁ ହେ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ବଲପୁରୀ ମଞ୍ଚ କଳାକାର ଭକ୍ତ ପଧାନ ପରିଚାଳନା କରିଥିଲେ।


ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି ବୃନ୍ଦ।

# ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ

ଅମରପାଲି,୭।୧୦(ପୀତାମ୍ବର ସାହୁ)

### ୨ୟ ବର୍ଷରେ ଖଣ୍ଡହତା ସାର୍ବଜନୀନ ଦୁର୍ଗାପୂଜା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ପ୍ରସ୍ତୁତି ଏକ ପ୍ରକାର ଚୂଡାନ୍ତ ହୋଇଛି। ପୂଜା ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ଏକ କମିଟି ଗଠନ କରାଯାଇଛି। ଏଥିରେ ସୁଶୀଲ ପାଣ୍ଡେ ସଭାପତି, ମୁକେଶ ମେହେର ଉପସଭାପତି, ବିପିନ ଚୌଧୁରୀ ସମ୍ପାଦକ, ଦେବାଶିଷ ପ୍ରଧାନ ସହସମ୍ପାଦକ, ବବୁଲ ମହାପାତ୍ରଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଛି। ଏହା ସହିତ ମୋତିରଞ୍ଜନ ସାହୁ, ଲିପୁନ ମିଶ୍ର, ମନୋଜ ନାଏକ, ସୁନୀଲ ମେହେର ଓ ଆକାଶ ଭୋଇଙ୍କୁ ପରିଚାଳନା କମିଟି ସଭ୍ୟଭାବେ ଚୟନ କରାଯାଇଛି।


ଖଣ୍ଡହତାରେ ନିର୍ମାଣାଧୀନ ଦୁର୍ଗାମୂର୍ତ୍ତି।

୫୦ରୁ ଉର୍ଦ୍ଧ୍ୱ ସଭ୍ୟ ନିଷ୍ଠା ଓ କାଷ୍ଠାର ସହିତ ପୂଜା କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିବେ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ମନଲୋଭା ମେଢ, ସୁନ୍ଦର ସାଜସଜ୍ଜା, ସୁଉଚ୍ଚ ତୋରଣ, ରଙ୍ଗୀନ ଆଲୋକ ସହିତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି। କାରିଗର ସୁଶାନ୍ତ ରଣା ମୂର୍ତ୍ତି ନିର୍ମାଣକୁ ଅନ୍ତିମ ରୂପରେଖ ଦେଉଛନ୍ତି। ଚଳିତବର୍ଷ ପୂଜାରେ ହିମାଂଶୁ ଶେଖର ଷଡଙ୍ଗୀ ପୂଜକ କାର୍ଯ୍ୟ ସମ୍ପାଦନ କରିବେ। ହେମକାନ୍ତି ନାଏକ ଓ ସମାରୁ ନାଏକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିବେ। ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀମତେ ପ୍ରତ୍ୟହ ପୂଜାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସ୍ଥିରୀକୃତ ହୋଇଛି। ବୁଧୁବାରଠାରୁ ସୋମବାର ପର୍ଯ୍ୟନ୍ତ ଛଅ ଦିନ ଧରି ଦଶହରା ପାଳନ କାର୍ଯ୍ୟକ୍ରମ ହେବ। ବୁଧୁବାର ସକାଳେ କଳସ ଶୋଭାଯାତ୍ରା କରାଯାଇ ଜଳପୂର୍ଣ୍ଣ କଳସକୁ ପୂଜା ମଣ୍ଡପରେ ସ୍ଥାପନ କରାଯିବ। ଗୁରୁବାର ସପ୍ତମୀ ପୂଜା, ଶୁକ୍ରବାର ମହାଷ୍ଟମୀ ପୂଜା ହେବ। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ହେବ। ବ୍ରଜଗୋପାଳ ମହାପାତ୍ର ବ୍ୟାସ ଭାବେ ସୁନ୍ଦରାକାଣ୍ଡ ପାରାୟଣ ଗାନ କରିବେ। ଶନିବାର ପୀଠେ ଦଶହରା ପୂଜା ହେବା ସହିତ ସନ୍ଧ୍ୟାରେ ସମ୍ବଲପୁରୀ ଗୀତ ଓ ନୃତ୍ୟ ପ୍ରତିଯୋଗୀତା କରାଯିବ। ରବିବାର ବିଜୟା ଦଶମୀ ଓ ସୋମବାର ଭଷାଣି ହେବ।

## ସଂକ୍ଷେପରେ

### ପୁରୁଣା ଯାନବାହନ ରାସ୍ତାକଡ଼ରୁ ହଟାଇବାକୁ ନିର୍ଦ୍ଦେଶ

**ବନ୍ଧମୁଣ୍ଡା,୭।୧୦(ସୁବ୍ରତ ଦେ) :** ବନ୍ଧମୁଣ୍ଡା ଥାନା ଅଧିକାରୀ ଚିତ୍ତରଞ୍ଜନ ନାୟକ ମୁଖ୍ୟ ରାସ୍ତାକଡରେ ଦୀର୍ଘଦିନ ଧରି ପାର୍କିଂ ହୋଇଥିବା ପୁରୁଣା ତଥା ଖରାପ ଗାଡ଼ିଗୁଡ଼ିକୁ ଚିହ୍ନଟକରି ମାଲିକଙ୍କଠାରୁ ଜରିମାନା ଆଦାୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଥାନା ଅଧିକାରୀ ସୋମବାର ଅଞ୍ଚଳ ପରିଦର୍ଶନ କରି ପୁରୁଣା ଏବଂ କ୍ଷତିଗ୍ରସ୍ତ ଗାଡ଼ିଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ନ ରଖିବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଯେଉଁମାନେ ଯାନବାହନଗୁଡ଼ିକ ରାସ୍ତାକଡ଼ରେ ରଖିଛନ୍ତି ତୁରନ୍ତ ହଟାଇବା ପାଇଁ ଅନୁରୋଧ କରିଛନ୍ତି। ନଚେତ ଗାଡ଼ି ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଦେଓଗାଁ,୭।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ଘୁଚିପାଲି ଛକରେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଦେଓଗାଁ ନିକଟ ସାଗରପାଲି କଲୋନୀପଡାର ଆକାଶ ଭୋଇ(୧୯)। ସୂଚନା ଅନୁଯାୟୀ, ଆକାଶ ବଲାଙ୍ଗୀରରେ ଡ୍ରାଇଭର ଭାବେ କାମ କରୁଥିଲେ। ସେ ଘରକୁ ଆସିଥିଲେ। ଘଟଣାଦିନ ରାତିରେ କୌଣସି କାରଣବଶତଃ ଘୁଚିପାଲି ଛକ ଦେଇ ଯାଉଥିବା ବେଳେ ଏକ ଗାଡି ତାଙ୍କ ଉପରେ ମାଡିଯାଇ ଫେରାର ହୋଇ ଯାଇଥିଲା। ତେବେ ଦୁର୍ଘଟଣା ଯୋଗୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳୁ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ ପଠାଇଥିଲା।



ବିମଳାଗଡ଼ ରେଳ ଷ୍ଟେଶନ ଘେରାଉ କରିଛନ୍ତି ସିପିଆଇଏମ୍ କର୍ମକର୍ତ୍ତା।

# ବିମଳାଗଡ଼ ରେଳଷ୍ଟେଶନ ଘେରିଲା ସିପିଆଇଏମ୍

**ବଣାଇଁ, ୭।୧୦(ପ୍ରଦୀପ ତ୍ରିପାଠୀ)**

**୨ ଯୁବକଙ୍କୁ ଥାର୍ଡ ଡିଗ୍ରୀ ପ୍ରସଙ୍ଗ**
- ଆର୍‌ପିଏଫ କର୍ମଚାରୀଙ୍କୁ ଗିରଫ ଦାବି
- ସମୟ ମାଗିଲା ଆର୍‌ପିଏଫ

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ପଟାସାହି ରେଲୱେ ପୋଲିସ ଫୋର୍ସର ଥାର୍ଡ ଡିଗ୍ରୀରେ ଆହତ ହୋଇଥିବା ୨ ଭାଇଙ୍କୁ ନ୍ୟାୟ ଦେବା ପାଇଁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଶତାଧିକ ସିପିଆଇଏମ କର୍ମୀ ସୋମବାର ବିମଳାଗଡ଼ ରେଳ ଷ୍ଟେଶନ ଘେରାଉ କରିଥିଲେ। ଆରପିଏଫ ଅଧିକାରୀଙ୍କୁ ବରଖାସ୍ତ ସହ ଆଦିବାସୀ ଉତ୍ପୀଡ଼ନ ଆଇନ ବଳରେ ଗିରଫଦାରୀ ଓ ପୀଡିତଙ୍କୁ କ୍ଷତିପୂରଣ ଦାବି ହୋଇଥିଲା। ସିପିଆଇଏମର ସର୍ବ ଭାରତୀୟ ସମ୍ପାଦକ ବିଷ୍ଣୁ ମହାନ୍ତି ଓ ବିମାନ ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ବଣାଇଁ ଏସଡିପିଓ ସ୍ୱରାଜ ଦେବତା ପହଞ୍ଚି ବୁଝାସୁଝା କରି ଆଲୋଚନା ପାଇଁ ଅନୁରୋଧ କରିଥିଲେ। ଆଲୋଚନା ବିଫଳ ହେଲେ ପୁନଃ ଆନ୍ଦୋଳନ ଜାରି ରହିବ ବୋଲି ବିଧାୟକ କହିଛନ୍ତି। ବିକ୍ଷୋଭ ପ୍ରତ୍ୟାହୃତ ପରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସିଆଇଟିୟୁ ଜିଲା ସଭାପତି ବିମାନ ମାଇତି, ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, ଆରପିଏଫ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ରାଉରକେଲା ଏ କେ ସିଂ ପ୍ରମୁଖ ମିଳିତ ଆଲୋଚନା କରିଥିଲେ। ଏଥିରେ ଆରପିଏଫ ପକ୍ଷରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିଛିଦିନ ମହଲତ ମଗା ଯାଇଥିଲା ଓ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ଆଦିବାସୀ ଉତ୍ପୀଡ଼ନ ଦଫା ଲାଗିବ ବୋଲି ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ବିଧାୟକ ମୁଣ୍ଡା ସୂଚନା ଦେଇଛନ୍ତି। ଯଦି ଆଦିବାସୀ ଯୁବକଙ୍କୁ ନ୍ୟାୟ ନ ମିଳେ ତେବେ ପୁନଃ ଆନ୍ଦୋଳନ ହେବ ଓ ଏଥିପାଇଁ ଆରପିଏଫ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୧୪ ତାରିଖ ରାତିରେ ଷ୍ଟେଶନରେ ଛିଡ଼ା ହୋଇଥିବା ଗୋଟିଏ ଡିଜେଲ ରେଳ ଇଞ୍ଜିନରୁ ପ୍ରାୟ ୬୦୦ ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ଓ ୪ଟି କ୍ୟାବିନ ଫ୍ୟାନ ଚୋରିରେ ସମ୍ପୃକ୍ତି ଦର୍ଶାଇ ପଟାସାହି କଲୋନୀର ୨ ଭାଇଙ୍କୁ ଗତ ୨ ତାରିଖ ରାତିରେ ଶୋଇଥିବା ଅବସ୍ଥାରେ ରେଲୱେ ପୋଲିସ ଉଠାଇ ନେଇଥିଲା। ପରେ ବିମଳାଗଡ ରେଲୱେ ଷ୍ଟେଶନର ଏକ କୋଠରିକୁ ନେଇ ୨ ଭାଇଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିଲା। ୩ ତାରିଖ ଅପରାହ୍ନରେ ୨ ଯୁବକଙ୍କୁ ଛାଡ଼ି ଦିଆଯାଇଥିଲା। ଗୁରୁତର ଅସୁସ୍ଥ ହେବାରୁ ଶନିବାର ସେମାନେ କେ. ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୭୯/୨୪) ରୁଜୁ କରିଛି। ଗୁରୁତର ଆହତ ୨ଜଣ କେ. ବଲାଙ୍ଗ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗକାରୀ ୨ ଯୁବକ ହେଲେ ଛୋଟେଲାଲ ଇଚାଗୁଟୁ (୨୭) ଓ ଡୁମ୍ପି ଇଚାଗୁଟୁ (୨୪)। ୨ ଭାଇଙ୍କୁ ରବିବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା କେ. ବଲାଙ୍ଗ ଡାକ୍ତରଖାନାରେ ଭେଟି ନ୍ୟାୟ ପ୍ରଦାନ ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ସୁନ୍ଦରଗଡ଼, ୭।୧୦(ଜୟ ନାରାୟଣ ମେଣ୍ଡୁଲି)**

ଦୁର୍ଗାପୂଜା ପାଇଁ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଆଦି ଉପରେ ଆଲୋଚନା କରାଯାଇଥିଲା। ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡିଏସପି ଅମୃତା ମହାନ୍ତି, ଏସଡିପିଓ ହିମାଂଶୁ ବେହେରା, ତହସିଲଦାର କୁଳମଣି ରଣବିଡ଼ା, ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ଏବଂ ସମସ୍ତ ପୂଜା କମିଟି ଯଥା – ରଙ୍ଗାଡ଼ିପା, ରିଜେଣ୍ଟ ମାର୍କେଟ, ଗାନ୍ଧୀ କ୍ଲବ, ବସ ଷ୍ଟାଣ୍ଡ, ପୋଷ୍ଟ ଅଫିସ ଛକ, ଆର୍‌ଆର୍‌ଆଇଟି ଦୁର୍ଗା ପୂଜା କମିଟି, ବ୍ରାହ୍ମଣ ପଡ଼ା, ଶଙ୍କରା ଆଦି ପୂଜା କମିଟିର ସଦସ୍ୟ ତଥା କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଏବଂ ନିଜ କମିଟିର ପୂଜା ପ୍ରସ୍ତୁତି ଉପରେ ଉପସ୍ଥାପନ କରିଥିଲେ। ବୈଠକରେ ପାର୍ବଣକୁ କିଭଳି ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରି ହର୍ଷ ଉଲ୍ଲାସର ସହ ପାଳନ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ପ୍ରତ୍ୟେକ ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମସ୍ତ କମିଟିକୁ କୁହାଯାଇଥିଲା। ଏହି ସମୟରେ ଟ୍ରାଫିକ ପରିଚାଳନା ତଥା ଭିଡ ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକୀୟ ପୋଲିସ ମୁତୟନ କରାଯାଇଥିବା ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ପୋଲିସଙ୍କୁ ସହଯୋଗ କରିବା ନିମନ୍ତେ ପୂଜା କମିଟି ଗୁଡିକ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟୋଜିତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ପାର୍ବଣ ସମୟରେ ଅସାମାଜିକ ଲୋକ ତଥା ଚୋର ଏବଂ ଦ୍ରୁତ ବେଗରେ ଗାଡ଼ି ଚାଳନା, ନିଶାସକ୍ତ ହୋଇ ଗାଡ଼ି ଚାଳନା ପ୍ରତି ବିଶେଷ ଧ୍ୟାନ ଦେବାକୁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ପୂଜା କମିଟିମାନେ ପୂର୍ବରୁ ମାଇକ ପାଇଁ ଆବେଦନ କରିବେ ଏବଂ ରାତି ୧୦ଟା ପରେ ବିକଟାଳ ଶବ୍ଦ ଯୁକ୍ତ ମାଇକ ବ୍ୟବହାର କରିବେ ନାହିଁ। ଯଦି ଏହାର ଖିଲାପ କରୁଥିବାର ଅଭିଯୋଗ ଆସେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସରାବୁ କହିଥିଲେ। ପାର୍ବଣ ପୂର୍ବରୁ ସହର ମଧ୍ୟସ୍ଥ ସମସ୍ତ ଡ୍ରେନ ଗୁଡିକର ସଫେଇ ଏବଂ ବିଦ୍ୟୁତିକରଣ ବ୍ୟବସ୍ଥା ନିମନ୍ତେ ପୌର ନିର୍ବାହୀ ଅଧିକାରୀ ଏବଂ ବିଦ୍ୟୁତିକରଣ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପାର୍ବଣକୁ ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ କମିଟି ଏବଂ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।



ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# କୁଇଜ ପ୍ରତିଯୋଗିତାରେ ୨୧୧ ଛାତ୍ରୀଛାତ୍ରଙ୍କ ଅଂଶ ଗ୍ରହଣ

**ରାଜଗାଙ୍ଗପୁର,୭।୧୦(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ରାଷ୍ଟ୍ରୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକ ସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ଟି ବିଦ୍ୟାଳୟରୁ ୨୧୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଏଲୁମିନି ଅଶୋକ ଦାସ, କାଉନସିଲର ସୁମିତ୍ରା ବାର୍ଲା ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କ ତତ୍ତ୍ୱାବଧାନ ତଥା ପ୍ରଧାନ ଶିକ୍ଷକ ଅଶୋକ ଲାକ୍ରାଙ୍କ ପ୍ରଚେଷ୍ଟାରେ ଏହି ପ୍ରତିଯୋଗିତା ସଫଳ ହୋଇଥିଲା। ସେହିପରି ଅପରାହ୍ନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଅକ୍ଷୟ ବାଗ, ଉପନଗରପାଳ ମହମ୍ମଦ ଇରଫାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣି ମହାପାତ୍ର ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀଛାତ୍ରତଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଦିପ୍ତି ମୟୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଉପକନିଷ୍ଠ ବର୍ଗରେ ଜାମପାଲି ଉଚ୍ଚ ବିଦ୍ୟାଳୟର ଦିପିରାନି କୁଜୁର, କନିଷ୍ଠ ବର୍ଗରେ ଆଦର୍ଶ ବିଦ୍ୟାଳୟର ଓମ ମହାନ୍ତି, ବରିଷ୍ଠ ବର୍ଗରେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଓମ ପ୍ରକାଶ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷୟିତ୍ରୀ

**କୁତ୍ରା,୬।୧୦(ଦେବାଶିଷ ସାହୁ)**

**ଧରିତ୍ରୀ ପ୍ରଭାବ**
**ଛାତ୍ରୀଛାତ୍ରଙ୍କୁ ଅଣ୍ଡା, ପୁଷ୍ଟିକର ଖାଦ୍ୟ ନ ଦେବା ଘଟଣା**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ବୁଡାକଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ୩ ସପ୍ତାହ ଧରି ଛାତ୍ରୀଛାତ୍ରଙ୍କୁ ଅଣ୍ଡା ନ ଦେବା ଘଟଣାରେ କୁତ୍ରା ବିଇଓ ଅଶୋକ କୁମାର ଲାକ୍ରା ସୋମବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଚାନ୍ଦଙ୍କୁ ବିଇଓ ଲାକ୍ରା ନିଲମ୍ବିତ କରିଛନ୍ତି। ସୂଚନା ଅନୁସାରେ, ଗୋଟିଏ କ୍ୟାମ୍ପସରେ ଗୋଟିଏ ପଟେ ବୁଡାକଟା ପ୍ରାଥମିକ ବିଦ୍ୟାଳୟ ଓ ଆଉ ଗୋଟିଏ ପଟେ ମିଶନ ସ୍କୁଲ ରହିଛି। ତେବେ ମିଶନ ସ୍କୁଲରେ ପିଲାମାନେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଉଥିବା ବେଳେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହା ପାଉ ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ସରକାରଙ୍କ ଗାଇଡଲାଇନ ଅନୁସାରେ ସପ୍ତାହକୁ ୨ଦିନ ଅଣ୍ଡା, ଦୁଇ ଦିନ ଡାଲମା ଓ ଆଉ ଦୁଇଦିନ ମିକ୍ସ ତରକାରି ଦିଆଯିବା କଥା। କିନ୍ତୁ ପ୍ରକୃତରେ ଏହାର ଓଲଟା ଚିତ୍ର ଏଠାରେ ଦେଖିବାକୁ ମିଳୁଛି। ଅଣ୍ଡା ପାଳିରେ ଅଣ୍ଡା ଦିଆଯାଉନାହିଁ, ଡାଲମା ବଦଳରେ କେବଳ ପପିତା ଓ ଆଳୁ ଦିଆଯାଉଛି। ଦିନେ ଦିନେ ଭାତ ସରିଯିବାରୁ କିଛି ପିଲାଙ୍କୁ ଭୋକରେ ରହିବାକୁ ମଧ୍ୟ ପଡୁଛି। ପ୍ରତ୍ୟେକ ଦିନ ଗୋଟିଏ ପିଲା ପାଇଁ ଏମ୍‌ଡିଏମ ବାବଦକୁ ୮.୮୫ ପଇସା ଆସୁଥିବା ବେଳେ ଏହି ଖାଦ୍ୟ ଦେଖିଲେ ମାତ୍ର ୨ରୁ ୩ ଟଙ୍କା ଖର୍ଚ୍ଚ ହେଉଥିବା ମନେ ହେଉଛି। ସରକାର ପିଲାମାନଙ୍କ ଦେହ ମସ୍ତିଷ୍କ ମଜବୁତ କରିବା ପାଇଁ ପୁଷ୍ଟିକର ଖାଦ୍ୟ ପାଇଁ ପଇସା ଦେଉଛନ୍ତି। କିନ୍ତୁ ତାହା ଠିକ୍ ଭାବେ ପାଇବାରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର। ମଧ୍ୟାହ୍ନ ଭୋଜନ ଠିକ ଭାବେ ନ ମିଳିବାରୁ କିଛି ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବା ପାଇଁ ରାଜି ହେଉନାହାନ୍ତି। ଏହାସହିତ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ସ୍ପୋର୍ଟସ କିଟ୍ ଫୁଟବଲ, ବ୍ୟାଟ, ବ୍ୟାଡମିଣ୍ଟନ ପ୍ରଦାନ କରାଯାଉଛି । କିନ୍ତୁ ଏହି ବିଦ୍ୟାଳୟରେ ପିଲାମାନଙ୍କୁ କେବେ ଖେଳ ଛୁଟି ସହିତ ସ୍ପୋର୍ଟସ କିଟ୍ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଅଭିଯୋଗ ହେବା ପରେ ଏବିଇଓ ନିରଞ୍ଜନ ରାଉଳ ଓ ସିଆରସିସି ବିଦ୍ୟାଳୟକୁ ଯାଇ ତଦାରଖ କରିବା ପରେ ଏହାର ସତ୍ୟତା ଜାଣିବାକୁ ପାଇଥିଲେ। ଶନିବାର ଅଣ୍ଡା ପାଳି ଥିବାବେଳେ ପିଲାମାନଙ୍କୁ ଅଣ୍ଡା ନ ଦେଇ କେବଳ ପପିତା ଓ ଆଳୁ ଝୋଳ ଦିଆଯାଇଥିବା ଏବିଇଓ ରାଉଳ ଦେଖିବାକୁ ପାଇଥିବା କହିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ଅଶୋକ କୁମାର ଲାକ୍ରା ସୋମବାର ବିଦ୍ୟାଳୟକୁ ଯାଇ ଅଧିକ ତଦନ୍ତ କରିଥିଲେ। ଘଟଣାର ସତ୍ୟାସତ୍ୟ ଜାଣିବା ପରେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ନିଲମ୍ବନ କରିଛନ୍ତି।

# ଶିକ୍ଷୟିତ୍ରୀ ସୁଜାତା ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର

**ରାଜଗାଙ୍ଗପୁର, ୭।୧୦(ଅଶୋକ ପାଣି)**

ସୁରକ୍ଷା ଓ ଜଙ୍ଗଲ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜଗାଙ୍ଗପୁର ବ୍ଲକର ଶିକ୍ଷୟିତ୍ରୀ ତଥା ସାମ ସରକାରୀ ଉର୍ଦ୍ଦୁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ଦାଶଙ୍କୁ ଚଳିତ ବର୍ଷ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ୭୯ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ସୁନ୍ଦରଗଡ଼ସ୍ଥିତ ସଦ୍‌ଭାବନା ଭବନଠାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ମନୋଜ ମହାଜନ, ବିଧାୟକ ଯୋଗେଶ ସିଂ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ ପ୍ରମୁଖ ଉପସ୍ଥିତ ଥିଲେ। ସୁଜାତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିବା ପରେ ରାଜଗାଙ୍ଗପୁରର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ତଥା ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ଟ୍ରକ୍ ଧକ୍କାରେ ଦୁଇ ଯୁବକ ମୃତ

**ବେଲପଡା,୭।୧୦(ମନୋଜକୁମାର ମିଶ୍ର)**

**ପାଟଣାଗଡ଼-ବେଲପଡ଼ା ରାସ୍ତାରେ ସଡ଼କ ଦୁର୍ଘଟଣା**

ବଲାଙ୍ଗୀର ଜିଲା ପାଟଣାଗଡ-ବେଲପଡା ମୁଖ୍ୟ ରାସ୍ତାର ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଭରୁଆମୁଣ୍ଡା ଗାଁର ଦୁଃଖନାଶନ ନାଏକ (୩୫) ଓ କେଶବ ମାଝୀ (୩୭)। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ ତହାଇ ରାସ୍ତା ଅବରୋଧ କରିଛନ୍ତି।

ପ୍ରକାଶ ଯେ, ବେଲପଡା ଥାନା ଭରୁଆମୁଣ୍ଡା ଗାଁର ଦୁଃଖନାଶନ ଓ କେଶବ କୌଣସି କାମ ପାଇଁ ଯାଇ ବାଇକ୍‌ରେ ପାଟଣାଗଡ ପଟୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଃଖନାଶନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ କେଶବଙ୍କ ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। କିନ୍ତୁ ବେଲପଡା ପୋଲିସ ଦୁର୍ଘଟଣା ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ପାଟଣାଗଡ଼ ଡାକ୍ତରଖାନା ନେଇଯିବାକୁ କେନ୍ଦ୍ର କରି ଲୋକେ ଉତ୍ତ୍ୟକ୍ତ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗାଁ ଲୋକେ ଦୁର୍ଘଟଣାସ୍ଥଳରେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବେଲପଡା ପୋଲିସ ଅଚାନକ ମୃତଦେହ ନେଇ ଯାଇଥିବା ନେଇ ଲୋକେ ହୋ ହଲ୍ଲା କରିଥିଲେ। ଏହାପରେ କଣ୍ଟାବାଞ୍ଜି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଲୋକେ ବୁଝି ନ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ବେଳେ ରାସ୍ତା ଅବରୋଧ ଜାରି ରହିଛି। ରାସ୍ତା ଅବରୋଧ ଯୋଗୁ ଶତାଧିକ ଗାଡିମୋଟର ଅଟକି ରହିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ପାଟଣାଗଡ଼ ଥାନାରେ ଗାଡ଼ିକୁ ନେଇ ଆତ୍ମ ସମର୍ପଣ କରିଥିବା ଜଣାଯାଇଛି।


ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ପାଟଣାଗଡ ଡାକ୍ତରଖାନା ନେଉଛି।

# ଜିଲା ଯାଦବ ମହାସଭା ପକ୍ଷରୁ ନୂଆଁଖାଇ ଭେଟଘାଟ


ନୂଆଁଖାଇ ଭେଟଘାଟରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ଅନ୍ୟମାନେ।

**ବଡ଼ଗାଁ,୭।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଯାଦବ ମଗଧା ସମାଜ ପାମରା ଗାଦି ଆନୁକୂଲ୍ୟରେ ଜିଲା ଯାଦବ ମଗଧା ସମାଜ ପକ୍ଷରୁ ସୋମବାର ପାମରାଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବ ଯୋଗଦେଇ ଯାଦବ ମଗଧା ସମାଜର ଶିକ୍ଷା, ସଂସ୍କୃତି ପରମ୍ପରା, ଚାଲିଚଳନ ରୀତିନୀତି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ସ୍ଥାନୀୟ ଗ୍ରାମବାସୀ ସୁନ୍ଦରମଣୀ ରାଉତ, ଏମପି ପ୍ରତିନିଧି ଶିଶିର ରାଉତରାୟ, ମଣ୍ଡଳ ସଭାପତି ଚିନ୍ମୟ ବାରିକ, ଯୁବନେତା ଅମୀର ନାଏକ ପ୍ରମୁଖ ଯୋଗଦେଇଥିଲେ। ଭେଟଘାଟ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ସମାଜ କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସମାଜର ଜିଲା ସଭାପତି ଜୟମଙ୍ଗଳ ଖିଲାରୀ, ବ୍ଲକ ସଭାପତି ବାବୁଲି କରସେଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ନବକୃଷ୍ଣ ଖିଲାରୀ,ସଞ୍ଜୟ ଧରେଇ, ଲକ୍ଷ୍ମୀଧର ଗୌଡ଼, ରବିନାରାୟଣ ଗହିର, ବୀର ଖିଲାରୀ, ରାମକୃଷ୍ଣ କରସେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଶିବିରରେ ୪୭ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ

**ସୁନ୍ଦରଗଡ଼, ୭।୧୦(ଜୟ ନାରାୟଣ ମେଣ୍ଡୁଲି)**

ଟାଙ୍ଗରପାଲି ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ମହାଜନ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୦୮ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭୬ ବ୍ୟକ୍ତିଗତ,୩୨ ସାମୂହିକ ଅଭିଯୋଗ ରହିଥିଲା। ୪୭ ଅଭିଯୋଗ ଗୁଡ଼ିକର ତତକ୍ଷଣାତ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ୩୨ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା ଏବଂ ୨ଟି ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

# ସ୍ୱର୍ଣ୍ଣ ମହଲ ସଦୃଶ ତୋରଣ ମୁଖ୍ୟ ଆକର୍ଷଣ

ସମ୍ବଲପୁର, ୭।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଗୋବିନ୍ଦତୋଲା ଦୁର୍ଗା ପୂଜା ଏହାର ସାଜସଜ୍ଜାକୁ ନେଇ ସର୍ବଦା ଚର୍ଚ୍ଚିତ ହୋଇଥାଏ। ପ୍ରାୟ ୬୦ ଫୁଟ୍ ଉଚ୍ଚତା ବିଶିଷ୍ଟ ମୁଖ୍ୟ ତୋରଣ ଚଳିତ ବର୍ଷ ଏକ ସ୍ୱର୍ଣ୍ଣ ମହଲ ଢ଼ାଞ୍ଚାରେ ନିର୍ମାଣ ହେଉଛି। ତୋରଣକୁ ବରଗଡ଼ ଜିଲା ପାଣିମୋରାର ଆନନ୍ଦ ଟେଣ୍ଟ ହାଉସର ଆନନ୍ଦ କୁମାର ସରାଫ ନିର୍ମାଣ କରୁଛନ୍ତି। ଏଥିପାଇଁ ପ୍ରାୟ ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଠାରେ କୋଲକାତାରେ ନିର୍ମିତ ଏକ ମଣ୍ଡପର ପୂର୍ଣ୍ଣାଙ୍ଗ ରୂପ ଦିଆଯିବ ବୋଲି ନିର୍ମାଣ ଦାୟିତ୍ୱରେ ଥିବା ଆନନ୍ଦ ସରାଫ କହିଛନ୍ତି। ମଣ୍ଡପର ଆଭ୍ୟନ୍ତରୀଣ ସାଜସଜ୍ଜା ଦାୟିତ୍ୱ ଢେଙ୍କାନାଳର ରମେଶ କୁମାର ଭୋଇ କରୁଛନ୍ତି। ପ୍ରାୟ ୭୦ହଜାର ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସାଜସଜ୍ଜାରେ ସମ୍ପୂର୍ଣ୍ଣ ଭାବେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଛାପ ଦୃଶ୍ୟମାନ ହେବ ବୋଲି କୁହାଯାଇଛି।

ସେହିପରି ଏଠାରେ ଶବ୍ଦ ଓ ଆଲୋକ ସାଜସଜ୍ଜା ଦାୟିତ୍ୱରେ ରହିଛନ୍ତି ଢେଙ୍କାନାଳ, ଦେଉଳସାହିର ଅମର ନାଥ ଆଚାର୍ଯ୍ୟ। ଚଳିତ ବର୍ଷ ଗୋବିନ୍ଦତୋଲାର ପୂଜାରେ ୫ ଲକ୍ଷ ବ୍ୟୟ ଅଟକଳରେ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ସୁବିସ୍ତୀର୍ଣ୍ଣ ତୋରଣକୁ ଉଜ୍ଜ୍ୱଳ ତଥା ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯିବ। ଏହିଭଳି ଭାବେ ସମ୍ପୂର୍ଣ୍ଣ ପୂଜାର ଆୟୋଜନ ପାଇଁ ପାଖାପାଖି ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବର୍ତ୍ତମାନ ପ୍ରସ୍ତୁତି କାମ ଜୋରସୋରରେ ଆଗେଇ ଚାଲିଛି କମିଟି ସମ୍ପାଦକ ଡମ୍ବରୁଧର ରଣା କହିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାର ପାରମ୍ପରିକ ଆର୍ମିକ ପରିବେଶ ମଧ୍ୟରେ ଏଠାରେ ମା' ଭୁବନେଶ୍ୱରୀ ପୂଜା ପାଇବେ।


ଆଗେଇ ଚାଲିଛି ଗୋବିନ୍ଦତୋଲା ଦୁର୍ଗାପୂଜା ତୋରଣ।

**ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା କମିଟି**

ପୂଜାରେ ଇଂ.ସଞ୍ଜୟ ତ୍ରିପାଠୀ ଓ ଡାକ୍ତର ନମିତା ନାଥ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ମୁଖ୍ୟ ପୁରୋହିତ ଭାବେ ପଣ୍ଡିତ ଜଗଦୀଶ ଦାସ ଓ ତାଙ୍କ ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରିବେ। ଭସାଣି ଉତ୍ସବକୁ ମଧ୍ୟ ଖୁବ ଆକର୍ଷଣୀୟ କରିବା ଲକ୍ଷ୍ୟ ରଖାଯାଇଛି। ବିଳାସପୁର, ଛତିଶଗଡ଼ର ଢୋଲ ଧମାଲ, ଅନୁଗୋଳର ପଞ୍ଜାବୀ ଢୋଲ, ବରଗଡ଼ ଓ ବରପାଲିର ଦୁଲଦୁଲି ସହିତ ସ୍ଥାନୀୟ କଳାକାର ଚଳିତ ବର୍ଷ ଗୋବିନ୍ଦତୋଲା ଭସାଣି ଉତ୍ସବର ବିଶେଷ ଆକର୍ଷଣ ପାଲଟିବ ବୋଲି କହିଛନ୍ତି କମିଟିର ସଭାପତି ପ୍ରଦୀପ କୁମାର ପାଢ଼ୀ। ଅନେକ ପ୍ରତିକୂଳ ପରିସ୍ଥିତିରେ ଚଳିତବର୍ଷ ଦୁର୍ଗାପୂଜାର ଆୟୋଜନ ହେଉଛି। ସମସ୍ତ ବାଧାବିଘ୍ନକୁ ସାମ୍ନା କରି ପୂଜାକୁ ସଫଳତାର ସହିତ ଆୟୋଜନ କରିବାକୁ କମିଟି ସଦସ୍ୟବୃନ୍ଦ ସଙ୍କଳ୍ପବଦ୍ଧ ବୋଲି କହିଛନ୍ତି ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ।

# ସମସ୍ତ ମନ୍ଦିରକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କର

ସମ୍ବଲପୁର, ୭।୧୦(ପ୍ରମୋଦ ବହିଦାର)

ତିରୁପତି ବାଲାଜୀଙ୍କ ମନ୍ଦିରରେ ଲାଗି ହୋଇ ପରେ ଭକ୍ତଙ୍କୁ ବିତରଣ କରାଯାଉଥିବା ପ୍ରସାଦ(ଲଡୁ) ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ମାଛତେଲ ଓ ପଶୁ ଚର୍ବି ମିଶୁଥିବା ଅଭିଯୋଗ ପରେ ପ୍ରତିକ୍ରିୟା ପକାଶ କରିଛି ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ଓଡ଼ିଶା ପଶ୍ଚିମ ପ୍ରାନ୍ତ। ସୋମବାର ପରିଷଦ କର୍ମକର୍ତ୍ତା ଓ ବହୁ ସଦସ୍ୟ ଜୟ ଶ୍ରୀରାମ ନାରା ସହ ହାତରେ ପ୍ଲାକାର୍ଡ ଧରି ଏକ ପଦଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିଷଦର ଏକ ପ୍ରତିନିଧି ଦଳ ରାଜ୍ୟର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଘୃଣ୍ୟକାର୍ଯ୍ୟରେ ଲିପ୍ତ ବ୍ୟକ୍ତିବିଶେଷ ତଥା ବିଧର୍ମୀଙ୍କୁ ଚିହ୍ନଟ କରି ଗିରଫ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ଦେବଦେବୀ ମନ୍ଦିରକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରିବା, ମନ୍ଦିର ପରିଚାଳନା ସାଧୁସନ୍ଥ, ହିନ୍ଦୁ ସଙ୍ଗଠନ ଅଥବା ହିନ୍ଦୁ ଧର୍ମାଚାର୍ଯ୍ୟମାନଙ୍କୁ ହସ୍ତାନ୍ତର କରିବା, ହିନ୍ଦୁ ମନ୍ଦିର ପାଇଁ କେନ୍ଦ୍ର ଓ ରାଜ୍ୟସ୍ତରରେ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲିବା, ମନ୍ଦିରରେ ସମ୍ପୂର୍ଣ୍ଣ ହିନ୍ଦୁ ପଦ୍ଧତିରେ ପୂଜାର୍ଚ୍ଚନା କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ଶୋଭା ଯାତ୍ରାରେ ପଶ୍ଚିମ ପ୍ରାନ୍ତର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏଥିପୂର୍ବରୁ ପୂର୍ବାହ୍ନ ସାଢ଼େ ୧୦ଟାରେ ଭିଏଚ୍‌ପି ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ସମ୍ବଲପୁର ମହିଳା ଥାନା ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ ଯୋଗଦେଇଥିଲେ। ପରିଷଦର କେନ୍ଦ୍ରିୟ ମାର୍ଗ ଦର୍ଶକ ମଣ୍ଡଳ ସଭ୍ୟ ପୁରୀର ସ୍ୱାମୀ ଜୀବନମୁକ୍ତା ନନ୍ଦ, ବିପିନ ବିହାରୀ ନନ୍ଦ, ପୂଜ୍ୟ ସନ୍ଥ ଶିବାନନ୍ଦ ବାବା, ପ୍ରଦୀପ ବହିଦାର, ସତ୍ୟନାରାୟଣ ପଣ୍ଡା, ସନାତନ ପୁଟେଲ, ଦୁର୍ଗାବାହିନୀର କଳ୍ପନା, ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକ, ପ୍ରାନ୍ତବିହିପ କୋଷାଧ୍ୟକ୍ଷ କମଳ ଅଗ୍ରୱାଲ ଓ ପ୍ରାନ୍ତ ସଭାପତି ଡା. ରାଜକୁମାର ବଡ଼ପଣ୍ଡା ବକ୍ତବ୍ୟ ରଖିଥିଲେ। ପ୍ରାନ୍ତ ସହ ସମ୍ପାଦକ ରାଜୀବ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଚନ୍ଦ୍ର ପାଣିଗ୍ରାହୀ, ସମ୍ପୂର୍ଣ୍ଣା ସାହୁ, କିଶୋର ପାଢ଼ୀ, ଚମ୍ପେଶ୍ୱର୍ ଅଗ୍ରୱାଲ, ପ୍ରମୋଦ ସହୋଯୋଗ କରିଥିଲେ।



ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସମ୍ବଲପୁରରେ ବାହାରିଥିବା ଶୋଭାଯାତ୍ରା।

**ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ପଶୁ ଚର୍ବି ମିଶ୍ରଣ ପ୍ରସଙ୍ଗ**

**ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ତୁରନ୍ତ ଗିରଫ କର**

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ମୃତ୍ୟୁ

କୁଚିଣ୍ଡା,୭।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତର ବଘିଆଗୁଡା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପରେ କାର୍ଯ୍ୟସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହୁଲପାଲି ଥାନା ଗୋଛରା ଗ୍ରାମର ଶୁକଦେବ ମୁଣ୍ଡା(୪୬)।

**କ୍ଷତିପୂରଣ ଦାବିକଲେ ପରିବାର**


ଶୁକଦେବ ମୁଣ୍ଡା

ମୂଳ ଲାଗି ପରିବାର ପ୍ରତିପୋଷଣ କରୁଥିବା ସ୍ୱାମୀଙ୍କୁ ହରାଇ ଶୁକଦେବଙ୍କ ସ୍ତ୍ରୀ ଆମ୍ବିକା ଓ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଦୁଇପୁଅ ଓ ଗୋଟିଏ ଝିଅଙ୍କୁ ନେଇ ସେ କିଭଳି ପରିବାର ଚଳାଇବେ ଚିନ୍ତାରେ ପଡିଛନ୍ତି। ଶୁକଦେବ ଭୂମିହୀନ। ସେ ବଘିଆଗୁଡା ପ୍ରକଳ୍ପରେ ମଷ୍ଟରରୋଲ ବାହାରିଥିବାରୁ ସେଠାରେ ସେ ମାଟି କାମ କରୁଥିଲେ। ସରକାରୀ ପ୍ରକଳ୍ପ ସ୍ଥଳରେ କାର୍ଯ୍ୟ କଲାବେଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କୁ କ୍ଷତିପୂରଣ ସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅମ୍ବିକା ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଗୋଛରା ପଞ୍ଚାୟତର କେଶାରୀଗୁଡା (ବଘିଆଗୁଡା)ରେ ରାସ୍ତା ଉନ୍ନତୀକରଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କରାଯାଉଥିଲା। ଏଥିରେ ଗୋଛରା ଗ୍ରାମର ଶୁକଦେବ ମୁଣ୍ଡା ଶ୍ରମିକଭାବେ କାମ କରୁଥିଲେ। ଗତ ଶୁକ୍ରବାର ସେ କାମ କରୁଥିବାବେଳେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଘରକୁ ଆଣିଥିଲେ। ସନ୍ଧ୍ୟାରେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ଗୋଛରା ସରପଞ୍ଚ ଥାନେଶ୍ୱର ନାଏକ ଶୁକଦେବଙ୍କ ଅନ୍ତିମ ସଂସ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ସହାୟତା ପ୍ରଦାନ କରି ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପରିଚାଳନା କରୁଥିବା କୁଚିଣ୍ଡା ବ୍ଲକ ଏପିଓ କୁଳବନ୍ତ ବା ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇଛି ବୋଲି କହିଥିଲେ। ବିଡିଓ ନିରଞ୍ଜନ ସା ସରକାରଙ୍କ ନିୟମ ମୁତାବକ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ନେଦରଲାଣ୍ଡରେ ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଭେଟ୍‌ଘାଟରେ ସାମିଲ ପରିବାର।

ସମ୍ବଲପୁର, ୭।୧୦ (ଭବାନୀ ଶଙ୍କର ଭୋଇ)

ନେଦରଲ୍ୟାଣ୍ଡର ଆମଷ୍ଟେଲଭିନ ସହରରେ ରହୁଥିବା ପଶ୍ଚିମ ଓଡ଼ିଶାର ପ୍ରବାସୀ ଓଡ଼ିଆମାନେ ଶନିବାର ଆମର୍ ପରବ୍ ଆମର୍ ଗରବ୍- ନୂଆଁଖାଇ ଭେଟ୍‌ଘାଟ୍ ପାଳନ କରିଚନ୍ତି। ୱେଷ୍ଟର୍ଣ୍ଣ ଓଡ଼ିଶା କମ୍ୟୁନିଟି ଇନ ନେଦରଲ୍ୟାଣ୍ଡ ମୁହୁରୀ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ନୂଆଁ ଅନ୍ନ ଭୋଗ ଲଗାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ଗୀତ ଓ ନୃତ୍ୟ, କବିତା, ଚିତ୍ରକଳା ପ୍ରଦର୍ଶନ, ସମ୍ବଲପୁରୀ ମେଡଲୀ, ଫେସନ୍ ଶୋ, ଡ଼ିଜେ ଇତ୍ୟାଦିରେ ମଞ୍ଚ ରଙ୍ଗାରଙ୍ଗ ହେଇଥିଲାଙ୍। ଏହା ସହିତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୦୧୫ ମସିହାରୁ ନେଦରଲ୍ୟାଣ୍ଡରେ ନୂଆଁଖାଇ ଭେଟ୍‌ଘାଟ ପାଳନ ହୋଇ ଆସୁଛି।

# ୯ ରୁ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

ସମ୍ବଲପୁର, ୭।୧୦(ବି.ଶଙ୍କର)

**ଭାଗ ନେବେ ୨୨ଜିଲାରୁ ୩୪୯ ପ୍ରତିଯୋଗୀ**

ସମ୍ବଲପୁର ଆର୍ଚେରୀ ଆସୋସିଏଶନ ଆୟୋଜନରେ ଚଳିତ ମାସ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ଯୁଯୋମୁରା ହାଇସ୍କୁଲ ପଡିଆରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ରାଜ୍ୟ ଓ ଜିଲା ଆର୍ଚେରୀ ଆସୋସିଏଶନର ସହଯୋଗ କ୍ରମେ ନିୟମାନୁସାରେ ପ୍ରତିଯୋଗୀତା କରିବାକୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ୩୪୯ ଜଣ ପ୍ରତିଯୋଗୀ ନିଜର ନାମ ପଞ୍ଜିକରଣ କରିସାରିଛନ୍ତି। ପ୍ରତିଯୋଗୀତାକୁ ୨୬ ଜଣ ଅଫିସିଆଲ ନିରୀକ୍ଷଣ ଓ ପରିଚାଳନା ସକାଶେ ନିୟୋଜିତ ହୋଇଛନ୍ତି। ଏଥିରେ ୧୬ଜଣ ବାଳିକା ଓ ୧୮୯ ଜଣ ବାଳକ ରହିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଅକ୍ଟୋବର ୮ ସୁଦ୍ଧା ସମସ୍ତ ପ୍ରତିଯୋଗୀ, ଗାଇଡ଼ ଓ ସମ୍ପୃକ୍ତ ଅଧିକାରୀମାନେ ଯୁଯୋମୁରାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଖେଳାଳିମାନଙ୍କୁ ରେଲୱେ ଓ ବସ୍ ଷ୍ଟେଶନରୁ ସ୍ୱାଗତ କରିବା ସହ ପାଛୋଟି ଆଣିବା ବ୍ୟବସ୍ଥା ହୋଇଛି। ସେମାନଙ୍କ ରହିବା ପାଇଁ ସ୍ଥାନୀୟ ସମସ୍ତ ହଷ୍ଟେଲ ଏବଂ ବିଭିନ୍ନ ଅତିଥି ଭବନରେ ବ୍ୟବସ୍ଥା କରାଯାଇଛି। ସେହିପରି ଖାଇବା ବ୍ୟବସ୍ଥା ସ୍ଥାନୀୟ ଏମଇ ସ୍କୁଲ ପରିସରରେ ବ୍ୟବସ୍ଥା ହୋଇଛି।

ସୋମବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଆର୍ଚେରୀ ଆସୋସିଏସନ ସଭାପତି କିଶୋର କୁମାର ଦେହୁରୀ, ଉପସଭାପତି ଅଶ୍ୱିନୀ କୁମୁରା ଓ ଉପଦେଷ୍ଟା ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା କହିଛନ୍ତି। ସେମାନେ କହିଥିଲେ, ପ୍ରଥମ ଥର ରାଜ୍ୟସ୍ତରୀୟ ପ୍ରତିଯୋଗୀତା ହେଉଛି। ତେଣୁ ଆୟୋଜନ କମିଟି ଓ ଅଞ୍ଚଳବାସୀ ଉତ୍ସାହିତ ହୋଇ କାର୍ଯ୍ୟ କରୁଛନ୍ତି। ପ୍ରତିଯୋଗିତା ଚଳିତ ମାସ ୯ ତାରିଖ ପୂର୍ବାହ୍ନ ୧୦ଟାରେ ଯୁଯୋମୁରା ହାଇସ୍କୁଲ ପଡିଆରେ ଉଦଘାଟିତ ଏବଂ ୧୨ ତାରିଖ ସନ୍ଧ୍ୟା ୫ଟାରେ ଉଦ୍‌ଯାପିତ ହେବା କାର୍ଯ୍ୟକ୍ରମ ରହିଛି। ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ବିଭିନ୍ନ ସବ୍ କମିଟି ଗଠିତ ହୋଇ କାର୍ଯ୍ୟଭାର ଅର୍ପଣ କରାଯାଇଛି। ଯୁଯୋମୁରା ପରି ଏକ ଉପାନ୍ତ ଅଞ୍ଚଳରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ସଫଳ କରିବାକୁ ଆମେ ଏକ ଆହ୍ୱାନ ଭାବେ ଗ୍ରହଣ କରିଛୁ। ଆଶା ଆମେ ଏ ଦିଗରେ ନିଶ୍ଚୟ ସଫଳ ହେବୁ ବୋଲି କର୍ତ୍ତକର୍ତ୍ତାମାନେ ସୂଚିତ କରିଛନ୍ତି।



ସମ୍ବଲପୁର ଆର୍ଚେରୀ ଆସୋସିଏଶନ କର୍ମକର୍ତ୍ତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ବିଷୟରେ ସୂଚିତ କରୁଛନ୍ତି।

# କୁଚିଣ୍ଡା ବ୍ଲକର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ମନ୍ତ୍ରୀ ରବିନାରାୟଣ ନାଏକ ଅର୍ଡାବାହାଲ ଯୁକ୍ତ୨ କଲେଜ ରୂପାନ୍ତରୀକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରୁଛନ୍ତି।

କୁଚିଣ୍ଡା, ୭।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ନବ ନିର୍ମିତ ପ୍ରକଳ୍ପକୁ ସୋମବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ହାଡିପାଲି ପଞ୍ଚାୟତର କିଣ୍ଡିରା ମାର୍କେଟ କମ୍ପ୍ଲେକ୍ସ, ପାନପାଲି ଶିବ ମନ୍ଦିର କଲ୍ୟାଣ ମଣ୍ଡପ, ପାରୁଆଭାଡି ପଞ୍ଚାୟତର ପତ୍ରାପାଲି ସ୍କୁଲ ଅତିରିକ୍ତ ଶ୍ରେଣୀଗୃହ ଓ ହରିଜନପଡା ମଣ୍ଡପ, ସାନଜଟିଆପାଲି ମଣ୍ଡପ, ପାରୁଆଭାଡି ମାର୍କେଟ କମ୍ପ୍ଲେକ୍ସ, ଅର୍ଡାବାହାଲ ପଞ୍ଚାୟତର ଅର୍ଡାବାହାଲ ଯୁକ୍ତ ୨ କଲେଜ(ଏସଏସଡି)ର ରୂପାନ୍ତରୀକରଣ କାର୍ଯ୍ୟ, ତେଲିତିଲେଇମାଲରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ନୂତନ ସ୍କୁଲ ଗୃହ, ଟାଙ୍ଗସରରେ ଗ୍ରାମୀଣ ଶିଳ୍ପ ଉଦ୍ୟାନର ଶୁଭ ଉଦଘାଟନ ସହ କୁସୁମୀ ବଳରାମ ହାଇସ୍କୁଲର ନୂତନ କୋଠା ନିର୍ମାଣ ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବିଡିଓ ନିରଞ୍ଜନ ସା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ନାୟକଙ୍କ ସହ ସରପଞ୍ଚ, ସମିତି ସଭ୍ୟ ଓ ପିଇଓମାନେ ଉପସ୍ଥିତ ଥିଲେ।

# ପଞ୍ଚମୁଖୀ ଛକ ମା' ଦୁର୍ଗାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

କୁଚିଣ୍ଡା,୭।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ସହରର ପଞ୍ଚମୁଖୀ ଛକଠାରେ ମା' ଦୁର୍ଗାଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଦ୍ୱିତୀୟ ଦିବସରେ ପହଞ୍ଚିଛି। ସୋମବାର ସୂର୍ଯ୍ୟପୂଜା, ଘଟ ପୂଜା, ମା ଦୁର୍ଗାଙ୍କର ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା, ଧ୍ୱଜାରୋହଣ, ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜନ କାର୍ଯ୍ୟକ୍ରମରେ ପୂଜକ ଭାବେ ଅନନ୍ତ ତ୍ରିପାଠୀ, ଜୟନ୍ତ ତ୍ରିପାଠୀ, ବସନ୍ତ ତ୍ରିପାଠୀ, ତନୟ ମହାପାତ୍ର, ପ୍ରକାଶ ପୁରୋହିତ,ବିରାଜ ଶର୍ମା,ରାଜକିଶୋର ପଣ୍ଡା, ଆଦିତ୍ୟ ଦାସ, ସୁଦୀପ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ଏହି ପୂଜାରେ ୬ ଯୋଡି ସପତ୍ନୀକ କର୍ତ୍ତାଭାବେ ଅଂଶ ଗ୍ରହଣ କରିଛନ୍ତି।

# ହୀରାକୁଦରେ ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର,୭।୧୦(ବି.ଶଙ୍କର)

ସୃଜନୀ ଅନୁଷ୍ଠାନ ପକ୍ଷରୁ ରବିବାର ରାତିରେ ହୀରାକୁଦ ବିଲଡିଙ୍ଗ ଅଫିସ ପରିସରରେ ନୂଆଁଖାଇ ଭେଟ୍‌ଘାଟ ଏବଂ ଶାରଦୀୟ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ସ୍ଥାନୀୟ ହିଣ୍ଡାଲକୋର ଇଆର ମୁଖ୍ୟ ସତ୍ୟପ୍ରକାଶ ଦାଶ ଏବଂ ସିଏସଆର ମୁଖ୍ୟ ସୁକାନ୍ତ ମହାପାତ୍ର ସମ୍ମାନୀତ ଅତିଥି, ସିଦ୍ଧାର୍ଥ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ନୂଆଁଖାଇ ତଥା ପଶ୍ଚିମ ଓଡ଼ିଶାର ସଂସ୍କୃତି, ପରମ୍ପରା ଉପରେ ମୂଲ୍ୟବୋଧଭିତ୍ତିକ ବକ୍ତବ୍ୟ ରଖିଥିଲେ। ସୃଜନୀ ସଭାପତି ଶ୍ରୀନିବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶ, ପ୍ରତିଷ୍ଠାତା ସୁଶାନ୍ତ କୁମାର ପାଣିଗ୍ରାହୀ ଓ ସୃଜନୀ ସ୍କୁଲ ଅଧକ୍ଷା ସବିତା ପାଣିଗ୍ରାହୀ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଓ ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ଉଲ୍ଲସିତ କରିଥିଲା। ଜିତେନ୍ଦ୍ର ମିଶ୍ର, ଲକ୍ଷ୍ମଣ ଦାସ, ମୋହନ ମହାରଣା, ବୀରେନ୍ଦ୍ର କୁମାର ଜେନା, ଦିନେଶ ସିଂହ, ଏତୁଆ ଖଡ଼ିଆ, ସୁଦେଶ ପାଲ, ରାଜେନ୍ଦ୍ର ମଟାରି, କ୍ଷୀରୋଦ ସାହୁ, ଅଶୋକ ମହାରଣା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ନୂଆଁଖାଇ ଭେଟ୍ ଏବଂ ଶାରଦୀୟ ବନ୍ଧୁମିଳନରେ ଅତିଥି ଓ କର୍ମକର୍ତ୍ତାମାନେ।

# ଭାଷା ସଂସ୍କୃତିର ପ୍ରଚାରରେ ନୂଆଁଖାଇର ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର, ୭।୧୦ (ଭବାନୀ ଶଙ୍କର ଭୋଇ)

ପଶିମ ଓଡ଼ଶା ପରିବାର ମୁମ୍ବାଇ ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ରବିବାର ମୁମ୍ବାଇର ଦାଦରସ୍ଥିତ ସ୍ୱତନ୍ତ୍ର ବୀର ସାବରକର ଅଡିଟୋରିୟମଠାରେ ଏହି ଭେଟ୍‌ଘାଟ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଲଆଇସିର ପ୍ରବର୍ତ୍ତନ ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ, ଆରବିଆଇର ପ୍ରବର୍ତ୍ତନ ନିର୍ଦ୍ଦେଶକ ଚାରୁଲତା କର, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଏବଂ ଡ.ସପନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଚମ୍ପକ ତ୍ରିପାଠୀଙ୍କ ଦ୍ୱାରା ଦେବୀ ମନ୍ତ୍ର ଉଚ୍ଚରଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରିଷ୍ଠ ସଦସ୍ୟ ତଥା ଆୟକର ଅବସରପ୍ରାପ୍ତ ପ୍ରିନ୍ସିପାଲ୍ କମିଶନର ଶ୍ରୀକାନ୍ତ ଚାଟାର୍ଜୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପଦ୍ମଶ୍ରୀ ଗୌନ୍ତିଆଙ୍କୁ ତୃତୀୟ ପଶ୍ଚିମ ଓଡ଼ିଶା ପରିବାର ମୁମ୍ବାଇ ଗୌରବ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡକ୍ଟର ସପନ ମିଶ୍ରଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଭାଷା ସଂସ୍କୃତିର ପ୍ରଚାର ଦିଗରେ ନୂଆଁଖାଇର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ପର୍ବ କେବଳ କୃଷକମାନଙ୍କ ପାଇଁ ନୁହେଁ ବରଂ ଜୀବ ଜଗତ ପାଇଁ ଖାଦ୍ୟର ଆବଶ୍ୟକତା ରହିଥିବାରୁ ନୂଆଁଖାଇ ସମସ୍ତଙ୍କ ପାଇଁ ଗୁରୁତ୍ୱ ରଖିଛି ବୋଲି ରତ୍ନାକର ପଟ୍ଟନାୟକ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମାସ୍କ ବଣ୍ଟନ, ଅମ୍ଳଜାନ ସେଟ୍ ଅପ୍ ବଣ୍ଟନ ଆଦି ସାମାଜିକ କାର୍ଯ୍ୟକୁ ଜୁହର ଫାଉଣ୍ଡେଶନ ଦ୍ୱାରା ପ୍ରଶଂସା କରାଯାଇଥିଲା। ଭିଏସ୍‌ଏସ୍ ଫେଲୋଶିପ୍ ନାମରେ ସୁଦୂର ଗ୍ରାମ ଗୁଡିକରେ ବଞ୍ଚିତ ଛାତ୍ରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା। ଗୁରୁ ଦୁର୍ଗା ଦାଶଙ୍କ ନେତୃତ୍ୱରେ ରଙ୍ଗ ଫରୁଆ ଦଳ ଏବଂ ଗୁରୁ ଅସୀମ ପ୍ରଧାନ ସମ୍ବଲପୁରୀ ସଙ୍ଗୀତ, ନୃତ୍ୟ ଗୀତ ଆୟୋଜିତ କରାଯାଇଥିଲା। ଏହି ଅବସରରେ କୋରାପୁଟର ଏକ ଲୋକପ୍ରିୟ ଲୋକ ଗୀତ ପାନି ମାରିଦେଲା ଝାଇଁ ଏବଂ ଅନ୍ୟ ସମ୍ବଲପୁରୀ ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତେ ପ୍ରାମାଣିକ ଓଡ଼ିଆ ଖାଦ୍ୟ, ସମ୍ବଲପୁରୀ ଫେସନ ଶୋକୁ ଉପଭୋଗ କରିଥିଲେ। ସଦସ୍ୟମାନେ ପାରମ୍ପରିକ ପୋଷାକ ପିନ୍ଧି ର୍‍ୟାମ୍ପରେ ଚାଲିଥିଲେ। ଏହି କାର୍ଯ୍ୟକ୍ରମକୁ କବିତା ସାହାଣୀ ପରିଚାଳନା କରିଥିଲେ।

**ପଶିମ ଓଡ଼ିଶା ପରିବାର ମୁମ୍ବାଇ ପକ୍ଷରୁ ନୂଆଁଖାଇ ଭେଟ୍**



ପଶିମ ଓଡ଼ିଶା ପରିବାର ମୁମ୍ବାଇ ପକ୍ଷରୁ ନୂଆଁଖାଇ ଭେଟଘାଟ୍‌ରେ କର୍ମକର୍ତ୍ତା।

# ଡୋକରୀ ଠାକୁରାଣୀଙ୍କ ନିଶାନ ଶୋଭାଯାତ୍ରା

ଜୟପାଟଣା,୭।୧୦ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ତାଳଗୁଡ଼ସ୍ଥିତ ମା' ଡୋକରୀ ଠାକୁରାଣୀଙ୍କ ନିଶାନ ଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ଜୟପାଟଣା ହନୁମାନ ମନ୍ଦିରଠାରୁ ୧୦କି.ମି. ଦୂର ତାଳଗୁଡ଼ ମା' ଡୋକରୀଙ୍କ ପୀଠ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ଏଥିରେ ଅଞ୍ଚଳର ଶତାଧିକ ଭକ୍ତ ନିଶାନ (ଧ୍ୱଜ) ସହ ସାମିଲ ହୋଇଥିଲେ। ଏହି ସମୟରେ କୀର୍ତ୍ତନ ଦଳ ସହ ହନୁମାନଙ୍କ


ନିଶାନ ଯାତ୍ରାରେ ଭକ୍ତମାନେ ପଦଯାତ୍ରା କରୁଛନ୍ତି।

## ଭକ୍ତଙ୍କ ୧୦କି.ମି. ପଦଯାତ୍ରା

ବେଶରେ ସଜ୍ଜିତ ଜଣେ ବ୍ୟକ୍ତି ଆକର୍ଷଣ ସାଜିଥିଲେ। ନିଶାନ ଯାତ୍ରାରେ ଘାସିରାମ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ରିତେଶ ବଂଶଲ, ପଙ୍କଜ ବଂଶଲ, ଦୀପକ ଜୈନଙ୍କ ସମେତ ମାରୱାଡି ଯୁବାମଞ୍ଚ, ମହିଳା ସମିତି କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗଣ ସଫେଇ ଅଭିଯାନ

ସମ୍ବଲପୁର, ୭।୧୦ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଭାଲୁପାଲି ଉନ୍ନୟନ ପରିଷଦ ଦ୍ୱାରା ସଂକର୍ମା ଗ୍ରାମର ତିଳେଇମାଲ ଠାରେ ସୋମବାର ସଫେଇ ଅଭିଯାନ ଆୟୋଜନ କରାଯାଇଛି। ପରିଷଦ ଗଠନ ହେବା ପରେ ପ୍ରଥମ କରି ଗଣ ସଫେଇ ଅଭିଯାନ ହାତକୁ ନେଇ ରାସ୍ତାର ଉଭୟ ପାର୍ଶ୍ୱ ସଫା କରିଥିଲେ। ଆଗାମୀ ଦିନରେ ଗ୍ରାମର ସମସ୍ତ ଅଞ୍ଚଳରେ ସଫେଇ ଅଭିଯାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସଭାପତି ଅମୂଲ୍ୟ ମିଶ୍ର, ଉପସଭାପତି ଗତିକୃଷ୍ଣ ପଣ୍ଡା, ବଜରଙ୍ଗ ମୁଣ୍ଡା, ସମ୍ପାଦକ ନିଶିକାନ୍ତ ବିଶ୍ୱାଳ, ରଙ୍କ ବାର୍ତ୍ତିଆ, ଆଶିଷ ସାହୁ ଉପସ୍ଥିତ ଥିଲେ।

# ମାନେଶ୍ୱର ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି


ଜିଲାପାଳ ୪ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରୁଛନ୍ତି।

ସମ୍ବଲପୁର, ୭।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୪୪ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ୩୭ଟି ଆବେଦନ ବ୍ୟକ୍ତିଗତ, ୬ଟି ଗ୍ରାମୀଣ ସମସ୍ୟା ସହିତ ଜଡିତ ଥିଲା । ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ପାଇଁ ଜଣେ ବ୍ୟକ୍ତି ଆବେଦନ କରିଥିଲେ। ୩ଟି ଅଭିଯୋଗକୁ ଆବେଦନସ୍ଥଳରେ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଜିଲାପାଳ ୪ଜଣ ହିତାଧିକାରୀଙ୍କୁ ଟ୍ରାଏ ସାଇକେଲ, ଜଣେ ହିତାଧିକାରୀକୁ ୱାକିଙ୍ଗ ଷ୍ଟିକ ଏବଂ ମଧୁବାବୁ ପେନସନ ଯୋଜନା ଅନ୍ତର୍ଭୁକ୍ତ ୨୨ ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ।

# ନବରାତ୍ର ଅବସରରେ ଭଜନ ସନ୍ଧ୍ୟା

ସମ୍ବଲପୁର, ୭।୧୦(ବି.ଶଙ୍କର)

ଶାରଦିୟ ନବରାତ୍ର ଉପଲକ୍ଷେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ରାତିରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁରେଟୋଲା- ସମଲେଇପଦର ସ୍ଥିତ ସମଲେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମଲେଇ ମନ୍ଦିର ତଥା ଅଞ୍ଚଳର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ଅଞ୍ଚଳବାସୀ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ତ୍ୱରିତ ସମାଧାନ କରାଯିବ । ଏଥିସହ ବିଧାୟକ ମିଶ୍ର ସରକାରଙ୍କ ଜନହିତକର ଯୋଜନା ବିଷୟରେ ଜଣାଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ହାରାଚାନ୍ଦ କଠାରଙ୍କୁ ସମ୍ମାନିତ କରାଯାଇଥିଲା । ସେ ଦୀର୍ଘ ଦିନ ହେବ ସମଲେଇ ମନ୍ଦିରର ଯତ୍ନ କରି ଆସୁଛନ୍ତି। ପଡ଼ିବାହାଲର ସନ ଦଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ସମଲେଶ୍ୱର ଡ୍ୟାନ୍ସ ଗ୍ରୁପର କଳାକାରମାନେ ଏହି ଅବସରରେ ନୃତ୍ୟ ପରିବେଷଣ କରିଥିଲେ। କମିଟିର ଅରୁଣ ଭୋଇ, କେଶବ ଭୋଇ, ଉମେଶ ଖଡିଆ, ଦିଲୀପ ଓରାମ, ଗୌତମ ଓରାମ, ଅରବିନ୍ଦ ତିର୍କୀ, ସୁନୀଲ କଠାର, ଅନିଲ କଠାର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।


ବିଧାୟକ ଜୟନାରାୟଣ ମିଶ୍ର ହାରାଚାନ୍ଦ କଠାରଙ୍କୁ ସମ୍ମାନିତ କରୁଛନ୍ତି।

## ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ

# କୁଚିଣ୍ଡା ବିଏଫ୍‌ସି କ୍ୱାର୍ଟର ଫାଇନାଲରେ


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ଓ ରେଫରୀ ମାନେ।

କୁଚିଣ୍ଡା, ୭।୧୦(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ସୋମବାର ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଗୋଟି ଦଳ ସାମିଲ ହୋଇଛନ୍ତି। ୯୭ତମ ଦୁର୍ଗାପୂଜା ଓ ଦଶହରା ଅବସରରେ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ୩ଟି ମ୍ୟାଚ ହୋଇଥିଲା। ଦୁର୍ଗାପୂଜା କମିଟି ସଭାପତି ତଥା କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟ ଅତିଥି, ଉପସଭାପତି ଗଣେଶ ଅଗ୍ରୱାଲ, ଧିରେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଗଗନ ଶର୍ମା,କୋଷାଧ୍ୟକ୍ଷ ସଞ୍ଜିତ ଶର୍ମା,ସମ୍ପାଦକ ପ୍ରତାପ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ କୁଚିଣ୍ଡା ବିଏଫସି ସହ ବାରଡୁଙ୍ଗୁରି ଜେଆରୱାଇଏସ ମଧ୍ୟରେ ହୋଇଥିଲା। ଏଥିରେ କୁଚିଣ୍ଡା ବିଏଫସି ୩-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରେଙ୍ଗାଲି ବ୍ଲକ ପାନ୍ଥର ସହ କୁଲିହାମାଲ ଜ୍ୟୋତି ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ କୁଲିହାମାଲ ଜ୍ୟୋତି ଏକାଦଶ ୧-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ (ପ୍ରିକ୍ୱାର୍ଟର ଫାଇନାଲ)କୁଚିଣ୍ଡା ବିଏଫସି ସହ କୁଲିହାମାଲ ଜ୍ୟୋତି ଏକାଦଶ ମଧ୍ୟରେ ହୋଇଥିବା ବେଳେ ଏଥିରେ ୨-୦ ଗୋଲରେ କୁଚିଣ୍ଡା ବିଏଫସି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳକୁ ସରୋଜ କିଷାନ, ହୁତାସନ ବାଘ, ରାଜେଶ ଜୟପୁରିଆ, ବାପି ବାଘ ଓ ରାଜକୁମାର ମହାପାତ୍ର ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଉଦିତ ଦଶଭାୟା,ସଞ୍ଜୟ ମହାନନ୍ଦ,ଡିଲେଶ୍ୱର ବେହେରା,ଉଦିତ ପ୍ରତାପ ଦେଓ,ଅମିତ ଭୋଇ,ନନ୍ଦଲାଲ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ ଆସନ୍ତା ୧୧ରେ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଦେବଗଡ଼,୭।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ମହୁପାଳ ଗ୍ରାମର କୈଳାସ ଚନ୍ଦ୍ର ଭୋଇ ଓରଫ ପିଣ୍ଟୁ (୨୮)। ଜାମିନ ନାମଞ୍ଜୁର ହେବାରୁ ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ବଳାତ୍କାରୀ ଯୁବକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଗତ ୪ ତାରିଖ ରାତି ପ୍ରାୟ ସାଢ଼େ ୧୧ଟାରେ ସମ୍ପୃକ୍ତା ମହିଳା ଜଣକ ପରିଶ୍ରା କରିବା ପାଇଁ ଘର ବାହାରକୁ ଆସିଥିଲେ। ଏହି ସମୟରେ କୈଳାସ ତାଙ୍କୁ ବଳପୂର୍ବକ ଟେକି ନେଇ ବଳାତ୍କାର କରିଥିଲେ। ମହିଳା ଚିତ୍କାର କରିବାରୁ ପରିବାର ଲୋକେ ଉଠି ଟର୍ଚ୍ଚ ଲାଇଟ ପକାଇବାରୁ କୈଳାସ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଗତ ୫ ତାରିଖରେ ପୀଡିତା ସ୍ୱାମୀଙ୍କ ସହିତ ଆସି ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି କୈଳାସଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

# ପ୍ରାଥମିକ ବିଦ୍ୟାଳୟରୁ ଚୋରି ଘଟଣାର ତଦନ୍ତ ଆରମ୍ଭ

ଅମରପାଲି, ୭।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କ୍ଲଷ୍ଟର ଅନ୍ତର୍ଗତ ଆମ୍ବଶରଭଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଟିଭି, ସାଉଣ୍ଡ ସିଷ୍ଟମ ଓ ଚାଉଳ ଚୋରି ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଯଜ୍ଞେଶ୍ୱରୀ ବୁଡେକ ଏନେଇ ସୁବଳୟା ଥାନାରେ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୋମବାର ସ୍କୁଲ ଖୋଲିବା ବେଳେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଏହା ସହିତ ସ୍କୁଲରେ ଲାଗିଥିବା ଏକ ଏଲଇଡି ଟିଭି, ଏକ ସାଉଣ୍ଡ ସିଷ୍ଟମ ଓ ୩ ବସ୍ତା ଚାଉଳ ଚୋରି ହୋଇଥିଲା ଦେଖିବାକୁ ମିଳିଥିଲା। ଏନେଇ ସୁବଳୟା ଥାନାରେ ଏକ ମାମଲା ରୁଜୁ ହେଲା ପରେ ପୋଲିସ ସ୍କୁଲକୁ ଆସି ତଦନ୍ତ ଆରମ୍ଭ କରିଛି। ଉକ୍ତ ସ୍କୁଲରୁ ୨୦୨୨ ମସିହାରେ ମଧ୍ୟ ଚାଉଳ ଚୋରି ହୋଇଥିଲା। ଅଞ୍ଚଳର ବିଭିନ୍ନ ସ୍କୁଲରୁ ଚୋରି ହେଉଥିଲେ ମଧ୍ୟ ଚୋର ଧରା ପଡୁ ନାହାନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଅମରପାଲି, ୭।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଫୁଲା ପଞ୍ଚାୟତର ଟିଠିପାଲି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗ୍ରାମର ସରୋଜ ଖମାରୀ(୨୮)। ସୋମବାର ସରୋଜ ଘରେ ଟୁଲୁ ମୋଟରରେ ବିଦ୍ୟୁତ ସଂଯୋଗ କରୁଥିବା ବେଳେ ସଟ ସର୍କିଟ ହୋଇ ଯାଇଥିଲା। ଏଥିରେ ସେ ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ଯୁବକ ଗତ ବର୍ଷ ବିବାହ କରିଥିବା ବେଳେ ତାଙ୍କ ସ୍ତ୍ରୀ ଏବେ ଗର୍ଭବତୀ ଅଛନ୍ତି। ତେବେ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।


**ODISHA JOINT ENTRANCE EXAMINATION - 2024 (OJEE - 2024)**

No: OJEE /539 Date: 05.10.2024

No.h-10

**PUBLIC NOTICE REGARDING B.PHARM/M.PHARM WEB COUNSELLING FOR 2024-25**

This is for the information of all concerned that OJEE Web-Based Counselling Process for **B.Pharm/ M.Pharm** Programs is going to start from **8th October, 2024**.

Interested candidates having valid OJEE 2024 /JEE Main-2024/ NEET-UG 2024 Ranks (for B.Pharm) and OJEE Rank/ valid GPAT Score (for M.Pharm) programs are advised to visit OJEE websites (www.ojee.nic.in/www.odishajee.com) and see the detailed **Counselling Schedule** for all these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process.

Sd./-
Chairman, OJEE
ODISHA

OIPR-44026/11/0010/2425

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम — A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖା**
ଜଗନ୍ନାଥପୁର ଜଙ୍କସନ୍, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୭

**ଡିମାଣ୍ଡ ନୋଟିସ୍**

**ସମସ୍ତ ପକ୍ଷଙ୍କୁ ବିକଳ୍ପ ସେବା ଭାବେ ଖବର କାଗଜ ମାଧ୍ୟମରେ ଧାରା ୧୩ (୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ପ୍ରକାଶନ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖା**ର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଦାଶରଥି ପାଣିଗ୍ରାହୀ,** ପିତା: ୰ ମହେଶ୍ୱର ପାଣିଗ୍ରାହୀ, ସା: ୧୩, ଶାସ୍ତ୍ରୀ ନଗର, ୫ମ ଲାଇନ୍, ଉତ୍କଳ ସିନେମା ରୋଡ୍ ନିକଟ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ସୁଶିଳା ଚୌଧୁରୀ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ଚୌଧୁରୀ, ସା: ପ୍ଲଟ୍ ନଂ.: ୨୦୩୮/୪୪୪୪ ଏବଂ ୧୩୫୦/୪୪୪୫, ଖତିୟାନ ନଂ.: ୮୩୩/୧୨୬୯, ରେଭିନ୍ୟୁ ମୌଜା: ଶଶୀଭୂଷଣପୁର, ମହାରଣା ଷ୍ଟ୍ରିଟ୍, ଶ୍ରୀରାମ ନଗର, ଆସ୍କା ରୋଡ୍, ଗଞ୍ଜାମ | ଏସ୍‌ଓଡିଜିଏନ୍ / ଟ.୧୬,୦୦,୦୦୦/- | ୧୬.୦୯.୨୦୨୪ / ୧୬.୦୯.୨୦୨୪ ସୁଦ୍ଧା ଟ.୧୫,୯୫,୭୦୭.୭୨ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ସୁଶିଳା ଚୌଧୁରୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର: ଏକର ୦.୦୨୪ଡିସିମିଲି ଯାହା ୧୦୫୦ ବର୍ଗଫୁଟ (ପ୍ରାୟ), ପ୍ଲଟ୍ ନଂ.: ୨୦୩୮/୪୪୪୪ ଏବଂ ୧୩୫୦/୪୪୪୫, ଖତିୟାନ ନଂ.: ୮୩୩/୧୨୬୯, ରେଭିନ୍ୟୁ ମୌଜା: ଶଶୀଭୂଷଣପୁର, ମହାରଣା ଷ୍ଟ୍ରିଟ୍, ଶ୍ରୀ ରାମ ନଗର, ଆସ୍କା ରୋଡ୍, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ କୁନା ସାହୁଙ୍କ ଗୃହ, ଦକ୍ଷିଣ: ଶ୍ରୀ ଟି ଗଣପତି ରାଓଙ୍କ ଗୃହ, ପୂର୍ବ: ବ୍ୟାକୟାର୍ଡ, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ବ୍ରହ୍ମପୁର
ତାରିଖ : ୦୭.୧୦.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

See Career Appointment on every Wednesday & Saturday

**ବିଜ୍ଞାପନ: ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା**

**ଭାରତ ସରକାର**
**ସାମାଜିକ ନ୍ୟାୟ୍ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ୍**
**ଭିନ୍ନକ୍ଷମ ବ୍ୟକ୍ତିବିଶେଷ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ**
୫ମ ମହଲା, ପଣ୍ଡିତ ଦୀନଦୟାଲ ଅନ୍ତ୍ୟୋଦୟ ଭବନ,
ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

**ବର୍ଷ ୨୦୨୪-୨୫ ନିମନ୍ତେ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି**

**ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା**

ଭିନ୍ନକ୍ଷମ ବ୍ୟକ୍ତିବିଶେଷ ସଶକ୍ତୀକରଣ ବିଭାଗ ନିମ୍ନଲିଖିତ ଯୋଜନାଗୁଡ଼ିକ ଅଧୀନରେ ଛାତ୍ରବୃତ୍ତି ନିମନ୍ତେ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ପ୍ରଦାନ କରିଥାଏ: **ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା।**

- **ଆବେଦନକାରୀମାନଙ୍କ ପାଇଁ ନିର୍ଦ୍ଦେଶାବଳୀ:**

୧. ଆବେଦନକାରୀମାନଙ୍କୁ ଜାତୀୟ୍ ଛାତ୍ରବୃତ୍ତି ପୋର୍ଟାଲ୍ www.scholarships.gov.in (ଏହାର ଏକ ଲିଙ୍କ୍ www.depwd.gov.in ରେ ମଧ ଉପଲବ୍ଧ) ରେ କିମ୍ବା ଜାତୀୟ୍ ଛାତ୍ରବୃତ୍ତି ପୋର୍ଟାଲ୍‌ର ମୋବାଇଲ ଆପ୍ ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଉଛି।

୨. ଯୋଜନାର ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଆବେଦନ ପତ୍ର ପୂରଣ କରିବାର ନିର୍ଦ୍ଦେଶାବଳୀ www.depwd.gov.in ରେ ଉପଲବ୍ଧ।

୩. ବେଞ୍ଚମାର୍କ ଭିନ୍ନକ୍ଷମତା ଅର୍ଥାତ୍ ସର୍ବନିମ୍ନ ୪୦% ଭିନ୍ନକ୍ଷମତାଧାରୀ ତଥା ବିଶିଷ୍ଟ ଭିନ୍ନକ୍ଷମତା ପରିଚୟ୍ (ୟୁଡିଆଇଡି) ବା ୟୁଡିଆଇଡି ନାମାଙ୍କନ ସଂଖ୍ୟା ସମେତ ଭିନ୍ନକ୍ଷମତା ପ୍ରମାଣପତ୍ରଧାରୀ ବ୍ୟକ୍ତିମାନେ ଆବେଦନ କରିପାରିବେ।

- **ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ସମୟ୍‌ସୀମା**

| ଯୋଜନା | ଆରମ୍ଭ ତାରିଖ | ଶେଷ ତାରିଖ |
|---|---|---|
| ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି | ୩୦।୦୬।୨୦୨୪ | ୧୫।୧୦।୨୦୨୪ |
| ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ଏବଂ ଉଚ୍ଚ ଶ୍ରେଣୀ ଛାତ୍ରବୃତ୍ତି | ୩୦।୦୬।୨୦୨୪ | ୩୧।୧୦।୨୦୨୪ |

**ଦ୍ରଷ୍ଟବ୍ୟ:** ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଯୋଜନାର ସ୍ଲଟ୍‌ଗୁଡ଼ିକରେ ନୂତନ ତଥା ନବୀକରଣ ମାମଲାଗୁଡ଼ିକ ମଧ ଅନ୍ତର୍ଭୁକ୍ତ। ସମସ୍ତ ନବୀକରଣ ମାମଲାଗୁଡ଼ିକର ପ୍ରକ୍ରିୟାକରଣ ପରେ ହିଁ କେବଳ ଅବଶିଷ୍ଟ ବକେୟା ସ୍ଲଟ୍‌ଗୁଡ଼ିକ ନିମନ୍ତେ ନୂତନ ମାମଲାଗୁଡ଼ିକୁ ବିଚାରକୁ ନିଆଯିବ। ତେଣୁକରି, ଗୋଟିଏ ବର୍ଷରେ ଏକ ସ୍ଥାୟୀ ସଂଖ୍ୟକ ସ୍ଲଟ୍ ରହିଥିବା କାରଣରୁ କେବଳ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା କାରଣରୁ କୌଣସି ପ୍ରାର୍ଥୀ ଛାତ୍ରବୃତ୍ତି ଲାଗି ହକ୍‌ଦାର ହୋଇଯିବେ ନାହିଁ ମହିଳା ପ୍ରାର୍ଥୀମାନଙ୍କ ପାଇଁ ୫୦% ସ୍ଲଟ୍ ସଂରକ୍ଷିତ।

CBC 38117/11/0021/2425

## ସଂକ୍ଷେପରେ

### ବିପିୟୁଟିରେ ସ୍ୱଚ୍ଛତା ଅଭିଯାନ

**ରାଉରକେଲା,୭।୧୦(ଦିନେଶ ମିଶ୍ର):** ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ଶିକ୍ଷାନୁଷ୍ଠାନ (ବିପିୟୁଟି) ପରିସରରେ ସ୍ୱଚ୍ଛତା ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ବିପିୟୁଟିର ଏନ୍‌ଏସ୍‌ଏସ୍‌ର କୋ-ଅର୍ଡିନେଟର ଡକ୍ଟର ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ବିପିୟୁଟିର ବହୁ ବିଦ୍ୟାର୍ଥୀ ଓ କର୍ମକର୍ତ୍ତା ଯୋଗଦେଇ ମୁଖ୍ୟଗେଟ୍ ସମ୍ମୁଖ ଓ ଏହାର ଆଖପାଖ ଅଞ୍ଚଳକୁ ସଫେଇ କରିଥିଲେ। ବିପିୟୁଟି ପରିସରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆଗକୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି।

### ସେକ୍ଟର-୧ରେ ସଫେଇ

**ରାଉରକେଲା,୭।୧୦(ସଙ୍ଗୀତା ଜେନା):** ସେକ୍ଟର-୧ ଘୋଡାବନ୍ଧ ବସ୍ତି ଛକରେ ସୋମବାର ଓମ୍ ସାଇସେବକ ମଣ୍ଡଳୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଦୀର୍ଘଦିନରୁ ଉକ୍ତ ଅଞ୍ଚଳରେ ବିକ୍ଷିପ୍ତ ହୋଇ ପଡ଼ିଥିବା ଆବର୍ଜନାକୁ ସ୍ୱେଚ୍ଛାସେବୀମାନେ ସଫା କରିଥିଲେ। ସେବକ ମଣ୍ଡଳୀ ସଭାପତି ପ୍ରଶାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ସୁମନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରହ୍ଲାଦ ପରିଡ଼ା, ମ୍ୟାନେଜିଂ ଟ୍ରଷ୍ଟି ଧ୍ରୁବଚରଣ ସିଂହ, ଟିକିନା ସାହୁ, ରେବତୀ ବିଶୋୟୀ, ରୀନା ପ୍ରଧାନ, ସବିତା ପଟ୍ଟନାୟକ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଆଭା ଅନ୍ୱେଷାର ମହାନଗରସ୍ତରୀୟ ପ୍ରତିଯୋଗିତା

**ରାଉରକେଲା,୭।୧୦(ଦିନେଶ ମିଶ୍ର)**

ଡେଲିମାର୍କେଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀ-ଶିକ୍ଷକ ସାମାଜିକ କଲ୍ୟାଣ ସଙ୍ଗଠନ ଆଭା ଅନ୍ୱେଷା ପକ୍ଷରୁ ମହାନଗର ସ୍ତରୀୟ ବାର୍ଷିକ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆରଏମ୍‌ସି ଅନ୍ତର୍ଗତ ୨୦ଟି ବିଦ୍ୟାଳୟର ୨ଶହ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ କୁତ୍ରା ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ଶରତ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ରାଜକିଶୋର ମିଶ୍ର, ବଳରାମ ରାଉଳ, ଉର୍ମିଳା ମହାନ୍ତ, ରୀତା ତିର୍କୀ, ନିରିମା ଧଳ, ଅନ୍ତନ ଚରଣ ନାୟକ, କାର୍ତ୍ତିକ ମିଶ୍ର, ଅଭୟ କୁମାର ସାହୁ, ପୀତବାସ ପରିଡା, ସଂଯୁକ୍ତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋଷ୍ଠୀ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ କାର୍ଯ୍ୟକ୍ରମ

**ପାଇକମାଳ,୭।୧୦(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ତହସିଲ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଜଙ୍ଗଲ ଅଧିକାର ଶିରୋନାମା ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ୧୦ ଗ୍ରାମକୁ ସୋମବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଗଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ରୁ, ସମ୍ମାନିତ ଅତିଥି ପାଇକମାଳ ରେଞ୍ଜର ଅନନ୍ଦ ମିଶ୍ର, ବ୍ଲକ ମଙ୍ଗଳ ଅଧିକାରୀ ସୁନିଲ କୁମାର ଭୋଇ, ପ୍ରକୃତି ବନ୍ଧୁ ବଡ ଶତପଥୀ ଓ ସୁରଥ ସାହୁ ଯୋଗ ଦେଇଥିଲେ। ସଂଯୋଜକ ଅଦିକନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। ଏଥିରେ ପାଇକମାଳ ବ୍ଲକର ୧୦ ଗ୍ରାମସଭାକୁ ଅତିଥିମାନଙ୍କ ଦ୍ୱାରା ଶିରୋନାମା ବଣ୍ଟନ କରାଯାଇଛି। ମାସର ଜିଲା ସଂଯୋଜକ ବ୍ୟାସଦେବ ବାରକ ସଭା ପରିଚାଳନା କରିଥିବା ବେଳେ ଦିଗେଶ କପାଟ, ଚୈତନ୍ୟ କଲେତ, କେସବ ଉଣ୍ଡସନା ପ୍ରମୁଖ ସହଯୋଗ କରିଥିଲେ।

# ଏଥର ଡାକୋଟା ବିମାନ ତୋରଣ







**ରାଉରକେଲା,୭।୧୦ (ସଙ୍ଗୀତା ଜେନା)**

ସେକ୍ଟର-୨୦ ଏବିସି ଦୁର୍ଗାପୂଜା କମିଟି

ରାଉରକେଲା ସହରର ପ୍ରମୁଖ ଦୁର୍ଗାପୂଜା ପେଣ୍ଡାଲ ମଧ୍ୟରୁ ସେକ୍ଟର-୨୦ ଏ ବି ସି ବ୍ଲକର ଖ୍ୟାତି ରହିଛି। ଦୁର୍ଗାପୂଜା ସମୟରେ ଆଇଏନ୍‌ଏସ୍ ବିକ୍ରାନ୍ତ, ମଙ୍ଗଳ ଓ ଚନ୍ଦ୍ର ଅଭିଯାନ ଭଳି ପ୍ରତିକୃତି ତୋରଣ କରିଥିବା ଉକ୍ତ ପୂଜା କମିଟି ଏଥର ବିଜୁବାବୁଙ୍କ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ନିଆରା ରାସ୍ତା ଆପଣେଇଛି। ଦିବଂଗତ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ଅତିପ୍ରିୟ ଡାକୋଟା ବିମାନର ତୋରଣ ତିଆରି କରାଯାଉଛି। ୩୭ ବର୍ଷରେ ପୂଜା ପଦାର୍ପଣ କରିଥିବା ବେଳେ ୫୫ ଫୁଟ୍ ଉଚ୍ଚତା ଏବଂ ୧୩୦ ଫୁଟ୍ ଚଉଡ଼ା ସୁଦୀର୍ଘ ବିମାନ ପ୍ରତିକୃତି ତିଆରି କରାଯାଉଛି। ପ୍ରାୟ ୮ ଲକ୍ଷ ଟଙ୍କା ବଜେଟ୍‌ରେ ୩ ହଜାର ବାଉଁଶ ଖଣ୍ଡ ଓ ୫ଶହ ସିଏଫ୍‌ଟି ବଟମ୍ ଏଥିରେ ବ୍ୟବହୃତ ହେଉଛି। ମା'ଙ୍କ ୧୪ ଫୁଟ୍‌ର ଓରିଏଣ୍ଟାଲ ମୂର୍ତ୍ତି ପୂଜା ପାଇବେ। ଏହାକୁ କାରିଗର ବାବୁଲି ସାହୁ ତିଆରି କରୁଛନ୍ତି। ଏହାସହ ପେଣ୍ଡାଲ ପରିସରରେ ଭୁବନେଶ୍ୱର ଏୟାରପୋର୍ଟର ଦୃଶ୍ୟ ପରିକଳ୍ପନା କରାଯାଇଛି। ଲାଇଟ୍, ଟର୍ମିନାଲ୍, ବିମାନ ପରିଚାରିକା ଆଦିକୁ ନେଇ ଅବିକଳ ଏୟାରପୋର୍ଟ କରାଯାଉଛି। ସେହିପରି ପେଣ୍ଡାଲ ନିକଟରେ ହକି ଓ କ୍ରିକେଟ୍ ଖେଳାଳିମାନଙ୍କ ପ୍ରତିମୂର୍ତ୍ତି ଶୋଭାପାଇବ। ପୂଜା ଶାନ୍ତିଶୃଙ୍ଖଳାରେ କରାଯିବା ଲାଗି ପ୍ରୟାସ କରାଯାଉଛି। ପୂଜା କାର୍ଯ୍ୟରେ ଉପଦେଷ୍ଟା ଶିଶିର ସାହୁ, ନିରଞ୍ଜନ ସାମଲ, ଉପସଭାପତି ଅରୁଣ ପୁହାଣ, କୋଷାଧ୍ୟକ୍ଷ ଯଶୋବନ୍ତ ବେହେରା, ରାକେଶ ସ୍ୱାଇଁ, କେବଲଲାଲ ସେଠୀ, କମଳାକାନ୍ତ ନାୟକଙ୍କ ସମେତ ରାଇଜିଂ କ୍ଲବର ସଦସ୍ୟମାନେ ସହଯୋଗ କରୁଛନ୍ତି।

**ଏମାନେ କୁହନ୍ତି...**



"ପ୍ରତ୍ୟେକ ବର୍ଷ ଏହି ପୂଜା ପେଣ୍ଡାଲରେ କିଛି ନୂତନତ୍ୱ ଥାଏ। କ୍ରୀଡ଼ାର କିଛି ଅଂଶ ଏହି ଥିମ୍‌ରେ ରହିଥାଏ। ପ୍ରାୟ ୬ଶହ କ୍ୱାର୍ଟର ସହଯୋଗରେ ପୂଜା ହୋଇଆସୁଛି। ଚଳିତ ଥର ମେଳା, ମହୋତ୍ସବ ସହ ୨ଟି ଘୋଡା ଏହାର ଆକର୍ଷଣ ରହିବ।
**-ସୁବ୍ରତ ଜେନା, ସଭାପତି**



"ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଏବଂ ଲୋକମାନସରେ ତାଙ୍କୁ ଜୀବନ୍ତ କରିବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଛଡ଼ା କ୍ରୀଡ଼ାକୁ ମଧ୍ୟ ଏହି ପେଣ୍ଡାଲ ସମର୍ପିତ ରହିଛି। ସିସିଟିଭି ଓ ପୋଲିସ ସୁରକ୍ଷାରେ ପୂଜା ଆୟୋଜନ ହେବ। ସବୁବର୍ଷ ଭଳି ଚଳିତ ଥର ମଧ୍ୟ ଆମ ଥିମ୍ ଲୋକଙ୍କୁ ପସନ୍ଦ ଆସିବ ବୋଲି ଆଶା କରୁଛୁ।
**-ପ୍ରଫୁଲ୍ଲ ଦାସ, ସାଧାରଣ ସମ୍ପାଦକ**

# ମୌଳିକ ସୁବିଧା ମିଳୁନି, ବିଧାୟକଙ୍କୁ ଅଭିଯୋଗ

**ରାଉରକେଲା,୭।୧୦(ସଙ୍ଗୀତା ଜେନା)**

ଦୀର୍ଘଦିନରୁ ହମିରପୁର ଅଞ୍ଚଳ ଅବହେଳିତ ହୋଇରହିଛି। ଏହା ରାଉରକେଲା ମହାନଗର ନିଗମ, ପଞ୍ଚାୟତ ତଥା ରାଉରକେଲା ଇସ୍ପାତ କାରଖାନା ଶିଳ୍ପାଞ୍ଚଳରୁ ବାଦ୍ ପଡ଼ିଛି। ଫଳରେ ଏଠାରେ ରାସ୍ତାଘାଟ, ଡ୍ରେନ, ଲାଇଟ୍ ଆଦି ସୁବିଧା ନାହିଁ। ସୋମବାର ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ଚରଣ ତନ୍ତୀ ଉକ୍ତ ଅଞ୍ଚଳରେ ସଦସ୍ୟତା ଅଭିଯାନରେ ଯିବା ଅବସରରେ ସ୍ଥାନୀୟ ଲୋକେ ଏପରି ଅଭିଯୋଗ କରିଥିଲେ। ତେବେ କିଛିଦିନ ମଧ୍ୟରେ ସମସ୍ୟା ଦୂର କରାଯିବ ବୋଲି ବିଧାୟକ ତନ୍ତୀ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରକାଶ ଗୁପ୍ତାଙ୍କ ନେତୃତ୍ୱରେ ପ୍ରାୟ ୫୦ଜଣ ଭାଜପାର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ସୁମନ ଦତ୍ତ, ରାଜକୁମାର ରଜକ, ରାଜେଶ ରଜକ, ଦୀପକ ପ୍ରସାଦ, ରାମତା ରଜକ, ଦୀପକ ରଜକ, ଗୀତା ରଜକ, ପୂନମ ରଜକ, ସୁନୀତା ସେଠୀ, ଆଶ୍ରିତା ଗୁରିଆ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ସହ ଆଲୋଚନା କରାଯାଉଛି।

# ପାଲେଷ୍ଟାଇନ ସଂହତି ଦିବସ ପାଳିତ

**ରାଉରକେଲା,୭।୧୦(ସଙ୍ଗୀତା ଜେନା)**




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଇସ୍ରାଏଲର ପାଲେଷ୍ଟାଇନ ଉପରେ ଅମାନବୀୟ ଆକ୍ରମଣ ବିରୋଧରେ ସୋମବାର ମିଳିତ ବାମପନ୍ଥୀ ଦଳ ପକ୍ଷରୁ ପାଲେଷ୍ଟାଇନ ସଂହତି ଦିବସ ପାଳନ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋମବାର ବିଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସଂହତି ଦିବସ ପାଳନ କରାଯାଇଛି। ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ବିମାନ ମାଇତି, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ, ଜିଲା କମିଟି ସଦସ୍ୟ ବି. ପି. ମହାପାତ୍ର, ଏଲ୍‌ସି ନେତା ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଏନ୍. ଏନ୍. ପାଣିଗ୍ରାହୀ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଅରିନ୍ଦମ ଦତ୍ତ, ଅରୁଣ ମହାରଣା, ଶିଖା ସମ୍ପାଦକ ବସନ୍ତ ପାଢ଼ୀ, ଅନାଦି ସାହୁ, ଏନ୍. କେ. ରାଉତରାୟ, ବୁବୁନ ମାଇତି, ରତ୍ନାକର ନାୟକ, ଜୟନ୍ତୀ ମୋହିନୀ, ସିପିଆଇ ଜିଲା କମିଟି ନେତା ଦସରୁ କିଷାନ, ଅନୁପମ ଦତ୍ତ, ସୁଶାନ୍ତ ଲେଙ୍କା, ନାୟକ କିଷାନ ପ୍ରମୁଖ ସାମିଲ ହୋଇଥିଲେ।

### ନିର୍ମାଣ ସାମଗ୍ରୀ ଜବତ କଲା ଆର୍‌ଏମ୍‌ସି

**ରାଉରକେଲା,୭।୧୦(ସଙ୍ଗୀତା ଜେନା)**

ରାସ୍ତାଘାଟ ପାର୍ଶ୍ୱରେ ଗୃହ ନିର୍ମାଣ ସାମଗ୍ରୀ ଗୁଡ଼ିକ ଜମା କରାଯାଉଛି। ଏଥିପାଇଁ ଟ୍ରାଫିକ୍ ବ୍ୟବସ୍ଥା ଅଚଳ ହେବା ସହ ଦୁର୍ଘଟଣା ହେଉଛି। ଏ ନେଇ ସୋମବାର ପୂର୍ବାହ୍ନରେ ବାସନ୍ତୀ କଲୋନୀ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ବ୍ୟାପକ ପରିମାଣର ବାଲିଗୋଡି ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀକୁ ଆର୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଜବତ କରିଛି। ଟିମ୍ ଅଧିକାରୀ ସ୍ୱାଧୀନ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଅଭିଯାନ କରାଯାଇଥିଲା। ମଙ୍ଗଳବାର ଜବତ ସାମଗ୍ରୀର ନିଲାମ କିମ୍ବା ଜରିମନା ଆଦାୟ କରାଯିବ ବୋଲି ଆର୍‌ଏମ୍‌ସି ପକ୍ଷରୁ କୁହାଯାଇଛି।

### ଖଣ୍ଡ୍ୱ ଶୋଭାଯାତ୍ରା ନେଇ ପ୍ରସ୍ତୁତି

**ରାଉରକେଲା,୭।୧୦(ଦିନେଶ ମିଶ୍ର)**

ସେକ୍ଟର-୩ ସ୍ଥିତ ଖଣ୍ଡ୍ୱ ଭବନଠାରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଉପନ୍ଦ୍ରେ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୨ ତାରିଖ ଦଶହରାରେ ଖଣ୍ଡ୍ୱ ଶୋଭାଯାତ୍ରା ନେଇ ସମାଜର କର୍ମକର୍ତ୍ତା ନିଜସ୍ୱ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଆବାହକତ୍ୱରେ ହୋଇଥିବା ବୈଠକରେ ସଭାପତି ଦିଲୀପ ରାୟଙ୍କ ପ୍ରତିନିଧି ହରିହର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଦାୟିତ୍ୱ ବଣ୍ଟନ ସହ ଦଶହରାରେ ଖଣ୍ଡ୍ୱ ଶୋଭାଯାତ୍ରା କିପରି ଶୃଙ୍ଖଳିତ ଭାବେ ସମାପନ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବାହ୍ନ ୯ଟାରେ ଶୋଭାଯାତ୍ରା ମହାସଭା ଭବନରୁ ବାହାରି ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବା ପରେ ସେଠାରେ ମାଲ୍ୟାର୍ପଣ କରାଯିବ। ପରେ ପୁଣି ଶୋଭାଯାତ୍ରା ଖଣ୍ଡ୍ୱ ଭବନକୁ ଫେରିବ। ଶୋଭାଯାତ୍ରାର ଅଗ୍ରଭାଗରେ ମହିଳାମାନେ ନେତୃତ୍ୱ ନେବେ। ପରେ ସମ୍ବର୍ଦ୍ଧନା ସହ ଖଣ୍ଡାୟତ କ୍ଷତ୍ରୀୟଙ୍କ ଐତିହ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା କରାଯିବ ବୋଲି ସ୍ଥିର କରାଯାଇଥିଲା। ଉପସଭାପତି ରବିନାରାୟଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।


**ODISHA JOINT ENTRANCE EXAMINATION - 2024**
**(OJEE - 2024)**

No: OJEE /539 Date: 05.10.2024

No.h-10

**PUBLIC NOTICE REGARDING**
**B.PHARM/M.PHARM WEB COUNSELLING FOR 2024-25**

This is for the information of all concerned that OJEE Web-Based Counselling Process for **B.Pharm/ M.Pharm** Programs is going to start from **8th October, 2024**.

Interested candidates having valid OJEE 2024 /JEE Main-2024/ NEET-UG 2024 Ranks (for B.Pharm) and OJEE Rank/ valid GPAT Score (for M.Pharm) programs are advised to visit OJEE websites (www.ojee.nic.in/www.odishajee.com) and see the detailed **Counselling Schedule** for all these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process.

Sd./-
Chairman, OJEE
ODISHA

OIPR-44026/11/0010/2425



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖା**
ଜଗନ୍ନାଥପୁର ଜଙ୍କସନ୍, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୭

**ଡିମାଣ୍ଡ ନୋଟିସ୍**

**ସମସ୍ତ ପକ୍ଷଙ୍କୁ ବିକଳ୍ପ ସେବା ଭାବେ ଖବର କାଗଜ ମାଧ୍ୟମରେ ଧାରା ୧୩ (୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ପ୍ରକାଶନ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖାର** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଦାଶରଥି ପାଣିଗ୍ରାହୀ,** ପିତା: ୰ ମହେଶ୍ୱର ପାଣିଗ୍ରାହୀ, ସା: ୧୩, ଶାସ୍ତ୍ରୀ ନଗର, ୫ମ ଲାଇନ୍, ଉତ୍କଳ ସିନେମା ରୋଡ୍ ନିକଟ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ସୁଶିଳା ଚୌଧୁରୀ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ଚୌଧୁରୀ, ସା: ପ୍ଲଟ୍ ନଂ.: ୨୦୩୮/୪୪୪୪ ଏବଂ ୧୩୫୦/୪୪୪୫, ଖତିୟାନ ନଂ.: ୮୩୩/୧୨୬୯, ରେଭିନ୍ୟୁ ମୌଜା: ଶଶୀଭୂଷଣପୁର, ମହାରଣା ଷ୍ଟ୍ରିଟ୍, ଶ୍ରୀରାମ ନଗର, ଆସ୍କା ରୋଡ୍, ଗଞ୍ଜାମ | ଏସ୍‌ଓଡିଜିଏନ୍ / ଟ.୧୬,୦୦,୦୦୦/- | ୧୬.୦୯.୨୦୨୪ / ୧୬.୦୯.୨୦୨୪ ସୁଦ୍ଧା ଟ.୧୫,୯୫,୭୦୭.୭୨ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ସୁଶିଳା ଚୌଧୁରୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର: ଏକର ୦.୦୨୪ଡିସିମିଲି ଯାହା ୧୦୫୦ ବର୍ଗଫୁଟ (ପ୍ରାୟ), ପ୍ଲଟ୍ ନଂ.: ୨୦୩୮/୪୪୪୪ ଏବଂ ୧୩୫୦/୪୪୪୫, ଖତିୟାନ ନଂ.: ୮୩୩/୧୨୬୯, ରେଭିନ୍ୟୁ ମୌଜା: ଶଶୀଭୂଷଣପୁର, ମହାରଣା ଷ୍ଟ୍ରିଟ୍, ଶ୍ରୀ ରାମ ନଗର, ଆସ୍କା ରୋଡ୍, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ କୁନା ସାହୁଙ୍କ ଗୃହ, ଦକ୍ଷିଣ: ଶ୍ରୀ ଟି ଗଣପତି ରାଓଙ୍କ ଗୃହ, ପୂର୍ବ: ବ୍ୟାକୟାର୍ଡ, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : ବ୍ରହ୍ମପୁର**
**ତାରିଖ : ୦୭.୧୦.୨୦୨୪**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


See Career Appointment on every Wednesday & Saturday


**ବିଜ୍ଞାପନ: ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା**

**ଭାରତ ସରକାର**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରାଳୟ**
**ଭିନ୍ନକ୍ଷମ ବ୍ୟକ୍ତିବିଶେଷ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ**
୫ମ ମହଲା, ପଣ୍ଡିତ ଦୀନଦୟାଲ ଅନ୍ତ୍ୟୋଦୟ ଭବନ,
ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

**ବର୍ଷ ୨୦୨୪-୨୫ ନିମନ୍ତେ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି**

**ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା**

ଭିନ୍ନକ୍ଷମ ବ୍ୟକ୍ତିବିଶେଷ ସଶକ୍ତୀକରଣ ବିଭାଗ ନିମ୍ନଲିଖିତ ଯୋଜନାଗୁଡ଼ିକ ଅଧୀନରେ ଛାତ୍ରବୃତ୍ତି ନିମନ୍ତେ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ପ୍ରଦାନ କରିଥାଏ: **ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଶିକ୍ଷା ଛାତ୍ରବୃତ୍ତି ଯୋଜନା।**

- **ଆବେଦନକାରୀମାନଙ୍କ ପାଇଁ ନିର୍ଦ୍ଦେଶାବଳୀ:**

୧. ଆବେଦନକାରୀମାନଙ୍କୁ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍ www.scholarships.gov.in (ଏହାର ଏକ ଲିଙ୍କ୍ www.depwd.gov.in ରେ ମଧ ଉପଲବ୍ଧ) ରେ କିମ୍ବା ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍‌ର ମୋବାଇଲ ଆପ୍ ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଉଛି।

୨. ଯୋଜନାର ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଆବେଦନ ପତ୍ର ପୂରଣ କରିବାର ନିର୍ଦ୍ଦେଶାବଳୀ www.depwd.gov.in ରେ ଉପଲବ୍ଧ।

୩. ବେଞ୍ଚମାର୍କ ଭିନ୍ନକ୍ଷମତା ଅର୍ଥାତ୍ ସର୍ବନିମ୍ନ ୪୦% ଭିନ୍ନକ୍ଷମତାଧାରୀ ତଥା ବିଶିଷ୍ଟ ଭିନ୍ନକ୍ଷମତା ପରିଚୟ (ୟୁଡିଆଇଡି) ବା ୟୁଡିଆଇଡି ନାମାଙ୍କନ ସଂଖ୍ୟା ସମେତ ଭିନ୍ନକ୍ଷମତା ପ୍ରମାଣପତ୍ରଧାରୀ ବ୍ୟକ୍ତିମାନେ ଆବେଦନ କରିପାରିବେ।

- **ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ସମୟସୀମା**

| ଯୋଜନା | ଆରମ୍ଭ ତାରିଖ | ଶେଷ ତାରିଖ |
|---|---|---|
| ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି | ୩୦।୦୬।୨୦୨୪ | ୧୫।୧୦।୨୦୨୪ |
| ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ଏବଂ ଉଚ୍ଚ ଶ୍ରେଣୀ ଛାତ୍ରବୃତ୍ତି | ୩୦।୦୬।୨୦୨୪ | ୩୧।୧୦।୨୦୨୪ |

**ଦ୍ରଷ୍ଟବ୍ୟ:** ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଏବଂ ଉଚ୍ଚ ଶ୍ରେଣୀ ଯୋଜନାର ସ୍ଲଟ୍‌ଗୁଡ଼ିକରେ ନୂତନ ତଥା ନବୀକରଣ ମାମଲାଗୁଡ଼ିକ ମଧ ଅନ୍ତର୍ଭୁକ୍ତ। ସମସ୍ତ ନବୀକରଣ ମାମଲାଗୁଡ଼ିକର ପ୍ରକ୍ରିୟାକରଣ ପରେ ହିଁ କେବଳ ଅବଶିଷ୍ଟ ବକେୟା ସ୍ଲଟ୍‌ଗୁଡ଼ିକ ନିମନ୍ତେ ନୂତନ ମାମଲାଗୁଡ଼ିକୁ ବିଚାରକୁ ନିଆଯିବ। ତେଣୁକରି, ଗୋଟିଏ ବର୍ଷରେ ଏକ ସ୍ଥାୟୀ ସଂଖ୍ୟକ ସ୍ଲଟ୍ ରହିଥିବା କାରଣରୁ କେବଳ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା କାରଣରୁ କୌଣସି ପ୍ରାର୍ଥୀ ଛାତ୍ରବୃତ୍ତି ଲାଗି ହକ୍‌ଦାର ହୋଇଯିବେ ନାହିଁ ମହିଳା ପ୍ରାର୍ଥୀମାନଙ୍କ ପାଇଁ ୫୦% ସ୍ଲଟ୍ ସଂରକ୍ଷିତ।

CBC 38117/11/0021/2425

# ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

## ଜଣେ ଗିରଫ, ଜଣେ ଅଟକ

ସୁନ୍ଦରଗଡ,୭।୧୦
(ଜୟ ନାରାୟଣ ମେଣ୍ଟୁଳି)


ଘଟଣାସ୍ଥଳରେ ପୋଲିସ ଟିମ୍ ତଦନ୍ତ କରୁଛି।

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସୋମବାର ସକାଳେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ରତନପୁର ଗାଁ ଦାଣ୍ଡରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମନୋଜ ସା(୨୮)। ସଦର ପୋଲିସ ମୃତଦେହ ଜବତ କରି ଅଭିଯୁକ୍ତ ବିଜୟ ମହାନ୍ଦିଆ(୫୪)ଙ୍କୁ ଗିରଫ କରିଥିବାବେଳେ ତାଙ୍କ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍)ରେ ଏକ ହତ୍ୟା ମାମଲା (ନଂ. ୨୭୩/୨୪) ରୁଜୁ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ମନୋଜ ପିଲା ଦିନରୁ ତାଙ୍କ ମାମୁଘର ରତନପୁରରେ ରହୁଥିଲେ। ସେହି ଗ୍ରାମର ବିଜୟଙ୍କ ସ୍ତ୍ରୀ ଗତ ୯ବର୍ଷ ହେବ ତାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଏହାକୁ ନେଇ ମନୋଜ ବିଭିନ୍ନ ସମୟରେ ଟାହିଟାପରା କରିଥାନ୍ତି। ସୋମବାର ସକାଳେ ମନୋଜଙ୍କ ସହିତ ବିଜୟ ଓ ତାଙ୍କ ଭାଇଙ୍କ ପାଟିତୁଣ୍ଡ ହୋଇଥିଲା। ୨ଭାଇ ମିଶି ମନୋଜଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ଏହାପରେ ୨ ଭାଇ ମନୋଜଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ହତ୍ୟା ପରେ ୨ଭାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା, ସଦରଥାନା ଆଇଆଇସି ସୁସ୍ମିତା ଦେବତା ସଦଳବଳ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ମିଳି ନ ଥିବା ପୋଲିସ କହିଛି। ଉଭୟଙ୍କୁ ତୁରନ୍ତ ଗିରଫ କରି କୋର୍ଟଚାଲାଣ କରିବା ଦାବିରେ ଗ୍ରାମବାସୀ କିଛି ସମୟ ରାସ୍ତା ଅବରୋଧ କରି ବସିଥିଲେ। ପରେ ପୋଲିସ ବିଜୟଙ୍କୁ ଗିରଫ କରିଥିବାବେଳେ ତାଙ୍କ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବିଲ୍ ପାଇଁ ଲାଞ୍ଚ, ନିର୍ବାହୀ ଯନ୍ତ୍ରୀ ଗିରଫ

- ସରକାରୀ ଓ ପୈତୃକ ବାସଭବନରୁ ମିଳିଲା ନଗଦ ୪.୦୮ ଲକ୍ଷ
- ବଡ଼ମ୍ବାରେ ୧୮ ଏକର ପରିମିତ ଜମିରେ ଫାର୍ମ
- ୬ ସ୍ଥାନରେ ଏକକାଳୀନ ଚଢ଼ାଉ

ସୋନପୁର, ୭।୧୦
(ମୃତ୍ୟୁଞ୍ଜୟ ଶତପଥୀ)


ଜିତେନ୍ଦ୍ର କୁମାର ପାଢ଼ୀ

ଠିକାଦାରଙ୍କ ଚୂଡ଼ାନ୍ତ ବିଲ୍ ପ୍ରଦାନ ଏବଂ ଇଏମ୍‌ଡି ଓ ସିକ୍ୟୁରିଟି ଜମା ଫେରସ୍ତ ପାଇଁ ଲାଞ୍ଚ ନେଉଥିବା ବେଳେ ସୋମବାର ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାଢ଼ୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପାଢ଼ୀ ତାଙ୍କ ସୁବର୍ଣ୍ଣପୁରସ୍ଥିତ ଅଫିସ ପ୍ରକୋଷ୍ଠରେ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ, ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ପୈତୃକ ଘର, ପୁରୀ ଫ୍ଲାଟ୍, କଟକ ଜିଲା ବଡ଼ମ୍ବାସ୍ଥିତ ଫାର୍ମ ହାଉସ ଓ ବଲାଙ୍ଗୀର ସହରସ୍ଥିତ ଏକ ପ୍ଲଟରେ ଏକକାଳୀନ ଚଢ଼ାଉ କରାଯାଇଛି। ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଭିଜିଲାନ୍ସ ବିଭାଗର ୬ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏହା ସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ. ୨୫/୨୪) ରୁଜୁ କରାଯାଇଛି।

ସୂଚନାନୁସାରେ, ସୁବର୍ଣ୍ଣପୁର ସହର ପଟାଭାଡ଼ି ଅଞ୍ଚଳର ଦେବରଞ୍ଜନ ତ୍ରିପାଠୀ ପୂର୍ବରୁ ୫ଲକ୍ଷ ଟଙ୍କାର ଏକ ଆଡ଼ିବନ୍ଧ କାମ କରିଥିଲେ। ସେ ବିଲ୍ ମଧ୍ୟ ପାଇଥିଲେ। ତେବେ ୧୯ ହଜାର ଟଙ୍କାର ଚୂଡ଼ାନ୍ତ ବିଲ୍ ପାଇବା ଓ ଇଏମ୍‌ଡି ଏବଂ ସିକ୍ୟୁରିଟି ଜମା ପାଇଁ ସେ ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ନିର୍ବାହୀ ଯନ୍ତ୍ରୀ ପାଢ଼ୀ ଚୂଡ଼ାନ୍ତ ବିଲ୍ ପ୍ରଦାନ ପାଇଁ ଲାଞ୍ଚ ମାଗିଥିଲେ। ଠିକାଦାର ତ୍ରିପାଠୀ ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଠିକାଦାର ସୋମବାର ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଆସିଥିଲେ। ସେ ନିର୍ବାହୀ ଯନ୍ତ୍ରୀଙ୍କୁ ରାସାୟନିକ ରଙ୍ଗବୋଳା ୪୬ହଜାର ଟଙ୍କା ପ୍ରଦାନ କରିଥିଲେ। ପାଢ଼ୀ ଉକ୍ତ ଟଙ୍କାକୁ ଟେବୁଲ ଉପରେ ରଖିବାକୁ କହିଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ପାଢ଼ୀଙ୍କୁ କାବୁ କରିନେଇଥିଲେ। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ସୁବର୍ଣ୍ଣପୁର ଅଫିସ ଓ ସରକାରୀ ବାସଭବନରେ ଚଢ଼ାଉ କରିଛି। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ସୁଜାତା ପଣ୍ଡାଙ୍କ ନେତୃତ୍ୱରେ ପୁରୀରେ, ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ହେମାମାଳିନୀ ନାଏକଙ୍କ ନେତୃତ୍ୱରେ ଟିମ୍ ଭୁବନେଶ୍ୱରରେ, ଇନ୍ସପେକ୍ଟର ଦିଲୀପ ପ୍ରଧାନଙ୍କ ନେତୃତ୍ୱରେ ବଡ଼ମ୍ବାରେ ଓ ବଲାଙ୍ଗୀର ଡିଏସ୍‌ପି ପୁଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଟିମ୍ ବଲାଙ୍ଗୀର ଚଢ଼ାଉରେ ସାମିଲ ହୋଇଥିଲେ। ସୁବର୍ଣ୍ଣପୁର ସରକାରୀ ବାସଭବନରେ ଯାଞ୍ଚ ସମୟରେ ନଗଦ ୧ଲକ୍ଷ ୧୮ହଜାର ୩୮୦ଟଙ୍କା ଠାବ ହୋଇଛି। ସେହିପରି ଭୁବନେଶ୍ୱର ପୈତୃକ ବାସଭବନରେ ଚଢ଼ାଉ ସମୟରେ ୨.୯୦ଲକ୍ଷ ଟଙ୍କା ଠାବ କରାଯାଇଛି। ଏହି ଟଙ୍କା କେଉଁଠୁ ଆସିଲା ଭିଜିଲାନ୍ସ ଅଧିକାରୀ ତା'ର ତଦନ୍ତ କରୁଛନ୍ତି। ପାଢ଼ୀଙ୍କ ନାମରେ ବଡ଼ମ୍ବାରେ ପ୍ରାୟ ୧୮ଏକର ପରିମିତ ଜମିରେ ଫାର୍ମ ରହିଛି। ପାଢ଼ୀ ପୂର୍ବରୁ ବେସରକାରୀ କମ୍ପାନୀରେ ଚାକିରି କରୁଥିବା ବେଳେ ୨୦୧୭ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଜଳସେଚନ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ମାତ୍ର ୭ ବର୍ଷ ସରକାରୀ ଚାକିରିରେ ସେ କିଭଳି ଏତେ ଟଙ୍କାର ସମ୍ପତ୍ତି କରିପାରିଛନ୍ତି ବିଭାଗ ସେ ନେଇ ତଦନ୍ତ ଜାରି ରଖିଛି।

# ଦୁଇ ଶିଶୁକନ୍ୟାଙ୍କୁ ପୋଖରିକୁ ଫିଙ୍ଗି ଗଛରେ ଝୁଲିପଡ଼ିଲେ ମା’

## ବିକଳାଙ୍ଗ ଶିଶୁ କନ୍ୟା ଜନ୍ମ ପରେ ନିର୍ଯାତନା ସହି ପାରୁ ନ ଥିଲେ

କୁଜଙ୍ଗ, ୭।୧୦(ମନୋଜ ପ୍ରଧାନ)


ଝିଲି ପରିଡ଼ା ଓ ସାନଝିଅ ସମ୍ପୂର୍ଣ୍ଣା

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ପଞ୍ଚାୟତ ପୋଖରିଆପଡ଼ା ଗ୍ରାମରେ ସୋମବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ମହିଳା ନିଜର ୨ ଶିଶୁକନ୍ୟାଙ୍କୁ ଘର ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀକୁ ଫିଙ୍ଗି ସେହି ହୁଡ଼ାରେ ଥିବା ଗଛରେ ଝୁଲିପଡ଼ିଛନ୍ତି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ପୋଖରିଆପଡ଼ା ଗ୍ରାମର ଲମ୍ବୋଦର ପରିଡ଼ାଙ୍କ ସ୍ତ୍ରୀ ଝିଲି ପରିଡ଼ା(୩୫) ଓ ସାନଝିଅ ସମ୍ପୂର୍ଣ୍ଣା(୨)। ତେବେ ବଡ଼ଝିଅ ମୋନାଲିସା(୪) ପୋଖରୀରେ ନିଖୋଜ ହୋଇଯାଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ୨ ବିକଳାଙ୍ଗ ଶିଶୁ କନ୍ୟା ଜନ୍ମ ପରେ ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ଝିଲି ଏପରି କାଣ୍ଡ କରିଥିବା ଆଲୋଚନା ହେଉଛି।

ଜଣେ ପଡ଼ୋଶୀଙ୍କ କହିବାନୁଯାୟୀ, ସେ କୌଣସି କାମରେ ଝିଲିଙ୍କ ଘରକୁ ଯାଇଥିଲେ। ମାତ୍ର ସେଠାରେ ମା’ ଓ ଦୁଇ ବିକଳାଙ୍ଗ ଶିଶୁ କନ୍ୟାଙ୍କୁ ପାଇ ନ ଥିଲେ। ସେ ଘର ବାରିପଟକୁ ଗଲାପରେ ପୋଖରୀ ହୁଡାରେ ଥିବା ଏକ ଗଛରେ ଝିଲିଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏହାଦେଖି ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ରଶି କାଟି ଝିଲିଙ୍କ ମୃତଦେହ ଆଣିବାକୁ ଉଦ୍ୟମ କଲାବେଳେ ତାହା ପାଣିରେ ପଡ଼ିଯାଇଥିଲା। ପୋଖରୀରୁ ତାଙ୍କ ମୃତଦେହ ବାହାର କରିବାପରେ ପାଣିରେ ୨ ଶିଶୁ ପଡ଼ିଥିବା ଆଶଙ୍କା କରି ଖୋଜାଖୋଜି କରିଥିଲେ। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ପୋଖରୀରେ କଣ୍ଟା ପଡିଥିବାରୁ ସମ୍ପୂର୍ଣ୍ଣାଙ୍କ ମୃତଦେହ ମିଳିବାରେ ବିଳମ୍ବ ହୋଇଥିଲା। ମାତ୍ର ମୋନାଲିସାଙ୍କ କୌଣସି ପତ୍ତା ମିଳିନାହିଁ। ସ୍ଥାନୀୟ ଲୋକେ ଏହାପରେ ଝିଲି ଓ ସମ୍ପୂର୍ଣ୍ଣାଙ୍କ ମୃତଦେହ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ମୃତା ଝିଲିଙ୍କ ଭାଉଜଙ୍କ କହିବା ଅନୁଯାୟୀ, ତାଙ୍କ ନଣନ୍ଦ ଦୁଇଟି ଭିନ୍ନକ୍ଷମ ଶିଶୁ କନ୍ୟା ଜନ୍ମଦେଇଥିବାରୁ ସ୍ୱାମୀ, ସାବତ ଶାଶୁ ଓ ଶ୍ୱଶୁର ସେମାନଙ୍କୁ ବହୁ ସମୟରେ ନିର୍ଯାତନା ଦେଇଆସୁଥିଲେ। ଏପରିକି ସୋମବାର ପୂର୍ବାହ୍ଣ ୧୧ଟା ସମୟରେ ଝିଲି ତାଙ୍କୁ ଫୋନକରି ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିବା କହିଛନ୍ତି। ତେବେ ପ୍ରକୃତ ଘଟଣା କ’ଣ ପରିବାର ପକ୍ଷରୁ ଲିଖିତଭାବେ ଏତଲା ଦିଆଯିବା ପରେ ଜଣାପଡ଼ିବ। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ସନ୍ଦେହଘେରରେ ୨ ଯୁବକଙ୍କ ମୃତ୍ୟୁ

## ପୋଖରୀ ନିକଟରୁ ମୃତଦେହ ଜବତ

ପାତ୍ରପୁର,୭।୧୦(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ସୁରଙ୍ଗୀ ଗ୍ରାମର ୨ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେମାନେ ହେଲେ ଉକ୍ତ ଗ୍ରାମର ଇନ୍ଦ୍ରମଣି ସେଠୀ(୪୨) ଓ ଅଲେଖ ବେହେରା(୨୨)। ସୋମବାର ଗାଁ ପୋଖରୀ ନିକଟରେ ଉଭୟେ ପଡି ରହିଥିବା ଦେଖାଯାଇଥିଲା। ସେମାନଙ୍କ ମୁଣ୍ଡର ପଛପଟେ ଗଭୀର ଆଘାତ ଲାଗି ରକ୍ତ ଭିଜି ରହିଥିବାରୁ ଗାଁ ଲୋକେ ଉଦ୍ଧାର କରି ପ୍ରଥମେ ସୁରଙ୍ଗୀ ଡାକ୍ତରଖାନା ଓ ପରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଇନ୍ଦ୍ରମଣି ଓ ଅଲେଖଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଯାଇଥିବା ସନ୍ଦେହ କରାଯାଉଥିବା ବେଳେ ମୁଣ୍ଡରେ ଆଘାତ ଲାଗିଥିବାରୁ ମୃତ୍ୟୁର କାରଣ ଅନ୍ୟ କିଛି ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଜରଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୨ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଜରଡ଼ା ଥାନା ଅଧିକାରୀ ଚୁନା ସାସମଲ ପ୍ରକାଶ କରିଛନ୍ତି। ପୋଲିସ ୨ଟି ପୃଥକ୍ ଅପମୃତ୍ୟୁ ମାମଲା (ନଂ.୧୨ ଓ ୧୩/୨୪) ରୁଜୁ ହୋଇଛି।

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଖଣ୍ଡଗିରି ଥାନା ଘେରାଉ

## ସଂଘବଦ୍ଧ ଆକ୍ରମଣରେ ଆହତ ନାବାଳକ ୮୬ ଦିନ ପରେ ଆଖି ବୁଜିଲେ

ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)


ଖଣ୍ଡଗିରି ଥାନା ଆଗରେ ମୃତଦେହ ରଖି ବିକ୍ଷୋଭ କରାଯାଉଛି।

ଅଟୋ ସାଇଡ୍ କରିବାକୁ ନେଇ ଭୁବନେଶ୍ୱର ବରମୁଣ୍ଡାରେ ହୋଇଥିବା ସଂଘବଦ୍ଧ ଆକ୍ରମଣରେ ଆହତ ନାବାଳକଙ୍କ ୮୬ ଦିନ ପରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବରମୁଣ୍ଡା ଗ୍ରାମର ପ୍ରକାଶ କୁମାର ସାହୁ (୧୭)। ସୋମବାର ଏମ୍ସରେ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର, ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମୃତଦେହ ଆଣି ଖଣ୍ଡଗିରି ଥାନା ଘେରାଉ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆନ୍ଦୋଳନକାରୀମାନେ ଥାନା ଆଗରେ ନାରାବାଜି ଦେଇଥିଲେ। ପ୍ରକାଶଙ୍କ ମା’ ଜାନକୀ ସାହୁ ପୁଅକୁ ନ୍ୟାୟ ଦାବି କରିବା ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ମିଳୁ କହି କାନ୍ଦି କାନ୍ଦି ତଳେ ଗଡିଯାଉଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାରେ ପୋଲିସ ରୁଜୁ କରିଥିବା ମାମଲାରେ ହତ୍ୟା ଦଫା ଯୋଡ଼ିଛି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ନାଏକ ଓ ତାଙ୍କର ଜଣେ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନେ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି। ଅନ୍ୟ ୪ଜଣ ଅଭିଯୁକ୍ତ ସେପ୍ଟେମ୍ବରରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ଆସି ତଳ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହି ୪ ଅଭିଯୁକ୍ତଙ୍କ ଜାମିନ ଖାରଜ ପାଇଁ ନିବେଦନ କରାଯିବ ବୋଲି ଏସିପି ତାପସ ପ୍ରଧାନ କହିଛନ୍ତି।

ଗତ ଜୁଲାଇ ୧୦ରେ ପ୍ରକାଶ ଅଟୋ ଯୋଗେ ବରମୁଣ୍ଡାସ୍ଥିତ କଣ୍ଟ୍ରୋଲ ଦୋକାନକୁ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତ ପ୍ରଶାନ୍ତ ନିଜ ଅଟୋରେ କଣ୍ଟ୍ରୋଲ ଦୋକାନରୁ ରାଶନ ସାମଗ୍ରୀ ନେଇ ଫେରୁଥିଲେ। ଲକ୍ଷ୍ମୀମଣ୍ଡପ ନିକଟରେ ରାସ୍ତାରେ ଗାଡିଗୁଡିକ ପାର୍କିଂ ହୋଇଥିବା ଯୋଗୁ ଉଭୟଙ୍କ ଅଟୋ ଯାଇପାରି ନ ଥିଲା। ଅଟୋ ସାଇଡ୍ କରିବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ପରେ ହାତାହାତି ହୋଇଥିଲା। ପରେ ଅଭିଯୁକ୍ତ ପ୍ରଶାନ୍ତ ଫୋନ୍ କରି ସହଯୋଗୀମାନଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ପ୍ରଶାନ୍ତ ଓ ସହଯୋଗୀମାନେ ପ୍ରକାଶଙ୍କୁ କାଠଫାଳିଆ, ହକି ଷ୍ଟିକ ଆଦିରେ ଆକ୍ରମଣ କରିଥିଲେ। ଫଳରେ ପ୍ରକାଶ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଘରର ଖଟ ବିଛଣା**
**ଖପରାରେ ଚିନି ନବାତ ପଣା**
**ଖାଉଅଛି ବୁଢ଼ା ବସି**
**ଖେଚର ଖେଚର ସବୁବେଳେ ହୁଏ**
**କ୍ଷଣେ ନ ହୁଅଇ ଖୁସି।**

ବୟସ ଅତ୍ୟଧିକ ହୋଇଗଲେ ବ୍ୟକ୍ତି ସାଧାରଣତଃ ଚିଡ଼ିଚିଡ଼ା ପ୍ରକୃତିର ହୋଇଯାଆନ୍ତି। ସବୁବେଳେ ପାଟି ସୁଆଦ ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ସେହିପରି ପ୍ରତ୍ୟେକ କଥାରେ ଖୁଣ ବାହାର କରିବା ସହ ନିଜର ଅସନ୍ତୋଷ ଭାବ ପ୍ରକାଶ କରିଥାନ୍ତି। ଅତ୍ୟଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଏଭଳି ଗୁଣ ପରିଲକ୍ଷିତ ହେଉଥିବା ଅର୍ଥରେ ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗାଁ କନିଆ ସିଙ୍ଘାଣିନାକୀ।**

ପାଖ ଲୋକ ଯେତେ ସୁନ୍ଦର ହୋଇଥାଉ ପଛେ ଆଖିକୁ ଅସୁନ୍ଦର ଲାଗିଥାନ୍ତି। ସେହିପରି ଗାଁ ଲୋକ ଗୁଣୀ ହେଲେ ମଧ୍ୟ ସେମାନେ ସ୍ୱୀକୃତିପ୍ରାପ୍ତ ହୋଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

## ୬୦ ବର୍ଷୀୟ ଗିରଫ

ଯାଜପୁର/ପ୍ରୀତିପୁର (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ),୭।୧୦

ଯାଜପୁର ଜିଲା ମଙ୍ଗଳପୁର ଥାନା ଈଶ୍ୱରପୁର ଗ୍ରାମରେ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୀଡିତାଙ୍କ ପରିବାର ମଙ୍ଗଳପୁର ଥାନାରେ ଅଭିଯୋଗ କରିବା ପରେ ବିଏନ୍ଏସ୍ ଦଫା ୭୪, ୭୫, ୭୬, ୬୫(୧), ୩୫୧(୩), ୪ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୩୩୧/୨୦୨୪) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଈଶ୍ୱରପୁରର ରବିନାରାୟଣ ସାହୁ(୬୦)ଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ରବି ଗାଁରେ ଏକ ତେଜରାତି ସହ ଜଳଖିଆ ଦୋକାନ କରିଛନ୍ତି। ରବିବାର ସକାଳେ ନାବାଳିକାଙ୍କ ବାପା ଛେଳି ନେଇ ବିଲକୁ ଯାଇଥିଲେ। ରବିଙ୍କ ଦୋକାନକୁ ଲଙ୍କାଗୁଣ୍ଡ ଆଣିବା ପାଇଁ ନାବାଳିକାଙ୍କୁ ତାଙ୍କ ମା’ ପଠାଇଥିଲେ। ପ୍ରାୟ ୧ଘଣ୍ଟା ହେବ ଝିଅ ଘରକୁ ନ ଫେରିବାରୁ ନାବାଳିକାଙ୍କ ମା’ ଦୋକାନକୁ ଖୋଜିବାକୁ ଯାଇଥିଲେ। ହେଲେ ଝିଅକୁ ଦୋକାନରେ ନ ପାଇ ନିକଟରେ ଥିବା ରବିଙ୍କ ଘରକୁ ଯାଇଥିଲେ। ସେଠାରେ ଝିଅକୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରିଥିଲେ। ଘରକୁ ଆସି ପଚାରିବାରୁ ରବି ତାଙ୍କୁ ବଳାତ୍କାର କରିଥିବା ନାବାଳିକା ତାଙ୍କ ମା’ଙ୍କୁ କହିଥିଲେ। ଅଭିଯୋଗ ଆଧାରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇ ତଦନ୍ତ କରାଯାଉଥିବା ଥାନାଧିକାରିଣୀ ଚିନ୍ମୟୀ ସାହୁ କହିଛନ୍ତି।

# ପେଟ୍ରୋଲ ଢାଳି ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

## ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ

ବ୍ରହ୍ମପୁର,୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡିରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ ଅଶାନ୍ତିରୁ ଜଣେ କଲେଜ ଛାତ୍ରୀ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆର ଅଶୋକ ପ୍ରଧାନଙ୍କ ଝିଅ ରାଣୀ ପ୍ରଧାନ(୧୯)। ଗୁରୁତର ଅବସ୍ଥାରେ ରାଣୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଶରୀରର ପ୍ରାୟ ୯୦ ଭାଗ ପୋଡ଼ିଯାଇଥିବାରୁ ଡାକ୍ତର ଓ ପୋଲିସ ଉପସ୍ଥିତିରେ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଛି। ବାପାଙ୍କ ନିର୍ଯାତନା ଅସହ୍ୟ ହେବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି।

ପ୍ରକାଶ ଯେ, ଆମ୍ବପୁଆର ଅଶୋକ କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଘରଭଡା ନେଇ ରହୁଛନ୍ତି। ତାଙ୍କ ଝିଅ ରାଣୀ ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପଢୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବାପଝିଅ ଘରେ ଥିଲେ। କୌଣସି କାରଣ ପାଇଁ ରାଣୀ ଦୋକାନରୁ ପେଟ୍ରୋଲ କିଣି ଘରକୁ ଯାଇଥିଲେ। କିଛି ସମୟ ପରେ ଘରୁ ସେ ଜଳନ୍ତା ଅବସ୍ଥାରେ ବାହାରି ଦୌଡ଼ିଯାଇ ବ୍ଲକ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ନିଆଁ ଲିଭାଇ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘରୋଇ ଅଶାନ୍ତିରୁ ରାଣୀ ଆତ୍ମାହୁତି ଉଦ୍ୟମ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସଦର ଥାନା ପୋଲିସ ଘଟଣାର ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. କହିଛନ୍ତି।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଟୋରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୭।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୁଦ୍ଧ ବିହାର ଆବାସ ଆପାର୍ଟମେଣ୍ଟ ବାହାରେ ଥିବା ଏକ ଅଟୋକୁ କେତେଜଣ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଫଳରେ ଅଟୋଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ଏହା ନିକଟରେ ଥିବା ଏକ ବୋଲେରୋ ସାମାନ୍ୟ ପୋଡ଼ିଯାଇଛି। ତେବେ କିଏ ଓ କାହିଁକି ଲଗେଇଲେ ତାହାର କୌଣସି କାରଣ ଜଣାପଡ଼ି ନ ଥିବାବେଳେ ପୂର୍ବ ରାଗ ରଖି କେହି ଏମିତି କାଣ୍ଡ କରିଥିବା ଗାଡ଼ି ମାଲିକ ପ୍ରସନ୍ନ ସେନାପତି ଅଭିଯୋଗ କରିଛନ୍ତି। ସେ ଏନେଇ ସ୍ଥାନୀୟ ଥାନାରେ ଏକ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭିମ୍‌ସାରରେ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ

## ୩ ଛାତ୍ର ଆହତ

## କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଲେ ହାଉସ ସର୍ଜନ

ସମ୍ବଲପୁର,୭।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଭିମ୍‌ସାରରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି, ଯାହାକୁ ନେଇ ଭିମ୍‌ସାରରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି। ଉଭୟ ସ୍ନାତକୋତ୍ତର ଛାତ୍ର ଓ ହାଉସ ସର୍ଜନ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ୩ ଜଣ ସ୍ନାତକୋତ୍ତର ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ପୂର୍ବତନ ଯୁଜି ଛାତ୍ରସଂଘ ସଭାପତି ଡା. ପ୍ରଭାତ କୁମାର ଜେନା, ପୂର୍ବତନ ସାଧାରଣ ସମ୍ପାଦକ ଡା. ଏନ୍ .ବିଶ୍ୱରଞ୍ଜନ ଓ ଡା. ଅମିତ ଶୁଭମ।

ମିଳିଥିବା ସୂଚନା ଅନୁସାରେ, ରବିବାର ଭିମ୍‌ସାରର ନବନିର୍ମିତ ପ୍ରେକ୍ଷାଳୟରେ ବାର୍ଷିକ ଉତ୍ସବ -୨୦୨୪ ପାଳିତ ହେଉଥିଲା। ଏହି କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିବା ବେଳେ ହଠାତ କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ଦାବିରେ ସୋମବାର ହାଉସ ସର୍ଜନ ଗୋଷ୍ଠୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଡାକରା ଦିଆଯାଇଥିଲା। ତେବେ ଭିମ୍‌ସାର କର୍ତ୍ତୃପକ୍ଷ ଓ ଉଭୟ ଛାତ୍ର ଗୋଷ୍ଠୀଙ୍କୁ ନେଇ ଆଲୋଚନା ପରେ ହାଉସ ସର୍ଜନମାନେ ଆନ୍ଦୋଳନରୁ ଓହରିଥିଲେ। ଆହତ ଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଏହାକୁ ନେଇ ଉଭୟ ଗୋଷ୍ଠୀର କୌଣସି ଛାତ୍ର ମୁହଁ ଖୋଲିନାହାନ୍ତି। ଅପରପକ୍ଷରେ ଉକ୍ତ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ସାମାନ୍ୟ ଭୁଲବୁଝାମଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବର୍ତ୍ତମାନ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ରହିଥିବା ଭୁଲ୍ ବୁଝାମଣା ଦୂର ହୋଇଛି ଓ ଆନ୍ଦୋଳନ ସ୍ଥଗିତ ରଖି ହାଉସ ସର୍ଜନମାନେ କାର୍ଯ୍ୟରେ ଯୋଗଦେଇଛନ୍ତି ବୋଲି କହିଛନ୍ତି ଭିମ୍‌ସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ କହିଛନ୍ତି। ସେ ଆହୁରି କହିଛନ୍ତି, ଗଣ୍ଡଗୋଳ ସମ୍ପର୍କରେ ସୂଚନା ପାଇ ବିଳମ୍ବିତ ରାତିରେ ଡିନ୍ ଡା.ପ୍ରଦୀପ ମହାନ୍ତି ଓ ଅଧୀକ୍ଷକ ଡା.ଲାଲମୋହନ ନାଏକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୋମବାର ସକାଳେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନୋଟିସ୍ ଦେଇଥିବା ହାଉସ ସର୍ଜନମାନଙ୍କୁ ଡାକି ଡିନ ଓ ଅଧିକ୍ଷକ ତଥା ଅନ୍ୟାନ୍ୟ ବରିଷ୍ଠ ଡାକ୍ତରଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଏଥିରେ ଉକ୍ତ ଘଟଣାରେ ରହିଥିବା ଭୁଲ ବୁଝାମଣାକୁ ଦୂର କରାଯାଇ ସେମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆ ଯାଇଛି ବୋଲି ନିର୍ଦ୍ଦେଶକ ଡା. ରଥ କହିଛନ୍ତି। ଘଟଣାକୁ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ସେ କହିଛନ୍ତି।

# କଟକଣା ପରେ ଚାଷୀ ଅସନ୍ତୋଷ


ଟ୍ରାକ୍ଟରରେ ବୋଝେଇ ଧାନ।

**ବରଗଡ଼,୭।୧୦(ପ୍ରେମାନନ୍ଦ ଖମାରୀ)**

## ଧାନ ପରିବହନ ଗାଡ଼ି କାଗଜାତ୍ ଠିକ୍ ନ ଥିଲେ କାର୍ଯ୍ୟାନୁଷ୍ଠାନ

ବରଗଡ଼ ଜିଲାରେ ଆସନ୍ତା ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାର ଅବ୍ୟବହିତ ପୂର୍ବରୁ ସରକାରୀ କଟକଣା ଚାଷୀମୁଣ୍ଡରେ ଚଡ଼କ ସଦୃଶ ହୋଇଛି। ଖରିଫ ଧାନ ଧାନ ପରିବହନରେ ବ୍ୟବହୃତ ଗାଡ଼ି ଗୁଡ଼ିକର କାଗଜାତ୍ ଠିକ୍ ନ ଥିଲେ ସେହି ଗାଡ଼ି ଗୁଡ଼ିକ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୋମବାର ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ଏହା ଜାଣିବା ପରେ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାଧାରଣତଃ ଚାଷୀମାନେ ଧାନ ପରିବହନ ପାଇଁ ଆଗ ଭଳି ଆଉ ଶଗଡ଼ ବ୍ୟବହାର କରୁନାହାନ୍ତି। ହାର୍ଭେଷ୍ଟର ଯୋଗେ କ୍ଷେତରୁ ଧାନ ଅମଳ କରି ତାକୁ ଖଳାକୁ ଆଣୁଛନ୍ତି। ସେହିପରି ବିକ୍ରି ପାଇଁ ଅମଳ ଧାନକୁ ପୁଣି ଟ୍ରାକ୍ଟର କିମ୍ବା ଟ୍ରକ ଯୋଗେ ମଣ୍ଡିକୁ ଆଣୁଛନ୍ତି। ଏପରିକି ଅନେକ ବଡ଼ ଚାଷୀଙ୍କ ପାଖରେ ନିଜସ୍ୱ ଟ୍ରାକ୍ଟର ଥିବାବେଳେ ନାମମାତ୍ର, କ୍ଷୁଦ୍ରଚାଷୀ ମଧ୍ୟ ଜମିହଳ କରିବାଠାରୁ ଆରମ୍ଭ କରି ମଣ୍ଡିକୁ ଧାନ ଆଣିବା ପର୍ଯ୍ୟନ୍ତ ଟ୍ରାକ୍ଟର ଭଡ଼ା କରି ଆସୁଛନ୍ତି। ମଣ୍ଡିରେ ଧାନ ବିକ୍ରି ହେବା ପରେ ସେହି ଧାନ ଟ୍ରକ ଯୋଗେ ବିଭିନ୍ନ ରାଇସ୍ ମିଲକୁ ଯାଉଛି। ତେବେ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟବହୃତ ଯାନବାହନର କାଗଜାତ୍ ଠିକ୍ ନ ଥିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁଣିବା ପରେ ଚାଷୀ ମହଲରେ ଅସନ୍ତୋଷ ବଢ଼ିଛି।

### ଏମାନେ କୁହନ୍ତି..

#### ମାଫିଆଙ୍କୁ ମାଫ୍, ଚାଷୀଙ୍କୁ ଟାର୍ଗେଟ୍



“ବାଲି, ପଥର, କୋଇଲା ମାଫିଆମାନେ ପ୍ରତିଦିନ ଟ୍ରାକ୍ଟର, ହାଇୱା, ଟ୍ରକ ଆଦି ବ୍ୟବହାର କରୁଛନ୍ତି। ସେଭଳି ଗାଡ଼ି ଗୁଡ଼ିକ କାହିଁକି ଯାଞ୍ଚ କରାଯାଉନାହିଁ। ଯଦି ଯାଞ୍ଚ କରାଯାଉଛି, ସେହିସବୁ ଗାଡ଼ିଗୁଡ଼ିକର କାଗଜପତ୍ର କଣ ଠିକ୍ ରହିଛି। ଯଦି ଠିକ୍ ନାହିଁ, ଆଞ୍ଚଳିକ ପରିବହନ ବିଭାଗ ସେଭଳି କେତୋଟି ଗାଡ଼ି ଜବତ କଲାଣି ପ୍ରଥମେ ଆଞ୍ଚଳିକ ପରିବହନ ଅଧିକାରୀ ତାର ଉତ୍ତର ରଖନ୍ତୁ। ତା ପରେ ଯାଇ ଧାନ ପରିବହନ ଗାଡ଼ି ଉପରେ ଦୃଷ୍ଟି ଦେବେ। ମାଫିଆଙ୍କ ପ୍ରତି ଆଖି ବୁଜିଥିବା ପ୍ରଶାସନ ଯଦି ଧାନ ପରିବହନ ଗାଡ଼ି ଉପରେ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ନିଏ ତେବେ ଚାଷୀ ଆନ୍ଦୋଳନକୁ ସାମ୍ନା କରିବାକୁ ଏବେଠାରୁ ପ୍ରସ୍ତୁତ ରୁହନ୍ତୁ।

–ସୁରେଶ ନେକାଣ୍ଟି, ଚାଷୀନେତା

#### ୩୧୦୦ ଟଙ୍କା ଲେଖାଏଁ ନ ଦେବାକୁ ଷଡ଼ଯନ୍ତ୍ର



“ସବୁପ୍ରକାର ଯାନବାହନର ବୈଧତା ଯାଞ୍ଚ କରିବା ଆରଟିଓଙ୍କ କ୍ଷମତା ରହିଛି। କିନ୍ତୁ କେବଳ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟବହୃତ ଯାନବାହନ ଉପରେ ଆରଟିଓଙ୍କ ସେଭଳି ପ୍ରେସ୍ ଇସ୍ତାହାର ଆମକୁ ଚକିତ କରିଛି। କଣ ସରକାର ଆଗରୁ ବିନା କାଗଜପତ୍ରରେ ଧାନ ପରିବହନ ପାଇଁ ଅନୁମତି ଦେଇଥିଲେ କି। ଏଭଳି ଚେତାବନୀ ପୁଣି ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ କେଉଁ ଉଦ୍ଦେଶ୍ୟରେ ଏବଂ କାହା ନିର୍ଦ୍ଦେଶରେ ଆର୍‌ଟିଓ ଦେଇଛନ୍ତି, ପ୍ରଥମେ ତାହା ସ୍ପଷ୍ଟ କରନ୍ତୁ। ବାଲି, ମୋରମ, ଗେଟି, ପଥର ଆଦି ଚାଲାଣରେ ବ୍ୟବହୃତ ଯାନବାହନ ଗୁଡ଼ିକ ସମ୍ପୂର୍ଣ୍ଣ ବୈଧ ବୋଲି ଆରଟିଓ ଘୋଷଣା କରିପାରିବେ କି। ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କୁ ଅସୁବିଧାରେ ପକାଇବାକୁ ଏହା ଯୋଜନାବଦ୍ଧ, ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏଁ ନ ଦେବାକୁ ଏହା ଏକ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ଅନୁମାନ ହେଉଛି।

–କିଶୋର ଦେବତା, ଚାଷୀନେତା

#### କଟକଣା ପ୍ରତ୍ୟାହାର ନ କଲେ ସ୍ଥିତି ବିଗିଡ଼ିବ



“ଅଧିକାଂଶ ଚାଷୀ ଧାନ ବିକ୍ରି ସମୟରେ ଟ୍ରାକ୍ଟର ବ୍ୟବହାର କରନ୍ତି। ବିଭିନ୍ନ ସମୟରେ ଫସଲକ୍ଷତିର ବୋଝ ପଡୁଥିବା ଯୋଗୁ ଚାଷୀମାନେ ସେମାନଙ୍କ ଟ୍ରାକ୍ଟର କାଗଜାତ୍ ପାଇଁ ଉଦ୍ଦିଷ୍ଟ ଦେୟ ମଧ୍ୟ ପୈଠ କରି ପାରି ନ ଥାନ୍ତି। ଫଳରେ ଅନେକ ଚାଷୀଙ୍କ ଟ୍ରାକ୍ଟର କାଗଜାତ୍ ଠିକ୍ ନ ଥାଏ। ସେହି ଟ୍ରାକ୍ଟରଗୁଡ଼ିକ ଯଦି ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟବହାର ହୋଇ ନ ପାରିବ, ଅଧିକାଂଶ ଚାଷୀ ମଣ୍ଡିକୁ ଧାନ ଆଣିବାରେ ଅସୁବିଧାର ସମ୍ମୁଖୀନ ହେବେ ଏବଂ ଧାନବିକ୍ରିରୁ ବଞ୍ଚିତ ହେବେ। ଜିଲା ପ୍ରଶାସନ ଏଭଳି କଟକଣାକୁ ପ୍ରତ୍ୟାହାର କରନ୍ତୁ ନଚେତ୍ ପରିସ୍ଥିତି ଠିକ୍ ହେବନାହିଁ। ଅନ୍ୟପଟେ ୨୦୨୩ରେ ବିଦ୍ୟୁତ୍ ବିତରଣ କମ୍ପାନୀ ଏକ ଘୋଷଣା କରିଥିଲା ଏବଂ ବିଦ୍ୟୁତ ଦେୟ ପୈଠ ନ କଲେ ଚାଷୀ ପଞ୍ଜୀକରଣ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ତାକୁ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ତାହା ପ୍ରତ୍ୟାହୃତ ହୋଇଥିଲା।

–ହର ବଣିଆଁ, ଚାଷୀନେତା

# ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରତିଯୋଗିତା


ପ୍ରତିଯୋଗିତାରେ ଉପସ୍ଥିତ ପ୍ରତିଯୋଗୀ।

**ପଦ୍ମପୁର,୭।୧୦(ପ୍ରଦୀପ୍ତ ଦାଶ)**

ଫଟାମୁଣ୍ଡା ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ନୂଆଁଖାଇଁ ଭେଟ୍‌ଘାଟ୍ ଉପଲକ୍ଷେ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିବା ପିଠା ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ଗଣାଘାଟେନ ସ୍ୱୟଂ ସହାୟିକା ଗୋଷ୍ଠୀ, ମା' ସମଲେଇ ସ୍ୱୟଂ ସହାୟିକା ଗୋଷ୍ଠୀ, ଝାମ୍ବିରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରୀଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ, ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଜୟ ମା' ଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନେ ଯୋଗଦେଇଥିଲେ। ପିଠା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁଲେଖା ପଣ୍ଡିତ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ବିଚାରକ ଭାବେ ପଦ୍ମପୁର ମିଲେଟ ମିଶନରୁ ଅନୁପମା ପ୍ରଧାନ, ପ୍ରସନ୍ନା ନାଥ, ମନୋଜ ପ୍ରଧାନ, ଉମେଶ ସୁନା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଆୟୋଜକ କ୍ଲବ୍‌ର ସଭାପତି ଗୋପବନ୍ଧୁ ଶିକାଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଯାଦବ ମହିଳା ସଂଘ ଗଠନ


ବୈଠକରେ ମହିଳା କର୍ମକର୍ତ୍ତା।

**ବରପାଲି,୭।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ଯୋଗେଶ୍ୱର ମନ୍ଦିରରେ ଏନ୍‌ଏସି ଯୁବ ଯାଦବ ଉପଦେଷ୍ଟା କମିଟି ଅଧ୍ୟକ୍ଷତାରେ ବିଶ୍ୱାମିତ୍ର ପୋଢ଼, ପୁରନ ଠେଲା, ଅଲେଖ ଷାଣ୍ଢ, ବିପିନ ରାଉତ ଓ ହାଡୁ କାଲ୍‌ସେଙ୍କ ନିର୍ଦ୍ଦେଶକ୍ରମେ ଏକ ଯାଦବ ମହିଳା ସଂଘ ଗଠନ କରାଯାଇଛି। ସମସ୍ତଙ୍କ ସହମତିକ୍ରମେ ସଭାନେତ୍ରୀ ସଞ୍ଜୁ ବଗର୍ତ୍ତି, ସହଯୋଗୀ ସଭାନେତ୍ରୀ ନମିତା ଜାଲ, ଗୀତାଞ୍ଜଳି ବନ୍‌ଛୋର୍, ସମ୍ପାଦିକା ତିଳୋତ୍ତମା ବଗାର, ସହଯୋଗୀ ସମ୍ପାଦିକା ସୁପ୍ରଭା ବାଗ, ସସ୍ମିତା ଦୀପ, କୋଷାଧ୍ୟକ୍ଷ ଦମୟନ୍ତୀ ବାଗ, ସହଯୋଗୀ କୋଷାଧ୍ୟକ୍ଷ ସସ୍ମିତା ଷାଣ୍ଢ, କାର୍ଯ୍ୟକାରୀ କମିଟିରେ ବେବୀ ବଗର୍ତ୍ତି, ସୁବାନୀ ପୋଢ଼, କିଶୋରୀ ବାଗ, ରୀତା ହେମ୍ନା, ରୁବୀ ବଗର୍ତ୍ତି, ଶିବାନୀ ଷାଣ୍ଢ, ସୁନୀତି ଥପା, ନାନୁ ଭୋଇ, କୁନ୍ତୀ ଦୀପ, ବାସନ୍ତୀ ବାଗ, ତପିସା ହାତୀ, ଫୁଲ ବିଶି, ଦେବକୀ କାଣ୍ଡ, ଉପଦେଷ୍ଟା କମିଟିରେ ମୋହିନୀ ଷାଣ୍ଢ, ବୀଣାପାଣି ଠେଲା, ନଳିନୀ ବନ୍‌ଛୋର, ଧନକାସି ମହାକୁର ମନୋନୀତ ହୋଇଛନ୍ତି। ଶେଷରେ ଲୋଟସ୍ ହଂସକୁ ଜାତୀୟ ଫୁଟ୍‌ବଲ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ହାଡୁ କାଲ୍‌ସେଙ୍କୁ ଯାଦବ କର୍ମୀଭାବେ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ଯୁବ ଯାଦବ ସଭାପତି ହଜାରୁ ମହାକୁର ଧନ୍ୟବାଦ ଦେଇଥିଲେ।

# ଅତାବିରା ମାତୃପୁରୀରେ ଯୁବ ଛାତ୍ରୀଛାତ୍ର ଶିବିର

**ସରଣ୍ଡା,୭।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଲାଦରପାଲି ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀଠାରେ ଦ୍ୱିଦିବସୀୟ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ସୋମବାର ଏକ ଯୁବ ଛାତ୍ରୀଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବରଗଡ଼ ଜିଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ସଂଯୋଜକ ଦେବରାଜ ବେହେରା ଉଦ୍‌ଘାଟନ କରି ପ୍ରକୃତ ଜ୍ଞାନ ଭାବନା ଦ୍ୱାରା ଆହରଣ କରାଯାଏ ନାହିଁ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଟିକେଲାଲ ଚାନ୍ଦଙ୍କ ଅଧ୍ୟକ୍ଷତାରେ ତଥା ନିରଞ୍ଜନ ପଶାୟତଙ୍କ ସଂଯୋଜନାରେ ଅତାବିରା ବ୍ଲକ ସଂଯୋଜକ ଚାପଧାରି ସିଂ ଆଲୋଚକଭାବେ ଯୋଗଦେଇ ଆଦର୍ଶ ଶିଶୁ ବିଷୟରେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପାଇଁ ମୁକ୍ତ ଆଲୋଚନା ଓ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ସଭାପତି ଶେଷଦେବ ନାଏକଙ୍କ ସଭାପତିତ୍ୱରେ ତଥା ସରୋଜ କୁମାର ରଥଙ୍କ ପରିଚାଳନାରେ ନବ ଜୀବନ ଶିକ୍ଷା ସଂସଦର ସଭାପତି ତଥା ବରଗଡ଼ ଜିଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ସଂଯୋଜକ ରାଧାକାନ୍ତ ମିଶ୍ର ଯୋଗ ଦେଇ ତୁମେ ହିଁ ଆଶା,ତୁମେ ହିଁ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ପରେ ନିରଞ୍ଜନ ପଶାୟତଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ପାଇଁ ଜ୍ଞାନ ବିଜ୍ଞାନ,ସୃଜନଶୀଳତା, ଗ୍ରହଣ ଶୀଳତା,ହସ୍ତକଳା,ଚିତ୍ରକଳା କରାଯାଇଥିଲା। ଉଦ୍‌ଯାପନୀ ଅଧିବେଶନରେ ଶେଷଦେବ ନାଏକଙ୍କ ଅଧ୍ୟକ୍ଷତାରେ ତଥା ବବ୍ରୁବାହନ ମିଶ୍ରଙ୍କ ପରିଚାଳନାରେ ବିଶିଷ୍ଟ ମାତୃଭକ୍ତ, ସଙ୍ଗଠକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଲରମ୍ବାର ଅଧ୍ୟକ୍ଷ ଦିଲ୍ଲୀପ ରଣା ପୂର୍ଣ୍ଣାଙ୍ଗ ଶିକ୍ଷାରେ ଛାତ୍ରୀଛାତ୍ରମାନଙ୍କ ଭୂମିକା" ବିଷୟ ଉପରେ ଆଲୋଚନା କରିଥିଲେ। କୃତଜ୍ଞତା ଜ୍ଞାପନ କରିଥିଲେ ଯତୀନ୍ଦ୍ର ପ୍ରଧାନ। କାର୍ଯ୍ୟକ୍ରରେ ପରିଚାଳନା କମିଟିର ଜୟପ୍ରକାଶ ଅଗ୍ରୱାଲ, ଭରତ ଚୋହାନ ସକ୍ରିୟ ଅଂଶଗ୍ରହଣ କରିଥିଲେ ଓ ଅନୁଷ୍ଠାନର ସୁନୀଲ ଖମାରୀ,ରାମଚନ୍ଦ୍ର ପ୍ରଧାନ,ଗିରିଜା ସାହୁ, ସୁଦୀପ୍ତ ସାହୁ, ଆଦିତ୍ୟ ମିଶ୍ର,ମିନତୀ ଦାଶ, ତିଳୋତ୍ତମା କର୍ଣ୍ଣ,ଯୁଗଳ ସାହୁ,ମାନସ ଭୋଇ, ମାନସ ଦାନୀ,ହରିବୋଲ ଅଦାବର୍ ,ଦୂର୍ବାଦଳ ସାହୁ, ଏକାଦଶିଆ ସାହୁ,ଗଜୀନ୍ଦ୍ର ବାଗ ତଥା ଅନୁଷ୍ଠାନ ର ସମସ୍ତ ଭାଇ ଅପା ସକ୍ରିୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପାଇକମାଳରେ ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଅନ୍ୟମାନେ।

**ପାଇକମାଳ,୭।୧୦(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ବ୍ଲକରେ ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏନେଇ ବ୍ଲକ ମିଟିଂ ହଲରେ ଅନୁଷ୍ଠିତ ସଭାରେ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଦୁ ସଭାପତିତ୍ୱ କରିଥିବା ବେଳେ ବରଗଡ ଏମପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପୂର୍ଣ୍ଣତା ଅଭିଯାନ ଦ୍ୱାରା ପାଇକମାଳ ବ୍ଲକରେ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଦ୍ମପୁର ଏଡିଏମ କୁନାଲ ମୋତିରାମ ଚୌହାନ, ବିଇଓ ଚୁଡାମଣୀ ବାରିକ ଯୋଗଦେଇ ଥିଲେ। ଏବିଏଫ ମଧୁସ୍ମିତା ବେହେରା ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ପାଇକମାଳରେ ଜୁଲାଇ ୪ତାରିଖରୁ ଚାଲିଥିବା ଏହି ଅଭିଯାନରେ ଗର୍ଭବତୀ ମହିଳାଙ୍କ ପୁଷ୍ଟିକର ଖାଦ୍ୟ ମେଳା, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପୋଷ୍ଟିକ ଆହାର ମେଳା, ଗର୍ବବତୀ ଚିହ୍ନଟ, ପଞ୍ଜିକରଣ, ସାମାଜିକ ଜନ ସଂଖ୍ୟା ବିଶେଷତ୍ୱ, ଉଚ୍ଚ ରକ୍ତଚାପ ବିଷୟରେ ସଚେତନତା, ଚାଷୀଙ୍କପାଇଁ ମୃତ୍ତିକା ହିତକାର୍ଡ ଦେବା, ଚାଷୀଙ୍କୁ ପଞ୍ଜିକରଣ, ଶିକ୍ଷାର ବିକାଶ ପାଇଁ ପ୍ରଭାତ ଫେରି, ପ୍ଲାଏ କାର୍ଡ ଧରି ରାଲି, ସ୍ୱାସ୍ଥ୍ୟ, ଶିକ୍ଷା, ଆଇସିଡିଏସ, ଏସଏଚଜି ଗ୍ରୁପ, ଏଗ୍ରିକଲଚର, ଚାଷୀଙ୍କ ପାଇଁ ବିଭିନ୍ନ କାମ ଚାଲିଛି ବୋଲି ସୁଶ୍ରୀ ବେହେରା କହିଥିଲେ । ଏସଏଚଜି ଗ୍ରୁପ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମେଳା ଅତିଥିମାନେ ବୁଲି ଦେଖି ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଙ୍ଗନବାଡି କର୍ମୀ ଗୀତା ସାହୁଙ୍କ ଦେଶ ପ୍ରେମୀ ଗୀତ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଶେଷରେ ବିଡ଼ିଓ ସମସ୍ତଙ୍କୁ ଧନ୍ୟବାଦ ଦେଇ ଥିଲେ।

# ଜିଲାସ୍ତରୀୟ ଫୁଟ୍‌ବଲ: ସୋହେଲା ବିଜୟୀ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

**ସୋହେଲା,୭।୧୦(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଗ୍ରୁପ୍ ବିର ପ୍ରଥମ ମ୍ୟାଚ୍ ଆୟୋଜକ ସୋହେଲା ଏବଂ ଅତାବିରା ଦଳ ମଧ୍ୟରେ ହୋଇଥିଲା । ଏଥିରେ ସୋହେଲା ଦଳ ୨–୧ଗୋଲରେ ଅତାବିରାକୁ ହରାଇ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା ଏବଂ ପୂର୍ବତନ ଫୁଟବଲ ଖେଳାଳି ମନସୁର ଭୋପଲା ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌ରେ ସୋହେଲା ଦଳ ତରଫରୁ ଖେଳୁଥିବା ଆଫ୍ରିକୀୟ ଖେଳାଳି ରିଜମଣ୍ଡ ଗୋଟିଏ ଗୋଲ କରି ଦଳକୁ ୧–୦ଗୋଲରେ ଆଗୁଆ ରଖିଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଖେଳର ପ୍ରାରମ୍ଭରେ ଆଫ୍ରିକୀୟ ଖେଳାଳି ଦ୍ୱିତୀୟ ଗୋଲ କରିଥିଲେ। ଏହାପରେ ଅତାବିରା ଦଳର ଖେଳାଳିମାନେ ଗୋଲ ପରିଶୋଧ କରିବାକୁ ଘନ ଘନ ଆକ୍ରମଣ କରି ଖେଳିଥିଲେ। ଅତାବିରା ଦଳର ହିମାଂଶୁ ଗୋଟିଏ ଗୋଲ କରି ମ୍ୟାଚ୍‌କୁ ରୋଚକ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟରେ ଆଉ ଗୋଲ ଦେଇ ନ ପାରିବାରୁ ସୋହେଲା ଦଳ ୨–୧ଗୋଲରେ ବିଜୟୀ ହୋଇଥିଲା। ରେଫରି ନିରଞ୍ଜନ ମହାକୁଡ ମ୍ୟାଚ୍ ପରିଚାଳନା ଏବଂ ଅନିଲ ବାଗ ଏବଂ ରଞ୍ଜୁ ଛତରିଆ ସହଯୋଗ କରିଥିଲେ। ଚତୁର୍ଥ ରେଫରି ବିଜୟ ସାହୁ ରହିଥିଲେ। ମଙ୍ଗଳବାର ପଦ୍ମପୁର ଓ ଖେଦାପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଟଳିପଡ଼ିଲେ ବୃଦ୍ଧ

**ଅତାବିରା,୭।୧୦(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଜଣେ ବୃଦ୍ଧ ବେଞ୍ଚରେ ବସିଥିବାବେଳେ ମୃତ୍ୟୁବରଣ କରିଛନ୍ତି। ମୃତ ବୃଦ୍ଧ ଜଣଙ୍କ ହେଲେ ଅତାବିରା ବ୍ଲକ ମନାପଡ଼ା ଉପରପଡ଼ାର କଳାକାର ତୋଷଦାନି ବେହେରା(୮୦)। ସୂଚନା ଅନୁଯାୟୀ, ମୃତ ବୃଦ୍ଧ ଜଣକ ଅସୁସ୍ଥ ଅନୁଭବ କରିବାରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ମାତ୍ର ସେ ଡାକ୍ତରଖାନାରେ ପହଞ୍ଚିବା ସମୟରେ କୌଣସି ଡାକ୍ତର ନ ଥିବା ଯୋଗୁ ସେ ଅନ୍ୟ ଲୋକଙ୍କ ସହିତ ଏକ ବେଞ୍ଚରେ ବସି କଥାବାର୍ତ୍ତା ହେଉଥିଲେ। ମାତ୍ର ଅପରାହ୍ନ ସାଢ଼େ ୩ଟା ସମୟରେ ହଠାତ୍ ସେ ଟଳି ପଡ଼ିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳକୁ ପୋଲିସ ପହଞ୍ଚି ତଦନ୍ତ କରିଛି।

## ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ

**ବରଗଡ଼,୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ସୋମବାର ମାଁ ସମଲେଶ୍ୱରୀ ଭକ୍ତମାନଙ୍କୁ ସ୍କନ୍ଦମାତା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଶୁଭଫଳ ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି।

# ଲେଣ୍ଡା ହାଇସ୍କୁଲରେ ସମୂହ କ୍ରୀଡ଼ା ପ୍ରତିଯୋଗିତା

**ବରପାଲି,୭।୧୦ (ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ଲେଣ୍ଡା ହାଇସ୍କୁଲ ପଡ଼ିଆରେ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଲେଣ୍ଡା ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭାପତି ମୁକୁନ୍ଦ ମାହାର, ବରପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଲେଣ୍ଡାର ସଭାପତି ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ହୀରାଧର ବିଶ୍ୱାଳ, ନାରାୟଣ ସାହୁ, ବରିଷ୍ଠ କ୍ରୀଡା ଶିକ୍ଷକ ମନସୀ ପାତ୍ର, ରମେଶ ସେଟ ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଯୋଗିତା ଉପରେ ଆଲୋକପାତ କରିଥିଲେ। ବରପାଲି ବ୍ଲକ ସମୂହ ସ୍କୁଲ ଶାରୀରିକ ଶିକ୍ଷା ପରିବାରର ମୁଖ୍ୟ ମନୋଜ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମନବୋଧ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲେଣ୍ଡା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପିଇଟି କୃଷ୍ଣ ଚନ୍ଦ୍ର ବିଶ୍ୱାଳ ତଥା ବ୍ଲକର ସମସ୍ତ ଶାରୀରିକ ଶିକ୍ଷୟିତ୍ରୀ ଶିକ୍ଷକ କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସୋହେଲା ରାମଲୀଳା: ସୀତାଚୋରି ମଞ୍ଚସ୍ଥ

**ସୋହେଲା,୭।୧୦(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ରାମଲୀଳା କାର୍ଯ୍ୟକ୍ରମରେ ରବିବାର ସନ୍ଧ୍ୟାରେ ସୀତା ଚୋରି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଏହାକୁ ଦେଖିବା ପାଇଁ ସୋହେଲା ସମେତ ହଳଦୀପାଲି ଏବଂ ପିପିଲିପାଲି ଗ୍ରାମର ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ସେହିପରି ଦୁର୍ଗାମନ୍ଦିର ସମ୍ମୁଖସ୍ଥ ଚେତନା ମଣ୍ଡପରେ ରାମଲୀଳା କାର୍ଯ୍ୟକ୍ରମର ଚତୁର୍ଥ ରଜନୀରେ ସୂର୍ପଣଖାର ନାସା କର୍ଣ୍ଣ ଛେଦନ, ଖର, ଦୂଷଣ, ତ୍ରିଶିରା ବଧ, ମାୟା ମୃଗ ହତ୍ୟା, ସୀତା ଚୋରି ଓ ଜଟାୟୁ ବଧ ମଞ୍ଚସ୍ଥ ହୋଇଥିଲା।

ଅନ୍ୟପକ୍ଷେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ସ୍ଥାନୀୟ ହଟଲି ମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ ଲୋକ ମହୋତ୍ସବ ପାର୍ବଣରେ ରବିବାର ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗତ ୫ତାରିଖରୁ ଆରମ୍ଭ ହୋଇଥିବା ପାର୍ବଣ କାର୍ଯ୍ୟକ୍ରମରେ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଭୁବନେଶ୍ୱର ନୃତ୍ୟସୁଧା ଏକାଡେମୀ, ଝାରସୁଗୁଡା ରାଇଝାଇଁ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଭୁବନେଶ୍ୱର ଅନୁଷ୍ଠାନର କଳାକାରମାନେ ଓଡିଶୀ ସହିତ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଝାରସୁଗୁଡା ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରି ଦର୍ଶକମାନଙ୍କ ମନ ମୋହିଥିଲେ। ତୁଷାରକାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ସୋହେଲା ରାମଲୀଳାରେ ସୀତା ଚୋରି ଦୃଶ୍ୟ ମଞ୍ଚସ୍ଥ ହେଉଛି। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ମାନବିକତା ଦେଖାଇଲେ ଲାଞ୍ଜିଗଡ ତହସିଲଦାର

**ଲାଞ୍ଜିଗଡ଼,୭।୧୦(ରମେଶ ଚନ୍ଦ୍ର ନାୟକ):** ଭବାନୀପାଟଣା ଓ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନଂ. ରାଜ୍ୟ ରାଜପଥର ଢେପଗୁଡାସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ସୋମବାର ବାଇକ୍ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ହୋଇ ପଡିରହିଥିଲେ। ଏହି ସମୟରେ ଲାଞ୍ଜିଗଡ଼ ତହସିଲଦାର କିରଣ କୁମାର ମହାନ୍ତି ଲାଞ୍ଜିଗଡ ବ୍ଲକ କଦମଗୁଡା ଗ୍ରାମ ପଞ୍ଚାୟତଠାରେ ହେବାକୁ ଥିବା ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରକୁ ଯାଉଥିବାବେଳେ ଗୁରୁତର ମହିଳାଙ୍କୁ ରାସ୍ତାରେ ପଡିଥିବା ଦେଖିଥିଲେ। ସେ ତାଙ୍କ ଗାଡ଼ିରେ ମହିଳାଙ୍କୁ ନେଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ କଥା ହୋଇ ସେ କଦମଗୁଡା ଜନଶୁଣାଣି ଶିବିରକୁ ଯାଇଥିଲେ। ତହସିଲଦାରଙ୍କ ଏଭଳି ମହତ କାମକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଉଚ୍ଚ ବିଦ୍ୟାଳୟରେ ଗଣିତ, ବିଜ୍ଞାନ ମେଳା

**ଲାଞ୍ଜିଗଡ,୭।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କାଉଗୁଡା ସରକାରୀ (ଏସ୍ଏସ୍ଡି) ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ଲିୟାର ସିଂ ମୁଖ୍ୟଅତିଥି ଓ ସ୍କୁଲ ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ସାହୁ ଓ ସୁଶିଳ କୁମାର ନାଗ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ନରେଶ ସାହୁ ଓ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୋଟ ୨୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କ୍ରୀଡା ଶିକ୍ଷକ ଲମ୍ବୋଦର ସାହୁ, ସନ୍ଦୀପ ମିଶ୍ର, ଜଗନ୍ନାଥ ନାଏକ, ରଶ୍ମିତା ସାହୁ, ସବିତା ଜଗତ, ଅରୁଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷକଙ୍କ ଅକାଳ ବିୟୋଗ

**ବେହେରା,୭।୧୦(ଭୂପେଶ ତିୱାରୀ):** ଧର୍ମଗଡ ସହର ତେନ୍ତୁଳିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଉମେଶ କୁମାର ନାଏକ (୫୫)ଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। କିଛିଦିନ ତଳେ ସେ ହୃଦ୍‌ଘାତ ଜନିତ ଅସୁସ୍ଥତା ଯୋଗୁ ବିଶାଖାପାଟଣାଠାରେ ଚିକିତ୍ସିତ ହୋଇ ଫେରିଥିଲେ। ତେବେ ବିଳମ୍ବିତ ରାତିରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଛାତ୍ରବତ୍ସଳ, ପରୋପକାରୀ ବ୍ୟକ୍ତି ଥିଲେ। ଜଣେ କ୍ରୀଡାବିତ୍ ଭାବେ ବେଶ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଦୁଇ ପୁଅ, ଭାଇ, ଭାଇବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୈତୃକ ଗ୍ରାମ ଭବାନୀପାଟଣାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



# ନଭେମ୍ବର ୨୯ରୁ ଲୋକକଳାର ମହାକୁମ୍ଭ ‘ନୃତ୍ୟ ସଙ୍ଗମ’

**ଭବାନୀପାଟଣା, ୭।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ‘ନୃତ୍ୟ ସଂଗମ-୨୦୨୪’ ପାଇଁ ସୋମବାର ଭବାନୀପାଟଣାସ୍ଥିତ ଏକ ହୋଟେଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୨୯, ୩୦ ଓ ଡିସେମ୍ବର ୧ରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ହେବାକୁ ଥିବା ଲୋକକଳାର ମହାକୁମ୍ଭ ନୃତ୍ୟ ସଂଗମ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତବର୍ଷ ଏହାକୁ ଜାତୀୟ ଉତ୍ସବ ଭାବେ ପାଳନ ପାଇଁ ସ୍ଥିର କରାଯାଇଛି। ଆସାମ, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟର କଳାକାର ଉତ୍ସବରେ ଯୋଗଦେବେ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାପଡ଼ିଛି। ଏଥିରେ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଭାବାନ୍ କଳାକାରଙ୍କୁ ସମ୍ମାନିତ କରିବା ପାଇଁ ସ୍ଥିର କରାଯାଇଛି।


ବୈଠକରେ ଉପସ୍ଥିତ ପ୍ରତିଭା ଅନୁଷ୍ଠାନର କର୍ମକର୍ତ୍ତା।

**ପ୍ରତିଭା ଅନୁଷ୍ଠାନର ପ୍ରସ୍ତୁତି ବୈଠକ**

ବୈଠକକୁ ପ୍ରତିଭାର ସଭାପତି ଧ୍ୟାନାନନ୍ଦ ପଣ୍ଡା ପରିଚାଳନା କରିଥିବା ବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ କାର୍ଯ୍ୟକ୍ରମ ବିଷୟବସ୍ତୁ ଉପରେ ପ୍ରସ୍ତାବ ଆଣିଥିଲେ। ପରିଶେଷରେ ଅନୁଷ୍ଠାନର ଉପସଭାପତି ଦେବେଶ କୁମାର ସିଂହ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ କମଳ କିଶୋର ଶତପଥୀ, କୋଷାଧ୍ୟକ୍ଷ ଅନିଲ କୁମାର ରାଉତ, ତାପସ କୁମାର ପଟେଲ, ଆନନ୍ଦ ଚନ୍ଦ୍ର ବେହେରା, ଅଭିଜିତ ପଣ୍ଡା, ତରୁଣ କୁମାର ଦୁର୍ଗା, ଆଲୋକ ସାହୁ, କ୍ଷିତୀଶ ଚନ୍ଦ୍ର ବେମାଲ, ପୂର୍ବତନ ସଭାପତି ଜିତାମିତ୍ର ସାହୁ, ବବ୍‌ଲୁ ରାଉତ ପ୍ରମୁଖ ଉପସ୍ଥିତ ରହି ବୈଠକ ପରିଚାଳନା କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

**ଭବାନୀପାଟଣା,୭।୧୦ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୬୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ହାମଧରେ ୧୩୧ଟି ବ୍ୟକ୍ତିଗତ, ୨୮ଟି ଗୋଷ୍ଠୀଗତ, ସିଏମ୍ଆର୍‌ଏଫ୍ ସହାୟତା ୨ ଓ ରେଡକ୍ରସ ସହାୟତା ପାଇଁ ଗୋଟିଏ ରହିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଅବକାରୀ, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଜମି ଜମା ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ଜିଲାପାଳ ପାୱାର ସଚିନ ପ୍ରକାଶ। ୧୦ ଗୋଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରି ଜିଲାପାଳ ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏ.ବି. ଗୁରୁ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ଯୋଗାଣ ଅଧିକାରୀ ପି.କେ. ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ବୋଡ଼େନ,୭।୧୦ (ଟିକେଶ୍ୱର ନାଗ)** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ବିନୋପୁର ଗ୍ରାମରେ ୨୪ତମ ଗଜଲକ୍ଷ୍ମୀ ପୂଜାର ପ୍ରସ୍ତୁତି ବୈଠକ ଲକ୍ଷ୍ମୀମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖ ଅଧିବାସଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପୂଜା ପାଳିତ ହେବ। ପୁଷ୍ପମ ନାଗଙ୍କ ସଭାପତିତ୍ୱରେ ନୂତନ ଭାବେ କମିଟି ଗଠନ ହୋଇଥିଲା। ସଭାପତି ଭାବେ ଲୋକନାଥ ନିଆଲ, ଉପସଭାପତି କାଶୀନାଥ ବେହେରା, ସମ୍ପାଦକ ଗଗନ ବିହାରୀ ପରଭୋ, ସହ ସମ୍ପାଦକ ବିପିନ ବିହାରୀ ନିଆଲ, କୋଷାଧ୍ୟକ୍ଷ କୁଶ ଛତ୍ରିଆଙ୍କୁ ଚୟନ କରାଯାଇଥିଲା। ପ୍ରତ୍ୟହ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦିନରେ ସଂକୀର୍ତ୍ତନ, ସତ୍‌ସଙ୍ଗ ହେବା ନେଇ ଆଲୋଚନା ହୋଇଛି। ସଭାରେ ଗ୍ରାମର ଟିକେଶ୍ୱର ନାଗ, ଦିବାନ ନିଆଲ, ସୁରେଶ ମୁଣ୍ଡ, ନିରାକାର ମୁଣ୍ଡ, ଶ୍ୟାମସୁନ୍ଦର ଅଗ୍ରୱାଲା, ବାସୁ ହେର୍ଣ୍ଣା, ଗିରନ ନିଆଲ ଉପସ୍ଥିତ ଥିଲେ।

### ବିପଦ ସୃଷ୍ଟିକରୁଛି ମୁକୁଳା ଟ୍ରାନ୍ସଫର୍ମର



**ଥୁଆମୂଳ ରାମପୁର,୭।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କେତେକ ସ୍ଥାନରେ ବସାଯାଇଥିବା ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବ୍ଲକ ମୁଖ୍ୟ ଫାଟକ ପାଖରେ ଥିବା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ ନାହିଁ। କିଛିଦିନ ତଳେ ଏଠାରୁ ବ୍ୟାଙ୍କକୁ ସଂଯୋଗ କରୁଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦୁଇଜଣ ଶ୍ରମିକ ଗୁରୁତର ହୋଇଥିଲେ। ସେମାନେ ବର୍ତ୍ତମାନ ମେଡିକାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯିବା ମୁଖ୍ୟ ରାସ୍ତା ବା ତହସିଲ କାର୍ଯ୍ୟାଳୟକୁ ଯିବା ରାସ୍ତା କଡ଼ରେ ଥିବା ଟ୍ରାନ୍ସଫର୍ମର ଏବଂ ତାଲବନ୍ଧ ପଡ଼ା ପାଖ ପୋଖରୀ ହୁଡ଼ାରେ ଥିବା ଟ୍ରାନ୍ସଫର୍ମର ମୁକୁଳା ରହିଛି। ଜନସମାଗମ ହେଉଥିବା ଏସବୁ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନ ଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କେଦାରନାଥ ମନ୍ଦିର ସଦୃଶ ତୋରଣ ମୁଖ୍ୟ ଆକର୍ଷଣ

**୬୫ ବର୍ଷରେ ଧର୍ମଗଡ଼ ବସ୍ତିପଡ଼ା ସାର୍ବଜନୀନ ଦୁର୍ଗାପୂଜା**

**ବେହେରା,୭।୧୦(ଭୂପେଶ ତିୱାରୀ)**



ଧର୍ମଗଡ଼ ସହରର ବସ୍ତିପଡ଼ା ସାର୍ବଜନୀନ ଦୁର୍ଗାପୂଜା ଚଳିତ ଥର ୬୫ ବର୍ଷରେ ପଦାର୍ପଣ କରିଛି। ନବଦିନାତ୍ମକ ଏହି ପୂଜାରେ ମୁଖ୍ୟ ପୂଜକ ଭାବେ ଭାବ ପାଣିଗ୍ରାହୀ, ସହଯୋଗୀ ପୂଜକ ଭାବେ ଭଗବାନ ପଣ୍ଡା ଓ ଅଖିଳ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। କର୍ତ୍ତାଭାବେ ନବୀନ ଅଗ୍ରୱାଲ ଓ ସ୍ତ୍ରୀ ରାଜଶ୍ରୀ ତାୟଲ ରହିଛନ୍ତି। ଚଳିତବର୍ଷ ପ୍ରସିଦ୍ଧ କେଦାରନାଥ ମନ୍ଦିର ସଦୃଶ ତୋରଣ ମୁଖ୍ୟ ଆକର୍ଷଣ ସାଜିଛି। ସେହିପରି ଧର୍ମଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ଭଣ୍ଡାରଘରଣୀଙ୍କ ବାର୍ଷିକ ଦଶହରା ଉତ୍ସବ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ସମଗ୍ର ଅଞ୍ଚଳକୁ ଉଜ୍ଜ୍ୱଳ ଆଲୋକମାଳରେ ସୁସଜ୍ଜିତ କରାଯାଇଛି। ପଶ୍ଚିମବଙ୍ଗର ମୂର୍ତ୍ତି କାରିଗର ଉଦୟ ବିଶ୍ୱାସ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଭଣ୍ଡାର ଘରଣୀଙ୍କ ବାର୍ଷିକ ଦଶହରା ପରଦିନ ଅର୍ଥାତ୍ ୧୪ ତାରିଖରେ ଭସାଣି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

# ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅତିଥିଗଣ।

**ଧର୍ମଗଡ,୭।୧୦ (ଘାସିରାମ ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟର ଭାରତ ସ୍କାଉଟ ଓ ଗାଇଡ, ରେଞ୍ଜର୍ ଓ ରୋଭର୍ ୟୁନିଟର ୧୩ ଛାତ୍ରୀଛାତ୍ର ରାଜ୍ୟପାଳ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। କିଛିଦିନ ପୂର୍ବରୁ ଦୁଇଜଣ ଛାତ୍ର ଭୁବନେଶ୍ୱରଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ମହାବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରାଧ୍ୟାପକ ଲିଙ୍ଗରାଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ଅଧ୍ୟକ୍ଷ ନିମାଇଁ ଚରଣ ପାତ୍ର ମୁଖ୍ୟ ଅତିଥି, ସରକାରୀ ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ତଥା ଭାରତ ସ୍କାଉଟ ଓ ଗାଇଡ୍‌ର କଳାହାଣ୍ଡି ଜିଲା କାର୍ଯ୍ୟକ୍ରମ ସଂଯୋଜକ ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରାଧ୍ୟାପକ ସରୋଜ ପଣ୍ଡା, ରୋଜାଲିନୀ ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଗଣପତି ବାଗ ସଭା ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଖେଳ ଶିକ୍ଷକ ତଥା ଭାରତ ସ୍କାଉଟ ଓ ଗାଇଡ କାର୍ଯ୍ୟକ୍ରମ ଅଧିକାରୀ ଅଭୟ ବାଗ ଧନ୍ୟବାଦ ଦେଇଥିଲେ।

# ବନ୍ୟପ୍ରାଣୀ ସପ୍ତାହରେ ଚିତ୍ରାଙ୍କନ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଖଡ଼ିଆଳ,୭।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖଡ଼ିଆଳ ରେଞ୍ଜ କାର୍ଯ୍ୟାଳୟ ଆନୁକୂଲ୍ୟରେ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଫରେଷ୍ଟର କନ୍ଦର୍ପ ସୁନାନୀ, ସୁଦାମ କୁମାର ବାଗ, ଫରେଷ୍ଟ ଗାର୍ଡ ନରେଶ କୁମାର ଦଣ୍ଡସେନା, ଅତିଥି ଶିକ୍ଷକ ଗୌରୀ ଶଙ୍କର ଦୁବେ, ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଯୋଗଦେଇ ସାମ୍ପ୍ରତିକ ସମୟରେ ବନ୍ୟପ୍ରାଣୀ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ବିଚାରକ ଭାବରେ ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ, ପ୍ରଭୁଦତ୍ତ ପୁରୋହିତ ଓ ଧନଞ୍ଜୟ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ବର୍ଗରେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ନାନେଶ ଧୀବର, ଜାହିଦ ଖାନ ଓ ମିତ୍ର ରଞ୍ଜନ ଶବର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହୋଇଥିଲେ। କନିଷ୍ଠ ବର୍ଗରେ ଉଚ୍ଚ ବିଦ୍ୟାଳୟର ଛାତ୍ର ରାଜବୀର ବହିଦାର ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟ ଖଡ଼ିଆଳର ଡୋଲିପ୍ରିୟା ବୈଠାରୁ ଦ୍ୱିତୀୟ ଓ ୟାମିମା ମେରିକମ୍ ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ ବିଭାଗରେ ମୋଟ ୪୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର



**ନୂଆପଡ଼ା,୭।୧୦ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଖୁଟମନଭେରା ଗାଁରେ ସୋମବାର ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଲିଡ ବ୍ୟାଙ୍କ ପ୍ରବନ୍ଧକ ସୀତାରାମ ମେହେର, ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ଖୁଟମନଭେରା ସରପଞ୍ଚ କଳ୍ପନା କୁଳଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ କହିଥିଲେ, ସଚେତନ ହେଲେ ଶ୍ରମିକମାନେ ନିଜ ଗ୍ରାମରେ ସମସ୍ତେ ସରକାରୀ ଶ୍ରମଭିତ୍ତିକ କାମ ପାଇପାରିବେ। ବ୍ୟାଙ୍କ ସହାୟତାରେ ଜଣେ କୁଟୀରଶିଳ୍ପ ସୃଷ୍ଟି କରି ନିଜେ ଉପକୃତ ହେବା ସହ ଅନ୍ୟମାନଙ୍କୁ କାମ ଯୋଗାଇ ଦେଇପାରିବ। ଏହା ଦ୍ୱାରା ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ହେବ। ସରକାରଙ୍କ ବିଭିନ୍ନ ଯୋଜନାରେ ଗାଁ ଗାଁରେ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା କର୍ମ ଯୋଗାଣ ହୋଇପାରୁଛି। ସମସ୍ତେ ଏହାର ସୁଯୋଗ ନିଅନ୍ତୁ ବୋଲି ଅନୁରୋଧ କରିଥିଲେ।

# ନୂଆପଡ଼ାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡା,୭।୧୦ (ମକାରୁ ବେମାଲ)**

**୧୩୪ ଅଭିଯୋଗ ପଞ୍ଜୀକୃତ**

ନୂଆପଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାସ ଓ ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ରହି ଅଭିଯୋଗ ପତ୍ର ଗ୍ରହଣ କରି କିଛି ସମସ୍ୟାର ସମାଧାନ କରିଥିଲେ। ବାକି ସମସ୍ୟା ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୩୪ ଗୋଟି ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସୁନାବେଡା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧରଣୀଧର ସେନାପତି, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲିପ ନିର୍ମଳକରଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଚିକିତ୍ସା ସହାୟତା ପାଇଁ ଜଣେ ମହିଳାଙ୍କୁ ଜିଲାପାଳ ଦାସ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅଭିଯୋଗ ଶୁଣାଣିକୁ ଆହୁରି ଲୋକାଭିମୁଖୀ କରି ସମସ୍ୟାର ଆଶୁ ସମାଧାନ କରାଯିବ ବୋଲି ଏହି ଅବସରରେ ଜିଲାପାଳ ପ୍ରକାଶ କରିଥିଲେ ।


ଜିଲାପାଳ ଜଣେ ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ଆକର୍ଷଣ ହେବ କୋଲକାତାର କାଳୀ ମନ୍ଦିର ପୂଜା ମଣ୍ଡପ



**ବିରାଜିବେ ମା’**

**୨୮ ବର୍ଷରେ ପ୍ରଦେଶୀପଡ଼ା ଶାରଦୀୟ ଦୁର୍ଗାପୂଜା**



**ଭବାନୀପାଟଣା, ୭।୧୦(ଉତ୍ତମ କୁମାର ଦାଶ)**

ପାର୍ବଣ ପାଇଁ ଉତ୍ସବମୁଖର ହୋଇଛି କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣା ସହର। ଇତିମଧ୍ୟରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ସହରର ପ୍ରଦେଶୀପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ବିଶେଷ ଧ୍ୟାନ ଦିଆଯାଇଛି। ୧୯୯୬ରୁ ଆରମ୍ଭ ହୋଇଥିବା ଏହି ପୂଜା ଚଳିତଥର ୨୮ ବର୍ଷରେ ପହଞ୍ଚିଛି। ପୂଜା କମିଟି ପକ୍ଷରୁ ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା କୋଲକାତାର କାଳୀ ମନ୍ଦିର ଆକୃତିରେ ପୂଜା ମଣ୍ଡପ ନିର୍ମାଣ କରାଯାଇଛି। ୩୫ ଫୁଟ ଲମ୍ବ ଓ ୪୬ ଫୁଟ ଉଚ୍ଚତା ବିଶିଷ୍ଟ ପୂଜା ମଣ୍ଡପକୁ ସ୍ଥାନୀୟ ୧୦ରୁ ଊର୍ଦ୍ଧ୍ୱ କୁଶଳୀ କାରିଗର ପ୍ରସ୍ତୁତ କରିଛନ୍ତି। ଚଳିତବର୍ଷ ମଧ ଏହି ପୂଜା ମଣ୍ଡପ ମୁଖ୍ୟ ଆକର୍ଷଣ ହେବ ବୋଲି ଆଶା ରଖିଛନ୍ତି ପୂଜା କମିଟି କର୍ମକର୍ତ୍ତା। ଶୃଙ୍ଖଳିତ ଓ ସୁରକ୍ଷିତ ପୂଜା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ଓ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ପୂଜା କମିଟି ସଭାପତି ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଓ କୋଷାଧ୍ୟକ୍ଷ ବିନୋଦ ବିହାରୀ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ନରେ କଳସ ଯାତ୍ରା ହୋଇଛି। ସ୍ଥାନୀୟ ପୁରୁଷୋତ୍ତମ ପୋଖରୀରୁ ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଏହି କଳସ ଯାତ୍ରା ହୋଇଥିଲା। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମଙ୍ଗଳବାରଠାରୁ ଏଠାରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହେବ ଓ ଆସନ୍ତା ୧୩ ତାରିଖ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଏଥର ପୂଜାର କର୍ତ୍ତା ଭାବେ ସୁଧାଂଶୁ ଶେଖର ବେହେରା ଓ ତାଙ୍କ ସହଧର୍ମିଣୀ ସୁକେଶିନୀ ବେହେରା ଦାୟିତ୍ୱ ତୁଲାଉଥିବାବେଳେ ଲକ୍ଷ୍ମୀଧର ବେହେରା ମୁଖ୍ୟ ପୂଜକ ରହିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା, ଦଣ୍ଡ ନୃତ୍ୟ, ସାମାଜିକ ନାଟକ ଓ କୁନି ପିଲାଙ୍କ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଆଦି ରହିଛି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ପୋଷାକ ଜବତ କଲା ରାଜ୍ୟ ଜିଏସ୍‌ଟି

ରାଉରକେଲା,୭।୧୦(ସଙ୍ଗୀତା ଜେନା): କୋଲକୋତାରୁ ଓଡ଼ିଶାକୁ ସୋମବାର ଟ୍ରେନ ଯୋଗେ ଲକ୍ଷାଧିକ ଟଙ୍କାର ରେଡିମେଡ୍ ପୋଷାକ ଆସୁଥିଲା। ଏହାକୁ ରାଉରକେଲା ଷ୍ଟେଶନରୁ ଆଣି ବାମଡ଼ା ଅଞ୍ଚଳକୁ ଏକ ଘରୋଇ ବସ୍‌ରେ ପଠାଯାଉଥିଲା। ସୂଚନା ପାଇ ରାଜ୍ୟ ଜିଏସ୍‌ଟିର ଏକ ଟିମ୍ ଉକ୍ତ ଘରୋଇ ବସ୍‌ରୁ ଲକ୍ଷାଧିକ ଟଙ୍କାର ପୋଷାକ ଜବତ କରିଥିଲା। ପରେ ପ୍ଲାଣ୍ଟସାଇଟ୍ ଥାନାରେ ଉକ୍ତ ଜବତ ସାମଗ୍ରୀକୁ ରଖାଯାଇଥିଲା। ଖବର ଲେଖାଯିବା (ସନ୍ଧ୍ୟା ୭ଟା) ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ଜଣାପଡ଼ିଛି। ଅପରପକ୍ଷେ ବାମଡାକୁ ପୋଷାକ ଆଣୁଥିବା ବ୍ୟବସାୟୀଙ୍କୁ ମଙ୍ଗଳବାର ଡକାଯାଇ ପଚରାଉଚୁରା କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କୋଲକୋତାରୁ ଉକ୍ତ ରେଡିମେଡ୍ ପୋଷାକର ପ୍ରାୟ ୬ଟି ଲଗେଜ୍ ଆସିଥିଲା। ହେଲେ ଜିଏସ୍‌ଟିକୁ ଏ ବାବଦରେ କୌଣସି କାଗଜପତ୍ର ମିଳି ନ ଥିବା ଯୋଗୁ ଉକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା।

### ୫୦ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୭।୧୦(ଦିନେଶ ମିଶ୍ର): ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ରବିବାର ରୋଟାରୀ କ୍ଲବ ଅଫ ରିଭର ସାଇଡ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଟେକ୍ ମେଡିକାଲ କଲେଜ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଓ ଟେକ୍ନିସିଆନମାନେ ସହାୟତା କରିଥିଲେ। ହାଇଟେକ୍ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୋମେନ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଡାକ୍ତର ସ୍ମୃତି ସୌରଭ ମହାପାତ୍ର, ଡାକ୍ତର ପ୍ରୀତମ ଦାସ, ଡାକ୍ତର ସୁଚିସ୍ମିତା ପାଢୀ, ଡାକ୍ତର ଅଭୀପ୍ସା ପାତ୍ର, ଓ ଡାକ୍ତର ସୋନି ଜୟସ୍ୱାଲ ପ୍ରମୁଖ ଯୋଗ ଦେଇଥିଲେ। ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ରକ୍ତ ସର୍କରା, ରକ୍ତଚାପ ସହ ହୃଦ୍‌ରୋଗ ପରୀକ୍ଷା କରାଯାଇଥିଲା। ରୋଟାରୀ କ୍ଲବର ସନ୍ତୋଷ କୁମାର ମିଶ୍ର, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ନବଘନ ସାହୁ, ଦୀପକ କୁମାର ଦାଶ, ପ୍ରମିଳା ମିଶ୍ର, ସିଦ୍ଧନାଥ ଜ୍ୟୋତିଷୀ, ପରମେଶ୍ୱର ପ୍ରଧାନ, ଶରତ କୁମାର ପାଣିଗ୍ରାହୀ, ଘନଶ୍ୟାମ ମିଳି, ସୁପ୍ରିୟା ମହାନ୍ତି, ଭଗବାନ ପାଢୀଙ୍କ ସମେତ ଗୋପବନ୍ଧୁ ପାଠାଗାରର କର୍ମକର୍ତ୍ତା ସହଯୋଗ କରିଥିଲେ। କ୍ଲବର ସଭାପତି ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସୁନ୍ଦରଗଡ଼ ହକି ଦଳ ଚାମ୍ପିୟନ

**ପୁରୁଷ ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ**

ରାଉରକେଲା,୭।୧୦(ଦିନେଶ ମିଶ୍ର): ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହକି ଆସୋସିଏଶନ ଅଫ ଓଡିଶା ପକ୍ଷରୁ ଆୟୋଜିତ ୩ୟ ବରିଷ୍ଠ ପୁରୁଷ ହକି ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ ପୁରୁଷ ହକି ଦଳ ଇଷ୍ଟ କୋଷ୍ଟ ରେଲୱେ ଦଳକୁ ୪-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ଗାଙ୍ଗପୁର ହକି ଆସୋସିଏଶନ ଦେଓଗଡ ଦଳକୁ ପରାସ୍ତ କରି ୩ୟ ସ୍ଥାନ ଅଧିକାର କରିଥିବାବେଳେ ଦେଓଗଡ ଦଳ ୪ର୍ଥ ସ୍ଥାନରେ ରହିଛି। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ଆସିଷ୍ଟାଣ୍ଟ ବନ ଅଧିକାରୀ ସୌମ୍ୟରଞ୍ଜନ ଗୋଚ୍ଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ମେଡାଲ ପ୍ରଦାନ କରିଥିଲେ। ଆରଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ସୁଧାରାଣୀ ପ୍ରଧାନ, ସୁଦୀପ୍ତା ନାୟକ, ହକି ଆସୋସିଏଶନ ଓଡିଶାର ସମ୍ପାଦକ ସନାତନ ସାହୁ, କାଲୁ ଚରଣ ଚୌଧୁରୀ, ବି. ଜେ. କରିପା, ଭରତ ଚନ୍ଦ୍ର ସାହୁ, ଲୁସିଲା ଏକ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ସୁନ୍ଦରଗଡ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ଗାଙ୍ଗପୁର ହକି ଆସୋସିଏଶନକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଭାବେ ବିଜୁ ଏକ୍କା ଓ ବେଷ୍ଟ ଫରୱାର୍ଡ ଖେଳାଳି ଭାବେ ସୁନୀଲ ଟୋପୋଙ୍କୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ମିଡ୍ ଫିଲ୍ଡର ଭାବେ ସୁରୀନ ସଞ୍ଜୟ କୁମାର, ବେଷ୍ଟ ଡିଫେଣ୍ଡର ଖେଳାଳି ଭାବେ କେରୋବିନ୍ ଲାକ୍ରା ଓ ବେଷ୍ଟ ଗୋଲକିପର ଭାବେ ଏସ୍ଏ ଦିଲୀପ କୁମାରଙ୍କୁ ୮ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡୁମକେଲାକୁ ମିଳିପାରୁନି ଗଣତାନ୍ତ୍ରିକ ଅଧିକାର

**ନିର୍ବାଚନ ପରେ ନିର୍ବାଚନ ହେଉଛି**

ରାଉରକେଲା,୭।୧୦(ବିପ୍ଳବ ରଞ୍ଜନ ଦାଶ)



ଦାବି ଉଠାଇଥିବା ଡୁମକେଲାବାସୀ।

ରାଉରକେଲା ରଘୁନାଥପଲ୍ଲୀ ନିର୍ବାଚନମଣ୍ଡଳୀ ଅଧୀନ ଡୁମକେଲା ଗ୍ରାମବାସୀଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରୁ ବଞ୍ଚିତ କରାଯାଉଥିବା ଅଭିଯୋଗ ହୋଇଛି।ଏ ନେଇ ଗ୍ରାମବାସୀ ବିଭିନ୍ନ ଫୋରମ୍‌ରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଏଯାଏ କୌଣସି ସୁଫଳ ମିଳିନାହିଁ। ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଡୁମକେଲା ଗ୍ରାମର ଜନସଂଖ୍ୟା ୩ହଜାରରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଏଠାରେ ପ୍ରାୟ ୮୦ଭାଗ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ମାତ୍ର ଭାରତ ସ୍ୱାଧୀନ ହେବାର ଦୀର୍ଘ ଦଶନ୍ଧିପରେ ମଧ୍ୟ ଡୁମକେଲା ଏଯାଏ ଗ୍ରାମପଞ୍ଚାୟତ କି ଆର୍‌ଏମ୍‌ସିରେ ସାମିଲ ହୋପାରିନାହିଁ। ଫଳରେ ଡୁମକେଲା ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି। ଡୁମକେଲାରେ ଖାଡିଆ, ଖଟାଲ, ଧୋବୀ ଲାଇନ ଏବଂ ମାଛୁଆର ଖଟାଲ ବସ୍ତି ରହିଛି। ୯ମାସ ତଳେ ରାଉରକେଲା ପ୍ରଶାସନ ପକ୍ଷରୁ ଲୁଆକେରା ସମେତ ଡୁମକେଲା ଅଞ୍ଚଳ କେଉଁ ଗ୍ରାମପଞ୍ଚାୟତରେ ସାମିଲ ହେବ ତାର ସମୀକ୍ଷା ହୋଇଥିଲା। ମାତ୍ର ଦୀର୍ଘମାସ ପରେ ମଧ୍ୟ ଡୁମକେଲାକୁ କୌଣସିଥିରେ ସାମିଲ କରାଯାଇନାହିଁ। ଗ୍ରାମପଞ୍ଚାୟତ କିମ୍ବା ଆରଏମ୍‌ସିରେ ସାମିଲ ନ ହେବା କାରଣରୁ ଡୁମକେଲା ଖାଡିଆ ତଳ ବସ୍ତି ଅଞ୍ଚଳକୁ ଛାଡିଦେଲେ ଆଉ କୌଣସି ବସ୍ତିରେ ପାନୀୟ ଜଳ ବ୍ୟବସ୍ଥା ଏଯାଏ ଉପଲବ୍ଧ ହୋଇପାରିନାହିଁ। ସ୍ଥାନୀୟ ବସ୍ତିର ଗୃହିଣୀମାନେ ନଳକୂପରୁ କପଡା ବାନ୍ଧି ପାଣି ସଂଗ୍ରହ କରୁଛନ୍ତି। ଏଥିସହିତ ବସ୍ତିର ସୋଲାର ଲାଇଟଗୁଡିକ ଅଚଳ ହୋଇପଡିଛି। ବସ୍ତି ରାସ୍ତା ବି ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଛି। ରାସ୍ତାରେ ବଡ ବଡ ଖାଲଖମା ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏସବୁ ସମସ୍ୟାର ସମାଧାନ ପାଇଁ ବସ୍ତି ବାସିନ୍ଦା ନା ଆରଏମ୍‌ସି ପାଖରେ ଫେରାଦ ହୋଇପାରୁଛନ୍ତି ନା ଗ୍ରାମପଞ୍ଚାୟତରେ ଦାବି ଉଠାଇ ପାରୁଛନ୍ତି। ଏଣୁ ଆଗାମୀ ନିର୍ବାଚନ ପୂର୍ବରୁ ଡୁମକେଲା ଅଞ୍ଚଳ ଗ୍ରାମପଞ୍ଚାୟତ ଅବା ଆରଏମ୍‌ସିରେ ସାମିଲ ହୋଇଛି ତାର ଘୋଷଣା କରାଯାଉ ବୋଲି ଡୁମକେଲା ବସ୍ତିର ଆଦିବାସୀ ନେତ୍ରୀ ବାସନ୍ତୀ ଖାଡିଆ ଦାବି କରିଛନ୍ତି। ସେହିପରି ନିର୍ବାଚନ ପରେ ନିର୍ବାଚନ ହେଉଛି। ନିର୍ବାଚନ ସମୟରେ ପ୍ରାର୍ଥୀମାନେ ସମସ୍ୟାର ସମାଧାନ କରିବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ନିର୍ବାଚନ ଜିତିଗଲା ପରେ ଆମ ଦୁଃଖ ବୁଝୁନାହାନ୍ତି। ଫଳରେ ଦୀର୍ଘବର୍ଷ ହୋଇଗଲା ଆମକୁ ଗଣତାନ୍ତ୍ରିକ ଅଧିକାର ମିଳିପାରୁନାହିଁ ବୋଲି ବସ୍ତିର ଭାରତୀ ଖାଡିଆ, ଓଷା ମାଝୀ, ସୁନିତା ଖାଡିଆ, ମମତା ଖାଡିଆ, ମୀନା ସୁନିଆନି, ନିରା ତନ୍ତୀ, ପ୍ରୀତି ଖାଡିଆ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ପଚାରିବାରୁ ସେ କୁହନ୍ତି, ଡୁମକେଲାବାସୀଙ୍କ ସମସ୍ୟା ବିଷୟରେ ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଇ ସାରିଛି। ଖୁବଶୀଘ୍ର ଏହାର ନିଷ୍ପତ୍ତି ହେବ ଏବଂ ଡୁମକେଲାବାସୀଙ୍କୁ ନ୍ୟାୟ ମିଳିବ। ୧୯୯୫ ପୂର୍ବରୁ ଡୁମକେଲା ରାଉରକେଲା ଷ୍ଟିଲ ଟାଉନଶିପ୍ ଅଞ୍ଚଳ ଆରଏମ୍‌ସି ଅଧୀନରେ ଥିଲା। ଏମିତିକି ବିଧାନସଭାରେ ଡୁମକେଲା ଏବଂ ତରକେରା ପ୍ରସଙ୍ଗ ମଧ୍ୟ ଉଠାଇଛି। ଆଗକୁ ଡୁମକେଲାର କିଛି ଅଂଶ ଗ୍ରାମପଞ୍ଚାୟତ ଓ ଆଉ କିଛି ଅଂଶ ଆରଏମ୍‌ସିରେ ସାମିଲ ହେବା ସହିତ ଉଭୟ ଡୁମକେଲା ଏବଂ ଲୁଆକେରାବାସୀଙ୍କ ଦାବି ନିଶ୍ଚିତ ପୂରଣ ହେବ ବୋଲି ବିଧାୟକ ତନ୍ତୀ କହିଥିଲେ।

# ଷ୍ଟିଲସିଟିରେ ହେବ ୫୫ ଫୁଟର ରାବଣ

ରାଉରକେଲା,୭।୧୦(ଦିନେଶ ମିଶ୍ର)

**ଖବରଦାତା ସମ୍ମିଳନୀରେ ସୂଚନା**

ସିଭିଲଟାଉନଶିପ୍‌ସ୍ଥିତ ଲରେଟୋ ଇଂଲିଶ ସ୍କୁଲ ପରିସରରେ ଚଳିତ ବର୍ଷ ବିଜୟା ଦଶମୀ ଓ ରାବଣ ପୋଡ଼ି ପାଳନ କରାଯିବ। ଏ ନେଇ ଦଶହରା ପୂଜା ସମିତି ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମିତି ସଭାପତି ହର୍ଷ ଖେଦେରିଆ କହିଥିଲେ, ଆସନ୍ତା ୧୨ ତାରିଖରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ବିଜୟା ଦଶମୀ ଓ ରାବଣ ପୋଡ଼ି ଉତ୍ସବ ପାଳନ କରାଯିବ। ଏ ନେଇ ଉତ୍ତରପ୍ରଦେଶ ସ୍ଥିତ ଆଗ୍ରାରୁ ୨ ଜଣ କାରିଗର ଆସି ୫୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣର ପ୍ରତିମୂର୍ତ୍ତି ତିଆରି କରୁଛନ୍ତି। ସେହିପରି ୫୦ ଫୁଟ ଉଚ୍ଚତା ବିଶିଷ୍ଟ କୁମ୍ଭକର୍ଣ୍ଣ ପ୍ରତିକୃତି ନିର୍ମାଣ ଆରମ୍ଭ ହୋଇଛି। ରାବଣ ଦହନ ସମୟରେ ଆତସବାଜି ନ କରି ସମ୍ପୂର୍ଣ୍ଣ ପଡିଆରେ ଡିଜିଟାଲ ରଙ୍ଗବେରଙ୍ଗ ଆଲୋକମାଳା ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭଜନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ଏହି ପଡିଆରେ ୩ଟି ପ୍ରବେଶ ପଥ କରାଯାଇଥିବାବେଳେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ସାଙ୍ଗକୁ ବସିବା ଲାଗି ଚେୟାର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବିଜୟା ଦଶମୀ ଉତ୍ସବ ଓ ରାବଣ ଦହନ କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ ବୋଲି ସମିତି ସମ୍ପାଦକ ପବନ ଖେମାମୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଂଯୋଜକ ସୁରେଶ କେଜ୍ରିୱାଲ, କୋଷାଧ୍ୟକ୍ଷ ରାହୁଲ ଅଗ୍ରୱାଲ, ଗୌରବ ସିଙ୍ଗଲ, ଦେବାଂଶ ଅଗ୍ରୱାଲ, ଲଳିତ କେଜ୍ରିୱାଲ, ଅମରେନ୍ଦ୍ର ଚୌଧୁରୀ, ଚିନ୍ମୟ ପରିଡା, କିଷନ ଅଗ୍ରୱାଲ, ଦରଶିତ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।



ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଲତାଙ୍କ ସଙ୍ଗୀତ କଲା ବିମୋହିତ

ରାଉରକେଲା,୭।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ରବିବାର ଇସ୍ପାତ ସହରର କଳାକାରମାନଙ୍କ ଯାଦୁକରୀ ସଙ୍ଗୀତ ସହ କିମ୍ବଦନ୍ତୀ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଲତା ମଙ୍ଗେସକର ଫ୍ୟାନ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଇସ୍ପାତ ନଗରୀର କଣ୍ଠଶିଳ୍ପୀମାନେ ଲତା ମଙ୍ଗେସକର ଗାଇଥିବା ଚିର ସବୁଜ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ଆର୍‌ଏସ୍‌ପିର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ଆର୍ଟ ଅଫ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ତଥା ଚାଟାର୍ଡ ଆକାଉଣ୍ଟାଣ୍ଟ ଭଗବାନ ଦାସ ଶିଭାରେ, ଆରଏସ୍‌ପି ପ୍ରକଳ୍ପ ବାଣିଜ୍ୟିକ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଗିରିଜା ଶଙ୍କର ଦାସ, ଉଦ୍ୟୋଗପତି ତଥା ସମାଜସେବୀ କମଳ ଅଗ୍ରୱାଲ, ଅନୀତା ଅଗ୍ରୱାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଏହି ମହାନ ଗାୟିକାଙ୍କ ଅନେକ ମନଛୁଆଁ ସଙ୍ଗୀତ ଇସ୍ପାତ ସହରର କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ମେରୀ ଆୱାଜ ହି ପହେଚାନ ହୈ ସଙ୍ଗୀତ ସନ୍ଧ୍ୟାର ୭ମ ସଂସ୍କରଣ ସଙ୍ଗୀତ ସନ୍ଧ୍ୟାରେ ବଳଜିତ ସିଂହଙ୍କ ବାଦ୍ୟଯନ୍ତ୍ରରେ ୭୦ଦଶକର ସୁପରହିଟ ୟେ ଗଲିଆଁ ୟେ ଚୌବାରାଠାରୁ ଆରମ୍ଭ ହୋଇ ରେନା ବିତ ଜାୟେ ଶ୍ୟାମ ନା ଆୟେ ଆଦି ଗୀତ ପରିବେଷଣ ହୋଇଥିଲା। ସଙ୍ଗୀତ ସନ୍ଧ୍ୟାର ବିଶେଷ ଆକର୍ଷଣ ସାଜିଥିଲେ ବଲିଉଡ୍ ସିନେମା ଜଗତର କଣ୍ଠଶିଳ୍ପୀ ବିନୟ ମହାନ୍ତି। କାର୍ଯ୍ୟକ୍ରମରେ ବିନୟଙ୍କ ପରିବେଷିତ ଗୀତ ଜାନେ କ୍ୟା ବାତ ହୈ ଦଶକଙ୍କୁ ବିମୋହିତ କରିଥିଲା। ଏଥିସହ ବାସବଦତ୍ତା ଏବଂ ବିନୟ ମହାନ୍ତିଙ୍କ ଯୁଗଳ କଣ୍ଠରେ ବହୁ ପୁରୁଣା ଗୀତମାନ ମଧ୍ୟ ପରିବେଷିତ ହୋଇଥିଲା। ଏଥିସହ କଣ୍ଠଶିଳ୍ପୀ ଅର୍ଚ୍ଚନା ଶତପଥୀ, ଇତି ପଟ୍ଟନାୟକ, ଶୁଭସ୍ମିତା ଦାସ, ଆକାଂକ୍ଷିକା, ଦେବଜିତ ରାଭା, ଡକ୍ଟର ପି. କେ. ସାହୁ, ସତ୍ୟବ୍ରତ ମିଶ୍ର, ସୁଖପାଲ ସିଂହ ଏବଂ ସୁରେଶ ଝୁନଝୁନୱାଲା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଅତିଥିମାନେ କଣ୍ଠଶିଳ୍ପୀ ବିନୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ୟାମ ପଟୋଡିଆ ଏବଂ ଡକ୍ଟର ଉଷା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ଆର୍‌ଏସ୍‌ପିର ଲୋକସମ୍ପର୍କ ବିଭାଗ ଉପ ପ୍ରବନ୍ଧକ ଶଶାଙ୍କ ପଟ୍ଟନାୟକ ଉଦ୍‌ଘାଟନୀ ସମାରୋହ ପରିଚାଳନା କରିଥିଲେ।

# କୁମାରପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ

ରାଉରକେଲା,୭।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପାଞ୍ଚଳ ସ୍ଥିତ ଆଦର୍ଶ ପାଠାଗାରରେ ସୋମବାର କୁମାର ପୂର୍ଣ୍ଣିମା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ତାରିଖରେ ହେବାକୁ ଥିବା ଏହି ଉତ୍ସବରେ ଓଡିଶା ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଜେନା ଓ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କୁ ଚଳିତ ବର୍ଷ କୁମାର ଉତ୍ସବ ସମ୍ମାନରେ ସମ୍ମାନୀତ କରାଯିବାର ବୃତ୍ତାନ୍ତ ହୋଇଥିଲା। ଏହି ଅବସରରେ ଭୁବନେଶ୍ୱରର କଳାକାର କରୁଣାକର ସେଠୀ, ସ୍ମରଣିକା ନନ୍ଦ, ରାଉରକେଲାର ଭାସ୍କର ଚନ୍ଦ୍ର ପୁହାଣ ଏବଂ ସାଥୀ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ଶ୍ରୀ ଜଗନ୍ନାଥ କଳା ପରିଷଦର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ସଭାପତି ଚନ୍ଦ୍ରଶେଖର ଶତପଥୀ, ଆଦିତ୍ୟ ମହାପାତ୍ର, ଡ. ଉତ୍ତମ ଚରଣ ଜେନା, ବିଷ୍ଣୁ ଚରଣ ମହାନ୍ତି, ସୁରେଶ ମାଝୀ, ଅଭୟ କୁମାର ଦାସ, ବାଉରୀବନ୍ଧୁ ସାହୁ, କୁଞ୍ଜବିହାରୀ ରାଉତ, ବିଜୟ କୁମାର ପାତ୍ର, ରାଧାକାନ୍ତ ମିଶ୍ର, ବସନ୍ତ କୁମାର ଦାସ, ପଞ୍ଚାନନ ପାତ୍ର, ଦୀନବନ୍ଧୁ ରଥ, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁଙ୍କ ଧର୍ମ ଥିଲା ଆନ୍ତରିକତା

ରାଉରକେଲା,୭।୧୦(ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ ପ୍ରଗତି ଉତ୍କଳ ସଂଘ ପରିସରରେ ସୋମବାର ପଣ୍ଡିତ ଗୋପବନ୍ଧୁ ଦାସ ଓ ଚିତ୍ତରଞ୍ଜନ ଦାସଙ୍କ ଜୟନ୍ତୀ ସମାରୋହ ଏବଂ ପୁସ୍ତକ ଲୋକାର୍ପଣ ଉତ୍ସବ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଶିକ୍ଷାବିତ୍ ଭବେଶ ଚନ୍ଦ୍ର ସାହୁ ଯୋଗଦେଇ କହିଥିଲେ, ଚିତ୍ତରଞ୍ଜନଙ୍କ ଦୃଷ୍ଟିରେ ଗାନ୍ଧୀ ଓ ଗୋପବନ୍ଧୁ ଅଭିନ୍ନ। ଯୁଗ ପ୍ରବର୍ତ୍ତକ ଗୋପବନ୍ଧୁ ଗୋଟିଏ ବ୍ୟାପକ ଚେତନାରେ ବଞ୍ଚୁଥିଲେ। ତାଙ୍କ ଧର୍ମ ଥିଲା ଆନ୍ତରିକତା ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ଭାବେ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଉପରେ ମତପ୍ରକାଶ କରିଥିଲେ। ଡକ୍ଟର ନଗେନ କୁମାର ଦାସଙ୍କ ସଂଚାଳନରେ ଅନୁଷ୍ଠିତ ଉକ୍ତ ସଭାରେ ଗଙ୍ଗାଧର ତ୍ରିପାଠୀ ରବୀନ୍ଦ୍ର ସଙ୍ଗୀତ ଓ ସ୍ମିତା ମିଶ୍ର ଗୋପବନ୍ଧୁଙ୍କ ରଚିତ ବନ୍ଦୀର ଆତ୍ମକଥା କବିତା ଗାନ କରିଥିଲେ। ପରେ ଡକ୍ଟର ନଗେନ ଦାସଙ୍କ ସମ୍ପାଦିତ ତଥା ପ୍ରଗତି ଉତ୍କଳ ସଂଘ ପ୍ରକାଶିତ ଗୋପବନ୍ଧୁ ଚର୍ଚ୍ଚା ପୁସ୍ତକ ଲୋକାର୍ପିତ ହେବା ସହ ଡକ୍ଟର କ୍ଷୀରୋଦ କୁମାର ବରାଳଙ୍କ ଦ୍ୱାରା ଏହାର ସମୀକ୍ଷା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରଶ୍ମି ସାହୁଙ୍କ ସଂଯୋଜନାରେ ଗୋପବନ୍ଧୁଙ୍କ କବିତା ଆବୃତ୍ତି କରାଯାଇଥିଲା। କବି କାଶୀନାଥ ପାତ୍ର, ବିଜୟିନୀ ଜେନା, ମୀନକେତନ ପଣ୍ଡାୟତ, ବନିତା ମହନ୍ତ, ଆର୍ତ୍ତତ୍ରାଣ ମହାପାତ୍ର, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଓ ଅଶୋକ କୁମାର ପଟ୍ଟନାୟକ କବିତା ଆବୃତ୍ତି କରିଥିଲେ। ଗୋପବନ୍ଧୁ ସମର୍ପିତ ମନୋଜ ଦାସଙ୍କ ରଚିତ 'ସ୍ୱାତୀ ନାମ୍ନୀ ତାରା ଯୋଗେ' କବିତା ଲକ୍ଷ୍ମଣନାଥ ଦାସ ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ, ରାଧାମୋହନ ନାୟକ, ଇନ୍ଦ୍ରମଣି ମହାପାତ୍ର, ଅରବିନ୍ଦ ପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ଅର୍ଜୁନ ଭୂୟାଁ, ପରୀକ୍ଷିତ ଗୁରୁ, ପ୍ରସନ୍ନ କୁମାର ମହାନ୍ତି, ପ୍ରଦୀପ କୁମାର ପଟ୍ଟନାୟକ, ବରୁଣ ନାହାକ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କବି ଏବଂ ଅନ୍ୟମାନେ।

# ଭଲିବଲ୍: ବିଶ୍ରା ବ୍ଲକ ଚାମ୍ପିୟନ

ରାଉରକେଲା,୭।୧୦(ବିପ୍ଳବ ରଞ୍ଜନ ଦାଶ)

ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଦ୍ୱାରା ଆୟୋଜିତ ଭଲିବଲ ପ୍ରତିଯୋଗିତାର ୧୭ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ରା ବ୍ଲକ ଚାମ୍ପିୟନ ହୋଇଛି। ସେମିଫାଇନାଲରେ ବିଶ୍ରା ଦଳ ସୋୟମ୍ବା ଦଳକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଫାଇନାଲ ମ୍ୟାଚ୍ ବିଶ୍ରା ଓ ହେମଗିରି ମଧ୍ୟରେ ହୋଇଥିଲା। ଫାଇନାଲରେ ବିଶ୍ରା ଦଳ ହେମଗିରି ଦଳକୁ ହରାଇ ଚମ୍ପିୟନ ହୋଇଥିଲା। ବିଶ୍ରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହିର ସୌମ୍ୟରଞ୍ଜନ ଗାଡିଆ ଚାମ୍ପିୟନ ଟିମ୍‌ର କୋଚ୍ ଓ ପାବ୍ରିନ ଟପ୍ପୋ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାମ୍ପିୟନ ଦଳ ଭଲିବଲ ପ୍ରଶିକ୍ଷଣ ନେଇଛନ୍ତି।



ଚାମ୍ପିୟନ ଦଳ ସହ ସହଯୋଗୀ।

# ଲାଇଟ୍ ଅଚଳ, ଅନ୍ଧାରରେ ରିଂରୋଡ୍

ରାଉରକେଲା,୭।୧୦(ସଙ୍ଗୀତା ଜେନା)

ଦୁର୍ଗାପୂଜା ପାଇଁ ଇସ୍ପାତ ସହର ଚଳଚଞ୍ଚଳ ହୋଇପଡିଛି। ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ଭବ୍ୟ ଆୟୋଜନ ଆରମ୍ଭ ହୋଇଛି। ହେଲେ ସହରରେ ଅନେକ ପ୍ରମୁଖ ଅଞ୍ଚଳ ଅନ୍ଧକାରରେ ରହିଥିବା ଅଭିଯୋଗ ହୋଇଛି।

ହକି ବିଶ୍ୱକପ୍ ସମୟରେ ସହରରେ ସୌନ୍ଦର୍ଯ୍ୟକରଣ ପାଇଁ ଆଲୋକ ବ୍ୟବସ୍ଥା କରାଯାଇଥିଲା। ଏଲ୍‌ଇଡ଼ି ଲାଇଟ୍‌ଗୁଡ଼ିକ ତରକେରା ପମ୍ପ ହାଉସର ବାଲୁଘାଟ, ରଙ୍ଗିଲା ଛକ, ସ୍ୱେସ୍ ଛକରୁ ରାଉରକେଲା ବିମାନ ବନ୍ଦର, ପ୍ରଥମ ବ୍ରାହ୍ମଣୀ ସେତୁର ଉଭୟ ପାର୍ଶ୍ୱ, ପତାକା ଛକରୁ ବିର୍ସା ଛକ ପାଥ୍‌ୱେ, ଛେଣ୍ଡ ଛକରୁ ସ୍ୱେସ୍ ଛକ, ହନୁମାନ ବାଟିକାରୁ ଛେଣ୍ଡ ଛକ, ଡିଏଭି ପୋଖରୀ ଆଦି ସ୍ଥାନରେ ଲଗାଯାଇଥିଲା। ୧୧୪୩ ଏଲ୍‌ଇଡ଼ି ଲାଇଟ୍‌କୁ ୯୪ ଲକ୍ଷ ୨୪ ହଜାର ଟଙ୍କାରେ କିଣାଯାଇଥିଲା। ଏହାର ଫିଟିଂ ବାବଦକୁ ୪ କୋଟି ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ବର୍ତ୍ତମାନ ଉକ୍ତ ସ୍ଥାନମାନଙ୍କରେ ଅଧିକାଂଶ ଲାଇଟ୍ ଜଳୁନାହିଁ। ଫଳରେ ଏହି ଅଞ୍ଚଳଗୁଡ଼ିକ ଅନ୍ଧାରରେ ରହିଛି। କିଛି ଦିନ ହେଲା ସହରରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ଯୋଗୁ ଲୋକେ ଅସୁରକ୍ଷିତ ମନେ କରୁଛନ୍ତି। ଅନ୍ଧାର ଯୋଗୁ ସାଧାରଣ ଲୋକ ବାଟରେ ଚାଲିବାକୁ ନିରାପଦ ମଣୁନାହାନ୍ତି। ଏହାବ୍ୟତୀତ ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ଥିବା ଉଦ୍ୟାନ ଗୁଡ଼ିକରେ ସାନ୍ଧ୍ୟ ଭ୍ରମଣ କରିବାକୁ ମହିଳାମାନେ ଯାଉନାହାନ୍ତି। ବିଶ୍ରା ଛକ ବ୍ୟବସାୟୀ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ ଚୟନକର୍ତ୍ତ୍ରୀ ସସ୍ମିତା ପଟ୍ଟନାୟକ କହିଛନ୍ତି, ରାତିରେ ଘରକୁ ଫେରିବା ସମୟରେ ଅନ୍ଧାର ଯୋଗୁ ଭୟ ଲାଗୁଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରିଂରୋଡ୍ ସଜାଯାଇଥିଲା। କିଛିଦିନ ପରେ ଲାଇଟ୍ ଗୁଡ଼ିକ ଅଚଳ ହୋଇପଡ଼ିଛି। ଅନେକ ପାର୍କକୁ ଖେଳାଳିମାନେ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଆଗକୁ ଦୁର୍ଗାପୂଜା ଆସୁଛି। ଅନ୍ଧାର ଯୋଗୁ ଛୋଟବଡ଼ ଦୁର୍ଘଟଣା ଓ ଆପରାଧିକ କାର୍ଯ୍ୟ ବଢିବା ସମ୍ଭାବନା ରହିଛି। ତୁରନ୍ତ ଏଗୁଡ଼ିକ ମରାମତି ଓ ପୋଲିସ ପାଟ୍ରୋଲିଂ କରାଯାଉ ବୋଲି ପଟ୍ଟନାୟକ କହିଥିଲେ। ସେହିପରି ଖେଳାଳି ତଥା ପୋଲିସ ଅଧିକାରିଣୀ ସୁଜାତା ରାଉତ ଓ ପ୍ଲାଣ୍ଟସାଇଟ୍ ସରକାରୀ ସ୍କୁଲର ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତଙ୍କ ଭଳି ସ୍ଥାନୀୟ ଲୋକମାନେ ସମାନ ଅଭିଯୋଗ କରିଥିଲେ।

ଏ ସମ୍ପର୍କରେ ଆର୍‌ଏମ୍‌ସି ଆଲୋକ ବିଭାଗ ଯନ୍ତ୍ରୀ ମାନସ ବିଶ୍ୱାଳଙ୍କୁ ପଚରାଯିବାରୁ ସେ କହିଲେ, ସୌନ୍ଦର୍ଯ୍ୟକରଣ ପାଇଁ ସହରକୁ ଏଲ୍‌ଇଡ଼ି ଲାଇଟ୍‌ରେ ସଜ୍ଜିତ କରାଯାଇଥିଲା। ତେବେ ଏହି ଖୁଣ୍ଟଗୁଡ଼ିକରୁ ଲାଇଟ୍, କେବୁଲ ଆଦି ଚୋରି ହୋଇଗଲା। ଏଥିପାଇଁ ଆରଏମ୍‌ସି କମିଶନର ପଶ୍ଚିମାଞ୍ଚଳ ଡିଆଇଜିଙ୍କ ସହ ଆଲୋଚନା କରିଛନ୍ତି। ଆର୍‌ଏମ୍‌ସି ପକ୍ଷରୁ ପ୍ଲାଣ୍ଟସାଇଟ୍, ଉଦିତନଗର, ରଘୁନାଥପାଲୀ ଥାନାରେ ୨୫ରୁ ଉର୍ଦ୍ଧ୍ୱ ଏତଲା ଦିଆଯାଇଛି। ଏପରିକି କିଛିଦିନ ତଳେ ଏଫ୍‌ସିଆଇ ଗୋଦାମ ନିକଟରୁ ବିପୁଳ ପରିମାଣର କେବୁଲ ଧରାପଡ଼ିଥିଲା। ୨ଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି। ଲାଇଟ୍‌ଗୁଡ଼ିକ ସୁଧାରିବା ପାଇଁ ଏଷ୍ଟିମେଶନ କରାଯାଉଛି। ଶୀଘ୍ର ଲାଇଟ୍ ଗୁଡ଼ିକ ପୁନଃ ଲଗାଯିବ ବୋଲି ବିଶ୍ୱାଳ କହିଥିଲେ।



ରିଂରୋଡ୍‌ରେ ରହିଥିବା ଅଚଳ ଲାଇଟ୍।



ଦେବଗଡ଼ ସହର ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜାରେ ମା'ଙ୍କ ସ୍କନ୍ଦମାତା ବେଶ।

# ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ସୁଯୋଗ ଆଣେ

- ୨୨ ବିଭାଗରୁ ୨୨୦ଜଣ ଛାତ୍ରୀଛାତ୍ର ସାମିଲ
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଦେବଗଡ଼,୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା କ୍ଲଷ୍ଟର ପକ୍ଷରୁ ସୋମବାର ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ଼ ୱିଲିଅମ ହେଂନେଜ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ସୁଗୁଡା ସରପଞ୍ଚ କୁନୁ ବେହେରା, ପରିଚାଳନା ସମିତି ସଭାପତି ଅଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ସୁଯୋଗ ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିଲେ। ପୂର୍ବତନ ସିଆରସିସି ଭୋଲେଶ୍ୱର ପ୍ରଧାନ ସୁରଭିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଦୁଷ୍ମନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ତର୍କ, ସାଧାରଣଜ୍ଞାନ, ହସ୍ତକଳା, ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ସେହିପରି ନିପୁଣ ଓ କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନେ ଗଣିତ ଦୌଡ, ଗଣିତ କୁଇଜ, ଗଳ୍ପ କଥନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶାର ଲୋକକଳା ଆଧାରରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଉଦ୍ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ସମ୍ବଲପୁର ଏମ୍‌ପି ପ୍ରତିନିଧି ଯୋଗେଶ କୁମାର ପ୍ରଧାନ, ମୋ ସ୍କୁଲ ପରିଚାଳନା ସମିତି ସଭାପତି ଧରଣୀଧର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାମନ୍ତରାପାଲି ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶର୍ମା, ଗୁଣ୍ଡୁରିପୋଷି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରା, କଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସଦାନନ୍ଦ ସ୍ୱାଇଁ, ପୁଷ୍ପାଞ୍ଜଳି ସାହୁ, ଗୋପରଞ୍ଜନ ପ୍ରଧାନ, ହିମାଂଶୁ ଦେହୁରି, ତ୍ରିନାଥ ସାହୁ, ଫକୀର ମୋହନ ପ୍ରଧାନ, ବୈଜୟନ୍ତୀ ମାହାଣା, ନେତ୍ରାନନ୍ଦ ବେହେରା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ମୋଟ ୨୨ଟି ବିଭାଗରୁ ୨୨୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।



ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସାପ କାମୁଡ଼ାରେ ପୂର୍ବତନ ହାର୍ଡକୋର ମାଓବାଦୀ ମୃତ

ଦେବଗଡ଼,୭।୧୦(ଶଶାଙ୍କ ଶେଖର ଝାଙ୍କର)

ସାପ କାମୁଡାରେ ପୂର୍ବତନ ହାର୍ଡକୋର ମାଓବାଦୀ କୁନୁ ଦେହୁରୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ଦେବଗଡ଼ ଜିଲା ରିଆମାଳ ଥାନା ଯୋଡାଗୁଡା ଗାଁରେ ଶ୍ୱଶୁର ଘରେ ରହୁଥିଲେ। ସେଠାରେ ସାପ କାମୁଡ଼ିଥିଲା। ତାଙ୍କୁ ତୁରନ୍ତ ସମ୍ବଲପୁର ଜିଲା ନାକଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏକଦା ହାର୍ଡକୋର ମାଓବାଦୀ ଭାବେ ଜଣାଶୁଣା ଥିଲେ କୁନୁ ଦେହୁରୀ। ୨୦୦୨ରେ ମାଓବାଦୀ ସଙ୍ଗଠନ ସହ ଜଡିତ ଥିଲେ। ପରେ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ସାଧାରଣ ଜୀବନଯାପନ କରୁଥିଲେ।

## ୩ବର୍ଷୀୟା ଶିଶୁକନ୍ୟାକୁ ବଳାତ୍କାର
### ଅଭିଯୁକ୍ତ ଜଣେ ନାବାଳକ

ସମ୍ବଲପୁର, ୭।୧୦
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ଭତ୍ରା ଅଞ୍ଚଳରେ ଜଣେ ୩ ବର୍ଷୀୟା ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ ହୋଇଛି। ବଳାତ୍କାରୀ ଜଣେ ନାବାଳକ। ସେ ପୀଡିତାଙ୍କ ପଡ଼ୋଶୀ। ମିଳିଥିବା ସୂଚନା ଅନୁସାରେ ଶିଶୁକନ୍ୟା ପଡ଼ୋଶୀଙ୍କ ଘରକୁ ଯାଇଥିବା ବେଳେ ସେଠାରେ ୧୬ ବର୍ଷୀୟ ନାବାଳକ ଜଣକ ତାଙ୍କୁ ବଳାତ୍କାର କରିଥିଲେ। ଘରକୁ ଫେରି ଶିଶୁ ତାଙ୍କ ଗୁପ୍ତାଙ୍ଗରେ ପୀଡ଼ା ଅନୁଭବ କରୁଥିବା ମା'ଙ୍କୁ କହିଥିଲେ। କାରଣ ସମ୍ପର୍କରେ ପଚାରିବାରୁ ସେ ମା'ଙ୍କୁ ଘଟଣା ବିଷୟରେ କହିଥିଲେ। ଏହା ପରେ ପୀଡ଼ିତାଙ୍କ ମା' ସମ୍ବଲପୁର ମହିଳା ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ନାବାଳିକାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ଡାକ୍ତରୀମାଇନା ପରେ ସୋମବାର ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। ଅପରପକ୍ଷରେ ପୀଡିତାଙ୍କ ଡାକ୍ତରୀମାଇନା ପରେ ଜିଲା ଶିଶୁ ସୁରକ୍ଷା ସମିତିରେ ହାଜର କରାଯାଇଥିଲା। ବର୍ତ୍ତମାନ ଶିଶୁକନ୍ୟା ସୁସ୍ଥ ଥିବା ଜଣା ପଡ଼ିଛି।

## ବୁନ୍ଦିଆ କଲୋନୀରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ବ୍ରଜରାଜନଗର,୭।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବୁନ୍ଦିଆ କଲୋନୀରେ ପତଞ୍ଜଳି ଯୋଗ ସମିତି ବୁନ୍ଦିଆ ଶାଖା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ସୁଖ୍ୟାତି ଅର୍ଜନ କରିଥିବା ଲୋକ କବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ସ୍ୱରଚିତ କବିତାଗୁଡ଼ିକ ଲୋକମାନଙ୍କୁ ଶୁଣାଇଥିଲେ। ଏପରିକି ଓଡ଼ିଆ ଭାଷା ଆଗରୁ କୋସଲି ଭାଷା ପ୍ରଚଳିତ ଥିବା ପ୍ରକାଶ କରିଥିଲେ। ମୋଦି ସରକାର କିପରି ଭାବେ ତାଙ୍କୁ ପଦ୍ମଶ୍ରୀ ପାଇଁ ଚୟନ କଲେ ସେ ସମ୍ବନ୍ଧରେ ନାଗ ସୂଚନା ଦେଇଥିଲେ। ଯୋଗ ସମିତିର ରଞ୍ଜନ ସିଂ, ପ୍ରଶାନ୍ତ ପାଲତାସିଂ, ଶ୍ରୀକାନ୍ତ ମହାପାତ୍ର, ସଂଯୁକ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କାଳିଆପାଳ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଦେବଗଡ଼,୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କାଳିଆପାଳ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ କାଳିଆପାଳ କ୍ଲଷ୍ଟରର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଳିଆପାଳ କ୍ଲଷ୍ଟରର ସିଆର୍‌ସିସି ଡିଲେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାଳିଆପାଳ ଗ୍ରାମପଞ୍ଚାୟତ ସରପଞ୍ଚ ପଦ୍ମିନୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରକାରୀ ଉନ୍ନିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପତାଞ୍ଜଳି ନାଏକ ଓ କାଳିଆପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରା, ଲାଲାପୋଶି ୟୁଜିୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଫକୀର ମୋହନ ଗଡନାୟକ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କାଳିଆପାଳ କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା , କୁଇଜ, ତର୍କ ଓ ସଙ୍ଗୀତ, ଚିତ୍ରାଙ୍କନ ସମେତ ପିଏମ ପୋଷଣ ଚିତ୍ରକଳା ଓ ନୃତ୍ୟ ପ୍ରତିଯୋଗୀତା ଆୟୋଜିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅମିତ କୁମାର ସାହୁ ପରିଚାଳନା କରିଥିବା ବେଳେ କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କାଳିଆପାଳ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଗାଇଡ ଶିକ୍ଷକମାନେ ସହଯୋଗ କରିଥିଲେ।



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଡାକ ମଣ୍ଡଳ ପକ୍ଷରୁ ଜାତୀୟ ଡାକ ସପ୍ତାହ ପାଳନ

ସମ୍ବଲପୁର, ୭।୧୦
(ଭବାନୀ ଶଙ୍କର ଭୋଇ)

ଭାରତର ସାମାଜିକ-ଆର୍ଥିକ ବିକାଶରେ ଡାକ ସେବାର ଗୁରୁତ୍ୱ ଉପରେ ସଚେତନତା ପାଇଁ ଜାତୀୟ ଡାକ ସପ୍ତାହ ପାଳନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କୁ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ବିବିଧ ସେବାଗୁଡିକ ବିଷୟରେ ଅବଗତ କରାଯାଉଛି। ଡାକ ବିତରଣରୁ ଆରମ୍ଭ କରି ଆର୍ଥିକ କାରବାର, ଗ୍ରାହକ ସନ୍ତୋଷ ବୃଦ୍ଧି କରିବା ଓ ଆଧୁନିକୀକରଣ ପାଇଁ ଡାକ ବିଭାଗ ପକ୍ଷରୁ କରାଯାଉଥିବା ପ୍ରୟାସଗୁଡିକୁ ଲୋକଲୋଚନକୁ ଆଣିବା ଡାକ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ସମ୍ବଲପୁର ଡାକ ମଣ୍ଡଳର ଅଧିକ୍ଷକ ବି.ମହେଶ୍ୱର ରାଓ କହିଛନ୍ତି। ସୋମବାରଠାରୁ ୧୧ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଜାତୀୟ ଡାକ ସପ୍ତାହରେ ପ୍ରତିଦିନ ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜାତୀୟ ଡାକ ସପ୍ତାହର ପ୍ରଥମ ଦିନ ସୋମବାର ସମ୍ବଲପୁର ଡିଭିଜନାଲ୍ କାର୍ଯ୍ୟାଳୟରେ ଏକ ଗ୍ରାହକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡାକ ସେବା ନେଇ ଗ୍ରାହକମାନଙ୍କ ମତାମତ ସଂଗ୍ରହ କରାଯିବା ସହ ଡାକ ସେବା ବୃଦ୍ଧି ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏଲଆଇସି, ଭାରତୀୟ ଷ୍ଟେଟବ୍ୟାଙ୍କ, ଆଇଡିବିଆଇ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏହାସହ ଡାକ ଟିକଟ ସଂଗ୍ରହର ଇତିହାସ ଓ ସଂସ୍କୃତିକୁ ପ୍ରସାର କରିବା ପାଇଁ ୮ ତାରିଖରେ ଫିଲାଟେଲି ଦିବସ, ବିଶ୍ୱ ଡାକ ଦିବସ ଓ ବିଶ୍ୱ ଡାକ ସଙ୍ଗଠନର ପ୍ରତିଷ୍ଠା କ୍ଷେତ୍ରରେ ଡାକ ସେବାର ଗୁରୁତ୍ୱ ଉପରେ ୯ ତାରିଖରେ ଆଲୋଚନା କରାଯିବ। ସେହିପରି ୧୦ ତାରିଖରେ ଡାକ ମେଳା ଅନୁଷ୍ଠିତ ହେବ। ଡାକ ସେବାରୁ ବଞ୍ଚିତ ବ୍ୟକ୍ତିଙ୍କ ପାଖରେ ଏହି ସେବା କିପରି ପହଞ୍ଚି ଯାଇ ପାରିବ ସେ ବିଷୟରେ ବିଭାଗ ତାହାର ପ୍ରତିବଦ୍ଧତାକୁ ଦେଖାଇବ। ଗ୍ରାମୀଣ ଅଞ୍ଚଳ ପାଇଁ ଏହା ଜୀବନଧାରା ଭାବରେ ଭୂମିକାକୁ ସୁନିଶ୍ଚିତ କରିବ। ୧୧ ତାରିଖରେ ବିତ୍ତୀୟ ସଶକ୍ତିକରଣ ଦିବସ ପାଳନ କରାଯିବ ବୋଲି ଡାକ ମଣ୍ଡଳ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସହକାରୀ ଅଧୀକ୍ଷକ ୟାରା ପେଲାୟା ଏବଂ ଅରୁଣ କୁମାର ଲାଟାଙ୍କ ସମେତ ଡାକ ବିଭାଗର ବହୁ ଅଧିକାରୀ ସାମିଲ ହୋଇଥିଲେ।

## ମୋ ସ୍କୁଲ ଅଭିଯାନ ଦ୍ୱାରା ନିର୍ମିତ ୮ ପ୍ରକଳ୍ପ ଉଦ୍‌ଘାଟିତ

ଦେବଗଡ଼,୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ସେଣ୍ଢା ବହୁମୁଖି ସଂଯୁକ୍ତ ସରକାରୀ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନରେ ନିର୍ମାଣ ହୋଇଥିବା ୮ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ଯାଏଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବୁଢାପାଳ ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଆଚାର୍ଯ୍ୟ, ଶିକ୍ଷକ ଟଙ୍କଧର ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ ଶତପଥି ଏବଂ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ଅର୍ଥରେ ଏହି ୮ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟରେ ଆଲୁମିନି କମିଟି ସଭାପତି ଧରଣୀଧର ନାଏକ, ଉପସଭାପତି ପ୍ରଦୀପ ବେହେରା, କୋଷାଧ୍ୟକ୍ଷ ପୁଷ୍ପକ ମିଶ୍ର, ସମ୍ପାଦକ ପ୍ରଦୀପ କୁମାର ଭୁତିଆ, ସହସମ୍ପାଦକ ପଞ୍ଚାନନ ଦେହୁରୀ, ସହ କୋଷାଧ୍ୟକ୍ଷ ତପନ ଠାକୁର ଓ ସଂଯୋଜକ ଓମପ୍ରକାଶ ଭୁତିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୧ଟି ବ୍ୟକ୍ତିଗତ ଏବଂ ୨୧ଟି ସାମୂହିକ ଅଭିଯୋଗ ଥିବା ଜଣାପଡିଛି। ବିଶେଷ କରି ୦.୦୪ ଜମିର ପଟ୍ଟା, ଚାକିରି ପାଇବା ସମ୍ବନ୍ଧେ, ଷ୍ଟ୍ରିଟ ଲାଇଟ, ପେନସନ ପାଇବା, କେନାଲ ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଉପ ଜିଲାପାଳ ପରକ୍ଷିତ ସାହୁ, ଭାରପ୍ରାପ୍ତ ତହସିଲଦାର ଦେବଗଡ଼ ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ଜିଲା କୃଷକ ସଂଘର ବାର୍ଷିକ ଅଧିବେଶନ
### ଚାଷୀ ସମସ୍ୟା ନେଇ ଆଲୋଚନା

ଦେବଗଡ଼,୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଅଗ୍ରସେନ ଭବନରେ ଜିଲା କୃଷକ ସଂଘର ବାର୍ଷିକ ଅଧିବେଶନ ଓ ଚାଷୀ ସମସ୍ୟା ବିଷୟରେ ଆଲୋଚନା କରାଯାଇଛି। ବୈଠକରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଚାଷୀମାନେ ଯୋଗଦେଇଥିଲେ। ଜିଲା କୃଷକ ସଂଘର ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ୫ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆସନ୍ତା ୨୭ ତାରିଖରେ ଜିଲା କୃଷକ ସଂଘର ସାଧାରଣ ନିର୍ବାଚନ କରାଯାଇ ନୂତନ କମିଟି ଗଠନ କରାଯିବ ଏବଂ ୨୫ ତାରିଖ ପୂର୍ବରୁ ବ୍ଲକସ୍ତରୀୟ କମିଟିକୁ ନେଇ ପଞ୍ଚାୟତସ୍ତରରେ ଜିଲା କୃଷକ ସଂଘ ପକ୍ଷରୁ କମିଟି ଗଠନ କରାଯିବ। ଫଳରେ ଚାଷୀମାନେ ଏହି କାର୍ଯ୍ୟକ୍ରମରେ ବହୁଳ ମାତ୍ରାରେ ସାମିଲ ହେବା ପାଇଁ ମତପ୍ରକାଶ ପାଇଥିଲା।

## ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପାଳନ ପ୍ରଦର୍ଶନୀରେ ଭିସୁଟ ପ୍ରଥମ

ସମ୍ବଲପୁର,୭।୧୦(ପ୍ରମୋଦ ବହିଦାର)

ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପାଳନ ଅବସରରେ ଭାରତ ସରକାରଙ୍କ ଅନ୍ତରୀକ୍ଷ ଓ ପ୍ରଯୁକ୍ତି ବିଭାଗର(ସତୀଶ ଧାବନ ଅନ୍ତରୀକ୍ଷ କେନ୍ଦ୍ର) ଶ୍ରୀହରିକୋଟା ଏବଂ ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ବରଗଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଦର୍ଶନୀରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଏକ ଛାତ୍ର ପ୍ରନିନିଧି ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ପ୍ରଦର୍ଶିତ ଭିସୁଟ୍‌ର ଛାତ୍ରଙ୍କ ଦ୍ୱାରା ପ୍ରଥମ ଥର ପାଇଁ ନିଜସ୍ୱ ଢ଼ଙ୍ଗରେ ପ୍ରସ୍ତୁତ ଉପଗ୍ରହ ଭିଏସ୍‌ଏଲ୍‌ଭି ଯାନ ସହିତ ଅନ୍ୟାନ୍ୟ ନୂତନ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଫଳରେ ଭିସୁଟ୍ ଛାତ୍ର ସାମୂହିକ ଭାବେ ପ୍ରଥମ ସ୍ଥାନ ଅଧିକାର କରି ଏହି ବୈଷୟିକ ଶିକ୍ଷାନୁଷ୍ଠାନକୁ ଗର୍ବିତ କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିବା କେବଳ ଏକ ସଫଳତା ନୁହେଁ ବରଂ ସୃଜନଶୀଳତା ଓ ନୂତନ ଆବିଷ୍କାର ପ୍ରତି ଭିସୁଟ୍ ଛାତ୍ରଙ୍କ ଅଦମ୍ୟ ଇଚ୍ଛାଶକ୍ତି, ସମର୍ପଣଭାବ, ଉତ୍ସାହ ଓ ଆଗ୍ରହର ପ୍ରମାଣ ଭାବେ ବିବେଚନା କରାଯାଇଛି। ଏହି ସଫଳତା ପାଇଁ ଭିସୁଟ୍ କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଅନ୍ତରୀକ୍ଷ ପ୍ରଦର୍ଶନୀରେ ପ୍ରଥମସ୍ଥାନ ଅଧିକାର କରିଥିବା ଭିସୁଟ୍ ଛାତ୍ରମାନେ।

## ହାତୀ ଉପଦ୍ରବ, ଏହାର ନିରାକରଣ ସମ୍ପର୍କିତ ଜିଲାସ୍ତରୀୟ ବୈଠକ

ଦେବଗଡ଼,୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ହାତୀ ଉପଦ୍ରବ ନିରାକରଣ ପାଇଁ ଜିଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସେ ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତି ହେତୁ ସୃଷ୍ଟି ହେଉଥିବା ଦନ୍ଦକୁ କମ କରିବା ମାନବ ଓ ବନ୍ୟ ଜନ୍ତୁ ବିବାଦ ହ୍ରାସ କମିଟି ସମ୍ବନ୍ଧରେ ସମ୍ପୃକ୍ତ ହିତାଧିକାରୀଙ୍କୁ କୃଷି ଅଭ୍ୟାସ ଇତ୍ୟାଦିରେ ଉନ୍ନତ ବିକଳ୍ପ ଥିବା ସ୍ଥାନୀୟ ଲୋକମାନଙ୍କୁ ସୁବିଧା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ। ଯାହାଦ୍ୱାରା କ୍ଷତି ହ୍ରାସ ହୋଇପାରିବ ଓ ସମସ୍ତ ବିଭାଗର ସହଯୋଗ ହାତୀ ଅବନତି ଏବଂ ଲୋକଙ୍କ ସମ୍ବେଦନଶୀଳକୁ କମ କରିବାରେ ସାହାଯ୍ୟ କରିବ ବୋଲି ଆଲୋକପାତ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରିକ୍ଷିତ ସାହୁ, ବିଭିନ୍ନ ବିଭାଗୀୟ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ବନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଏପଟେ ଭୟଭିତରେ କାଞ୍ଜିଆମୁଣ୍ଡ ଗ୍ରାମବାସୀ

ଏପଟେ କାଞ୍ଜିଆମୁଣ୍ଡ ଗ୍ରାମରେ ଦିନକୁ ଦିନ ବଢ଼ିବାରେ ଲାଗିଛି ହାତୀ ଉପଦ୍ରବ। କିଛି ଦିନ ପୂର୍ବରୁ ଯାତ୍ରା ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିବା ପରେ ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହୁଛନ୍ତି, ଉକ୍ତ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଦାବିକରିଛନ୍ତି।




ହାତୀ ଉପଦ୍ରବ ନିରାକରଣ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତିରେ ଉପସ୍ଥିତ ଅତିଥି।

**୬ ବର୍ଷର ବାଳିକାଙ୍କୁ ବଳାତ୍କାର**

ମଧ୍ୟପ୍ରଦେଶର ଡିଣ୍ଡୋରି ଜିଲାରେ ୬ ବର୍ଷର ବାଳିକାଙ୍କୁ ବଳାତ୍କାର କରାଯାଇଛି। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଜବଲପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୨୧ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତା ଜଣକ ତାଙ୍କ ଅଜାଘରେ ଥିବାବେଳେ ପାଖ ଘରେ ରହୁଥିବା ଯୁବକ ଜଣକ ରବିବାର ତାଙ୍କୁ ବଳାତ୍କାର କରିଥିଲେ।

## ସଂକ୍ଷେପରେ

### କୋଇଲା ଖଣିରେ ବିସ୍ଫୋରଣ, ୬ ମୃତ

**କୋଲକାତା, ୭।୧୦**

ପଶ୍ଚିମବଙ୍ଗର ବୀରଭୂମ ଜିଲା ଲୋକପୁର ଥାନା ଭାଦୁଲିଆସ୍ଥିତ ଏକ କୋଇଲା ଖଣିରେ ସୋମବାର ବିସ୍ଫୋରଣ ଘଟି ୬ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଗଙ୍ଗାରାମ୍‌ଚକ୍ ମାଇନିଂ ପ୍ରାଇଭେଟ ଲିମିଟେଡ୍(ଜେଏମ୍‌ପିଏଲ୍) କମ୍ପାନୀର ଏହି କୋଇଲା ଖଣିରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏଥିରେ ଅନେକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୀରଭୂମ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସ୍ଥାନୀୟ ଅଧିକାରୀ ଆଶଙ୍କା କରିଛନ୍ତି। କୋଇଲା ଉତ୍ତୋଳନ ସମୟରେ ଶ୍ରମିକଙ୍କ ଦ୍ୱାରା ଅସାବଧାନତାବଶତଃ ବିସ୍ଫୋରକ ବ୍ୟବହାର ଦ୍ୱାରା ଦୁର୍ଘଟଣା ଘଟିଥିବା ନେଇ ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୩୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଓ ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ପ୍ରଦାନ ନେଇ ପଶ୍ଚିମବଙ୍ଗ ସରକାର ଘୋଷଣା କରିଛନ୍ତି।

### ମେଡିକାଲ କ୍ୟାମ୍ପସରୁ ମିଳିଲା ଡାକ୍ତରୀ ଛାତ୍ରଙ୍କ ମୃତଦେହ

**ଶାହାଜାହାନପୁର, ୭।୧୦**

ଉତ୍ତରପ୍ରଦେଶର ଶାହାଜାହାନପୁରସ୍ଥିତ ବରୁଣ ଅର୍ଜୁନ ଘରୋଇ ମେଡିକାଲ କଲେଜ କ୍ୟାମ୍ପସରୁ ସୋମବାର ଜଣେ ଦ୍ୱିତୀୟ ବର୍ଷ ଡାକ୍ତରୀଛାତ୍ରଙ୍କ ମୃତଦେହ ମିଳିଛି। ଛାତ୍ରଙ୍କ ନାମ କୁଶଗ୍ର ପ୍ରତାପ ସିଂ(୨୪) ହୋଇଥିବାବେଳେ ସେ ୩ ମହଲା ବିଶିଷ୍ଟ ହଷ୍ଟେଲର ତଳ ମହଲାରେ ରହୁଥିଲେ। ତେବେ କୁଶଗ୍ରଙ୍କୁ ହତ୍ୟା କରାଯାଇ ତାଙ୍କ ମୃତଦେହକୁ ହଷ୍ଟେଲ ପଛପଟେ ଫିଙ୍ଗି ଦିଆଯାଇଥିବା ତାଙ୍କ ବାପା ଅଜୟ ପ୍ରତାପ ସିଂ ଅଭିଯୋଗ କରିଛନ୍ତି। ସେ ଏନେଇ ଥାନାରେ ଏତଲା ଦେଇଛନ୍ତି। କୁଶଗ୍ରଙ୍କ ମୃତଦେହରେ ଆଘାତର ଚିହ୍ନ ଥିବା ସୂଚନା ମିଳିଛି। ଡାକ୍ତରୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି।

### ଆପ୍ ଏମ୍‌ପି ସଞ୍ଜୀବ ଆରୋରାଙ୍କ ଘରେ ଇଡି ଚଢ଼ାଉ

**ଜଳନ୍ଧର,୭।୧୦(ପି.ଟି.)**

ଜମି ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୀବ ଆରୋରା ଓ ଅନ୍ୟମାନଙ୍କ ଘରେ ଚଢ଼ାଉ କରିଛି। ସେମାନଙ୍କର ଜଳନ୍ଧର, ଲୁଧିଆନା, ଗୁରୁଗ୍ରାମ ଏବଂ ଦିଲ୍ଲୀରେ ଥିବା ଘର ଓ କାର୍ଯ୍ୟାଳୟରେ ଇଡି ଅଧିକାରୀମାନେ ତଲାସି ନେଇଥିଲେ। ୬୧ ବର୍ଷୀୟ ଆରୋରାଙ୍କର ଲୁଧିଆନା ଓ ଗୁରୁଗ୍ରାମରେ ଥିବା ଘର ସମେତ୧୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହା ବ୍ୟତୀତ ରିଅଲ ଇଷ୍ଟେଟ୍ ବ୍ୟବସାୟୀ ହେମନ୍ତ ସୁଦ୍, ଚନ୍ଦ୍ରଶେଖର ଅଗ୍ରୱାଲଙ୍କ ଘରେ ମଧ୍ୟ ତଲାସି ନିଆଯାଇଛି। ଚଢ଼ାଉର କାରଣ ଜାଣି ନାହିଁ। ତେବେ ଇଡିକୁ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବି ଏବଂ ସବୁ ପ୍ରଶ୍ନର ଜବାବ ଦେବି ବୋଲି ଆରୋରା କହିଛନ୍ତି। ଆପ୍‌କୁ ଭାଙ୍ଗିଦେବା ଉଦ୍ୟମ ସ୍ୱରୂପ ଏଭଳି ଚଢ଼ାଉ କରାଯାଉଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏକ୍ସ'ରେ ଲେଖିଛନ୍ତି।

# ବର୍ଷକରେ ଧ୍ୱଂସସ୍ତୂପ ପାଲଟିଛି ଗାଜା

**ତେଲ୍ ଆଭିଭ୍/ଗାଜା ଷ୍ଟ୍ରିପ୍,୭।୧୦**

## ଯୁଦ୍ଧବିରତି ପାଇଁ ସାରା ବିଶ୍ୱରୁ ଆହ୍ୱାନ



ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ସୋମବାର ବର୍ଷେ ପୂରିଛି। ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ବର୍ଷକ ମଧ୍ୟରେ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି। ଚାରିଆଡ଼େ ବିଲ୍ଡିଂଗୁଡ଼ିକର ଧ୍ୱଂସାବଶେଷର ପାହାଡ଼ ଛିଡ଼ାହୋଇଛି। ଦୂଷିତ ଜଳ ଯୋଗୁ ରୋଗ ବ୍ୟାପିଛି। ସହରଗୁଡ଼ିକର ରାସ୍ତାଘାଟ ଆବର୍ଜନାପୂର୍ଣ୍ଣ ହୋଇଥିବାବେଳେ କେତେକ ଅଞ୍ଚଳରେ ମୃତକମାନଙ୍କ କଙ୍କାଳ ପଡ଼ିରହିଛି। ଗତବର୍ଷ ଅକ୍ଟୋବର ୭ରେ ଗାଜାର ହମାସ୍ ଆତଙ୍କବାଦୀମାନେ ଅଚାନକ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ମାରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କରିଥିଲା। ବର୍ଷେ ହେଲା ଚାଲିଥିବା ଯୁଦ୍ଧରେ ପାଖାପାଖି ୪୨ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିରୁ ଅର୍ଦ୍ଧାଧିକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଯୁଦ୍ଧ ଯୋଗୁ ଅନେକ ଲକ୍ଷ ଲୋକ ଘରଦ୍ୱାର ହରାଇଛନ୍ତି। ଅନେକେ ବିଭିନ୍ନ ଆଶ୍ରୟ ସ୍ଥଳରେ ମୁଣ୍ଡ ଗୁଞ୍ଜିଥିବାବେଳେ ବହୁ ଲୋକ ଦେଶ ଛାଡ଼ି ପଳାଇଛନ୍ତି। ଯୁଦ୍ଧବିରତି ପାଇଁ ଆମେରିକା ଓ ଅନ୍ୟ ଆଞ୍ଚଳିକ ଶକ୍ତି ଅନେକ ଉଦ୍ୟମ କରି ବିଫଳ ହୋଇଛନ୍ତି। ଯୁଦ୍ଧ ବନ୍ଦ ହେବା ପରିବର୍ତ୍ତେ ଲେବାନନ୍‌କୁ ବ୍ୟାପିଛି। ଇସ୍ରାଏଲର କ୍ରମାଗତ ଆକ୍ରମଣରେ ଇରାନ ସମର୍ଥିତ ହେଜବୋଲ୍ଲା ଆତଙ୍କବାଦୀ ସଂଗଠନର ମୁଖ୍ୟ ସମେତ ଅନେକ କମାଣ୍ଡର ଏବଂ ବହୁ ଲୋକ ମୃତାହତ ହେଲେଣି।

ହମାସ୍ ଆକ୍ରମଣର ବର୍ଷପୂର୍ତ୍ତି ଅବସରରେ ଇସ୍ରାଏଲୀମାନେ ସୋମବାର ଜାଗ୍ରତ ରହି ଉଦାସ ସମାରୋହ ପାଳନ କରିଛନ୍ତି। ଇସ୍ରାଏଲ୍ ଇତିହାସରେ ଏହା ସବୁଠୁ ଘାତକ ଆକ୍ରମଣ ଥିଲା, ଯାହା ଗାଜାରେ ଯୁଦ୍ଧ କରିବାକୁ ଇସ୍ରାଏଲ୍‌କୁ ପ୍ରେରିତ କରିଥିଲା। ଅନ୍ୟପକ୍ଷରେ ଗାଜାରେ ଇସ୍ରାଏଲ୍‌ର ଗଣସଂହାରକୁ ବିରୋଧ କରି ବିଶ୍ୱବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଯୁଦ୍ଧବିରତି ପାଇଁ ଆହ୍ୱାନ ଦିଆଯାଇଛି। ପାଲେଷ୍ଟିନୀୟଙ୍କୁ ଗଣହତ୍ୟା ପ୍ରତିବାଦରେ ବିଭିନ୍ନ ଦେଶରେ ସ୍କୁଲ ପିଲାମାନେ ରାଲି ବାହାର କରିଥିଲେ। ବିଭିନ୍ନ ଦେଶର ଲକ୍ଷାଧିକ ଲୋକ ଗାଜା ସମେତ ଲେବାନନ୍‌ରେ ଅସ୍ତ୍ରବିରତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଯୁଦ୍ଧର ବର୍ଷପୂର୍ତ୍ତିରେ ହମାସ୍ ତେଲ୍ ଆଭିଭ୍ ଉପରେ ସୋମବାର ଅନେକ ରକେଟ୍ ମାଡ଼ କରିଛି। ଇସ୍ରାଏଲ୍‌ର ହଇଫା ସହରରେ ହେଜ୍‌ବୋଲ୍ଲାର ରକେଟ୍ ମାଡ଼ରେ ୧୦ ଜଣ ଆହତ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଇସ୍ରାଏଲୀ ସେନା ଲେବାନନ୍‌ର ଦକ୍ଷିଣ ଭାଗରେ ବୋମାମାଡ଼ କରିଛି। ଏଥିରେ ଅନ୍ୟୂନ ୧୦ ଜଣ ନିହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକେ ପୋତିହୋଇ ପଡ଼ିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି।

**ବୋଇଂ ରୁଡର ସିଷ୍ଟମ୍‌ରେ ସମସ୍ୟା**

### ଏୟାରଲାଇନ୍ସ ପାଇଁ ଡିଜିସିଏର ଆଡ୍‌ଭାଇଜରି

**ନୂଆଦିଲ୍ଲୀ,୭।୧୦**

ବୋଇଂ ୭୩୭ ବିମାନଗୁଡ଼ିକର ରୁଡର କଣ୍ଟ୍ରୋଲ ସିଷ୍ଟମ୍ ଜାମ୍ ହେବାର ସମ୍ଭାବ୍ୟ ଆଶଙ୍କା ଥିବାରୁ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ସୋମବାର ଭାରତୀୟ ଏୟାରଲାଇନ୍ସ ପାଇଁ ଆଡଭାଇଜରି ଜାରି କରିଛି।। ନିକଟରେ ଆମେରିକାର ଜାତୀୟ ପରିବହନ ସୁରକ୍ଷା ବୋର୍ଡ (ଏନ୍‌ଟିଏସ୍‌ବି) ଦ୍ୱାରା କରାଯାଇଥିବା ତଦନ୍ତ ରିପୋର୍ଟ ଅନୁଯାୟୀ କୋଲିନ୍ସ ଏରୋସ୍ପେସ୍ ଏସ୍‌ଭିଓ-୭୩୦ ରୁଡର ରୋଲ୍‌ଆଉଟ୍ ଗାଇଡାନ୍ସ ଆକ୍‌ଟୁଏଟର ଥିବା ବୋଇଂ ୭୩୭ ବିମାନ ପ୍ରତି ବିପଦ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଡିଜିସିଏ ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ କେତେକ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କରିଛି। ସମ୍ପ୍ରତି ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଆକାଶ ଏୟାର ଏବଂ ସ୍ପାଇସ୍ ଜେଟ୍ ସଂସ୍ଥା ବୋଇଂ ୭୩୭ ବିମାନ ଉଡ଼ାଉଛନ୍ତି। ଉକ୍ତ ବିମାନର ରୁଡର କଣ୍ଟ୍ରୋଲ ସିଷ୍ଟମ୍ ଜାମ୍ ହେବା ସମ୍ଭାବନା ଥିବା ନେଇ କ୍ରିଉ ସଦସ୍ୟମାନଙ୍କୁ ଜଣାଇ ଦିଆଯାଇଛି।

# ମାଳଦ୍ୱୀପକୁ ଆର୍ଥିକ ସହାୟତା ବୃଦ୍ଧି କଲା ଭାରତ

**ମୋଦି-ମୁଇଜ୍ଜୁ ଦ୍ୱିପାକ୍ଷିକ ଆଲୋଚନା**

**ନୂଆଦିଲ୍ଲୀ, ୭।୧୦**



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ।

ଭାରତ ଗସ୍ତର ଦ୍ୱିତୀୟ ଦିନରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ଠାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ମାଳଦ୍ୱୀପକୁ ୧୦୦ ମିଲିୟନ ଡଲାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଭାରତ ସହମତି ପ୍ରକାଶ କରିଛି। ଉଭୟ ଭାରତ ଓ ମାଳଦ୍ୱୀପ ୪୦୦ ମିଲିୟନ ଡଲାରର ମୁଦ୍ରା ବିନିମୟ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସେହିପରି ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ଉଭୟ ଦେଶ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ବ୍ୟାପକ ଅର୍ଥନୈତିକ ଓ ସାମୁଦ୍ରିକ ସୁରକ୍ଷା ସହଭାଗିତା, ବାଣିଜ୍ୟ ଓ ଅର୍ଥନୈତିକ ଭାଗୀଦାରି, ଡିଜିଟାଲ ଓ ବିଭିନ୍ନ ଆର୍ଥିକ ପଦକ୍ଷେପ, ଶକ୍ତି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ୨ ଦେଶ ଆଲୋଚନା କରିଛନ୍ତି। ମାଳଦ୍ୱୀପରେ ରୁପେ କାର୍ଡରେ ଟଙ୍କା ଦେଣନେଣ ଆରମ୍ଭ ହୋଇଛି। ମୁଇଜ୍ଜୁଙ୍କ ମନୋଭାବ ସମ୍ପୂର୍ଣ୍ଣ ବଦଳିଥିବା ଦେଖିବାକୁ ମିଳିଛି। ମାଳଦ୍ୱୀପ ଭାରତର ସ୍ୱତନ୍ତ୍ର ବନ୍ଧୁ ହୋଇଥିବା ସେ ଏହି ଅବସରରେ କହିଛନ୍ତି। ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୬୦ତମ ବାର୍ଷିକୀ ପାଳନ କରିବା ପାଇଁ ଆସନ୍ତାବର୍ଷ ମାଳଦ୍ୱୀପ ଗସ୍ତରେ ଆସିବାକୁ ସେ ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି।

# ଏନ୍‌ଇଇଟି ୟୁଜି: ପ୍ରଘଟ ପ୍ରଶ୍ନପତ୍ର ପାଇବାକୁ ୧୪୪ ଆଶାୟୀ ଟଙ୍କା ଦେଇଥିଲେ

**ନୂଆଦିଲ୍ଲୀ,୭।୧୦(ପି.ଟି.)**

**ସିବିଆଇର ୩ୟ ଚାର୍ଜଶିଟ ଦାଖଲ**

ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ କରୁଥିବା ସିବିଆଇ ୧୪୪ ଜଣ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରିଛି। ଉକ୍ତ ଆଶାୟୀମାନେ ପରୀକ୍ଷା ପୂର୍ବରୁ ପ୍ରଘଟ ପ୍ରଶ୍ନପତ୍ର ଓ ଏହାର ଉତ୍ତର ପାଇବା ପାଇଁ ଟଙ୍କା ଦେଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ଗତ ସପ୍ତାହରେ ସିବିଆଇ ଦାଖଲ କରିଥିବା ତୃତୀୟ ଚାର୍ଜଶିଟ୍ ଅନୁଯାୟୀ ଝାଡ଼ଖଣ୍ଡର ହଜାରିବାଗସ୍ଥିତ ଓଏସିସ୍ ସ୍କୁଲ୍‌ରୁ ପଙ୍କଜ କୁମାର ପ୍ରଶ୍ନପତ୍ର ଚୋରି କରିଥିଲେ। ଏଥିରେ ସ୍କୁଲ୍‌ର ପ୍ରିନ୍ସିପାଲ ଅହସାନୁଲ ହକ୍ ଏବଂ ଭାଇସ୍ ପ୍ରିନ୍ସିପାଲ ମହମ୍ମଦ ଇମ୍‌ତିଆଜ ଆଲାମଙ୍କ ହାତ ଥିଲା। ସିଭିଲ୍ ଇଞ୍ଜିନିୟର ପଙ୍କଜଙ୍କୁ ପ୍ରଶ୍ନପତ୍ର ଚୋରି କରିବାକୁ ହକ୍ ଏବଂ ଆଲାମ ଅନୁମତି ଦେଇଥିଲେ। ପ୍ରଶ୍ନପତ୍ର ଥିବା ଟ୍ରଙ୍କ ସିଲ୍ ଖୋଲିବା ପାଇଁ ପଙ୍କଜ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରିଥିଲେ, ଯାହାକୁ ସିବିଆଇ ତାଙ୍କ ଘରୁ ଜବତ କରିଥିଲା।

# ପିଡିପି ସହ ମେଣ୍ଟ କରିବ ଏନ୍‌ସି

**ଭୋଟଗଣତି ପୂର୍ବରୁ ଫାରୁକଙ୍କ ସୂଚନା**

**ଶ୍ରୀନଗର,୭।୧୦**



ଫାରୁକ୍ ଅବଦୁଲ୍ଲା

ଜମ୍ମୁ-କଶ୍ମୀରରେ ଭୋଟଗଣତି ପୂର୍ବରୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ସୋମବାର ସୂଚନା ଦେଇଛନ୍ତି। ଏପରିକି ଏନ୍‌ସି-କଂଗ୍ରେସ ମେଣ୍ଟ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ସମର୍ଥନ ଆବଶ୍ୟକ କରୁ ନ ଥିଲେ ମଧ୍ୟ ଉକ୍ତ ଦଳକୁ ସାଙ୍ଗରେ ନେବାକୁ ହେବ। ଆମକୁ ଆଗକୁ ବଢ଼ିବାକୁ ହେଲେ ଏକାଠି ଯିବାକୁ ପଡ଼ିବ। ଜମ୍ମୁ-କଶ୍ମୀରର ସୁରକ୍ଷା ପାଇଁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ କହିଛନ୍ତି। କଶ୍ମୀରରେ ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ନାହିଁ, ଦରଦାମ ଆକାଶଛୁଆଁ ହୋଇଛି। ଏଠାରେ ନିଶା ଚୋରା କାରବାର ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଏସବୁ ସମସ୍ୟାର ସମାଧାନ ଆବଶ୍ୟକ। ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତି ଏନ୍‌ସିକୁ ତାଙ୍କ ଦଳର ସମର୍ଥନ ପ୍ରସ୍ତାବ ଦେଇଥିବାରୁ ଫାରୁକ୍ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜମ୍ମୁ-କଶ୍ମୀରକୁ ଶୀଘ୍ର ରାଜ୍ୟ ମାନ୍ୟତା ଫେରିବ ବୋଲି ସେ ଆଶାବାଦୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପାଇଁ ତାଙ୍କର କୌଣସି ଲାଳସା ନାହିଁ। ସେହିପରି ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନକୁ ନେଇ ସେ ଚିନ୍ତିତ ନୁହନ୍ତି ବୋଲି ଫାରୁକ୍ କହିଛନ୍ତି।

# ୩ ଦଶନ୍ଧିରେ ନଦୀଗୁଡ଼ିକ ପାଇଁ ୨୦୨୩ ସବୁଠୁ ଶୁଷ୍କ ବର୍ଷ

**ବିଶ୍ୱ ପାଣିପାଗ ସଙ୍ଗଠନର ରିପୋର୍ଟ**

**ଜେନେଭା, ୭।୧୦**



ନିକଟରେ ବିଶ୍ୱବ୍ୟାପୀ ଦେଖାଦେଇଥିବା ଜଳ ସଙ୍କଟର ଏକ ଚିନ୍ତାଜନକ ବିଷୟକୁ ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ସୋମବାର ଜାରି ହୋଇଥିବା 'ଷ୍ଟେଟ ଅଫ୍ ଗ୍ଲୋବାଲ ୱାଟର ରିସୋର୍ସେସ୍ ୨୦୨୩' ରିପୋର୍ଟରେ ବିସ୍ତୃତ ଭାବେ ଦର୍ଶାଯାଇଛି। ଉକ୍ତ ରିପୋର୍ଟରେ ଭୂତଳ ଜଳସ୍ତର ହ୍ରାସ, ବରଫ ହ୍ରାସ, ଜଳବାୟୁ ପରିବର୍ତ୍ତନ ଆଦି ଯୋଗୁ ବଢ଼ୁଥିବା ଜଳ ସଙ୍କଟକୁ ନେଇ ବିଶ୍ଳେଷଣ କରାଯାଇଛି।

ଗତ ୩୩ ବର୍ଷ ମଧ୍ୟରେ ନଦୀଗୁଡ଼ିକ ପାଇଁ ୨୦୨୩ ସବୁଠାରୁ ଶୁଷ୍କ ବର୍ଷ ଥିବା ରିପୋର୍ଟ ପ୍ରକାଶ କରିଛି। ୨୦୨୩ରେ ବିଶ୍ୱର ଅଧାରୁ ଅଧିକ ନଦୀର ଜଳସ୍ତର ସ୍ୱାଭାବିକ ତୁଳନାରେ ବହୁତ କମ୍ ଥିଲା। ଗତବର୍ଷ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଆମେରିକାର ବିଭିନ୍ନ ଅଞ୍ଚଳରେ ଭୟଙ୍କର ମରୁଡ଼ି ଦେଖାଦେଇଥିଲା। ସେଠାରେ ନଦୀଗୁଡ଼ିକର ଜଳ ପ୍ରବାହ ହ୍ରାସ ପାଇଥିଲା। ଆମେରିକାର ମିସିସିପି ଓ ଆମାଜନ ଭଳି ପ୍ରମୁଖ ନଦୀର ଜଳସ୍ତର ରେକର୍ଡ ସ୍ତରକୁ ଖସିଥିଲା। ସେହିପରି ଏସିଆର ଗଙ୍ଗା, ବ୍ରହ୍ମପୁତ୍ର ଏବଂ ମେକୋଙ୍ଗ ନଦୀର ଜଳସ୍ତର ମଧ୍ୟ କମ୍ ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ଗତବର୍ଷ ଆଫ୍ରିକାର ପୂର୍ବ ଉପକୂଳରେ ଥିବା ନଦୀଗୁଡ଼ିକର ଜଳସ୍ତର ସ୍ୱାଭାବିକଠାରୁ ଅଧିକ ଥିଲା।

କେବଳ ନଦୀ ନୁହେଁ, ଗତବର୍ଷ ଭାରତ ସମେତ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆରେ ଥିବା ବିଭିନ୍ନ ଜଳାଶୟର ଜଳସ୍ତର ମଧ୍ୟ ସ୍ୱାଭାବିକଠାରୁ କମ୍ ରହିଥିଲା। ସେହିପରି ୨୦୨୩ରେ ଦକ୍ଷିଣ ଆଫ୍ରିକା, ଭାରତ, ଇସ୍ରାଏଲ, ଆୟର୍ଲାଣ୍ଡ, ଅଷ୍ଟ୍ରେଲିଆ ଓ ଇସ୍ରାଏଲ୍‌ରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା କାରଣରୁ ଏଠାରେ ଥିବା ଅଧିକାଂଶ କୂଅର ଭୂତଳ ଜଳସ୍ତର ଅଧିକ ଥିଲା। ତେବେ ଉତ୍ତର ଆମେରିକା ଓ ୟୁରୋପର କିଛି ଅଞ୍ଚଳରେ ମରୁଡ଼ି ହେତୁ ଭୂତଳ ଜଳର ମାତ୍ରା କମ୍ ଥିଲା। ରିପୋର୍ଟ ଅନୁଯାୟୀ, ଲୋକଙ୍କର ଦୈନନ୍ଦିନ ଆବଶ୍ୟକତା ତଥା କୃଷି କାର୍ଯ୍ୟ ଆଦି ପାଇଁ ଉପଲବ୍ଧ ଜଳର ପରିମାଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଯାହାଫଳରେ ବିଶ୍ୱ ଜଳଯୋଗାଣ ଉପରେ ଚାପ ବୃଦ୍ଧି ପାଇଛି। ସେହିପରି ଉକ୍ତ ରିପୋର୍ଟ ଅନୁଯାୟୀ, ବିଗତ ୫ ଦଶନ୍ଧି ମଧ୍ୟରେ ଗ୍ଲାସିୟର ମଧ୍ୟ ଗତବର୍ଷ ସର୍ବାଧିକ ବରଫ ହରାଇଛି। ୨୦୨୨ ସେପ୍ଟେମ୍ବରରୁ ୨୦୨୩ ଅଗଷ୍ଟ ମଧ୍ୟରେ ଗ୍ଲାସିୟରଗୁଡ଼ିକରୁ ୬୦ ହଜାର କୋଟି ଟନ୍‌ରୁ ଅଧିକ ବରଫ ତରଳିଥିବା ଡବ୍ଲ୍ୟୁଏମ୍‌ଓ କହିଛି।

## ଫୁରସତ୍

# 'ସିଂଘମ୍ ଏଗେନ୍' ଟ୍ରେଲର ଆଉଟ

**ମୁମ୍ବାଇ**





ଅଜୟ ଦେବଗନଙ୍କ 'ସିଂଘମ୍ ଏଗେନ୍' ଫିଲ୍ମକୁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଆସନ୍ତା ନଭେମ୍ବର ୧ରେ ଦୀପାବଳି ଉପଲକ୍ଷେ ରିଲିଜ୍ ହେବାକୁ ଯାଉଥିବା ଏହି ଫିଲ୍ମର ଟ୍ରେଲରକୁ ସୋମବାର ଜାରି କରାଯାଇଛି। ଫିଲ୍ମର ଅନ୍ୟତମ ମୁଖ୍ୟ ତାରକା ଅକ୍ଷୟ କୁମାର 'ସିଂଘମ୍ ଏଗେନ୍'ର ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆସନ୍ତା ଦୀପାବଳିରେ କେଉଁ କେଉଁ ଯୋଦ୍ଧା ଆସିବେ ତାହା ପବ୍ଲିକ ଭଲଭାବେ ଜାଣିଛନ୍ତି। 'ସିଂଘମ୍ ଏଗେନ୍'ର ଟ୍ରେଲର ଆସିସାରିଛି।

'ସିଂଘମ୍ ଏଗେନ୍' କାହାଣୀ ରାମାୟଣ ଦ୍ୱାରା ଅନୁପ୍ରାଣିତ ହୋଇଥିବା ନେଇ ଏହି ଟ୍ରେଲରରୁ ଜଣାପଡ଼ିଛି। ଏହି ଆକ୍ସନ୍ ପ୍ୟାକ୍ ଏବଂ ମଲ୍ଟି ଷ୍ଟାରର ମୁଭିରେ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ଲେଡି ସିଂଘମ ଭାବେ ଏକ ଶକ୍ତିଶାଳୀ ଭୂମିକାରେ ଦେଖିବାକୁ ମିଳିବ। ତେବେ ୪ ମିନିଟ୍ ୫୮ ସେକେଣ୍ଡ ଲମ୍ବା ଏହି ଟ୍ରେଲର ବର୍ତ୍ତମାନ ସୁଦ୍ଧା ହିନ୍ଦୀ ସିନେମାର ସବୁଠାରୁ ଲମ୍ବା ଟ୍ରେଲର ଭାବେ ରେକର୍ଡ ସୃଷ୍ଟି କରିଛି। ଟ୍ରେଲରରେ ଅଭିନେତା ଅଜୟ ଦେବଗନ, ଅକ୍ଷୟ କୁମାର, ରଣବୀର ସିଂ, ଟାଇଗର ଶ୍ରଫ୍, ଅର୍ଜୁନ କପୁର, ଅଭିନେତ୍ରୀ କରୀନା କପୁର ଖାନ୍, ଜ୍ୟାକି ଶ୍ରଫ୍ ଓ ଦୀପିକା ପାଦୁକୋନ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି।

### ମହିଳାଙ୍କ ପେଟରୁ ବାହାରିଲା ୨ କେ.ଜି. କେଶ

**ବରେଲି**

ଉତ୍ତରପ୍ରଦେଶର ବରେଲି ଜିଲା କରଗୈନା ଅଞ୍ଚଳରେ ରହୁଥିବା ଜଣେ ୩୧ ବର୍ଷିୟା ମହିଳା ଲମ୍ବା ସମୟ ଧରି ପେଟ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ସେ ତାଙ୍କର ଚିକିତ୍ସା କରାଇବା ପାଇଁ ବରେଲିର ମହାରାଣା ପ୍ରତାପ ଜିଲା ଚିକିତ୍ସାଳୟରେ ପହଞ୍ଚିଥିଲେ। ପେଟର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ଡାକ୍ତର ମହିଳାଙ୍କ ଅପରେଶନ କରିବା ନେଇ ନିଷ୍ପତ୍ତି ନେଇଥିଲେ। ଅପରେଶନ କରିବା ପରେ ତାଙ୍କ ପେଟରୁ ୨ କେ.ଜି. ଓଜନର କେଶ ବାହାରିଥିଲା। ସେ ବିରଳ ଟ୍ରାଇକୋଲୋଟୋମାନିଆ ରୋଗରେ ପୀଡ଼ିତ ଥିବା ନେଇ ଡାକ୍ତର କହିଛନ୍ତି। ଏହା ଏକ ବିରଳ ମାନସିକ ବିକୃତି, ଯେଉଁଥିରେ ପୀଡ଼ିତ ରୋଗୀଙ୍କୁ କେଶ ଖାଇବାକୁ ଇଚ୍ଛା ହୋଇଥାଏ।

# ଆବେଦନର ୪୮ ବର୍ଷ ପରେ ନିଯୁକ୍ତି ଅଫର

**ଲଣ୍ଡନ**



ଟିଜି ହୋଡ୍‌ସନ

ଟିଜି ହୋଡ୍‌ସନ (୭୦) ନାମ୍ନୀ ଜଣେ ପୂର୍ବତନ ଷ୍ଟଣ୍ଟ ଓମ୍ୟାନ୍ ୪୮ ବର୍ଷ ପୂର୍ବେ ଏକ ମୋଟରସାଇକେଲ ଷ୍ଟଣ୍ଟ ରାଇଡର ଚାକିରି ପାଇଁ ଆବେଦନ କରିଥିଲେ। ତେବେ ଆବେଦନ କରିବାର ୪୮ ବର୍ଷ ପରେ ହୋଡ୍‌ସନ ସୋମବାର ତାଙ୍କର ନିଯୁକ୍ତି ପତ୍ରକୁ ଗ୍ରହଣ କରିଛନ୍ତି। ଦୀର୍ଘ ପ୍ରାୟ ୫ ଦଶନ୍ଧି ପରେ ଏହି ହଜିଯାଇଥିବା ନିଯୁକ୍ତି ପତ୍ର ଆସି ହୋଡ୍‌ସନଙ୍କ ନିକଟରେ ପହଞ୍ଚିଛି। ୧୯୭୬ ଜାନୁଆରୀରେ ହୋଡ୍‌ସନ ଏହି ଆବେଦନ କରିଥିବା ବେଳେ ଏତେବର୍ଷ ଧରି ଉକ୍ତ ନିଯୁକ୍ତି ପତ୍ରଟି ଡାକଘରର ଏକ ଡ୍ରୟର ପଛରେ ଫସି ରହିଥିଲା। ତେବେ ସୋମବାର ଏକ ହସ୍ତଲିଖନ ନୋଟ୍ ସହ ଏହି ନିଯୁକ୍ତିପତ୍ର ଆସି ହୋଡ୍‌ସନଙ୍କ ନିକଟରେ ପହଞ୍ଚିଛି। ଉକ୍ତ ନୋଟ୍‌ରେ ଲେଖା ହୋଇଛି, ଷ୍ଟେନସ୍ ପୋଷ୍ଟ ଅଫିସ୍ ଦ୍ୱାରା ବିଳମ୍ବିତ ବିତରଣ। ଏକ ଡ୍ରୟର ପଛରେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବାରୁ ବିତରଣରେ ବିଳମ୍ବ ଘଟିଥିବା ଦର୍ଶାଇ ପୋଷ୍ଟ ଅଫିସ ପକ୍ଷରୁ କ୍ଷମା ପ୍ରାର୍ଥନା ମଧ୍ୟ କରାଯାଇଛି।

ତେବେ ସମ୍ପୂର୍ଣ୍ଣ ଘଟଣାକୁ ନେଇ ହୋଡ୍‌ସନ କହିଛନ୍ତି, ଏହି ନିଯୁକ୍ତି ପତ୍ରର ଅପ୍ରତ୍ୟାଶିତ ଆଗମନ ଦ୍ୱାରା ସେ ତାଙ୍କ ଯୁବାବସ୍ଥାରେ ଦେଖିଥିବା ସ୍ୱପ୍ନ ପୁଣି ଥରେ ପୁନଃଜାଗ୍ରତ କରିଛି। ଉକ୍ତ ମୋଟରସାଇକେଲ ଷ୍ଟଣ୍ଟ ରାଇଡର ଚାକିରି ପାଇଁ ଆବେଦନ କରିବା ସତ୍ତ୍ୱେ ମଧ୍ୟ ଜବ୍ ଲେଟର କାହିଁକି ଆସିଲା ନାହିଁ ତାହା ସେ ସର୍ବଦା ଭାବୁଥିଲେ ବୋଲି ହୋଡ୍‌ସନ କହିଛନ୍ତି। ସେ ଆହୁରି ମନେପକାଇ କହିଛନ୍ତି, ସେତେବେଳେ ଲଣ୍ଡନର ଏକ ଆପାର୍ଟମେଣ୍ଟରେ ସେ ରହୁଥିଲେ ଏବଂ ମୋଟରସାଇକେଲ ଷ୍ଟଣ୍ଟ ରାଇଡର ହେବା ପାଇଁ ଏହି ଆବେଦନ କରିଥିଲେ। ଦୀର୍ଘ ସମୟ ଧରି ସେ ଏହି ନିଯୁକ୍ତି ପତ୍ରକୁ ଉତ୍ସାହର ସହିତ ଅପେକ୍ଷା କରି ରହିଥିଲେ। ତେବେ ଏହା ଆସି ନ ଥିଲା, ଫଳରେ ସେ ନିରାଶ ହୋଇଥିବା ହୋଡ୍‌ସନ କହିଛନ୍ତି। ମୋଟରସାଇକେଲ ଷ୍ଟଣ୍ଟ ରାଇଡର୍ ହେବାକୁ ସେ ଦେଖିଥିବା ସ୍ୱପ୍ନ ପୂରଣ ହୋଇ ପାରିଲା ନାହିଁ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ବିଭାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ୬ ଦିନରେ ପ୍ରାୟ ୨୫ ଲକ୍ଷ କୋଟିର ନିବେଶ ହ୍ରାସ

# ଦିନକରେ ନିବେଶକ ହରାଇଲେ ୯ଲକ୍ଷ କୋଟି

**ମୁମ୍ବାଇ,୭।୧୦**

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ସାଙ୍ଗକୁ ଦରବୃଦ୍ଧି ଜନିତ ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ପୁଞ୍ଜି ବଜାର କାରବାର ଉପରେ ପଡୁଛି। ଫଳରେ ଘରୋଇ ଶେୟାର ବଜାରର ନିବେଶକମାନେ ବଡ ଧରଣର କ୍ଷତି ସହୁଛନ୍ତି। ଏପରିକି ଦିନକରେ ଶେୟାର ବଜାର ନିବେଶକ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୬୧ ଲକ୍ଷ କୋଟି ଥିଲା। ସୋମବାର ଶେୟାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୯ ଲକ୍ଷ କୋଟି ହ୍ରାସ ହୋଇ ୪୫୨ ଲକ୍ଷ କୋଟିରେ ପହଞ୍ଚିଛି। ଅପରପକ୍ଷରେ କ୍ରମାଗତ ଭାବେ ଘରୋଇ ଶେୟାର ବଜାର ହ୍ରାସ କାରଣରୁ ଗତ ୬ଟି କାର୍ଯ୍ୟ ଦିବସ ମଧ୍ୟରେ ବଜାର ପୁଞ୍ଜି ପ୍ରାୟ ୨୫ ଲକ୍ଷ କୋଟି ହ୍ରାସ ଘଟିଛି। ଏପରିକି ଗତ ସପ୍ତାହରେ ଘରୋଇ ପୁଞ୍ଜି ବଜାରର ପରିମାଣ ୪୭୭ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ପ୍ରଥମ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୫୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।



ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ମଧ୍ୟ ହ୍ରାସ ଘଟିଛି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସ ୬୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟି ୮୧,୦୫୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ୍ୟ କାରବାର ୦.୮୭% କମି ପ୍ରାୟ ୨୪, ୭୯୬ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ମିଡକ୍ୟାପର କାରବାର ୧.୮୫% ଏବଂ ସ୍ମଲକ୍ୟାପର

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୬୩୮ (୬୩୮.୪୫) ପଏଣ୍ଟ କମି ୮୧,୦୫୦(୮୧,୦୫୦.୦୦)ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୯ (୨୧୮.୮୫) ପଏଣ୍ଟ ହ୍ରାସ ଘଟି ୨୪,୭୯୬ (୨୪,୭୯୫.୭୫) ଅଙ୍କରେ କାରବାର ଶେଷ ହୋଇଥିଲା।

କାରବାରରେ ୩.୨୭ % ହ୍ରାସ ଘଟିଛି।

ସେହିଭଳି ନିଫ୍ଟି ମିଡକ୍ୟାପ କାରବାର ୨.୦୧% କମି ୫୭,୩୦୦.୨୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୨.୫୮% ହ୍ରାସ ଘଟି ୮୮୦୪.୪୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୧.୯୧ % କମି ୫୦,୪୭୮.୯୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ନଭେମ୍ବର ୧୫ରେ ସରିବ ପିଜିଡିଏସ୍‌ର ଆବେଦନ ପ୍ରକ୍ରିୟା

**ଭୁବନେଶ୍ୱର,୭।୧୦**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ୍ (ପିଜିଡିଏସ୍) ର ୨୦ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ବୃତ୍ତି ଆବେଦନ ପ୍ରକ୍ରିୟା ନିକଟରେ ଆରମ୍ଭ ହୋଇଥିଲାବେଳେ ୨୦୨୪ ନଭେମ୍ବର ୧୫ ରେ ଏହା ଶେଷ ହେବ ବୋଲି ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ ବା ଇମ୍ଫାର ସାମାଜିକ ପ୍ରତିଷ୍ଠାନ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେଶନ୍ (ବିଆଇପିଏଫ୍) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ଉଚ୍ଚ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏହି ସ୍କଲାରଶିପ୍ ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଏହି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପରିକି ଆଶାୟୀ ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବା ସହିତ ବୃତ୍ତିର ଯୋଗ୍ୟତା ମାନଦଣ୍ଡ (୮ଲକ୍ଷରୁ କମ୍ ବାର୍ଷିକ ପରିବାର ଆୟ) ପୂରଣ କରୁଥିବା ଆଗ୍ରହୀ ଛାତ୍ରୀଛାତ୍ରମାନେ ଏହାର ୱେବସାଇଟ www.bipf.org.in. ଜରିଆରେ ସ୍କଲାରଶିପ୍ ନିମନ୍ତେ ଆବେଦନ କରିପାରିବେ। ଏହି ଅବସରରେ ବିଆଇପିଏଫ୍‌ର ପ୍ରତିଷ୍ଠାତା ତଥା ଟ୍ରଷ୍ଟି ଶୈଫାଳିକା ପଣ୍ଡା କହିଛନ୍ତି, ଆଗାମୀ ପିଢ଼ିକୁ ସଶକ୍ତ କରିବାରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି। ଏପରିକି ପିଜିଡିଏସ୍ ମାଧ୍ୟମରେ ଆମେ ଆର୍ଥିକ ପୃଷ୍ଠଭୂମିର ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ହାସଲରେ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ସମ୍ପ୍ରଦାୟରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ସେହିଭଳି ଓଡ଼ିଶାର ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସଶକ୍ତ କରିବା ଲକ୍ଷ୍ୟରେ ଏହି ସ୍କୋଲାରସିପ୍ ପ୍ରଦାନ କରାଯାଉଛି। ପ୍ରତି ବର୍ଷ ଇଞ୍ଜିନିୟରିଂ, ମେଡ଼ିସିନ୍, ଷ୍ଟେମ୍ ଓ ଲିବରାଲ ଆର୍ଟସ ବିଭାଗରେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ୬ ଜଣ ଅସାଧାରଣ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷାରେ ଆର୍ଥିକ ସହାୟତା ସ୍ୱରୂପ ଏହି ସ୍କୋଲାରସିପ୍ ପ୍ରଦାନ କରାଯାଇଥାଏ।

ଅପରପକ୍ଷରେ ପିଜିଡିଏସ୍ ଅନ୍ତର୍ଗତ ଏକାଡେମିକ୍ ଫି'ର ୯୦% ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ସ୍କୋଲାରସିପ୍ ହାସଲକାରୀ ଛାତ୍ରୀଛାତ୍ରମାନଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥାଏ।


## ଜନ୍ମଦିନ ଶୁଭେଚ୍ଛା



**ବିଭାସ ପଧାନ**

ସୁନାଝରୀ ଗ୍ରାମ

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ- ବାପା: ବେଣୁଧର ପଧାନ, ମାଆ: ମାନସୀ ପଧାନ, ଜେଜେବାପା, ଜେଜେମାଆ, ଅପା, ଦାଦା, ନାନୀ।

ଧ-୧୫୯୨


# ଡ୍ରିମ୍‌ସରେ ହ୍ୟୁଣ୍ଡାଇ ମୋଟର୍ସର କ୍ୟାମ୍ପସ ଚୟନ



**ଭୁବନେଶ୍ୱର,୭।୧୦ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଶିଳ୍ପ ତାଲିମ କେନ୍ଦ୍ର (ଡ୍ରିମ୍‌ସ ଆଇଟିଆଇ)ର ସଂଖ୍ୟାଧିକ ଛାତ୍ର ରେକର୍ଡସଂଖ୍ୟକ କ୍ୟାମ୍ପସ ନିଯୁକ୍ତି ହାସଲ କରିଛନ୍ତି। ଏପରିକି ଡ୍ରିମ୍‌ସ ପରିସରରେ ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସଂଖ୍ୟାଧିକ ଛାତ୍ର ସଫଳତା ହାସଲ କରିଥିଲାବେଳେ ଓଡ଼ିଶାର ବିଭିନ୍ନ ଜିଲାରେ ହ୍ୟୁଣ୍ଡାଇର ଅଧିକୃତ ଶୋ'ରୁମ୍ ଓ ୱାର୍କଶପ୍ ଆଦିରେ ନିଯୁକ୍ତି ନିମନ୍ତେ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ମେଗା କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ହ୍ୟୁଣ୍ଡାଇର ସର୍ଭିସ ଟ୍ରେନିଂ ମୁଖ୍ୟ ପ୍ରଣୟ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ପାଇଁ ମନୋନୀତ ଛାତ୍ରଙ୍କ ବୈଷୟିକ ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଉତ୍କଳ ହ୍ୟୁଣ୍ଡାଇ, ଓଏସ୍ଏଲ ହ୍ୟୁଣ୍ଡାଇ ଓ ଇନ୍‌ଫିନିଟ୍ ହ୍ୟୁଣ୍ଡାଇର ବରିଷ୍ଠ କର୍ମଚାରୀ ଓ ମାନବ ସମ୍ବଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଅପରପକ୍ଷରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା ପ୍ରମୁଖ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ଡ୍ରିମ୍‌ସ ଆଇଟିଆଇର ଅଧ୍ୟକ୍ଷ ଇଂ. ପ୍ରଶାନ୍ତ କୁମାର ନାୟକ ଏବଂ ପ୍ରଶିକ୍ଷକ ତପସ୍ୱୀ କୁମାର ଆଚାର୍ଯ୍ୟ, ଯୁଧିଷ୍ଠିର ସାହୁ, ରବିନାରାୟଣ ପାତ୍ର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଜିଓ ହସ୍ପିଟାଲିଟିକୁ ଅଧିଗ୍ରହଣ କରିବ ଓରାଭେଲ ଷ୍ଟେଜ

**ନୂଆଦିଲ୍ଲୀ,୭।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଓରାଭେଲ ଷ୍ଟେଜ୍ ଏବଂ ଜିଓ ହସ୍ପିଟାଲିଟି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହା ଏକ ନଗଦ କାରବାର (ଟ୍ରାଞ୍ଜାକ୍ସନ) ମଧ୍ୟରେ ସହଭାଗିତା ହୋଇଥିଲାବେଳେ ପ୍ରାୟ ୫୨୫ ମିଲିୟନ ଡଲାର ମୂଲ୍ୟରେ ବ୍ଲାକ୍ ଷ୍ଟୋନ୍ ରିଅଲ ଇଷ୍ଟେଟଠାରୁ ଆଇକନିକ ମୋଟେଲ-୬ ଓ ଷ୍ଟୁଡିଓ-୬ ବ୍ରାଣ୍ଡର ଅଗ୍ରଣୀ ଇକୋନୋମି ଲଜିଙ୍ଗ ଫ୍ରାଞ୍ଚାଇଜର ଏବଂ ପ୍ୟାରେଣ୍ଟ କମ୍ପାନୀ ଜିଓ ହସ୍ପିଟାଲିଟିକୁ ଅଧିଗ୍ରହଣ କରିବା ପାଇଁ କମ୍ପାନୀ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି ବୋଲି ଗ୍ଲୋବାଲ ଟ୍ରାଭେଲ ଟେକ୍ନୋଲୋଜି କମ୍ପାନୀ ଓୟୋ'ର ପ୍ୟାରେଣ୍ଟ କମ୍ପାନୀ ଓରାଭେଲ ଷ୍ଟେଜ୍ ନିକଟରେ ଘୋଷଣା କରିଛି। ସେହିଭଳି ଏହି କାରବାର (ଡିଲ୍)କୁ ଓଡ଼ିଶାର ବରଗଡ଼ ଜିଲା ବାସିନ୍ଦା ଏବଂ ଓୟୋର ଗ୍ରୁପ ଜେନେରାଲ କାଉନସେଲ ରାକେଶ ପୃଷ୍ଟି ସଫଳତାର ସହ ପରିଚାଳନା ଏବଂ ଯିଏକି ଚୁକ୍ତିପୂର୍ବ ଆଲୋଚନା ଓ ଚୁକ୍ତିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓୟୋର ଅନ୍ୟାନ୍ୟ ଲିଡରଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯାହା ୟୁଏସ୍‌ରେ ଓୟୋର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଓୟୋର ଗ୍ରୁପ୍ ଜେନେରାଲ କାଉନସେଲ ରାକେଶ ପୃଷ୍ଟି କହିଛନ୍ତି, ଏହା ଓୟୋ ପାଇଁ ଏକ ବଡ ସଫଳତା ହୋଇଥିଲାବେଳେ ଆମେ ଆମେରିକୀୟ ବଜାରକୁ ଆମର ନିଜସ୍ୱ ଆତିଥ୍ୟ ଅନୁଭୂତି ଆଣିବା ପାଇଁ ଲକ୍ଷ୍ୟ ରଖିଛୁ। ଏପରିକି ମୋଟେଲ୬ର ଆମେରିକା ଓ କାନାଡାରେ ଭଲ ଉପସ୍ଥିତି ରହିଛି। ଏହି ସହଭାଗିତା ଭ୍ରମଣକାରୀଙ୍କ ଆବଶ୍ୟକତାକୁ ଉତ୍ତମ ଭାବେ ପୂରଣ କରିବାରେ ଆମକୁ ସାହାଯ୍ୟ କରିବ, ଯାହା ସେମାନଙ୍କୁ ଉନ୍ନତ ସୁବିଧା ଓ ସୁଲଭତା ପ୍ରଦାନ କରିବ। ସେହିଭଳି ଏହି ସହଭାଗିତା ମାଧ୍ୟମରେ ଓୟୋ ନିଜର ଟେକ୍ନୋଲୋଜି, ପରିଚାଳନାଗତ ଦକ୍ଷତା ଓ ପ୍ରିମିୟମ ଗେଷ୍ଟ ଏକ୍ସପେରିଏନ୍ସ ମଡେଲକୁ ମୋଟେଲ ୬ର ସମ୍ପତ୍ତିଗୁଡିକରେ ଏକତ୍ରିତ କରିବ।


# Classified Everyday

0674-2580101, 2549949



REAL ESTATE

**SALE**

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-1589

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

High profile Three Storied building at Jaydurga Nagar, Bomikhal, Bhubaneswar for 2.40crores. Brokers Excuse. Call-8917520527. D-1570

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1590

Email ମାଧ୍ୟମରେ କ୍ଲାସିଫାଏଡ଼ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Asribada Panchakarma herbal SPA, Kesharimall, Bhubaneswar. Contact-8926173473. D-75791

Newly open health benefits SPA special Offer @ 799 Bapuji Nagar. 9861237682. D-76160

Kerala Massage therapy gents/ Ladies pain relief Bhubaneswar. 9337672475. D-1575

**AFFIDAVIT**

I, Subash Chandra Behera, S/o- Late Purandar Behera resident of Nuabag P.O.- Nuabaga, P.S.-Hindol, Dist.-Dhenkanal, Pin-759021, Odisha declare by this affidavit No.- 814 dtd.07.10.2024 that now onwards I shall be known as SUBAS CHANDRA BEHERA for all future purposes. D-1595

I, Shankar Lal Soni, S/o- Amarsing Soni, resident of Town/P.O./ P.S.- Kantabanji, Dist.- Balangir, PIN- 767039, Odisha declare by this affidavit No.1857, dtd.07.10.2024 that now onwards I shall be known as Shankar Lal Soni for all future purposes. D-1588

**LEGAL NOTICE**

I, Sri Ganeswar Naik, S/o- Ratnakar Naik, Vill-Susuda, P.O.- Ankula, P.S./Dist.- Angul, (Odisha) do hereby confirm that I have cancelled and revoked the said Power of Attorney granted to Anita Naik bearing Regd. No. 10012400141, dt. 06.01.2024 with effect from 05.10.2024 and I have also absolutely and completely revoked all powers or authority given under the aforesaid Power of Attorney to the aforesaid person with effect from the date 05.10.2024. Court of the Executive Magistrate affidavit No.-3796 D-1596

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ବୀଣାପାଣି ମହାନ୍ତି**

ବଡ଼ଗଡ଼ ବ୍ରିଟ୍ କଲୋନୀ, ଇବି-୫୫୧, ଭୁବନେଶ୍ୱର

ତିରୋଧାନ: ୨୮।୦୯।୨୦୨୪

ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର: ଆଶୁତୋଷ, ଭଣଜା-ଭଜଣାବୋହୂ: ଅଭୀପ୍ସା, ସୁମିତ୍ରା, କ୍ୱାଇଁ, ଝିଅ, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୧୫୯୪

**୩୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା**

ଆବିର୍ଭାବ: ୨୦।୦୭।୧୯୭୫

ତିରୋଧାନ: ୧୩।୧୦।୧୯୯୧

(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)

ଆଜି ୩୩ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।

:ଶୋକସନ୍ତପ୍ତ:

ମାତା: ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ।

ଧ-୧୫୪୩

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଏଅଲେଖ ଚନ୍ଦ୍ର ପଣ୍ଡା**

କୁଞ୍ଜପଦା, ବନମାଳିପୁର

ଆବିର୍ଭାବ: ୧୬।୧୨।୧୯୪୮

ତିରୋଧାନ: ୨୨।୦୯।୨୦୨୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

ଧ-୭୧୨୩୪

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ସଚିନ ବିଓବିର ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସାଡର



**ନୂଆଦିଲ୍ଲୀ,୭।୧୦**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସାଡର ଭାବେ କିମ୍ବଦନ୍ତୀ କ୍ରିକେଟିୟର ସଚିନ ତେନ୍ଦୁଲକରଙ୍କୁ ଚୟନ କରାଯାଇଛି। ଏପରିକି ସଚିନଙ୍କୁ ନେଇ ବ୍ୟାଙ୍କ ପକ୍ଷରୁ 'ପ୍ଲେ ଦି ମାଷ୍ଟର ଷ୍ଟ୍ରୋକ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। ସେହିପରି ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିଥିବା ବ୍ୟାଙ୍କକୁ ଚୟନ କରି ମାଷ୍ଟର ଷ୍ଟ୍ରୋକ୍ ଖେଳିବା ଏବଂ ନିଜର ଆର୍ଥିକ ଅଭିଳାଷକୁ ପରିପୂର୍ଣ୍ଣ କରିବା ପାଇଁ ଏହି ଅଭିଯାନରେ ଭାଗ ନେବାକୁ ମଧ୍ୟ ଲୋକମାନଙ୍କୁ ଉତ୍ସାହିତ କରାଯାଉଛି। ଦେଶର କୋଣ ଅନୁକୋଣରେ ସଚିନଙ୍କୁ ଲୋକ ଭଲ ପାଉଥିବାରୁ ବ୍ୟାଙ୍କ ଅଫ୍ ବରୋଦାର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ତାଙ୍କୁ ବ୍ୟାଙ୍କର ସମସ୍ତ ଅଭିଯାନ, ଆର୍ଥିକ ସାକ୍ଷରତା ଓ ଠକେଇ ପ୍ରତିରୋଧକୁ ନେଇ ଆୟୋଜନ କରାଯାଉଥିବା ଗ୍ରାହକ ସଚେତନତା କାର୍ଯ୍ୟକ୍ରମ, ଗ୍ରାହକ ଓ କର୍ମଚାରୀ ସଂପୃକ୍ତି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିବ।

ଏ ସମ୍ପର୍କରେ ବିଓବିର ଏମଡି ତଥା ସିଇଓ (ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଦେବଦତ୍ତ ଚାନ୍ଦ କହିଛନ୍ତି, ଭାରତର ଅନ୍ୟତମ କ୍ରୀଡା କିମ୍ବଦନ୍ତୀ ପୁରୁଷ ସଚିନ ତେନ୍ଦୁଲକରଙ୍କୁ ଆମେ ଆମର ବୈଶ୍ୱିକ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ପାଇ ବେଶ ଉତ୍ସାହିତ ଅଛୁ।

# ବେଦାନ୍ତ ପକ୍ଷରୁ ଜାତୀୟ ପୋଷଣ ମାସ





**ଭୁବନେଶ୍ୱର,୭।୧୦**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ପୋଷଣ ମାସ ନିକଟରେ ପାଳିତ ହୋଇଯାଇଛି। ଏପରିକି ଏହା ସମ୍ପୂର୍ଣ୍ଣ ଗୋଷ୍ଠୀ କଲ୍ୟାଣ ଭିତ୍ତିକ କାର୍ଯ୍ୟକ୍ରମ ହୋଇଥିଲାବେଳେ ଶିଶୁ, କିଶୋର ଓ ମା' ମାନଙ୍କ ପାଇଁ ସନ୍ତୁଳିତ ଖାଦ୍ୟର ମହତ୍ତ୍ୱ ଓ ପୁଷ୍ଟିକର ଖାଦ୍ୟ ନିଶ୍ଚିତ କରିବା ଲାଗି କମ୍ପାନୀ ପକ୍ଷରୁ ବ୍ୟାପକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଝାରସୁଗୁଡା ୟୁନିଟ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଅପରପକ୍ଷରେ ପ୍ରତି ବର୍ଷ ଅକ୍ଟୋବର ମାସକୁ ଭାରତ ସରକାର ପୋଷଣ ମାସ ଭାବେ ପାଳନ କରିଥାନ୍ତି। ଚଳିତ ବର୍ଷର ପୋଷଣ ଶୀର୍ଷକ ହେଉଛି 'ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ'।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ଆମ ଗୋଷ୍ଠୀର କଲ୍ୟାଣ ପାଇଁ ପୁଷ୍ଟିକର ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ଆମେ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଉତ୍ସର୍ଗୀକୃତ ରହିଛୁ। ଏପରିକି ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନ ସୃଷ୍ଟି କରିବା ଓ ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ ପ୍ରତି ଆବଶ୍ୟକ ପଦକ୍ଷେପ ଆମର ପ୍ରତିବଦ୍ଧତା ଓ ସଭିଙ୍କୁ ସୁସ୍ଥ ରଖିବା ପ୍ରତି ଆମର ଭବିଷ୍ୟତ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।



ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ମହାରାଷ୍ଟ୍ରର କୋହ୍ଲାପୁରରେ ଅନୁସୂଚିତ ଜାତି ସମ୍ପ୍ରଦାୟର ଅଜୟ ତୁକାରାମ ସନଦେଙ୍କ ଘରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି।

# ଦଳର ପରାଜୟ ପରେ ପ୍ରସନ୍ନ ଆଚାର୍ଯ୍ୟ ହତୋତ୍ସାହିତ: ଭାଜପା

ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ତାଙ୍କ ଦଳ ପରାଜୟ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଓଡ଼ିଶା ଲୋକଙ୍କ ନିଷ୍ପତ୍ତିକୁ ନିଜ ଅହଙ୍କାର କାରଣରୁ ସେମାନେ ସ୍ୱୀକାର କରିପାରୁନାହାନ୍ତି ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି, ଭାଜପାର ଲୋକକଲ୍ୟାଣକାରୀ ଯୋଜନାରେ ଈର୍ଷାନ୍ୱିତ ହୋଇ ବିଜେଡି ନେତା ଇଆଡ଼ୁସିଆଡ଼ୁ ମନ୍ତବ୍ୟ ଦେଉଛନ୍ତି। ୨୦୨୪ ନିର୍ବାଚନ ସମୟରେ ବିଜେଡି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳରୁ କୋଣଠେସା କରି ଟିକେଟ୍ ଦେଉ ନ ଥିଲା। ଏ କଥାକୁ ବୋଧେ ସେ ଭୁଲିଯାଉଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ପ୍ରସନ୍ନ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ନା ଦଳରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏପରି ମନ୍ତବ୍ୟ ଦେଇଛନ୍ତି। ଯଦି ନବୀନ ବାବୁଙ୍କ ପ୍ରତି ଲୋକପ୍ରିୟତା ଥିଲା ବୋଲି ସେ କହୁଛନ୍ତି ତେବେ ଗତ ନିର୍ବାଚନରେ ନବୀନ ବାବୁ ଲଢୁଥିବା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୧୬,୩୪୪ ଭୋଟ୍ ବ୍ୟବଧାନରେ କେମିତି ହାରିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଲୋକଙ୍କୁ ପ୍ରତାରିତ କରିବା ତଥା ପ୍ରତିଶ୍ରୁତି ପୂରଣ ନ କରିବା ପରାଜୟର କାରଣ ନୁହେଁ କି ବୋଲି ସମୀର ପ୍ରଶ୍ନ ଉଠାଇଛନ୍ତି। ନବୀନବାବୁ କ୍ରମାଗତ ଭାବେ ନିଜର ଆସ୍ଥା ଓ ବିଶ୍ୱାସ ରାଜ୍ୟବାସୀଙ୍କଠାରୁ ହରାଇ ବସିଛନ୍ତି। ଏହି କଥାକୁ ସେ ଗ୍ରହଣ କରୁନାହାନ୍ତି। ଚଳିତଥର ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ବିଜେଡି ସଭାପତି କେତେ ଭୋଟ ବ୍ୟବଧାନରେ ଜିତିଛନ୍ତି, ତାହା ନବୀନ ବାବୁଙ୍କୁ ପଚାରିଲେ ଭଲ ହୁଅନ୍ତା। ଗତ କିଛିବର୍ଷ ହେଲା ବିଜେଡିରେ ମନ୍ତ୍ରୀ ଓ ବିଧାୟକମାନଙ୍କ ସ୍ଥିତି କ'ଣ ଥିଲା, ଏହା ମଧ୍ୟ ସେ ଅନୁଭବ କରିଥିବେ। ଭାଜପାର ଲୋକପ୍ରିୟତା ନେଇ ବିଜେଡି ନେତାଙ୍କୁ ଚିନ୍ତା ଘାରିବା ସ୍ୱାଭାବିକ ବୋଲି ସମୀର କହିଛନ୍ତି।

ସୂଚନାଯୋଗ୍ୟ, ଦୁଇ ଦିନ ତଳେ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ହେମାମୁରାଠାରେ ଆୟୋଜିତ ପଦଯାତ୍ରାରେ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଭାଜପା ସରକାରକୁ ଟାର୍ଗେଟ କରିଥିଲେ। ଏଠାରେ ଗୋଟିଏ ନୁହେଁ ୪ଟି ସରକାର ଚାଲିଛି ବୋଲି କହିଥିଲେ। ଆହୁରି କହିଥିଲେ, ବିଜେଡି ଶାସନ ବେଳେ ଗୋଟିଏ ସରକାର ଚାଲିଥିଲା। ଆମ ସରକାର ଯାହା ନିଷ୍ପତ୍ତି ନେଉଥିଲା ସେମାନେ ମାନୁଥିଲେ। ହେଲେ ଭାଜପା ଶାସନରେ ୪ଟି ସରକାର। ମୁଖ୍ୟମନ୍ତ୍ରୀଙ୍କୁ ୪ ଜଣଙ୍କ କଥା ଶୁଣିବାକୁ ପଡୁଛି ବୋଲି ପ୍ରସନ୍ନ କହିଥିଲେ।

# ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ଦାବିରେ ଯୁବ କଂଗ୍ରେସର ପ୍ରତିବାଦ




ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ ସୋମବାର ରାଜଭବନ ଘେରାଉ ପାଇଁ ଯାଉଥିବା ରାଜ୍ୟ ଯୁବ କଂଗ୍ରେସ ନେତା ଓ କର୍ମୀ।

ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)

ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ଭାଜପା ସରକାର ଏବେ ରାଜ୍ୟବାସୀଙ୍କ ଭାବାବେଗ ସହ ଖେଳ ଖେଳି ଆସୁଛି। ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ କିଛିଦିନ ତଳେ ରାଜଭବନ ସମ୍ମୁଖରେ ପ୍ରଦେଶ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିବା ଘଟଣା ଅନେକ ଦିନ ବିତିଯାଇଥିଲେ ମଧ ଏହି ଘଟଣାରେ ଭାଜପା ସରକାର ସମ୍ପୂର୍ଣ୍ଣ ଚୁପ୍ ବସିଛନ୍ତି। ଏହାର ପ୍ରତିବାଦରେ

## ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ନ କଲେ ଜୋରଦାର ବିରୋଧ: ରଞ୍ଜିତ

ସୋମବାର ରାଜ୍ୟ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ରାଜ୍ୟପାଳ ରଘୁବର ଦାସଙ୍କ ପୁଅକୁ ତୁରନ୍ତ ଗିରଫ କରିବା ପ୍ରତିବାଦରେ ରାଜଭବନ ଘେରାଉ କରିଛନ୍ତି। ଯୁବ କଂଗ୍ରେସ କର୍ମୀମାନେ ପାୱାର ହାଉସ୍ ଛକଠାରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯିବାବେଳେ ପୋଲିସ ସେଠାରେ ଅଟକାଇଥିଲା। ଏହି ସମୟରେ କିଛି ସମୟ ଧରି ପୋଲିସ ସହ ଯୁବ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ କିଛି ଯୁବ କଂଗ୍ରେସ କର୍ମୀଙ୍କୁ ସେଠାରେ ଉଠାଇ ନେଇ ବାରାକରେ ରଖି ପରବର୍ତ୍ତୀ ସମୟରେ ଛାଡି ଦେଇଛି। ଏହି ଅବସରରେ ରଞ୍ଜିତ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପୂର୍ବରୁ ଓଡ଼ିଆ ଅସ୍ମିତା କଥା କହି ଲୋକମାନଙ୍କ ଆସ୍ଥା ପ୍ରକଟ କରିଥିଲେ। କିନ୍ତୁ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ମିଥ୍ୟା ପାଲଟିଛି। ଓଡ଼ିଆ ଅଫିସର ବର୍ତ୍ତମାନ ସୁରକ୍ଷିତ ନାହାନ୍ତି, ଏବେ ମୋହନ ସରକାର ନୁହେଁ, ଓଡ଼ିଶାରେ ରଘୁବର ସରକାର ଚାଲିଛି, ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ରାଜ୍ୟ ସରକାର ତୁରନ୍ତ ରାଜ୍ୟପାଳଙ୍କ ପୁଅକୁ ଗିରଫ କରି ଓଡ଼ିଆ ଅସ୍ମିତାର ପରିଚୟ ଦିଅନ୍ତୁ। ଏହାସହ ଓଡ଼ିଶାର ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଯୁବ କଂଗ୍ରେସ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କୁ ରାସ୍ତାରେ ବିରୋଧ କରିବା ସହ ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ରାଜ୍ୟ ସରକାର ଯେଉଁ ପ୍ରହସନ କରିଛନ୍ତି, ତାହା ବିରୋଧରେ ଜୋରଦାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସେ କହିଛନ୍ତି।

# କାମ ନ କରି ବାହାବା ନେବାକୁ ଚେଷ୍ଟା କରୁଛି ଭାଜପା ସରକାର: ବିଜେଡି

ଭୁବନେଶ୍ୱର,୭।୧୦(ଅନିଲ ଦାସ



ରୋହିତ ପୂଜାରୀ

ରାଜ୍ୟରେ ଥିବା ଭାଜପା ସରକାର ଏକ କପିପେଷ୍ଟ ସରକାର। କେବଳ ନବୀନ ସରକାରଙ୍କ ଅମଳରେ ହୋଇଥିବା କାର୍ଯ୍ୟକୁ କିମ୍ବା ଯୋଜନାଗୁଡ଼ିକୁ ନାମ ଓ ରଙ୍ଗ ପରିବର୍ତ୍ତନ କରି ଚଳାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖଭବନଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ପୂଜାରୀ କହିଥିଲେ, ଓଡ଼ିଆରେ ଗୋଟେ ଢଗ ଅଛି, ଗାଲୁଆଙ୍କ ବାରବାଟୀ ଚାଷ। ଏହି ଢଗଟି ବର୍ତ୍ତମାନର ଭାଜପା ସରକାରଙ୍କ ପାଇଁ ପ୍ରଯୁଜ୍ୟ। କାରଣ ସରକାରକୁ ଆସିବାର ୧୨୦ ଦିନ ବିତି ଯାଇଥିଲେ ସୁଦ୍ଧା, କୌଣସି ନୂତନ କାମ ନ କରି କେବଳ ନବୀନ ସରକାରଙ୍କ କାର୍ଯ୍ୟର ନାମ ଓ ରଙ୍ଗ ପରିବର୍ତ୍ତନ କରି ସରକାର ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି। ଉଦାହରଣ ସ୍ୱରୂପ, ଗତ ୨ ଦିନ ହେଲା ସମ୍ବଲପୁରର ମା'ସମଲେଇଙ୍କ ମନ୍ଦିର ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଥିବା ଏକ ପୋଷ୍ଟର ଲଗାଯାଇଛି ଓ ସମାନ ପୋଷ୍ଟର ମଧ୍ୟ ନେଲସନ ମଣ୍ଡେଲା ଛକରୁ ଛାପୁର ଛକ ପର୍ଯ୍ୟନ୍ତ ରାସ୍ତାର ବ୍ରିଜ ସମ୍ମୁଖରେ ଲଗାଯାଇଛି। ସାରା ରାଜ୍ୟବାସୀ ଜାଣିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମା' ସମଲେଶ୍ୱରୀ ପୀଠର ରୂପାନ୍ତରୀକରଣକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରାଯାଇଥିଲା। ସେହିପରି, ଛାପୁରବ୍ରିଜ ମଧ୍ୟ ତାଙ୍କରି ସମୟରେ ହୋଇଥିଲା। ବର୍ତ୍ତମାନର ଭାଜପା ସରକାର ବ୍ୟାନର ଲଗାଇ ନିଜର ପ୍ରଚାର କରିବାକୁ ଚାହୁଁଛନ୍ତି। ଲୋକଙ୍କ ପାଇଁ କାମକରି ପୋଷ୍ଟର ବ୍ୟାନର ଲଗାନ୍ତୁ, ସେଥିରେ ଅସୁବିଧା ନାହିଁ। କାମ ନ କରି କେବଳ ପୋଷ୍ଟର ବ୍ୟାନର ଲଗାଇ ବାହାଦୁରି ନେବାକୁ ଚେଷ୍ଟା କଲେ ଲୋକେ ଗ୍ରହଣ କରିବେ ନାହିଁ।

ସେହିପରି, ପଶ୍ଚିମ ଓଡ଼ିଶାରେ ଉଚ୍ଚ ନ୍ୟାୟାଳୟ ବେଞ୍ଚ ପ୍ରତିଷ୍ଠା ନେଇ ଭାଜପା ସରକାର କୌଣସି ଆନ୍ତରିକତା ଦେଖାଇ ନାହାନ୍ତି। ପ୍ରଥମେ ଏପରି କୌଣସି ପ୍ରସ୍ତାବ ସରକାରଙ୍କ ପାଖରେ ନାହିଁ ବୋଲି କହିଥିଲେ, ପରେ ଏହା ବିଚାରାଧୀନ ଅଛି ବୋଲି କହିଲେ। ସରକାର ସ୍ପଷ୍ଟ କରନ୍ତୁ, କେବେ ଏହି ବେଞ୍ଚ ପ୍ରତିଷ୍ଠା ହେବ। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସେଣ୍ଟ୍ରାଲ ୟୁନିଭର୍ସିଟିର ମାନ୍ୟତା, ଭିସୁଟ୍‌କୁ ଆଇଆଇଟିର ମାନ୍ୟତା ଇତ୍ୟାଦିର କାମ ରହିଛି। ଏହି ସବୁ କାମ କରି ସରକାର ନିଜର ପ୍ରଚାର କରନ୍ତୁ । କିଛି କାମ ନ କରି କେବଳ ପୋଷ୍ଟର ବ୍ୟାନର ମାରିଲେ ଲୋକେ ଗ୍ରହଣ କରିବେ ନାହିଁ। ଛତିଶଗଡ଼ ସରକାରଙ୍କ ଦ୍ୱାରା କରାଯାଇଥିବା ବ୍ୟାରେଜଗୁଡ଼ିକ ହୀରାକୁଦ ଡ୍ୟାମ୍ ପ୍ରତି ବିପଦ ସୃଷ୍ଟିକରୁଛି। ବର୍ତ୍ତମାନ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଏହି ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏହି ସମସ୍ୟାକୁ ସମାଧାନ ପାଇଁ ଉଦ୍ୟମ ନ କରି ପ୍ୟାକେଜ ଘୋଷଣା କେବଳ ଧର୍ମକୁ ଆଖିଠାର ସଦୃଶ ବୋଲି ପୂଜାରୀ କହିଛନ୍ତି।

# ନବୀନଙ୍କୁ ଭେଟିଲେ ଅମରେଶ

ଭୁବନେଶ୍ୱର,୭।୧୦(ଅନିଲଦାସ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବିଜେଡିର ଗୋଟିଏ ଗୋଷ୍ଠୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦୁର୍ଗାପୂଜା ନିମନ୍ତ୍ରଣ ବାହାନାରେ ଗତ ଶୁକ୍ରବାର ନବୀନ ନିବାସରେ ଭେଟି କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାରଙ୍କ ବିରୋଧରେ ଦଳବିରୋଧୀ କାର୍ଯ୍ୟାନୁଷ୍ଠାନ ଦାବି କରିବା ନେଇ ଚର୍ଚ୍ଚା ହେଉଥିଲା । ଏହାର ୩ ଦିନ ପରେ ଅର୍ଥାତ ସୋମବାର ସନ୍ଧ୍ୟାରେ ଅମରେଶ ନବୀନ ନିବାସ ଯାଇ ନବୀନଙ୍କୁ ସାକ୍ଷାତ୍ କରିଛନ୍ତି । ସେ ଦୀର୍ଘ ସମୟ ଧରି ସେଠାରେ ରହିଥିଲେ। ନବୀନ ନିବାସରୁ ବାହାରି ଦଶହରା ପାଇଁ ନିମନ୍ତ୍ରଣ କରିବାକୁ ଆସିଥିବା କହିଥିଲେ। ଏହାକୁ ନେଇ ରାଜଧାନୀ ରାଜନୀତି ସରଗରମ ହୋଇଛି।

ନିଜର ବିରୋଧୀ ଗୋଷ୍ଠୀଙ୍କ ମେଳିକୁ ନେଇ ଅମରେଶ କହିଛନ୍ତି, ନବୀନ ପଟ୍ଟନାୟକଙ୍କଠାରୁ ତାଙ୍କୁ ଅଲଗା କରିଦେବେ ବୋଲି ଯିଏ ଷଡଯନ୍ତ୍ର କରୁଛନ୍ତି, ସେମାନେ କେବେ ସଫଳ ହେଇପାରିବେ ନାହିଁ। ତାଙ୍କୁ ନବୀନ ପଟ୍ଟନାୟକଙ୍କଠାରୁ କେହି ଅଲଗା କରି ପାରିବେ ନାହିଁ। ଆମେ ସମସ୍ତେ ଏକଜୁଟ ଅଛୁ। ମାଆଙ୍କର ନବରାତ୍ର ପୂଜା ଚାଲିଛି, ମାଆ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ। ଲୋକଙ୍କ ସେବା କରନ୍ତୁ, ଦଳକୁ ଆଗକୁ ନିଅନ୍ତୁ। ଭାଙ୍ଗିବା ଅପେକ୍ଷା ଗଠନମୂଳକ ଚିନ୍ତାରେ ଆଗକୁ ବଢନ୍ତୁ ବୋଲି ସେ କହିଛନ୍ତି।



ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀର ନେତା ଓ କର୍ମୀମାନେ ସୋମବାର ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ବିଡିଓ, ଉପାଧ୍ୟକ୍ଷଙ୍କ ଗିରଫ ଦାବିରେ ବିଜେଡିର ଥାନା ଘେରାଉ

## ଗୋପ ବ୍ଲକ ଫଳକଭଙ୍ଗା ଘଟଣା

ଗୋପ, ୭।୧୦
(ଭାରତୀ ଭୂଷଣ ଉପାଧ୍ୟାୟ)




ଥାନା ସମ୍ମୁଖରେ ଗୋପ ବିଜେଡି ପକ୍ଷରୁ ସୋମବାର ବିକ୍ଷୋଭ କରାଯାଉଛି।

ପୁରୀ ଜିଲା ଗୋପ ବ୍ଲକ ଅଧ୍ୟକ୍ଷାଙ୍କୁ ଅପମାନ କରିବା, ଧମକାଇବା ଓ ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗ ଉପରେ ଗୋପ ପୋଲିସ ବିଡିଓ ଏବଂ ଉପାଧ୍ୟକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର ଅପରାହ୍ନରେ ଗୋପ ବିଜେଡି ପକ୍ଷରୁ ଥାନା ଘେରାଉ କରାଯାଇଥିଲା। ପରେ ଦଳ ପକ୍ଷରୁ ଜିଲା ଏସ୍‌ପିଙ୍କ ନିକଟକୁ ଏକ ଦାବିପତ୍ର ଦିଆଯାଇଥିଲା।

ପ୍ରକାଶ ଯେ, ଗତ ୩୦ ତାରିଖ ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଗୋପ ବ୍ଲକ ଗସ୍ତ ପୂର୍ବରୁ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ନାମ ଭିସି ଗୃହ ଉଦ୍‌ଘାଟନ ଫଳକରେ ନ ଥିବାରୁ ସେ ଫଳକ ଭାଙ୍ଗିଥିଲେ। ଏହି ସମୟରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଓ ଅଧ୍ୟକ୍ଷା ମଲ୍ଲିକଙ୍କ ମଧ୍ୟରେ କଥା କଟାକଟି ହେବା ସହିତ ୨ ଦଳ କର୍ମୀଙ୍କ ମଧ୍ୟରେ ବାଦାନୁବାଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା। ପରେ ବ୍ଲକ ବୈଠକ ଗୃହରେ ଅନେକ ଶହ ହିତାଧିକାରୀଙ୍କ ଉପସ୍ଥିତିରେ ସଂପୃକ୍ତ ଘଟଣାକୁ କେନ୍ଦ୍ରକରି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ମଧ୍ୟରେ ମଧ କଥା କଟାକଟି ହୋଇଥିଲା। ସନ୍ଧ୍ୟାରେ ଉପାଧ୍ୟକ୍ଷ ବନରଞ୍ଜନ ଅଧ୍ୟକ୍ଷାଙ୍କ ବିରୋଧରେ ଏକ ଏତଲା ଦେଇଥିଲେ। ଅଧ୍ୟକ୍ଷା ମଲ୍ଲିକ ମଧ ବିଡିଓ ଛବିରାଣି ସାହୁ ଓ ଉପାଧ୍ୟକ୍ଷ ବନରଞ୍ଜନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବିଡିଓଙ୍କ ବିରୋଧରେ ମିଥ୍ୟା ଅଭିଯୋଗକୁ ନେଇ ବ୍ଲକ ପ୍ରଶାସନ ସମୂହ ଦୀର୍ଘ ୪ ଦିନ ଧରି କଲମଛାଡ଼ ଆନ୍ଦୋଳନ କରିବା ପରେ ଗୋପ ବ୍ଲକ ସରପଞ୍ଚ ସଂଘର ଅନୁରୋଧକ୍ରମେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପୋଲିସ ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ମୋକଦ୍ଦମା ରୁଜୁ ନ କରି ଓ କାର୍ଯ୍ୟାନୁଷ୍ଠାନ ନ ହେବା ଅଭିଯୋଗକୁ ନେଇ ଗୋପ ବ୍ଲକ ବିଜେଡି ପକ୍ଷରୁ ଗୋପ ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋପ ବଜାର ଶେଷ ଭାଗରୁ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଜିଲା ବିଜେଡି ସଭାପତି ଦିବାକର ପାତ୍ର, ଯୁବ ନେତୃତ୍ୱ ଦିଲୀପ ନାୟକ, ସୁବ୍ରତ ଛାଟୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଗୋପ ବ୍ଲକ ଅଧ୍ୟକ୍ଷା ମଲ୍ଲିକଙ୍କ ସମେତ ଆଉ ଅନ୍ୟାନ୍ୟ ଦଳ ନେତୃତ୍ୱଙ୍କ ସହିତ ୫ ଶହରୁ ଅଧିକ ଦଳୀୟ କର୍ମୀ ବିଭିନ୍ନ ନାରାବାଜି ଦେଇ ଗୋପ ଥାନାରେ ପହଞ୍ଚିଥିଲେ। ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକ ଏହି ଘଟଣା ଉପରେ ୧୪ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବିଜେଡିର ଥାନା ଘେରାଉକୁ ନେଇ ବିଭିନ୍ନ ଥାନାର ଅଧିକାରୀଙ୍କ ସହିତ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଘଟଣାରେ ବିଡିଓ ସାହୁ ଓ ଉପାଧ୍ୟକ୍ଷ ବନରଞ୍ଜନଙ୍କୁ ପଚାରିବାରେ, ଏପରି ଅଭିଯୋଗ ରାଜନୈତିକ କନ୍ଦଳ ବୋଲି କହିବା ସହ ମିଥ୍ୟା ଅଭିଯୋଗ ବୋଲି କହିଥିଲେ।

# ଅବଦୁଲ୍ଲାଙ୍କ ପ୍ରଭାବୀ ବୋଲିଂ

ଜମ୍ମୁ,୭।୧୦

ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ରେ ସୋମବାର ଗୁଜରାଟ ଗ୍ରେଟ୍ସ ବିପକ୍ଷରେ ପ୍ରଭାବୀ ବୋଲିଂ କରିଛନ୍ତି ଇଣ୍ଡିଆ କ୍ୟାପିଟାଲ୍ସର ଇକ୍‌ବାଲ ଅବଦୁଲ୍ଲା। ସେ ୩ ଉଇକେଟ ନେବାରୁ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୩୪ ରନ୍ କରିଛି। ଜବାବରେ କ୍ୟାପିଟାଲ୍ସ ୧୨ ଓଭରରେ ୫ ଉଇକେଟ ହରାଇ ୮୮ ରନ୍ କରିଛି।

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍

ମୌଲାନା ଆଜାଦ କ୍ରିକେଟ ଷ୍ଟାଡିୟମରେ ଗୁଜରାଟ ଗ୍ରେଟ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଶିଖର ଧାୱନ ମାତ୍ର ୧ ରନ୍ କରି ଦ୍ୱିତୀୟ ଓଭରରେ ଅବଦୁଲ୍ଲାଙ୍କ ପ୍ରଥମ ଶିକାର ହୋଇଥିଲେ। କ୍ରିସ୍ ଗେଲ୍ ପ୍ରଭାବୀ ବ୍ୟାଟିଂ କରି ୧୧ ବଲ୍‌ରୁ ୫ ଚୌକା ସହ ୨୧ ରନ୍ କରିଥିଲେ। ପଞ୍ଚମ ଓଭରରେ ଧୱଲ କୁଲକର୍ଣ୍ଣୀ ତାଙ୍କୁ ଆଉଟ କରିବା ପରେ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ପରବର୍ତ୍ତୀ ଓଭରରେ ମର୍ନେ ଭାନ୍ ୱିକ୍(୧୦)ଙ୍କୁ ଆଉଟ କରିଥିଲେ ଅବଦୁଲ୍ଲା।




ଦୁଇ ବଲ୍ ପରେ ଖାତା ଖୋଲିବା ଆଗରୁ ମନନ ଶର୍ମା ପ୍ୟାଭିଲିୟନ୍ ଫେରିଥିଲେ। ଅବଦୁଲ୍ଲା ନିଜ ୪ ଓଭର ସ୍ପେଲରେ ୧୨ ଡଟ୍ ବଲ୍ ପକାଇଥିବା ବେଳେ ୨୪ ରନ୍ ଦେଇ ୩ ଉଇକେଟ ନେଇଥିଲେ।

୩୮ ରନ୍‌ରେ ୪ ଉଇକେଟ ପଡିବା ପରେ ଗୁଜରାଟ ପକ୍ଷରୁ ଟପ୍ ସ୍କୋରର ରହିଥିବା ମହମ୍ମଦ କୈଫ୍(୪୦) ଓ ଯଶପାଲ ସିଂ(୨୦) ଷଷ୍ଠ ଉଇକେଟରେ ୬୫ ରନ୍ ଯୋଡିଥିଲେ। ଧୀମା ପିଚ୍‌ରେ କୈଫ୍ ୪୧ ବଲ୍‌ରୁ ୩ ଚୌକା ଓ ୨ ଛକା ମାରି ୪୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଯଶପାଲ ୨୯ ବଲ୍‌ରୁ ୨ ଚୌକା ସହ ୨୦ ରନ୍ କରିଥିଲେ। ଶେଷ ଭାଗରେ ଦେବବ୍ରତ ଦାସ ଦ୍ରୁତ ୨୦ ରନ୍ କରିବାରୁ ଦଳୀୟ ସ୍କୋର ୧୩୪ରେ ପହଞ୍ଚିଥିଲା। କ୍ୟାପିଟାଲ୍ସ ପକ୍ଷରୁ ଇକବାଲ ଅବଦୁଲ୍ଲା ୩, ଧୱଲ କୁଲକର୍ଣ୍ଣୀ୨ ଓ ଆସ୍‌ଲେ ନର୍ସ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଗ୍ରେଟ୍ସ ୨୦ ଓଭରରେ ୧୩୪/୬ (ମହମ୍ମଦ କୈଫ୍-୪୦, କ୍ରିସ୍ ଗେଲ୍-୨୧, ଦେବବ୍ରତ ଦାସ-୨୦*, ଇକବାଲ ଅବଦୁଲ୍ଲା-୩/୨୪, ଧୱଲ କୁଲକର୍ଣ୍ଣୀ-୨/୧୭, ଆସ୍‌ଲେ ନର୍ସ-୧/୧୩)।

# ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଆରମ୍ଭ

ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସୋମବାର ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍ ଇଭେଣ୍ଟରେ ଓଡ଼ିଶାର ଆଂଶିକା ରାଉତରାୟ ୧୧.୬୮ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପଶ୍ଚିମବଙ୍ଗର ଅର୍ପିତା ଭଣ୍ଡାରୀ ୧୦.୯୦ ଓ ବିହାରର ଅଶ୍ମି କୁମାରୀ ୮.୯୯ ମିଟର ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୫୦୦୦ ମିଟର ରେସ୍‌ରେ ପ୍ରଦୀପ ମହତା ରୌପ୍ୟ ଜିତିଥିବାବେଳେ ୧୮ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ସଞ୍ଜୁ ହନ୍ତାଳ ଓ ବାଳକ ହାଇଜମ୍ପରେ ସାଗର ଏକ୍କା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ ସୌମ୍ୟ ରଞ୍ଜନ ପି. ରୌପ୍ୟ ପଦକ ଜିତିଛନ୍ତି। ୧୮ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଓଁକାର ପ୍ରସାଦ ଏନ୍.। ସେହିପରି ୧୬ ବର୍ଷରୁ କମ୍ ବାଳକ ଜାଭେଲିନ୍ ଥ୍ରୋରେ ସତ୍ୟରଞ୍ଜନ ନାୟ ରୌପ୍ୟ ଓ ଦେବସ୍ମୃତି ମୋହନ ବ୍ରୋଞ୍ଜ ପାଇଥିବାବେଳେ ୨୦ ବର୍ଷରୁ କମ୍ ପୁରୁଷ ଲଙ୍ଗଜମ୍ପରେ ମଧ୍ୟ ନରେଶ ରୋହିଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ଡିସ୍କସ୍‌ରେ ପୂରବୀ ପାଢ଼ୀ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୪୦୦ ମିଟରରେ ନେହା ଓରାମ ବ୍ରୋଞ୍ଜ ଜିତିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ୮୦ ମିଟର ହର୍ଡଲ୍ସରେ ଦୀପ୍ତିମୟୀ ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲ୍ସରେ ବାସନ୍ତି ମାଝି ରୌପ୍ୟ ଓ ଗୁରୁପୂଜା ପରିଡ଼ା ବ୍ରୋଞ୍ଜ ଜିତିଥିବାବେଳେ ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟର ହର୍ଡଲ୍ସରେ ଅମ୍ରିତା ଡୁଙ୍ଗଡୁଙ୍ଗ ବ୍ରୋଞ୍ଜ ପାଇଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ରେସ୍‌ରେ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି ଓଡ଼ିଶାର ଦୋଣ୍ଡପତି ମୃତି ଓ ମହେନ୍ଦ୍ର ସାନ୍ତା। ୧୮ ବର୍ଷରୁ କମ୍ ବାଳକ ୧୦୦ ମିଟରରେ ପ୍ରତୀକ ମହାରଣା ସ୍ୱର୍ଣ୍ଣ ଓ ଚିନ୍ମୟ ନାଗ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟରରେ ସଞ୍ଜୁ ହନ୍ତାଳ ବ୍ରୋଞ୍ଜ ଜିତିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ କିନ୍ତୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅଲୌକିକା ସ୍ୱାଇଁ। ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟରରେ ସ୍ୱର୍ଣ୍ଣ ଓ ରୌପ୍ୟ ପୋଛି ନେଇଛନ୍ତି ବାପି ହାଁସଦା ଓ ଅସ୍ତିକ ପ୍ରଧାନ।



୨୦ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ବିଜୟିନୀ ଆଂଶିକା ରାଉତରାୟ।

# ଭଲିବଲରେ କିସ୍‌ର ଗିନିଜ୍ ବିଶ୍ୱ ରେକର୍ଡ

ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)

ଭଲିବଲ ମହୋତ୍ସବରେ ନୂଆ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି କିସ୍। ଭଲିବଲ୍ ମହୋତ୍ସବ ଅବସରରେ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ୍‌ରେ ୪୩୦ ଖେଳାଳି ଦୀର୍ଘ ୮ଘଣ୍ଟା ଧରି ଗୋଟିଏ ମ୍ୟାଚ୍ ଖେଳି ମୋଟ ୭୩୬-୭୫୬ ପଏଣ୍ଟ ସ୍କୋର ସହ ଏହି ରେକର୍ଡ କରିଛନ୍ତି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ (ଏଫ୍‌ଆଇଭିବି)ର ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇଛି। ପୂର୍ବରୁ ୨୦୧୧ରେ ଫ୍ରାନ୍ସରେ ଏହିପରି ଏକ ପ୍ରୟାସ କରାଯାଇଥିଲା। ସେହି ମ୍ୟାଚରେ ୨୯୪ ଖେଳାଳି ଅଂଶ ଗ୍ରହଣ କରି ଏକ ବିଶ୍ୱ ରେକର୍ଡ କରିଥିଲେ। ଏହି ରେକର୍ଡକୁ ଏବେ କିସ୍ ଭାଙ୍ଗିବାରେ ସକ୍ଷମ ହୋଇଛି। ରାଜ୍ୟପାଳ ରଘୁବର ଦାସ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିନିଜ ବିଶ୍ୱରେକର୍ଡ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, 'କିସ୍ ଭଲିବଲ୍ ମହୋତ୍ସବ'ରେ ସମଗ୍ର ଭାରତରୁ ୫ହଜାର ଛାତ୍ରୀଛାତ୍ର ଖେଳାଳି ଭାବେ ଅଂଶଗ୍ରହଣ କରିଥିବା ବେଳେ ଗ୍ୟାଲେରିରେ ପାଖାପାଖି ୪୦ ହଜାର ଦର୍ଶକ ଏହାର ମଜା ନେଇଥିଲେ। କିସ୍ ଭଲିବଲ୍ କ୍ରୀଡ଼ା ମହୋତ୍ସବରେ ମୋଟ ୬୦ଟି ଆଉଟ୍ ଡୋର କୋର୍ଟ ଓ ବିଭିନ୍ନ ଇନ୍‌ଡୋର ଭେନ୍ୟୁରେ ଖେଳାଳିମାନେ ମ୍ୟାଚ୍ ଖେଳିଥିଲେ। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଫ୍‌ଆଇଭିବି ଓ ଏହାର ସଭାପତି ଆରି ଗ୍ରାସାଙ୍କୁ ଧନ୍ୟବାଦ ଦେବା ସହ ଏହି ରେକର୍ଡ ସବୁଦିନ ପାଇଁ କିସ୍ ଓ ଓଡ଼ିଶା ନାଁରେ ରହିଗଲା ବୋଲି କହିଛନ୍ତି।


ରାଜ୍ୟପାଳ ରଘୁବର ଦାସଙ୍କଠାରୁ ଗିନିଜ ବିଶ୍ୱରେକର୍ଡ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

# ଭାରତୀୟ ପେସ୍ ବୋଲର ଅରୁନ୍ଧତୀଙ୍କୁ ଭର୍ତ୍ସନା

**ଦୁବାଇ, ୭।୧୦ (ପି.ଟି.):** ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ଆଇସିସି ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଭାରତୀୟ ପେସ୍ ବୋଲର ଅରୁନ୍ଧତୀ ରେଡ୍ଡୀଙ୍କୁ ଭର୍ତ୍ସନା କରାଯାଇଛି। ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ ଭାରତ ୬ ଉଇକେଟରେ ବିଜୟ ଲାଭ କରିଥିଲା। ଏଥିରେ ରେଡ୍ଡୀ ୩ଟି ଉଇକେଟ ନେଇଥିଲେ। ୨୦ତମ ଓଭରରେ ପାକିସ୍ତାନ ବ୍ୟାଟର ନିଦା ଦାରଙ୍କ ଉଇକେଟ ପତନ ଘଟାଇବା ପରେ ତାଙ୍କ ପ୍ରତି ଯେଉଁଭଳି ଅଙ୍ଗଭଙ୍ଗୀ ପ୍ରଦର୍ଶନ ସହ ପ୍ୟାଭିଲିଅନକୁ ଫେରିଯିବା ଲାଗି ଇଙ୍ଗିତ କରିଥିଲେ ତଦ୍ୱାରା ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧି ଲେଭଲ-୧ ଧାରା ୨.୫ର ଉଲ୍ଲଂଘନ କରିଥିଲେ। ଏଥିପାଇଁ ରେଡ୍ଡୀଙ୍କୁ ଭର୍ତ୍ସନା କରାଯିବା ସହ ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ। ରେଡ୍ଡୀ ତାଙ୍କ ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେଇଥିଲେ। ଫଳରେ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଲେଭଲ-୧ ଉଲ୍ଲଂଘନ କଲେ ସମ୍ପୃକ୍ତ ଖେଳାଳିଙ୍କୁ ଅତିକମ୍‌ରେ ଏକ ବିଧିବଦ୍ଧ ଭର୍ତ୍ସନା, ସର୍ବାଧିକ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ଏବଂ ଏକ କିମ୍ବା ଦୁଇ ଡିମେରିଟ ପଏଣ୍ଟର ବ୍ୟବସ୍ଥା ରହିଛି। ୨୪ ମାସ ମଧ୍ୟରେ ଜଣେ ଖେଳାଳି ଯଦି ୪ ଡିମେରିଟ୍ ପଏଣ୍ଟ ଅର୍ଜନ କରେ ତେବେ ଏହା ସସ୍‌ପେନ୍‌ସନ ପଏଣ୍ଟରେ ରୂପାନ୍ତରିତ ହୋଇଥାଏ। ଖେଳାଳିଙ୍କୁ ବାସନ୍ଦ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ।

# କଳିଙ୍ଗ ପ୍ରିମିୟର ଲିଗ୍: ଲାୟନ୍ସ ଚାମ୍ପିୟନ


ଫାଇନାଲ ପୂର୍ବରୁ ଦୁଇ ଦଳର ଖେଳାଳି ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ କଳିଙ୍ଗ ପ୍ରିମିୟର ଲିଗ୍-୨୦୨୪ରେ କଟକର ଭି. ଲାୟନ୍ସ ଚାମ୍ପିୟନ ହୋଇଛି। ଫାଇନାଲରେ ଭି. ଲାୟନ୍ସ ଝାରସୁଗୁଡ଼ାର ଲିଟିଲ ଷ୍ଟାରକୁ ପରାସ୍ତ କରିଛି। ଆକାଶ ମାଲିଙ୍ଗା ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଫରଦିନ୍ କାଜି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ୧ ଲକ୍ଷ, ରନରଅପ୍‌କୁ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ, ଯୁବନେତା ମନୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ସମ୍ପାଦକ ଦେବପ୍ରସାଦ ଜେନା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ରୁ ଓହରିଲା ମୋହନବାଗାନ

**ନୂଆଦିଲ୍ଲୀ, ୭।୧୦(ପି.ଟି.):** ଏଏଫ୍‌ସି ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ରୁ ମୋହନବାଗାନ ସୁପର ଜାଏଣ୍ଟ ଓହରି ଯାଇଥିବା ଜଣାପଡିଛି। ଅକ୍ଟୋବର ୨ ତାରିଖରେ ଇରାନିଆନ୍ କ୍ଲବ ଟ୍ରାକ୍ଟର ଏଫ୍‌ସି ସହିତ ମୋହନବାଗାନର ମ୍ୟାଚ୍ ରହିଥିଲା। ଖେଳାଳିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଦଳ ଇରାନ ଗସ୍ତ କରି ନ ଥିଲା। ଏଏଫ୍‌ସିର ଧାରା ୫.୨ ଅନୁସାରେ କୌଣସି ଟିମ୍ ମ୍ୟାଚ୍ ପୂର୍ବରୁ ରିପୋର୍ଟ ନ କରିପାରିଲେ ସେହି ଦଳ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରୁ ଓହରି ଯାଇଥିବା ଧରିନେବାକୁ ହେବ। କୋଲକାତାର କ୍ଲବ ଟାବ୍ରିଜ୍‌ରେ ପହଞ୍ଚି ନ ଥିବା କାରଣରୁ ଏହାର ଆଗାମୀ ସମସ୍ତ ମ୍ୟାଚକୁ ବାତିଲ କରି ଦିଆଯାଇଛି। ଏହା ସହ ଧାରା ୮.୩ ଅନୁଯାୟୀ ଗ୍ରୁପ୍ ଏ'ର ଫଳାଫଳ ପାଇଁ ଏହି ମ୍ୟାଚ୍‌ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ମୋହନବାଗାନ ଏହାର ପ୍ରଥମ ମ୍ୟାଚ୍ ଏଫ୍‌ସି ରାଭଶାନ ବିପକ୍ଷ ମ୍ୟାଚ୍ ଡ୍ର ରଖିଥିଲା। ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ମ୍ୟାଚ୍‌ର ଫଳାଫଳକୁ ବିଚାରକୁ ନିଆଯିବ ନାହିଁ ବୋଲି କୁହାଯାଇଛି।

# ଭାରତ ନିୟନ୍ତ୍ରଣରେ ପ୍ରଥମ ଦିନ ଖେଳ

**ଚେନ୍ନାଇ, ୭।୧୦ (ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ଯୁଥ୍ ଟେଷ୍ଟର ପ୍ରଥମ ଦିନ ଖେଳକୁ ନିୟନ୍ତ୍ରଣରେ ରଖିଛି ଭାରତ। ନିତ୍ୟ ପାଣ୍ଡ୍ୟା ସର୍ବାଧିକ ୯୪ ରନ୍ କରିଥିବା ବେଳେ ୪ ଅର୍ଦ୍ଧଶତକ ସହ ଭାରତ ୫ ଉଇକେଟ ହରାଇ ୩୧୬ ରନ୍ ସ୍କୋର କରିଛି। ଅନ୍ୟମାନଙ୍କ ମଧ୍ୟରେ କେ.ପି. କାର୍ତ୍ତିକେୟ ୭୧, ଅଧିନାୟକ ସୋହମ ପଟବର୍ଦ୍ଧନ ୬୧ ଓ ନିଖିଲ କୁମାର ୬୧ ରନ୍ ସ୍କୋର କରିଛନ୍ତି।

ଭାରତ ୬୦ ରନ୍‌ରେ ୨ ଉଇକେଟ ହରାଇଥିବା ବେଳେ ନିତ୍ୟ ୯୪ ରନ୍‌ର ଇନିଂସ ଖେଳିଥିଲେ। ୧୩୫ ବଲ୍‌ର ଇନିଂସରେ ସେ ୧୨ ଚୌକା ମାରିଥିଲେ। ପରେ ଅଧିନାୟକ ସୋହମ ପଟବର୍ଦ୍ଧନ ଓ ନିଖିଲ କୁମାରଙ୍କ ମଧ୍ୟରେ ୧୦୫ ରନ୍‌ର ଭାଗୀଦାରି ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ହ୍ୟାରୀ ହୋଏକଷ୍ଟ୍ରା ୨, ଓଲି ପାଟରସନ, କ୍ରିଷ୍ଟିଆନ ହୋଏ ଓ ବିଶ୍ୱ ରାମକୁମାର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ଭାରତ-ପାକିସ୍ତାନ ମୁକାବିଲା ୧୯ରେ

କରାଚୀ, ୭।୧୦ (ପି.ଟି.)

## ଏସିସି ଏମର୍ଜିଂ ଟି୨୦ କପ୍

ଅକ୍ଟୋବର ୧୮ରୁ ଓମାନରେ ହେବାକୁଥିବା ଏସିସି ଏମର୍ଜିଂ ଟି୨୦ କପ୍ ଲାଗି ଉଇକେଟକିପର-ବ୍ୟାଟର ମହମ୍ମଦ ହାରିସଙ୍କୁ ପାକିସ୍ତାନ ଦଳର ଅଧିନାୟକ ମନୋନୀତ କରାଯାଇଛି। ନିକଟରେ ଅନୁଷ୍ଠିତ ଚାମ୍ପିୟନ୍ସ କପ୍ ଓ ଘରୋଇ କ୍ରିକେଟରେ ପ୍ରଦର୍ଶନକୁ ଭିତ୍ତି କରି ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଏକ ଯୁବ ଦଳ ମନୋନୟନ କରିଛି। ଦଳ ଅକ୍ଟୋବର ୧୬ରେ ଓମାନ ଗସ୍ତ କରିବ। ନିକଟରେ ଚାମ୍ପିୟନ୍ସ କପ୍ ଅନ୍ତର୍ଜାତୀୟ ଦିନିକିଆ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବାରୁ ବିସ୍ଫୋରକ ବ୍ୟାଟର ଅବ୍‌ଦୁଲ ସମଦଙ୍କୁ ଦଳରେ ସ୍ଥାନ ମିଳିଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଅନ୍ୟଜଣେ ଯୁବ ବ୍ୟାଟର ଇରଫାନ୍ ଖାନ୍ ନିଆଜିଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ଏହାପରେ ଚୟନକର୍ତ୍ତାମାନେ ପାକିସ୍ତାନର ବ୍ୟାଟର ହାଇଦର ଅଲିଙ୍କ ସମେତ ସିନିୟର ଦଳର ୪ ଖେଳାଳିଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ଇଭେଣ୍ଟରେ ଭାଗ ନେଉଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ସମସ୍ତ ମ୍ୟାଚ ମସ୍କଟସ୍ଥିତ ଓମାନ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ'ରେ ଆଫଗାନିସ୍ତାନ , ବାଂଲାଦେଶ , ହଂକଂ ଓ ଶ୍ରୀଲଙ୍କା ଦଳ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଗତଥରର ଚାମ୍ପିୟନ ପାକିସ୍ତାନ ଶାହିନ୍ସ, ଭାରତ , ଓମାନ ଓ ୟୁଏଇ ରହିଛନ୍ତି। ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୧୯ରେ ପାକିସ୍ତାନ ଶାହିନ୍ସ ବିପକ୍ଷରେ ଖେଳିବାକୁ ଥିବା ବେଳେ ପରେ ଅକ୍ଟୋବର ୨୧ ଓ ୨୩ରେ ଯଥାକ୍ରମେ ଆୟୋଜକ ଓମାନ ଓ ୟୁଏଇ ବିପକ୍ଷରେ ଖେଳିବ। ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ଆସନ୍ତା ୨୫ରେ ହେବାକୁଥିବା ସେମିଫାଇନାଲକୁ ଉନ୍ନୀତ ହେବେ। ଅକ୍ଟୋବର ୨୭ରେ ଫାଇନାଲ ଅନୁଷ୍ଠିତ ହେବ।

# ଜ୍ୟୋତ୍ସ୍ନା, ହର୍ଷବର୍ଦ୍ଧନଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୭।୧୦ (ତପନ ସ୍ୱାଇଁ)

ହିମାଚଳ ପ୍ରଦେଶରେ ଆୟୋଜିତ ଆଇଡବ୍ଲ୍ୟୁଏଲ୍‌ଏଫ୍ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜ୍ୟୋତ୍ସ୍ନା ବାଳିକା ୪୦ କେଜି ଯୁଥ୍ ବର୍ଗରେ ମୋଟ ୧୨୦ କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ଖୁସ୍‌ବୁ ୧୧୦ କେଜି ସହ ରୌପ୍ୟ ଓ ପଣ୍ଡିଚେରୀର ଦର୍ଶନୀପ୍ରୀୟା ୧୦୮ କେଜି ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ହର୍ଷବର୍ଦ୍ଧନ ଯୁବ ୪୯ କିଗ୍ରା ବର୍ଗରେ ମୋଟ ୧୯୫ କେଜି ଭାର ଉଠାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଉତ୍ତରାଖଣ୍ଡର ଅର୍ଶଲନ ୧୮୦ ଓ ଉତ୍ତର ପ୍ରଦେଶର ତୁଫେଲ ୧୭୮ କେଜି ଉତ୍ତୋଳନ କରି ଯଥାକ୍ରମେ ରୌପ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି।



ପଦକ ସହ ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ।

# ତାରକା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଅବସର

ନୂଆଦିଲ୍ଲୀ,୭।୧୦(ପି.ଟି.)

ଭାରତର ତାରକା ଜିମ୍ନାଷ୍ଟ ଦୀପା କର୍ମକାର ସୋମବାର ଅବସର ଘୋଷଣା କରିଛନ୍ତି। ପ୍ରଥମ ଭାରତୀୟ ଭାବରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବେଳେ ରିଓ ୨୦୧୬ରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ସେ ବଞ୍ଚିତ ହୋଇଥିଲେ। ମାତ୍ର ୦.୧୫ ପଏଣ୍ଟ ପଛରେ ରହି ସେ ଚତୁର୍ଥ ସ୍ଥାନରେ ରହିଥିଲେ। ରିଓରେ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ କୋଟି କୋଟି ଭାରତୀୟଙ୍କୁ ଜିମ୍ନାଷ୍ଟିକ୍ସରେ କ୍ୟାରିୟର କରିବା ପାଇଁ ଦୀପା ଅନୁପ୍ରାଣିତ କରିଥିଲେ। ୫ ବର୍ଷ ବୟସରେ ଫ୍ଲାଟ୍ ଫୁଟ୍ କାରଣରୁ ଜିମ୍ନାଷ୍ଟିକ୍ କରିପାରିବେ ନାହିଁ ବୋଲି ସମସ୍ତେ କହିଥିବା ବେଳେ ଏହାକୁ ଭୁଲ୍ ପ୍ରମାଣିତ କରିଥିଲେ ଦୀପା। ନିଜ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତ ପାଇଁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ। ଦୀର୍ଘଦିନ ଧରି ଚିନ୍ତା କରିବା ପରେ ଅବସର ପାଇଁ ନିଷ୍ପତ୍ତି ନେଇଛି ବୋଲି ମଧ୍ୟ କହିଛନ୍ତି ଦୀପା। ଶରୀର ସମୟ ସହ ଦୁର୍ବଳ ହୋଇଥିଲେ ମଧ୍ୟ ମନ ଅବସର ନିଷ୍ପତ୍ତିକୁ ବିରୋଧ କରୁଥିଲା। ତେବେ କଷ୍ଟ ହୋଇଥିଲେ ମଧ୍ୟ ଉପଯୁକ୍ତ ସମୟରେ ସେ ଅବସର ନେଇଥିବା କହିଛନ୍ତି ଦୀପା। ଅନେକ ସ୍ମରଣୀୟ ମୁହୂର୍ତ୍ତ ସହ କିଛି ବିଫଳତାର ମୁହୂର୍ତ୍ତ ମଧ୍ୟ ସାମ୍ନାକୁ ଆସିଛି। ତେବେ ସବୁ ସମୟ ପାଇଁ ମୁଁ ଜିମ୍ନାଷ୍ଟିକ୍ ନିକଟରେ କୃତଜ୍ଞ ରହିବି। ଜିମ୍ନାଷ୍ଟିକ୍ ମୋ ପାଇଁ ଅସମ୍ଭବ ବୋଲି ଡାକ୍ତରମାନେ କହିଥିଲେ ମଧ୍ୟ ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିଥିବାରୁ ମୁଁ ଗର୍ବିତ। ରିଓ ଅଲିମ୍ପିକ୍ସରେ କଷ୍ଟସାଧ୍ୟ ପ୍ରୋଡୁନୋଭା ଭଲ୍ଟ ପ୍ରଦର୍ଶନ କରିବା ସହ ୧୫.୦୬୬ ପଏଣ୍ଟ ସ୍କୋର କରି ବ୍ରୋଞ୍ଜ ବିଜେତାଙ୍କଠାରୁ ମାତ୍ର ୦.୧୫ ପଏଣ୍ଟ ପଛରେ ରହିଥିଲେ ଦୀପା। ୨୦୧୬ରେ ଦୀପାଙ୍କୁ ଖେଳରତ୍ନ ଓ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୧ରେ ଡୋପିଂ ଅଭିଯୋଗରେ ନାଡା ପକ୍ଷରୁ ଦୀପାଙ୍କୁ ୨୧ ମାସ ବାସନ୍ଦ ମଧ୍ୟ କରାଯାଇଥିଲା। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ସେ ୨୦୨୪ ତାସକେଣ୍ଟ ଏସିଆନ୍ ଚାମ୍ପିୟନଶିପ୍‌ରେ ଭଲ୍ଟ ଇଭେଣ୍ଟରେ ୧୩.୫୬୬ର ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୋଚ୍ ବିଶ୍ୱେଶ୍ୱର ନନ୍ଦୀ, ସାଇ, କ୍ରୀଡ଼ା ବିଭାଗ ଓ ତ୍ରିପୁରା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦୀପା। ଏହା ସହ ଆଗାମୀ ଦିନରେ ଯୁବ ଜିମ୍ନାଷ୍ଟଙ୍କ ପାଇଁ କିଛି କରିବା ଲାଗି ସେ ପ୍ରତିଶ୍ରୁତିବଦ୍ଧ ବୋଲି ମଧ୍ୟ କହିଛନ୍ତି।



# ଫେଷ୍ଟିଭ୍ ଲୁକ୍ ଦେବ ନୋଜ୍‌ପିନ୍



ଫେଷ୍ଟିଭ୍ ସିଜନ୍‌ରେ ଟ୍ରାଡିଶନାଲ୍ ଓ ଏଥିନିକ୍ ଗେଟଅପ୍ ଅନେକଙ୍କୁ ପସନ୍ଦ। ଆଉ ଏମିତିରେ ଗୋଟିଏ ନୋଜ୍ ପିନ୍ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଥାଏ। ଯଦି ଆପଣ ବି ଏହାକୁ ନିଜ ଫେଷ୍ଟିଭ୍ ଫ୍ୟାଶନ୍‌ରେ ସାମିଲ କରିବାକୁ ଚାହୁଁଛନ୍ତି ଜାଣି ରଖନ୍ତୁ ଟିପ୍ସ...

- ଛୋଟ ଗୋଲ୍ଡ ବଲ୍ କିମ୍ବା ଡାଇମଣ୍ଡ ନୋଜ୍ ପିନ୍ ସିମ୍ପଲ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ଏହାକୁ ସବୁ ଆଉଟ୍‌ଫିଟ୍‌ରେ ପିନ୍ଧିଲେ ଡିସେଣ୍ଟ ଲାଗୁଥିବାରୁ ଅନେକେ ବେଶ୍ ପସନ୍ଦ କରୁଛନ୍ତି। ବିଶେଷ କରି ଶାଢ଼ି କିମ୍ବା ଡାଣ୍ଡିଆ ନାଇଟ୍ସ ପାଇଁ ଲେହେଙ୍ଗା ପିନ୍ଧୁଥିଲେ ଏହି ନୋଜ୍ ପିନ୍ ବେଶ୍ ସୁନ୍ଦର ଲାଗିବ।
- ନୋଜ୍ ରିଂ ହୁପ୍‌ର ଡିମାଣ୍ଡ ଏବେ ସବୁଠୁ ଅଧିକ। ଏହା ଟ୍ରାଡିଶନାଲ୍‌ରୁ ମଡର୍ନ ପର୍ଯ୍ୟନ୍ତ ସବୁ ପ୍ରକାର ଗେଟ୍‌ଅପ୍ ସହ ମ୍ୟାଚ୍ କରିଥାଏ। ଆପଣ ଚାହିଁଲେ ଡ୍ରେସ୍‌ର କଲର ସହିତ ମ୍ୟାଚ୍ କରି ବିଡ୍, କ୍ରିଷ୍ଟାଲ୍, ବ୍ଲାକ୍ ମେଟାଲ୍, କୁନ୍ଦନ ଭଳି ନୋଜ୍ ରିଂ ହୁପ୍ ପିନ୍ଧିପାରିବେ।
- ଡିଫରେଣ୍ଟ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ସେପ୍ଟମ୍ ପିଅର୍ସିଂ କରିପାରିବେ। ଏଥିରେ ନାକର ମଝିରେ ଛୋଟ ରିଂ କିମ୍ବା ଓଠ ଆଡ଼କୁ ସାମାନ୍ୟ ଝୁଲିଥିବା ରିଂ ଲଗାଇ ପାରିବେ। ସେଥିରେ ପର୍ଲ, ଷ୍ଟୋନ୍ କିମ୍ବା ଗୋଲ୍ଡ ବଲ୍ ଆଦି ଭଲ ଲାଗିବ।
- ଆଣ୍ଟିକ୍ କିମ୍ବା ଷ୍ଟଡେଡ୍ ନୋଜ୍ ପିନ୍ ବି ଏବେ ଖୁବ୍ ଡିମାଣ୍ଡରେ ଅଛି। ଷ୍ଟୋନ୍ ଏବଂ ପର୍ଲ ନୋଜ୍ ପିନ୍ ବା ଷ୍ଟଡ୍ ମଧ୍ୟ ଅନେକେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

# ବଡି ଡିଟକ୍ସ



ପୂଜାପର୍ବରେ ସାଧାରଣତଃ ପିଠା, ମିଠା ଏବଂ ଅନେକ ଭଳିକି ଭଳି ଖାଦ୍ୟରେ ସଭିଙ୍କ ଘର ଭରିଯାଏ। ପୁଣି ପୂଜାରେ ବୁଲାବୁଲି ବେଳେ ବାହାର ଖାଦ୍ୟ ଖିଆଯାଏ। ହେଲେ ଏହାଦ୍ୱାରା ଶରୀରକୁ ଅଧିକ କ୍ୟାଲୋରି ଯିବା ସହ ଏସବୁ ଖାଦ୍ୟରେ ବ୍ୟବହୃତ ରଙ୍ଗ, ତେଲ ଆଦିରେ ଥିବା ବିଷାକ୍ତ ପଦାର୍ଥ ଶରୀରକୁ ହାନି ପହଞ୍ଚାଇଥାଏ। ଏମିତିରେ ଶରୀରକୁ ସୁସ୍ଥ ତଥା ଡିଟକ୍ସ କରିବା ଲାଗି କେତେକ ଉପାୟ ଆପଣେଇପାରିବେ...

▶▶ଖାଦ୍ୟ ଦ୍ୱାରା ଶରୀରକୁ ଯାଉଥିବା କୌଣସି ବିଷାକ୍ତ ପଦାର୍ଥକୁ ଦୂରକରିବା ଲାଗି ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମ କ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

▶▶ଅତିକମ୍‌ରେ ଦିନକୁ ୩-୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।

▶▶ପରିବା ଜୁସ୍ ପିଇବା ଶରୀରକୁ ଡିଟକ୍ସ କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।

▶▶ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣ ମାତ୍ରା କମ୍ କରିବା ଆବଶ୍ୟକ।

▶▶ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇଥାଏ। ଏହାଦ୍ୱାରା ଶରୀରକୁ ଯାଇଥିବା ଏକ୍ସଟ୍ରା କ୍ୟାଲୋରି ବର୍ନହେବା ସହ ଗ୍ୟାସ୍, ବଦହଜମି ଭଳି ସମସ୍ୟା ଦୂରହୋଇଥାଏ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ।

# ପାର୍ବଣ ଓ ସୁରକ୍ଷା

ଆରମ୍ଭ ହୋଇସାରିଛି ପାର୍ବଣ ଋତୁ। ବୁଲି ବୁଲି ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଆକର୍ଷଣୀୟ ତୋରଣ ଦେଖିବା, ଫେଷ୍ଟିଭ୍ ସିଜନ ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ହେଉ ଅବା ଡାଣ୍ଡିଆ ନାଇଟ୍ସରେ ଯୋଗଦେବା ଲାଗି ଏବେ ସମସ୍ତେ ତତ୍ପର। ତେଣୁ ଅନେକଙ୍କର ଏହି ଫେଷ୍ଟିଭ୍ ସିଜନରେ ଦିନର ଅଧିକାଂଶ ସମୟ ବିତିଥାଏ ବାହାରେ। ଏମିତିରେ ଘର ଖାଲି ଥିବାର ହେଉ କିମ୍ବା ଅଧିକ ଗହଳିର ସୁଯୋଗ ନେଇ ବଢ଼ିଥାଏ ଚୋରି ଡକାୟତି। ତେଣୁ ପୂଜା ସମୟରେ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...



ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ଗାଁଠୁ ସହର ସବୁଠି ଉତ୍ସବମୁଖର ହୋଇଉଠେ। ହେଲେ ଏହି ଖୁସି ଭିତରେ ଟେନ୍‌ସନ ବଢ଼ାଇଦିଏ ବିଭିନ୍ନ ଚୋରି ଖବର। ତେଣୁ ଏହି ଫେଷ୍ଟିଭ୍ ସିଜନରେ ନିଜର ତଥା ଘର ଏବଂ ପରିବାରର ସୁରକ୍ଷା ପାଇଁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...



▶▶ପରିବାରର ସମସ୍ତ ସଦସ୍ୟ ଏକାସଙ୍ଗେ ଘର ଛାଡ଼ି ବାହାରକୁ ଯାଆନ୍ତୁ ନାହିଁ। କାରଣ ଘରେ କେହି ଜଣେ ଉପସ୍ଥିତ ଥିଲେ ଚୋରି ହେବା ଆଶଙ୍କା ବହୁମାତ୍ରାରେ କମିଯାଏ।

▶▶ଏହି ସମୟରେ ବୁଲାବୁଲି ପାଇଁ ବାହାରକୁ ଯିବା ବେଳେ ଘରକୁ ଭଲ ଭାବେ ଲକ୍ କରନ୍ତୁ। ଯଦି ଘରେ ସିସିଟିଭି ଲଗାଇଛନ୍ତି ତେବେ ଏହାକୁ ନିଜ ଫୋନ୍‌ରେ କନେକ୍ଟ କରିରଖନ୍ତୁ।

▶▶ବର୍ତ୍ତମାନ ଖବରକାଗଜ ଏବଂ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ପ୍ରତିଦିନ ଟଙ୍କା ଚୋରି ଖବର ପ୍ରସାରିତ ହେଉଛି। ତେଣୁ ଘରେ କିମ୍ବା ବାହାରକୁ ଗଲାବେଳେ ପାଖରେ ଅଧିକ କ୍ୟାଶ୍ ଆଦୌ ରଖନ୍ତୁ ନାହିଁ। ଏହା ବଦଳରେ ଇ-ବ୍ୟାଙ୍କିଙ୍ଗ୍ ସୁବିଧା ଆପଣାନ୍ତୁ।

▶▶ବାହାରକୁ ଯିବାବେଳେ ଗହଣା କିମ୍ବା କୌଣସି ଦାମୀ ଅଳଙ୍କାର ପିନ୍ଧନ୍ତୁ ନାହିଁ। ଆଜିକାଲି ଚେନ୍ ସ୍ନାଚିଂ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।

▶▶ପୂଜା ପେଣ୍ଡାଲରେ ମୋବାଇଲ ଚୋରି ହୋଇଥାଏ। ସେଥିପ୍ରତି ସତର୍କ ରୁହନ୍ତୁ ଏବଂ ନିଜ ଫୋନ୍‌କୁ ହାତରେ ନ ଧରି ବ୍ୟାଗ୍‌ରେ ରଖନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ମୋବାଇଲରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବା ମାତ୍ରେ ତୁରନ୍ତ ଭିତରେ ରଖିଦିଅନ୍ତୁ।

▶▶ଛୋଟପିଲାଙ୍କୁ ସାଙ୍ଗରେ ନେଉଥିଲେ ଭିଡ଼ରେ ଆଦୌ ହାତ ଛାଡ଼ନ୍ତୁ ନାହିଁ। ସେମାନଙ୍କ ହାତରେ ଫୋନ୍, ଟଙ୍କା ଦିଅନ୍ତୁ ନାହିଁ କିମ୍ବା ଦାମୀ ଗହଣା ଆଦୌ ପିନ୍ଧାନ୍ତୁ ନାହିଁ।

## ସତର୍କତା ଏବଂ ସଚେତନତା ଜରୁରୀ



**ରୀନା ମିଶ୍ର** (ଆଇଆଇସି, ମହିଳା ଥାନା, ଭୁବନେଶ୍ୱର)- ପାର୍ବଣ ଅବସରରେ ବିଶେଷ ଭାବରେ ରାଜଧାନୀରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ଲୋକେ ବିଭିନ୍ନ ପୂଜା ମଣ୍ଡପ, ମିନାବଜାର,ରାବଣପୋଡ଼ି ଦେଖିବାକୁ ଘର ଛାଡ଼ି ଆସିଥାନ୍ତି। ଏହି ଅବସରରେ ଲୁଟେରାମାନେ ଏହାର ଫାଇଦା ନେଇଥାନ୍ତି। ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ। ପ୍ରଥମତଃ ଘରୁ ଯେତେବେଳେ ଲୋକମାନେ ବାହାରକୁ ଆସୁଛନ୍ତି ଘରର ସମସ୍ତ ଝରକା, କବାଟ ବନ୍ଦକରି ଭଲ ଭାବେ ତାଲା ପକାଇ ବାହାରିବା ଦରକାର। ସମସ୍ତେ ଏକାସଙ୍ଗେ ନ ଯାଇ ସୁରକ୍ଷା ଦୃଷ୍ଟିରୁ ଜଣେ ସଦସ୍ୟ ଘରେ ରହିଲେ ଭଲ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପିଏ ସିଷ୍ଟମ କରାଯାଇଛି। କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲରୁମ୍ ନମ୍ବର ୧୧୨, ୨୪ ଘଣ୍ଟା କାର୍ଯ୍ୟକ୍ଷମ ରଖାଯାଇଛି। ପୂଜା ମଣ୍ଡପରେ ସ୍ପେଶାଲ ମହିଳା ପୋଲିସ ମୁତୟନ କରାଯାଇଛି। କୌଣସି ସମସ୍ୟା ହେଲେ ତୁରନ୍ତ ସେମାନଙ୍କ ସହ ଯୋଗାଯୋଗ କରିପାରିବେ। ଘର ସୁରକ୍ଷା ସହ ନିଜର ସୁରକ୍ଷା ପାଇଁ ପୂଜା ଦେଖିବାକୁ ଆସିଲେ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ବାରମ୍ବାର ସଚେତନ କରାଯାଉଛି। ନିଜର ମୋବାଇଲ ଏବଂ ମନିପର୍ସ, ଭ୍ୟାନିଟି ବ୍ୟାଗ୍ ଆଦି ପଛପଟକୁ ନ ରଖି ସର୍ବଦା ସମ୍ମୁଖ ନଚେତ୍ ସାଇଡ୍‌ରେ ରଖି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି।

## ଏମାନେ କ'ଣ କରନ୍ତି...

### ପ୍ରଥମେ ନିଜେ ସଚେତନ ହେବା ଦରକାର



**ତ୍ରିବେଣୀ ଗାଙ୍ଗୁଲି**(ଗୃହିଣୀ, ଲେଖିକା, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର)- ଚାରିଆଡ଼େ ଏବେ ଦଶହରାର ମାହୋଲ। ପାର୍ବଣ ଋତୁରେ ଉତ୍ସବମୁଖର ଗାଁଠାରୁ ସହର। ସେଥିପାଇଁ ଚାରିଆଡ଼େ ପ୍ରବଳ ଗହଳି ଯୋଗୁ ଏହାର ଫାଇଦା ନେଇ ଚୋର ସକ୍ରିୟ ହୁଅନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରତି ପୂଜା ମଣ୍ଡପରେ ପୋଲିସ ତଥା ପୂଜାରେ ନିୟୋଜିତ ଭଲ୍ୟୁଣ୍ଟିୟର ଉପସ୍ଥିତ ଥିବା ସତ୍ତ୍ୱେ ମଧ୍ୟ ଅନେକ ଚୋରି ଘଟଣା ସାମ୍ନାକୁ ଆସିଥାଏ। ତେଣୁ ଏଥିପାଇଁ ସର୍ବପ୍ରଥମେ ନିଜେ ସଚେତନ ହେବା ଦରକାର। ନିଜ କଥା କହିବି, ବୁଲିଲା ବେଳେ ସୁନା ଅଳଙ୍କାର ପିନ୍ଧି ନ ଥାଏ। ନିଜର ମୋବାଇଲ, ଟଙ୍କା ଓ ଦରକାରୀ ସାମଗ୍ରୀ ନିଜ ଦାୟିତ୍ୱରେ ରଖିଥାଏ। ତେବେ ମା' ଦୁର୍ଗାଙ୍କ ଧରାପୃଷ୍ଠରେ ଅବତରଣ ସମଗ୍ର ମାନବ ସମାଜର କଲ୍ୟାଣ ସହ ଚାରିଆଡ଼େ ଶାନ୍ତିଶୃଙ୍ଖଳାର ବାତାବରଣ ସୃଷ୍ଟି କରିବ ବୋଲି ମୋର ଆଶା।

### ଭିଡ଼ ପାଇଁ ଭଲ କ୍ୟାଶ୍‌ଲେସ୍ ବ୍ୟବସ୍ଥା



**ମୀରା ବେଉରା**( ସଙ୍ଗଠନ ସମ୍ପାଦିକା, ନାରୀ ସେବା ସଂଘ, କଟକ)- ଆଧୁନିକ ମଣିଷ ଆଜି ଯଦିଓ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିଛି, କିନ୍ତୁ ବଡ଼ ଦୁଃଖର କଥା ନିଜ ପାଖ ପଡ଼ୋଶୀ ସହ ଭଲ ସମ୍ପର୍କ ରଖିପାରୁନାହିଁ। ଆଜିର ବ୍ୟସ୍ତ ବହୁଳ ଦୁନିଆରେ ମଣିଷ ନିଜ ପଡ଼ୋଶୀକୁ ମଧ୍ୟ ଜାଣିପାରୁନାହିଁ। ଆମେ ଏଭଳି ଏକ ସମାଜରେ ବାସ କରୁଛୁ ଯେଉଁଠି ଆମର ଧନ ଜୀବନ କେହି ବି ସୁରକ୍ଷିତ ନୁହେଁ। ମଣିଷ ଯେତେ ଆଗକୁ ଯାଉ, କିନ୍ତୁ ବଞ୍ଚିବା ପାଇଁ ସାମାଜିକ ସମ୍ପର୍କ ନିହାତି ଆବଶ୍ୟକ। ତେଣୁ ପ୍ରଥମେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିଲେ ଦୁର୍ଗାପୂଜା ହେଉ ଅବା କେଉଁଆଡ଼େ ଛୁଟିରେ ଗଲେ ଆମେ ତାଙ୍କୁ ଘର ଚାବି ଦେଇ ରାତିରେ ଲାଇଟ ଲଗାଇବାକୁ କହିପାରିବା। ଭିଡ଼ରେ ସୁନାଗହଣା ପିନ୍ଧିବା ଠିକ୍ ନୁହେଁ କିମ୍ବା ଘରେ ରଖିବା ବି ସୁରକ୍ଷିତ ନୁହେଁ। ତେଣୁ ଏହାକୁ ଘରେ ନ ରଖି ବ୍ୟାଙ୍କ ଲକରରେ ରଖିଦେବା ବୁଦ୍ଧିମତ୍ତାର କାର୍ଯ୍ୟ। ତା'ଛଡ଼ା ଆମେ କ୍ୟାଶ୍ ବଦଳରେ ଫୋନ୍ ପେ, ଗୁଗଲ ପେ ବ୍ୟବହାର କରିପାରିବା।







ସୌନ୍ଦର୍ଯ୍ୟ

# କେଶ ହେବ ମଜଭୁତ



କେଶ ଝଡ଼ିବା ଏବେ ଅନେକଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ତେଣୁ ଝଡ଼ିବା କମାଇବା ସହ କେଶକୁ ମଜଭୁତ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...

▶▶ଅନେକ ମହିଳା କେଶକୁ ସଫାକରିବା ଲାଗି ଅଧିକ ଶାମ୍ପୁ କିମ୍ବା କେମିକାଲଯୁକ୍ତ ଶାମ୍ପୁ ବ୍ୟବହାର କରନ୍ତି। ଏମିତିକି କାହାଠୁ କିଛି ଶୁଣିଲେ କିମ୍ବା ୟୁଟ୍ୟୁବ୍ ଭିଡିଓରେ କିଛି କେଶ ସୌନ୍ଦର୍ଯ୍ୟ କରିବାର ଟିପ୍ସ ଜାଣିଲେ ତୁରନ୍ତ ଏହାକୁ ଆପ୍ଲାଏ କରିବାକୁ ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା କେଶରେ ଥିବା ପ୍ରାକୃତିକ ତେଲ ନଷ୍ଟ ହୋଇଥାଏ। ଶାମ୍ପୁର କେମିକାଲ ମଧ୍ୟ କେଶ ପାଇଁ ହାନିକାରକ ହୋଇଥିବାରୁ ପରବର୍ତ୍ତୀ ସମୟରେ କେଶ ଝଡ଼ିବାର ମୁଖ୍ୟ କାରଣ ସାଜିଥାଏ। ତେଣୁ କେମିକାଲଯୁକ୍ତ ଶାମ୍ପୁ ଲଗାନ୍ତୁ ନାହିଁ କିମ୍ବା ଯେକୌଣସି ଉପଚାର ସମ୍ପର୍କରେ ଜାଣିବା ମାତ୍ରେ ନିଜ କେଶ ସହ ଏହାକୁ ଏକ୍ସପେରିମେଣ୍ଟ କରନ୍ତୁ ନାହିଁ।

▶▶କେଶ କଳା ଏବଂ ମଜଭୁତ ହେବା ଲାଗି ମୁଣ୍ଡରେ ବ୍ଲଡ୍ ସାର୍କୁଲେଶନ ଭଲ ଭାବେ ହେବା ଦରକାର। ଏହାର ଅର୍ଥ ନୁହେଁ ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର ମୁଣ୍ଡ କୁଣ୍ଡାଇବା, କାରଣ ତାହା କେଶ ମୂଳକୁ ଦୁର୍ବଳ କରିବା ସହ ଝଡ଼ିଥାଏ। ତେଣୁ ଦିନରେ ୨ଥର କେଶ କୁଣ୍ଡାନ୍ତୁ।

▶▶ତେଲିଆ କେଶ ଥିଲେ ଅନେକେ ବାରମ୍ବାର ଶାମ୍ପୁ କରନ୍ତି କିମ୍ବା ଆଦୌ ତେଲ ବ୍ୟବହାର କରନ୍ତି ନାହିଁ। ହେଲେ ଏହାଦ୍ୱାରା କେଶ ଡ୍ରାଏ ହୋଇ ଧୀରେ ଧୀରେ ପାଚିବା ଏବଂ ଝଡ଼ିବା ସମସ୍ୟା ଆରମ୍ଭ ହୋଇଯାଏ। ତେଣୁ ତେଲ ଲଗାଇ ଧୀରେ ଧୀରେ କେଶମୂଳରୁ ଶେଷ ପର୍ଯ୍ୟନ୍ତ ମସାଜ୍ କରନ୍ତୁ ଏବଂ ୧-୨ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ।

▶▶ଅନେକେ କେଶ ଧୋଇବା ପରେ ଟାୱେଲରେ ରଗଡ଼ି ପୋଛନ୍ତି କିମ୍ବା ବାଡ଼େଇ ବାଡ଼େଇ ପାଣି ଝାଡ଼ନ୍ତି। ହେଲେ ଏହାଦ୍ୱାରା କେଶ ଡ୍ରାଏ ହୋଇ ଦୁର୍ବଳ ହୋଇଯାଏ ଏବଂ କେଶ ଝଡ଼ିବା ଆରମ୍ଭ ହୁଏ। ତେଣୁ ଓଦା କେଶକୁ ଆଦୌ ନ ରଗଡ଼ି ଧୀରେ ଧୀରେ ଟାୱେଲରେ ପୋଛି ପବନରେ ଶୁଖିବାକୁ ଛାଡ଼ିଦିଅନ୍ତୁ।

▶▶ ବିଭିନ୍ନ ବ୍ରାଣ୍ଡର କେମିକାଲଯୁକ୍ତ କଲର, ସାଇନର ଭଳି ବିଭିନ୍ନ ପ୍ରକାର ହେୟାର ଷ୍ଟାଇଲିଂ ପ୍ରଡକ୍ଟର ବହୁଳ ବ୍ୟବହାର ମଧ୍ୟ ଅନେକଙ୍କଠାରେ କେଶ ଝଡ଼ିବାର ଅନ୍ୟତମ କାରଣ। ସେହିପରି ହେୟାର ଡ୍ରାୟର, ଷ୍ଟ୍ରେଟ୍‌ନର, ଆଇରନ, ରୋଲର ଆଦି ମଧ୍ୟ କେଶ ଛିଣ୍ଡିବା, ଝଡ଼ିବା ପାଇଁ ବିଶେଷ ଭାବେ ଦାୟୀ। ତେଣୁ ଏସବୁ ବ୍ୟବହାର କରିବା ବେଳେ ସତର୍କ ରୁହନ୍ତୁ।

ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ:** ୧ କପ୍ ସାଗୁ (୧୫୦ଗ୍ରାମ୍), ଦୁଇଟି ମଧ୍ୟମ ଆକାରର ସିଝା ଆଳୁ, ୨ ଚାମଚ ଘିଅ କିମ୍ବା ରିଫାଇନ୍ ତେଲ, ଜିରା ଏକ ଛୋଟ ଚାମଚ, ଅଳ୍ପ ହଳଦୀଗୁଣ୍ଡ, ୧-୨ଟି ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ୭-୮ଟି ଛେଚାହୋଇଥିବା ଗୋଲମରିଚ, ଅଧା କପ୍ ଭଜା ବାଦାମ ମଞ୍ଜି, ୧ ଛୋଟ ଚାମଚ ସୈନ୍ଧବ ଲବଣ, ୪ ଚାମଚ କଟା ଧନିଆପତ୍ର, ଗୋଟିଏ ଛୋଟ ଲେମ୍ବୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସାଗୁଦାନାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ପାଣିରେ ୫-୬ ଘଣ୍ଟା ଭିଜାଇ ରଖିଦିଅନ୍ତୁ। ଭିଜିଗଲା ପରେ ଉକ୍ତ ପାଣି ଢାଳି ପୁଣି ଥରେ ଧୋଇଦିଅନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ତେଲ/ଘିଅ ପକାନ୍ତୁ। ଏହା ଗରମ ହୋଇଗଲେ ସେଥିରେ ଜିରା ପକାନ୍ତୁ। ଜିରା ଫୁଟିବା ଆରମ୍ଭ ହେଲେ ସେଥିରେ କଟା ଲଙ୍କା ଏବଂ ବାଦାମ ପକାଇ ସ୍ଲୋ ଫ୍ଲେମ୍‌ରେ ଅଳ୍ପ ଭାଜନ୍ତୁ। ବାଦାମର ରଙ୍ଗ ହାଲ୍‌କା ବ୍ରାଉନ୍ ହୋଇଗଲେ ହଳଦୀ ଏବଂ ଲଙ୍କାଗୁଣ୍ଡ ପକାଇ ଗୋଳାନ୍ତୁ। ସେଥିରେ ସିଝା ଆଳୁକୁ ଛୋଟ ଛୋଟ କାଟି ପକାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ ଯେପରି ଆଳୁରେ ମସଲା ଭଲଭାବେ ଲାଗିବ। ବର୍ତ୍ତମାନ ଏଥିରେ ସାଗୁଦାନା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ସେଥିରେ ସୈନ୍ଧବ ଲବଣ ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ ଯେପରି ଲୁଣ ସବୁଥିରେ ଭଲ ଭାବେ ମିଶିପାରିବ। ଏହାକୁ ଢାଙ୍କୁଣି ଘୋଡ଼ାଇ ୪-୫ ମିନିଟ୍ ମିଡିୟମ ଫ୍ଲେମ୍‌ରେ ବସାନ୍ତୁ। ଭଲ ଭାବେ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ସେଥିରେ ଲେମ୍ବୁ ଚିପୁଡ଼ନ୍ତୁ ଏବଂ ପୁଣି ଧୀରେ ଧୀରେ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି। ଏହାକୁ ପୂଜାପର୍ବ, ନବରାତ୍ରି ବ୍ରତ ଆଦି ସମୟରେ ଖାଇପାରିବେ।




MARUTI SUZUKI
NEXA
TIME TO INDULGE CONSCIOUSLY WITH
S-CNG
DRIVE SMART. CHOOSE GREEN.
CREATE. INSPIRE.
XL6
1.44 MILLION TONNES $CO_2$ EMISSIONS SAVED
THE ALL-NEW
XL6
TIME TO INDULGE
Factory-fitted CNG
Multi-information Display (Dedicated CNG Fuel Gauge)
Captain Seats
Quad Airbags
Suzuki Connect
NEXA
Safety Shield
Standard Across All Variants
SUZUKI-TECT BODY
DUAL FRONT AIRBAGS
ESP
SEAT BELT PRE-TENSIONERS WITH FORCE LIMITERS
ISOFIX CHILD SEAT ANCHORAGES
PEDESTRIAN PROTECTION COMPLIANCE
COMPLIANT WITH -
• FULL FRONTAL IMPACT
• FRONTAL OFFSET IMPACT
• SIDE IMPACT
Features and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only. For details on functioning of safety features, including airbags, kindly refer Owner's manual.
"VISIT YOUR NEAREST NEXA DEALERSHIP TO GET EXCITING OFFERS UP TO ₹ 25 000*"
Scan To Enter The World of Indulgent Comfort.
Scan to chat on WhatsApp
SAMBALPUR: NEXA SAMBALPUR HIGHWAY (ODYSSEY MOTORS PVT. LTD. PH: 7381050356), ROURKELA: NEXA CIVIL TOWN (ORBIT MOTORS PH: 7064479000).
For any assistance during your purchase please contact Mr. Krishna Bansal at +91 80859 35931. For any bulk purchase enquiries please email to Renjith.nair@maruti.co.in
Contact us at 1800-200-[6392], 1800-102-[NEXA] and visit www.nexaexperience.com to book online.
*Creative visualization. All offers are brought to you by NEXA dealers only. Offers may vary subject to the model and variant purchased. Maruti Suzuki reserves the right to withdraw offers at any point in time without any advance notice. All offers are applicable till 31st October'24 or till stocks last. Maruti Suzuki Smart Finance is now available pan-India. Maruti Suzuki Subscribe available only in selected cities.


LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
ଏହି ପର୍ବରେ
ପସନ୍ଦ କରନ୍ତୁ ଡେଆରିଙ୍ଗ ବାଲା ଦଶହରା
₹10000/-* ପର୍ଯ୍ୟନ୍ତ ସଞ୍ଚୟ
N160
N150
NS200
125
pulsar
DEFINITELY DARING
*କ୍ୟାଶ୍‌ବ୍ୟାକ୍ ଅଫର୍ ଅନ୍ୟ ପଲ୍‌ସର୍ ମଡେଲଙ୍କ ପାଇଁ ବି ମିଳୁଛି ।
ଅତିରିକ୍ତ ଅଫରସବୁ Flipkart ଓ amazon.in ରେ ମିଳୁଛି ।
72198 21111
BAJAJ SECURE
pine labs PAY LATER
HDFC BANK
*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଅଫର୍ କେବଳ ବଛା ବଛା ପ୍ରକାର ସକାଶେ । ଅଫର୍ 7 ନଭେମ୍ବର 2024 ପର୍ଯ୍ୟନ୍ତ ବୈଧ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫରକୁ କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି । ₹10, 000 ପର୍ଯ୍ୟନ୍ତ *ସଞ୍ଚୟରେ ଅଛି ₹5000* ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ମଡେଲ ଉପରେ ନିର୍ଭର କରି ଏବଂ ₹5000* ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ଏଚ୍‌ଡିଏଫ୍‌ସି କାର୍ଡ କ୍ୟାଶ୍‌ବ୍ୟାକ୍ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ଏଚ୍‌ଡିଏଫ୍‌ସି କ୍ରେଡିଟ୍ କାର୍ଡ୍‌ସ ଙ୍କ ଇଏମ୍‌ଆଇ କାରବାର ସକାଶେ ପାଇନ୍ ଲାବ୍‌ସ ମେସିନ ଜରିଆରେ କ୍ୟାଶ୍‌ବ୍ୟାକ୍ ଅଫର୍ କେବଳ 15 ଅକ୍ଟୋବର 2024 ପର୍ଯ୍ୟନ୍ତ ଉପଲବ୍ଧ । ଇ-କମର୍ସ ପ୍ଲାଟଫର୍ମ୍‌ସ ରେ ଅଫରସବୁ ସେଗୁଡ଼ିକର ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।
Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 8895885325, Dungripali 8114817298, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 7381052046Patnagarh 9937301752, Padampur 9437417977, Gaisilet 9437417977, Barpali 9036128538, Junagarh 9437092196, Muniguda 9124600099, Padampur 9668826075 Rajkhariar 9437188542, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 7381052046, Tarbha 7381052046, Lathor 8018785694, Kantamanjhi 7205911835, Narla 9337025341, Charbahal 7008814195.